


▸ପୃଷ୍ଠା ୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-10 •BHUBANESWAR •FRIDAY •5 JULY 2024 •PAGE-16 •₹ 6.00

•ବର୍ଷ-୪୨ •ସଂଖ୍ୟା-୧୦ •ଭୁବନେଶ୍ୱର •ଶୁକ୍ରବାର •୫ ଜୁଲାଇ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦


## ସିଡବ୍ଲ୍ୟୁସି ନିୟମକୁ ବେଖାତିର; ପାଣି ଛାଡୁନି ଛତିଶଗଡ଼

# ଆଷାଢ଼ରେ ମହାନଦୀ ଶୁଖିଲା

■ **ଝାରସୁଗୁଡ଼ା, ୪।୭ (ସମିସ):** ସରକାର ବଦଳିଲା; ଛତିଶଗଡ଼ ସହ କେନ୍ଦ୍ର ଓ ଓଡ଼ିଶାରେ ବିଜେପି ସରକାର ଗଢ଼ିଲା। ହେଲେ ମହାନଦୀ ଭାଗ୍ୟ ବଦଳିଲା ନାହିଁ। ଏବେ ଆଷାଢ଼ ମାସରେ ବି ମହାନଦୀରେ ପାଣିମୁନ୍ଦେ ନାହିଁ। ଓଡ଼ିଶା-ଛତିଶଗଡ଼ର ସୀମାନ୍ତ ସୁଖାସୋଡ଼ା ଖୁଖିଲା ପଡ଼ିଛି। ଛତିଶଗଡ଼ ପାଣି ଛାଡୁ ନ ଥିବାରୁ ସୁଖାସୋଡ଼ା ଦେଇ ପ୍ରବାହିତ ମହାନଦୀରେ ବର୍ଷା ଦିନେ ବି ବାଲି ଆଉ ବାଲି। ଜୁଲାଇ ପହିଲାରେ ହୀରାକୁଦ ଜଳଭଣ୍ଡାରରେ ଯେତିକି ପାଣି ସଂରକ୍ଷିତ ରହିବା କଥା ତାହାନାହିଁ। କେନ୍ଦ୍ରୀୟ ଜଳ କମିଶନର ନିର୍ଦ୍ଦେଶ ଅନୁସାରେ ଅଣ ମୌସୁମୀ ସମୟରେ କଲମା ବ୍ୟାରେଜର ଅନ୍ୟୂନ ୨ରୁ ୫ଟି ଫାଟକ ଖୋଲିବାକୁ ଛତିଶଗଡ଼ ବାଧ୍ୟ; ସେହିପରି ମୌସୁମୀରେ ସବୁ ଫାଟକ ଖୋଲାଯିବାକୁ ନିୟମ ରହିଛି। ମାତ୍ର ନିୟମକୁ ଛତିଶଗଡ଼ ଆଖି ବୁଜି ଦେଇଛି। ଓଡ଼ିଶା ସରକାର ଏ ସମ୍ପର୍କରେ ସମ୍ପୂର୍ଣ୍ଣ ନିରବ, କେନ୍ଦ୍ର ସରକାର ଆଖିମୁଦି ବସିଛନ୍ତି। ଜୁଲୁମ ସହୁଛି ମହାନଦୀ ଓ ଓଡ଼ିଶାରେ ଏହାର ତଟବର୍ତ୍ତୀ ଅଞ୍ଚଳ ଅଧିବାସୀ।

ଏବେ ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରକୁ ମିଶାଇ ଟ୍ରିପଲ ଇଞ୍ଜିନ୍ ସରକାର ଚାଲିଛି। ମହାନଦୀ ଜଳ ବିବାଦର ସମାଧାନ କରିବାକୁ ଓଡ଼ିଶାର ଜନସାଧାରଣ ଦାବି କରିଛନ୍ତି। ମାତ୍ର କେନ୍ଦ୍ରୀୟ ଜଳ କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମକୁ ଛତିଶଗଡ଼ ସରକାର ଉଲ୍ଲଂଘନ କରି ପୂରା ଗେଟ୍ ନ ଖୋଲି ଆଂଶିକ ଭାବେ ଉପରକୁ ମାତ୍ର ଏକ ଫୁଟ୍ ଖୋଲିଥିବାରୁ ହୀରାକୁଦକୁ ଯଥେଷ୍ଟ ପାଣି


କେନ୍ଦ୍ରୀୟ ଜଳ କମିଶନ ନିର୍ଦ୍ଦେଶକୁ ଆଖିଠାର

ଆସିପାରୁନାହିଁ। ହୀରାକୁଦ ଡ୍ୟାମର ମୁଖ୍ୟଯନ୍ତ୍ରୀଙ୍କ ସୂଚନା ଅନୁସାରେ ହୀରାକୁଦର ଜଳସ୍ତର ଏବେ ୬୦୦.୦୨ ଫୁଟ୍ ରହିଛି। ଏହି ସମୟରେ ଗତ ବର୍ଷ ହୀରାକୁଦର ଜଳସ୍ତର ଥିଲା ୬୦୭.୫୨ ଫୁଟ । ଅର୍ଥାତ ଗତ ବର୍ଷଠାରୁ ଏ ବର୍ଷ ପ୍ରାୟ ୭ ଫୁଟ କମ୍ ପାଣି ଅଛି। ବିଶେଷ ଭାବରେ କଲମା ବ୍ୟାରେଜରୁ କେବଳ ଆଂଶିକ ଭାବରେ ଛତିଶଗଡ଼ ସରକାର ପାଣି ଛାଡୁଥିବାରୁ ଏବେ ସୁଖାସୋଡ଼ା ଶୁଖିଲା ରହିଥିବା ବେଳେ ହୀରାକୁଦ ଜଳଭଣ୍ଡାର ସ୍ତର ମଧ୍ୟ ନୈରାଶ୍ୟଜନକ। ମହାନଦୀ ଉପର ମୁଣ୍ଡରେ ଛତିଶଗଡ଼ ନିର୍ମାଣ କରିଥିବା ୬ଟି ବ୍ୟାରେଜକୁ ନେଇ ଅତୀତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକାଧିକବାର ପ୍ରତିବାଦ କରି ଆସିଛନ୍ତି। ୨୦୧୮ ମେ ୧୭ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏବର ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ମହାନଦୀର ପ୍ରବେଶପଥ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ସୁଖାସୋଡ଼ାରେ ମହାନଦୀ ସୁରକ୍ଷା ଯାତ୍ରା ଶୁଭାରମ୍ଭ କରିଥିଲେ। ଏହି ମାମଲା ଏବେ ଟ୍ରିବ୍ୟୁନାଲରେ ବିଚାରାଧିନ ରହିଥିବାରୁ ଏହାକୁ ନେଇ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ହୁଏତ କିଛି ମତ ଦେଇନାହାନ୍ତି। କିନ୍ତୁ ରାଜ୍ୟବାସୀଙ୍କ ସ୍ୱାର୍ଥର୍ ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ନିରବତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ମହାନଦୀ ଓ ଏହାର ଉପନଦୀମାନଙ୍କରେ ଛତିଶଗଡ଼ ସରକାର ଶହଶହ ପ୍ରକଳ୍ପ ନିର୍ମାଣ କରିଛନ୍ତି ଏବଂ ଏହାମଧ୍ୟରେ ରହିଛି ୯ଟି ବଡ଼ ବ୍ୟାରେଜ୍। ସାରାଡ଼ିହି ବ୍ୟାରେଜ୍, ଶିବରିନାରାୟଣ ବ୍ୟାରେଜ, ବସନ୍ତପୁର ବ୍ୟାରେଜ୍, ମିରୋନୀ ବ୍ୟାରେଜ୍, କଲମା ବ୍ୟାରେଜ, ସମୋଡ଼ା ବ୍ୟାରେଜ, ଛିର୍ପୋଲ ବ୍ୟାରେଜ, ମହାନଦୀର ଉପନଦୀ ହସଦେଓ ନଦୀରେ କୁଦାରୀ ବ୍ୟାରେଜ ଓ କୁଦୁରମାଲ ଆନିକଟର ସମସ୍ତ ପାଣିକୁ ଶିଳ୍ପ ସଂସ୍ଥାମାନଙ୍କ ହାତରେ ଟେକି ଦେବାକୁ ଛତିଶଗଡ଼ ସରକାର ଚୁକ୍ତି କରିସାରିଛନ୍ତି। ଛତିଶଗଡ଼ ଜଳସଂପଦ ବିଭାଗ ପକ୍ଷରୁ ଗତ ୨୦୧୨ ଏପ୍ରିଲ ୩ରେ ମେମୋ ନଂ ୨୩୧୫ ଜରିଆରେ କେନ୍ଦ୍ରୀୟ ଜଳସେଚନ ଓ ବିଦ୍ୟୁତ ବୋଡର୍ ନୂଆଦିଲ୍ଲୀର ସଚିବ ଭିକେ କାଞ୍ଜଲିଆଙ୍କୁ ଏକ ତଥ୍ୟ ଦିଆଯାଇଥିଲଶ। ଏହି ତଥ୍ୟ ଅନୁସାରେ ସମସ୍ତ ବ୍ୟାରେଜ ଓ ଡ୍ୟାମରୁ ପାନୀୟ ଜଳ ବାବଦକୁ ୩୧୫.୭୦ ମେଟ୍ରିକ ଘନ ମିଟର ଛତିଶଗଡ଼ର ୧୧ଟି ସହରକୁ ଯୋଗାଇବା ସହିତ ବିଭିନ୍ନ ଜଳ ବିଦ୍ୟୁତ କେନ୍ଦ୍ର ଯଥା ମିନିମାତା ବାଙ୍ଗୋ ଜଳ ଭଣ୍ଡାରରୁ ୧୨୦ ମେଗାୱାଟ, ରବିଶଙ୍କର ଡ୍ୟାମରୁ ୧୦ ମେଗାୱାଟ ଓ ଶିକାଶର ବିଦ୍ୟୁତ ପ୍ରକଳ୍ପରୁ ୭ ମେଗାୱାଟ ବିଦ୍ୟୁତ ଉତ୍ପାଦନ ଚାଲିଛି। ସେହିପରି ଶିଳ୍ପ ସଂସ୍ଥାମାନଙ୍କୁ ୨୭୬୪ ମେଟ୍ରିକ କ୍ୟୁବିକ ମିଟର ପାଣି ଆବଣ୍ଟନ କରଯାଇଛି। ଏହି ଶିଳ୍ପମାନଙ୍କୁ ଛତିଶଗଡ଼ ସରକାର ପାଣି ବିକ୍ରି କରି ୮୧୦ କୋଟି ଟଙ୍କା ରାଜସ୍ୱ ଆଦାୟ ମଧ୍ୟ କରିଛନ୍ତି। ଛତିଶଗଡ଼ ଯୋଜନା ଆୟୋଗର ୧୫ ବର୍ଷିଆ ଯୋଜନା ଅନୁସାରେ ୨୦୨୨-୨୩ ଠାରୁ ୨୦୨୩-୨୪ ବର୍ଷରେ ୩ ଲକ୍ଷ ୩୦ ହଜାର ହେକ୍ଟର ଚାଷ ଜମିକୁ ଛତିଶଗଡ଼ ସରକାର ▸ପୃଷ୍ଠା-୯

## ଶପଥ ନେଲେ ମୁଖ୍ୟମନ୍ତ୍ରୀ ହେମନ୍ତ

■ **ରାଞ୍ଚି, ୪।୭ (ଏଜେନ୍ସି):** ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ହେମନ୍ତ ସୋରେନ ଗୁରୁବାର ଅପରାହ୍ନରେ ଝାଡ଼ଖଣ୍ଡ ରାଜଭବନରେ ଆୟୋଜିତ ଏକ ବିଶେଷ ଉତ୍ସବରେ ଶପଥ ଗ୍ରହଣ କରିଛନ୍ତି। ତାଙ୍କୁ ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ଶପଥପାଠ କରାଇଥିଲେ। ଚମ୍ପାଇ ସୋରେନ୍ ଗତକାଲି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ହେମନ୍ତ ସୋରେନ ରାଜଭବନ ପହଞ୍ଚି ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ତାଙ୍କର ଦାବି ଜଣାଇଥିଲେ। ରାଜ୍ୟପାଳ ରାଧାକ୍ରିଷ୍ଣନ ହେମନ୍ତଙ୍କୁ ସରକାର ଗଢ଼ିବାକୁ ନିମନ୍ତ୍ରଣ କରିଥିଲେ। ହେମନ୍ତ ସୋରେନ ଝାଡ଼ଖଣ୍ଡ ହାଇକୋର୍ଟରୁ ଗତ ୨୮ ତାରିଖରେ ଜାମିନ ପାଇଥିଲେ। ଝାଡ଼ଖଣ୍ଡ ବିଧାନସଭାରେ



ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍ଏମ୍)-କଂଗ୍ରେସ-ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି) ମେଣ୍ଟର ସଂଖ୍ୟାଗରିଷ୍ଠତା ଅଛି। ଏହି ମେଣ୍ଟର ବୃହତ୍ତମ ଦଳ ହେଉଛି ▸ପୃଷ୍ଠା-୯

## ୬ରୁ ବଢ଼ିବ ବର୍ଷା

**ରଥଯାତ୍ରାରେ ଭିଜିବେ ଭକ୍ତ**

■ **ଭୁବନେଶ୍ୱର, ୪।୭ (ସମିସ):** ରାଜ୍ୟରେ ବର୍ତ୍ତମାନ ମୌସୁମୀ ସକ୍ରିୟ ରହିଛି। ଏଥିପାଇଁ ଅନେକ ସ୍ଥାନରେ ବର୍ଷା ଜାରି ରହିଛି। ୬ ତାରିଖରୁ ବର୍ଷାର ପ୍ରକୋପ ବୃଦ୍ଧି ପାଇବା ସମ୍ଭାବନା ରହିଛି ଓ ଏହି ବର୍ଷାର ପ୍ରଭାବ ୩-୪ ଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୬ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୬ ତାରିଖରୁ ରାଜ୍ୟରେ ବର୍ଷାର ପ୍ରକୋପ ବଢ଼ି ୬ ଓ ୭ ତାରିଖ ବେଳକୁ କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଚଳିତ ବର୍ଷ ପୁରୀ ସମେତ ରାଜ୍ୟର ଅଧିକାଂଶ ସ୍ଥାନରେ ରଥଯାତ୍ରାରେ ଭକ୍ତମାନେ ଭିଜିବାର ଆଶଙ୍କା ରହିଛି।

କୃଷି ପାଣିପାଗ ବିଶେଷଜ୍ଞ ଦେବାଶିଷ ଜେନା କହିଛନ୍ତି ଯେ ଆଗାମୀ ୬-୮ ଜୁଲାଇ ମଧ୍ୟରେ ଉତ୍ତର ବଙ୍ଗୋପସାଗର ତଥା ଓଡିଶା-ଆନ୍ଧ୍ର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସମ୍ଭାବନା ରହିଛି। ଏଥିପାଇଁ ଓଡ଼ିଶାରେ ଅଧିକାଂଶ ଜିଲ୍ଲାମାନଙ୍କରେ ସାମାନ୍ୟରୁ ମଧ୍ୟମ ବର୍ଷା ସହ ୭ ତାରିଖରେ ଅଧିକାଂଶ ଦକ୍ଷିଣ ଉପକୂଳ ଜିଲ୍ଲା ମାନଙ୍କରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଏହାପରେ ୮ତାରିଖରେ ଦକ୍ଷିଣ/ଦକ୍ଷିଣ ଆଭ୍ୟନ୍ତରୀଣ ଜିଲ୍ଲା ମାନଙ୍କରେ ବର୍ଷାର ସମ୍ଭାବନା ରହିଛି। ସେହିପରି ଆଗାମୀ ୧୪-୧୫ବେଳକୁ ଆଉ ଏକ ନୂଆ ▸ପୃଷ୍ଠା-୯

### ଲୋକସେବା ଭବନରେ କାର୍ଯ୍ୟ ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ଓଡ଼ିଆରେ ହେବ ସବୁ ସରକାରୀ କାର୍ଯ୍ୟ: ମୋହନ



■ **ଭୁବନେଶ୍ୱର, ୪।୭ (ସମିସ):** ଗୁରବାରଠାରୁ ଲୋକସେବା ଭବନସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ କରାଯିବା ଓ ସରକାରୀ ସ୍ତରରେ ଓଡ଼ିଆ ଭାଷାର ବ୍ୟବହାରକୁ ବ୍ୟାପକ କରିବାକୁ ଆବଶ୍ୟକ ପଡିଲେ ଆଇନରେ ସଂଶୋଧନ କରାଯିବ ବୋଲି ଘୋଷଣା କରିଛନ୍ତି । ଏହା ସହ ତାଙ୍କ ନିକଟକୁ ସମସ୍ତ ନଥି ଓଡ଼ିଆରେ ପଠାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

**ପୁନର୍ଗଠନ ହେବ ସାହିତ୍ୟ, ସଙ୍ଗୀତ, ନାଟକ ଓ ଲଳିତ କଳା ଏକାଡେମୀ**

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ଭୌତିକ ପ୍ରଗତି ସହ ସାଂସ୍କୃତିକ ପ୍ରଗତିକୁ ପ୍ରାଥମିକତା ଦିଆଯିବ ଓ ଓଡ଼ିଆ ଅସ୍ମିତାର ପ୍ରତିଷ୍ଠା, ଅଭିବୃଦ୍ଧି, ସଂରକ୍ଷଣ ଓ ପ୍ରସାରକୁ ଗୁରୁତ୍ୱ ଦିଆଯିବ । ସାହିତ୍ୟ, ସଙ୍ଗୀତ, ନାଟକ ଓ ଲଳିତ କଳା ଏକାଡେମୀର ପୁନଃର୍ଗଠନ ଓ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ। ଏହାସହ ଓଡ଼ିଶୀ ଗବେଷଣା କେନ୍ଦ୍ରକୁ କ୍ରିୟାଶୀଳ କରାଯିବ। ଓଡ଼ିଆରେ ପଠନ ଅଭ୍ୟାସ ବୃଦ୍ଧି ଓ ଲାଇବ୍ରେରୀ ଆନ୍ଦୋଳନକୁ ବ୍ୟାପକ ଓ ବ୍ୟବସ୍ଥିତ ▸ପୃଷ୍ଠା-୯

### ନିଖୋଜର ତିନି ଦିନ ପରେ ଜଙ୍ଗଲରୁ ମିଳିଲା ମୃତଦେହ

## ଗୁଣି ସନ୍ଦେହରେ ୩ଜଣଙ୍କୁ ହତ୍ୟା

■ **ଔପଦା, ୪।୭ (ସମିସ):** ବାଲେଶ୍ୱର ଜିଲ୍ଲା ଔପଦା ଥାନା ବଡ଼ପୋଖରୀ ଗ୍ରାମ୍ୟ ଜଙ୍ଗଲରୁ ଗୁରୁବାର ୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକମାନେ ହେଲେ ଔପଦା ଥାନା ଅନ୍ତର୍ଗତ ବଡ଼ପୋଖରୀ ଗ୍ରାମର ଜାଲିଆ ସିଂଙ୍କ ପତ୍ନୀ ସୋମବାରି ସିଂ (୩୭), ଦାମ୍ପା ସିଂ(୪୫) ଓ ତାଙ୍କ ସ୍ତ୍ରୀ ସୁକାନ୍ତି ସିଂ(୩୮)। ଏମାନଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିବା ନେଇ ସୋମବାରିଙ୍କ ପୁଅ ନିରଞ୍ଜନ ସିଂ ଆଜି ଔପଦା ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁଲିସ ୬ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପୁଲିସ ସୂଚନା ମୁତାବକ, ଗତ ୧ ତାରିଖରୁ ଉପରୋକ୍ତ ୩ ମୃତକ ନିଖୋଜ ରହିଥିଲେ। ଗୁଣିଗାରେଡ଼ି ସନ୍ଦେହରେ ଏମାନଙ୍କୁ କେତେଜଣ ଲୋକ ପିଟି ▸ପୃଷ୍ଠା-୯

**ପୁଲିସର ତଦନ୍ତ ଜାରି, ଥାନାରେ ୬ ଅଟକ**

## ଗୋଡ଼ାଇ ଗୋଡ଼ାଇ ମହିଳାଙ୍କୁ ହତ୍ୟା

■ **ବଡସାହି, ୪।୭ (ସମିସ):** ବଡସାହି ଥାନା ଅଧୀନ କେନ୍ଦୁଡିହା ପଞ୍ଚାୟତ ନିଶ୍ଚିନ୍ତପୁର ଗ୍ରାମରେ ଜଣେ ଯୁବକ ଜଣେ ମହିଳାଙ୍କୁ ରାସ୍ତାରେ ଗୋଡାଇ ଗୋଡାଇ ନୃଶଂସଭାବେ ହତ୍ୟା କରିଛି। ଯୁବକ ଜଣକ ଏକ କୁରାଢିରେ ମହିଳାଙ୍କୁ ଆକ୍ରମଣ କରି ଗଣ୍ଡି ମୁଣ୍ଡ ଅଲଗା କରିଦେଇଛି। ଏହାପରେ ଗ୍ରାମବାସୀ ଅଭିଯୁକ୍ତକୁ କାବୁ କରି ବଡସାହି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଆଇଆଇସି ଉମାଶଙ୍କର ନାୟକ ଓ ସବ୍‌ଇନିସପେକ୍ଟର ସତ୍ୟନାରାୟଣ ▸ପୃଷ୍ଠା-୯

### ଲୋକକଥା



ସତସଂଗ ଦଳାଚକଟାରେ ଗଲା
ଶତାଧିକଙ୍କର ଜୀବନ,
କିଭଳିଆ ସତ୍‌ସଂଗ ପାଇଲହେ
ବାକି ଯେତେ କର ଚିନ୍ତନ !
ବ୍ୟବସ୍ଥାରେ ତ୍ରୁଟି ସଙ୍ଗୀନ,
ଏତେ ସମାଗମ ପାଇଁ ନ ଥିଲାକି
ଶାସନର ବିଧିବିଧାନ !!

### ପାଣିକୋଇଲି ଛକରେ ମର୍ମନ୍ତୁଦ ଦୁର୍ଘଟଣା

## ଦମ୍ପତି ମୃତ, ୨ ଗୁରୁତର

■ **ପାଣିକୋଇଲି/ସୋର, ୪।୭ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ଡାଇଭର୍ସନଠାରେ ବୁଧବାର ବିଳମ୍ବିତ ରାତିରେ ମର୍ମନ୍ତୁଦ ଦୁର୍ଘଟଣାରେ ଦମ୍ପତିଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଦୁଇଜଣଙ୍କର ଅବସ୍ଥା ଗୁରୁତର ରହିଛି।

ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତିରେ ବାଲେଶ୍ୱର ଜିଲ୍ଲା ସୋରୋ ଥାନା ଅଞ୍ଚଳର ବିନୋଦ ବିହାରୀ ଜେନା (୫୩) ଓ ପତ୍ନୀ ସୁମିତ୍ରା କଟକରୁ ଫେରୁଥିଲେ। ସାଙ୍ଗରେ ପୁତୁରା ବୋହୂ ସୀମା ଜେନା ଓ ଝିଆରୀ ବର୍ଷା ପ୍ରିୟଦର୍ଶିନୀ, ସମ୍ପର୍କୀୟ ଥିଲେ। ସମସ୍ତେ ୱାଗନର କାର ( ଓଡ଼ି୦୧ଏପି-୯୦୬୪)ରେ ଘରକୁ ଫେରୁଥିବା ସମୟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ହଠାତ ଡାହାଣକୁ ବାହାରି ଯିବାରୁ କାର୍ ଚାଳକ ନିୟନ୍ତ୍ରଣ ହରାଇ ଟ୍ରକ୍ ପଛରେ ପିଟି ହୋଇଯାଇଥିଲେ। ଟ୍ରକ୍‌ଟି କାର୍‌କୁ ୨ଶହ ମିଟର ଦୂରକୁ ଘୋଷାଡ଼ି ନେଇଥିଲା। ସ୍ଥାନୀୟ ଲୋକେ ହୋ-ହାଲ୍ଲା କରିବାରୁ ଭୟଭୀତ ହୋଇ ଟ୍ରକ୍ ଚାଳକ ଟ୍ରକ ଛାଡ଼ି ଫେରାର ହୋଇଯାଇଥିଲା। ପାଣିକୋଇଲି ପୁଲିସ ଓ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରି ରାଜପଥ ପାଟ୍ରୋଲିଂ ଭ୍ୟାନରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ସୁମିତ୍ରା ଓ ତାଙ୍କ ସ୍ୱାମୀ ବିନୋଦଙ୍କୁ ଡାକ୍ତର ମୃତ ଘୋଷଣା କରିବା ସହ ଅନ୍ୟ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନା ପଠାଇଥିଲେ। ଗୁରୁତର ଉଭୟଙ୍କୁ ଭୁବନେଶ୍ୱରସ୍ଥ ଏକ ▸ପୃଷ୍ଠା-୯






## ପୁରାଣେ ପୁରୁଷୋତ୍ତମ-୨

### ମାର୍କଣ୍ଡେୟ ମହାପୁରାଣ

ଅଷ୍ଟାଦଶ ମହାପୁରାଣ ଶୃଙ୍ଖଳାରେ ମାର୍କଣ୍ଡେୟପୁରାଣ ସ୍ୱତନ୍ତ୍ର। ୯ହଜାର ଶ୍ଳୋକ ତଥା ୧୩୪ ଅଧ୍ୟାୟରେ ସନ୍ନିବଦ୍ଧ ଏହି ପୁରାଣରେ ଜୈମିନି-ମାର୍କଣ୍ଡେୟ ସଂବାଦ ସହ ମହର୍ଷି ମାର୍କଣ୍ଡେୟଙ୍କ ଦିବ୍ୟବାଣୀ ସନ୍ନିହିତ। ଏହି ପୁରାଣର ସର୍ବଶ୍ରେଷ୍ଠ ଅଂଶ ହେଉଛନ୍ତି ୮୧ ଅଧ୍ୟାୟରୁ ୯୩ ଅଧ୍ୟାୟ ପର୍ଯ୍ୟନ୍ତ ବର୍ଣ୍ଣିତ ଦେବୀଚରିତସଂବଳିତ 'ଶ୍ରୀଦୁର୍ଗାସପ୍ତଶତୀ'। ପ୍ରଳୟଜଳରେ ଭାସମାନ ମାର୍କଣ୍ଡେୟ କଳ୍ପବଟର ପତ୍ରରେ ଶାୟିତ ବାଳମୁକୁନ୍ଦଙ୍କ ଦର୍ଶନ ଲାଭ କରିବା ସହ ମୃତ୍ୟୁଞ୍ଜୟ ଓ ଚିରଞ୍ଜୀବୀ ହୋଇଥିବା ସର୍ବଜନବିଦିତ। ଏଥିରେ ପରୋକ୍ଷଭାବରେ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ସହ ସମତା ରଖୁଥିବା କିଛି ବର୍ଣ୍ଣନା ଦୃଷ୍ଟିଗୋଚର ହୁଏ। ମାର୍କଣ୍ଡେୟପୁରାଣ(୮୮/୨୩-୨୪)ରେ ଶକ୍ତିମାନ୍ ପୁରୁଷୋତ୍ତମ-ନାରାୟଣଙ୍କ ଶକ୍ତିସ୍ୱରୂପୋଚିତ-ବିଶ୍ୱମୂର୍ତ୍ତି ପ୍ରତିଫଳିତ ହୋଇଛି- "ସର୍ବତଃ ପାଣିପାଦାନ୍ତେ ସର୍ବତୋଽକ୍ଷିଶିରୋମୁଖେ। ସର୍ବତଃଶ୍ରବଣଘ୍ରାଣେ ନାରାୟଣି ନମୋଽସ୍ତୁତେ।।" ଶ୍ରୀମଦ୍ଭଗବଦ୍ଗୀତା(୧୩/୧୪)ରେ ବିଶ୍ୱମୂର୍ତ୍ତିମାନ୍ ଭଗବାନ୍‌ଙ୍କ ସଂପର୍କରେ ସମଭାବସମ୍ପନ୍ନ ବର୍ଣ୍ଣନା ମିଳିଥାଏ- "ସର୍ବତଃ ପାଣିପାଦଂ ତତ୍ସର୍ବତୋଽକ୍ଷିଶିରୋମୁଖମ୍। ସର୍ବତଃଶ୍ରୁତିମଁଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି।।" ସେହିପରି ଏହି ପୁରାଣ(୧୧୦/୧୦-୧୧)ରେ ବିଷ୍ଣୁ ତଥା ପରଂବ୍ରହ୍ମ ବୋଲି ସୂର୍ଯ୍ୟଙ୍କୁ ସ୍ତୁତି କରିଛନ୍ତି ପିତାମହ ବ୍ରହ୍ମା; ଯାହାକି ସିଂହଦ୍ୱାରରେ ଅରୁଣଙ୍କ ସଂସ୍ଥିତି, ପ୍ରତ୍ୟହ ସୂର୍ଯ୍ୟପୂଜା ଓ ଚୈତ୍ରଶୁକ୍ଲଷଷ୍ଠୀରେ ସୌରଗୁଣ୍ଡିଚାରେ ସମୃଦ୍ଧ ଶ୍ରୀଜଗନ୍ନାଥଚେତନାରେ ଏକ ମହାର୍ଘ ଗ୍ରହଣୀୟ ବିଚାର। ଯଥା- "ଯଜ୍ଞୈର୍ଯଜନ୍ତି ପରମାତ୍ମବିଦୋ ଭବନ୍ତଂ ବିଷ୍ଣୁସ୍ୱରୂପମଖିଳେଷ୍ଟିମୟଂ ବିବସ୍ୱନ୍। ଧ୍ୟାୟନ୍ତି ଚାପି ଯତଯୋନିଯତାତ୍ମଚିତ୍ତାଃ ସର୍ବେଶ୍ୱରଂ ପରମମାତ୍ମବିମୁକ୍ତିକାମାଃ।। ନମସ୍ତେ ଦେବରୂପାୟ ଯଜ୍ଞରୂପାୟତେ ନମଃ। ପରଂବ୍ରହ୍ମସ୍ୱରୂପାୟ ଚିନ୍ତ୍ୟମାନାୟ ଯୋଗିଭିଃ।।"

ଏହି ପୁରାଣର ମଙ୍ଗଳାଚରଣରେ ବାମନରୂପି-ଜଗନ୍ନାଥଙ୍କ ସ୍ତୁତି କରାଯାଇଛି-"ଯଦ୍ୟୋଗିଭିର୍ଭବଭୟାର୍ତ୍ତିବିନାଶଯୋଗ୍ୟମାସାଦ୍ୟ ବନ୍ଦିତମତୀବବିବିକ୍ତଚିତ୍ତୈଃ। ତଦ୍ୱଃ ପୁନାତୁ ହରିପାଦସରୋଜଯୁଗ୍ମ-ମାବିର୍ଭବତ୍କ୍ରମବିଲଙ୍ଘିତଭୂର୍ଭୁବସ୍ୱଃ।।" ଅର୍ଥାତ୍ ଭବଭୟ-ଆର୍ତ୍ତିରବିନାଶରେ ଦକ୍ଷ, ଏକନିଷ୍ଠଯୋଗିମାନଙ୍କ ବନ୍ଦନୀୟ, ବିକ୍ରମତ୍ରୟରେ ସ୍ୱର୍ଗ-ମର୍ତ୍ତ୍ୟ-ପାତାଳର ଲଙ୍ଘନକାରୀ, ବାମନରୂପି-ଶ୍ରୀଜଗନ୍ନାଥଙ୍କ ପାଦପଦ୍ମ ସମସ୍ତଙ୍କୁ ପବିତ୍ର କରନ୍ତୁ।

ସେହି ପୁରାଣ-ପୁରୁଷୋତ୍ତମଙ୍କୁ ପ୍ରାଣରୁ ପ୍ରଣାମ।



ପ୍ରସ୍ତୁତି: ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ-୯୪୩୭୫୬୭୩୨୪

## କ୍ୟାସ୍‌ଲେସ୍ ପେମେଣ୍ଟରୁ ବଢ଼ୁଛି ଖର୍ଚ୍ଚ



ସମ୍ପ୍ରତି ଡିଜିଟାଲ ଯୁଗ। ସବୁକିଛି କାମ ଅନ୍‌ଲାଇନ୍‌ରେ ହୋଇଯାଉଛି। ତେଣୁ ଲୋକେ ନଗଦ ଟଙ୍କା ବଦଳରେ ଏବେ ଡିଜିଟାଲ ନେଣଦେଣ ତଥା କ୍ୟାସ୍‌ଲେସ୍ ପେମେଣ୍ଟକୁ ଗୁରୁତ୍ୱ ଦେଉଛନ୍ତି। ହେଲେ କ୍ୟାସ୍‌ଲେସ୍ ପେମେଣ୍ଟର ଅଧିକ ବ୍ୟବହାର ଯୋଗୁଁ ଲୋକଙ୍କ ଖର୍ଚ୍ଚ ଅଧିକ ବଢ଼ୁଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। କ୍ୟାସ୍‌ଲେସ୍ ପେମେଣ୍ଟ ଦ୍ୱାରା ବଢ଼ୁଥିବା ଖର୍ଚ୍ଚ ଏବଂ ଏହାର ମୁଖ୍ୟ କାରଣକୁ ଦର୍ଶାଇବା ଉଦ୍ଦେଶ୍ୟ ନେଇ ମେଲବର୍ଣ୍ଣ ବିଶ୍ୱବିଦ୍ୟାଳୟ ଏବଂ ଆଡିଲେଡ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ଏକ ରିପୋର୍ଟ ପ୍ରସ୍ତୁତି କରିଥିଲେ। ଏଥିପାଇଁ ସେମାନେ ୧୭ ଟି ଦେଶର ଲୋକଙ୍କ ଖର୍ଚ୍ଚ କରିବା ତରିକାକୁ ଯାଞ୍ଚ କରିଥିଲେ। ଏହି ରିପୋର୍ଟ ଅନୁସାରେ, ଆଗକାଳରେ ଲୋକମାନେ ସେମାନଙ୍କ ଦୈନନ୍ଦିନ ଖର୍ଚ୍ଚ ବା କେଉଁ କ୍ଷେତ୍ରରେ ସେମାନେ କେତେ ଟଙ୍କା ଖର୍ଚ୍ଚ କରୁଥିଲେ, ସେ ବିଷୟରେ ପ୍ରତିଦିନ ଏକ ଡାଏରୀରେ ଲେଖି ରଖୁଥିଲେ। ହେଲେ ଡିଜିଟାଲ ନେଣଦେଣ ବା କ୍ୟାସ୍‌ଲେସ୍ ପେମେଣ୍ଟ ଧାରା ବଢ଼ିବା ଯୋଗୁଁ ଲୋକେ ଆଉ ପୂର୍ବପରି ଡାଏରୀରେ ଖର୍ଚ୍ଚ ତାଲିକା ବା ହିସାବ ପ୍ରସ୍ତୁତ କରୁନାହାନ୍ତି। ଯାହାଫଳରେ ସେମାନଙ୍କର ଡିଜିଟାଲ ପେମେଣ୍ଟ ଯୋଗୁଁ ଅଧିକ ଖର୍ଚ୍ଚ ହେଉଥିବା କୁହାଯାଇଛି। ତେଣୁ କାର୍ଡ ବଦଳରେ ଲୋକେ ଯଦି ପାଖରେ ନଗଦ ଟଙ୍କା ରଖନ୍ତେ, ସେମାନଙ୍କୁ ଏତେ ଖର୍ଚ୍ଚାନ୍ତ ହେବାକୁ ପଡ଼ନ୍ତାନି। ନଗଦ ଟଙ୍କା ନେଣଦେଣରେ ଲୋକ ଟଙ୍କା ଗଣିଗଣି ଦେଉଥିବାରୁ ସେମାନେ କେଉଁ କାର୍ଯ୍ୟ ପାଇଁ କେତେ ଟଙ୍କା ଖର୍ଚ୍ଚ କରୁଛନ୍ତି, ତାହାର ମଧ୍ୟ ହିସାବ ରଖିପାରନ୍ତେ ବୋଲି ରିପୋର୍ଟରେ କୁହାଯାଇଛି। ଏପରି ନଗଦ ଟଙ୍କା ରଖି କାରବାର କରିବା ଦ୍ୱାରା ଜଣେ ବ୍ୟକ୍ତି ଭବିଷ୍ୟତ ପାଇଁ ସଞ୍ଚୟ ମଧ୍ୟ କରିପାରିବେ। ସେଥିପାଇଁ ଏହି ରିପୋର୍ଟରେ ଲୋକଙ୍କ ଖର୍ଚ୍ଚ କମାଇବାକୁ କାର୍ଡ ବଦଳରେ ନଗଦ ଟଙ୍କା ପାଖେ ରଖିବାକୁ ସଚେତନ କରାଯାଇଛି। ଅନ୍ୟପଟେ ଏବେକା ଲୋକଙ୍କ ଖର୍ଚ୍ଚ ବଢ଼ିବାର ଅନ୍ୟ ଏକ କାରଣ ହେଉଛି ଶଫିଂ। ଗତ କିଛି ବର୍ଷ ମଧ୍ୟରେ ଅଧିକରୁ ଅଧିକ ଲୋକ ନିଜର ଷ୍ଟାଟସ୍‌କୁ ଦେଖାଇବା ପାଇଁ ବିଳାସପୂର୍ଣ୍ଣ ସାମଗ୍ରୀ କିଣିବାକୁ ଅଧିକ ପସନ୍ଦ କରୁଛନ୍ତି। ଏଥିପାଇଁ ସେମାନଙ୍କ ଖର୍ଚ୍ଚ ମାତ୍ରା ମଧ୍ୟ ବୃଦ୍ଧିପାଇଛି। ସେହିପରି ଏବେକା ଲୋକମାନେ ଦାନ ଏବଂ ଟିପ୍ସ ଦେବା ପାଇଁ ପୁରୁଣା ପଦ୍ଧତିକୁ ଆପଣାଉଛନ୍ତି। ତେଣୁ ସମ୍ପ୍ରତି ଲୋକ ଡିଜିଟାଲ କାରବାର ଅଭ୍ୟାସ ଯୋଗୁଁ ଗୋଟିଏ ପଟେ ଖର୍ଚ୍ଚ ବଢୁଥିବାବେଳେ ଅନ୍ୟପଟେ ଲୋକେ କିଛି ନ ବୁଝି ନ ସୁଝି ଅଧିକ ଖର୍ଚ୍ଚ କରୁଛନ୍ତି। ତେଣୁ ନଗଦବିହୀନ କାରବାର ଯୋଗୁଁ ଉପୁଜୁଥିବା ସମସ୍ୟାକୁ ସୂଚାଇବା ଏହି ରିପୋର୍ଟର ମୁଖ୍ୟ ଉଦ୍ଦେଶ୍ୟ।




## ଅଧିକ ଅପରାଧ ଖବର ଦେଖିଲେ ହୋଇପାରେ ରୋଗ

ପ୍ରତିଦିନ ଖବରକାଗଜ ହେଉ ଅବା ଟିଭିରେ କିଛି ନା କିଛି ଅପରାଧ ସମ୍ପର୍କୀୟ ଖବର ପଢ଼ିବାକୁ ତଥା ଦେଖିବାକୁ ମିଳିଥାଏ। ବିଶେଷକରି ହତ୍ୟା, ଲୁଟ୍, ଦୁଷ୍କର୍ମ, ଚୋରି, ଡକାୟତି ଭଳି ଖବର ଦୀର୍ଘ ସମୟ ପର୍ଯ୍ୟନ୍ତ ଲୋକଙ୍କ ଦୃଷ୍ଟିଆକର୍ଷଣ କରିଥାଏ। ସେହିପରି ଗଣମାଧ୍ୟମ ଯେତେବେଳେ ହତ୍ୟା ଖବରକୁ ନେଇ ନୂଆ ନୂଆ ଖୁଲାସା କରେ, ଏହାକୁ ଦେଖିବାକୁ ଲୋକଙ୍କ ମଧ୍ୟରେ ଉତ୍ସୁକତା ବୃଦ୍ଧି ପାଇଥାଏ। ତେବେ ବିଶେଷଜ୍ଞଙ୍କ ଅନୁସାରେ, ସତ୍ୟଘଟଣା ଉପରେ ଆଧାରିତ ଅପରାଧିକ ଖବରଗୁଡ଼ିକ ଅଧିକ ଦେଖିବା ମାନସିକ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଗଣମାଧ୍ୟମରେ ବାସ୍ତବିକ ଅପରାଧ ଏବଂ ହିଂସା ସହ ଜଡ଼ିତ ଖବର ଅଧିକ ଦେଖିବା ତଥା ପଢ଼ିବା ଦ୍ୱାରା 'ମିନ୍ ୱାର୍ଲ୍ଡ ସିଣ୍ଡ୍ରୋମ' ଆଶଙ୍କା ବୃଦ୍ଧି ପାଏ। ଏହା ହେଉଛି ଏମିତି ଏକ ପରିସ୍ଥିତି, ଯେଉଁଥିରେ ଜଣେ କୌଣସି ହିଂସା ଓ ଅପରାଧକୁ ବାସ୍ତବିକ ମନେ କରେ ଏବଂ ସେହି ଅପରାଧ ଦୃଶ୍ୟରେ ନିଜକୁ ରଖି ଭାବିଥାଏ। ଫଳରେ ଏହା ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଇଥାଏ। କାରଣ ମସ୍ତିଷ୍କ ସେହି ଅପରାଧିକ ଦୃଶ୍ୟରେ ନିଜକୁ ରଖେ ଏବଂ ସେହିଭଳି ଘଟଣାକୁ ଅଧିକ ଦେଖିବା ପାଇଁ ଇଚ୍ଛା ରଖେ। ମସ୍ତିଷ୍କ ଏଭଳି ଅପରାଧ ଘଟଣାରେ ନିଜକୁ ଡିଟେକ୍ଟିଭ୍ ଭାବି ଅପରାଧର କଳ୍ପନା କରିଥାଏ। ଏଭଳି ଲୋକ କ୍ରାଇମ୍ ଡକ୍ୟୁମେଣ୍ଟାରି, କ୍ରାଇମ୍, ତଥା ଥ୍ରିଲର ସିନେମା ସହ ଏ ସମ୍ବନ୍ଧିତ ଖବରରେ ଅଧିକ ମନୋନିବେଶ କରନ୍ତି। ଡାକ୍ତରଙ୍କ ଅନୁସାରେ, ଏଭଳି ବ୍ୟକ୍ତିବିଶେଷ ଅଜବ ପ୍ରକାର ବ୍ୟବହାର ଦେଖାନ୍ତି। ସେମାନେ ଅପରାଧର ଏହି ଭୟାନକ ଦୁନିଆରେ ଏଭଳି ଭାବେ ନିଜକୁ ଜଡ଼ିତ କରନ୍ତି ଯେ, ପ୍ରତ୍ୟେକ ସ୍ଥାନରେ ସେମାନଙ୍କ ମନରେ ଭୟ ସୃଷ୍ଟି ହୋଇଥାଏ। କେବଳ ସେତିକି ନୁହେଁ, ଏଭଳି ଲୋକ ସମସ୍ତଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିବା ସହ କାହାକୁ ବି ଅପରାଧୀ ବୋଲି ଭାବି ବସନ୍ତି। ଏହାବାଦ୍ ଏଭଳି ଲୋକଙ୍କ ମସ୍ତିଷ୍କରେ ଅଯଥା ଭୟ, ଚିନ୍ତା, ନିରାଶ ଭାବ ସୃଷ୍ଟି ହୋଇଥାଏ। ଫଳରେ ସେମାନେ ଧୀରେ ଧୀରେ ସମାଜଠୁ ଦୂରେଇବା ଆରମ୍ଭ କରନ୍ତି। ଏପରିକି ଏଭଳି ଲୋକ ଆବଶ୍ୟକତାଠୁ ଅଧିକ ସତର୍କ ରହନ୍ତି ଏବଂ ପରିବାର ଲୋକଙ୍କ ସହିତ ମଧ୍ୟ ଅଜବ ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ତେବେ ବିଶେଷଜ୍ଞଙ୍କ ଅନୁସାରେ, ୧୯୯୦ ମସିହା ପରେ ଟିଭିରେ କାଳ୍ପନିକ ଅପରାଧ (ଫାଣ୍ଟାସି କ୍ରାଇମ୍) ପ୍ରସାରଣର ଧାରା ବଢ଼ିଚାଲିଛି ଏବଂ ଏଥିଯୋଗୁ ଲୋକେ ମିନ୍ ୱାର୍ଲ୍ଡ ସିଣ୍ଡ୍ରୋମରେ ଅଧିକ ଶିକାର ହେଉଛନ୍ତି।



## ଦିଶାଙ୍କ 'ପିଡି' ଟାଟୁକୁ ନେଇ ଚର୍ଚ୍ଚା

ବଲିଉଡ୍ ଅଭିନେତ୍ରୀ ଦିଶା ପଟାନି ତାଙ୍କର ହଟ୍ ଲୁକ୍ ପାଇଁ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ। ନିକଟରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର 'କଲ୍‌କି ୨୮୯୮ ଏଡି'ରେ ସେ ଦେଖାଯାଇଥିଲେ। ଫିଲ୍ମରେ ଲିଡ୍ ରୋଲରେ ପ୍ରଭାସ, ଦୀପିକା ପାଦୁକୋନ୍, ଅମିତାଭ ବଚ୍ଚନ, କମଲ ହାସନ ପ୍ରମୁଖ ନଜର ଆସିଥିଲେ। ଏବେ ଦିଶାଙ୍କ ଏକ ଟାଟୁକୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି। ଦିଶା ତାଙ୍କ ପୁରୁଷ ବନ୍ଧୁଙ୍କ ନାମ ଏହି ଟାଟୁରେ ଲେଖିଛନ୍ତି ବୋଲି ପ୍ରଶଂସକମାନେ ଅନୁମାନ କରୁଛନ୍ତି। ଉଲ୍ଲେଖନୀୟ କଥାଟି ହେଲା, ଦିଶା, ପ୍ରଭାସଙ୍କ ନାଁ ଲେଖିଥିବା ତାଙ୍କ ପ୍ରଶଂସକମାନେ କହୁଛନ୍ତି। କିଛି ପ୍ରଶଂସକଙ୍କ ଦିଶା ତାଙ୍କ ନାମ ଓଲଟାଇ ଲେଖିଥାଇ ପାରନ୍ତି ବୋଲି କହୁଥିବାବେଳେ ଆଉ କିଛି ଜଣ ସେ 'ପ୍ରଭାସ ଡାର୍ଲିଂ' ଲେଖିଥାଇ ପାରନ୍ତି ବୋଲି କହୁଛନ୍ତି। ତେବେ ଦିଶାଙ୍କର ଯେଉଁ ଟାଟୁ ଫଟୋଟି ଭାଇରାଲ ହେଉଛି ସେଥିରେ ସେ ଧଳା ରଙ୍ଗର ଏକ ପ୍ୟାଣ୍ଟ ସହ ଏକ ସ୍ଲିଭ୍‌ଲେସ୍ ଟପ୍ ପିନ୍ଧିଛନ୍ତି। ସନ୍‌ଗ୍ଲାସ୍ ପିନ୍ଧିଛନ୍ତି। ତାଙ୍କ ବାମ ହାତର କହୁଣିର ଉପର ପାର୍ଶ୍ୱରେ 'ପିଡି' ଲେଖା ହୋଇଥିବା ଟାଟୁ ଖୋଦେଇ ହୋଇଛି। ତେବେ ଦିଶା ଏନେଇ ଏଯାବତ୍ କିଛି କହିନାହାନ୍ତି।

### କିଏ ସେହି ମିଷ୍ଟ୍ରି ମ୍ୟାନ୍




## ଦିବାନିଦ୍ରା ଭଲ ନା ଖରାପ

ସାଧାରଣତଃ ଲୋକେ ଦିନଯାକର କାମ ସାରି ଖରାବେଳେ ଘଣ୍ଟାଏ ଦୁଇ ଘଣ୍ଟା ପାଇଁ ଶୋଇଥାନ୍ତି। ତେବେ ଦିନରେ କେତେ ସମୟ ଶୋଇବା ଭଲ ଏଥିରୁ ଶରୀରକୁ କ'ଣ ସବୁ ଲାଭ ମିଳିଥାଏ, ଆସନ୍ତୁ ଜାଣିବା। ଦିନରେ ଶୋଇବା ଶରୀର ପାଇଁ ଉଭୟ ଲାଭଦାୟକ ଓ କ୍ଷତିକାରକ ହୋଇଥାଏ।

ଯଦି ଜଣେ ଦିନରେ ୨୦ରୁ ୩୦ ମିନିଟ୍ ଶୋଉଛନ୍ତି ତେବେ ଏହାଦ୍ୱାରା ଜଣକର କାର୍ଯ୍ୟଦକ୍ଷତା ଦୁଇଗୁଣ ବୃଦ୍ଧି ପାଏ। ସେହିଭଳି ଦିନରେ ସ୍ୱଳ୍ପ ସମୟ ଶୋଇବା ଦ୍ୱାରା ମସ୍ତିଷ୍କର କାର୍ଯ୍ୟ କରିବା କ୍ଷମତା ବୃଦ୍ଧି ପାଇବା ସହ ସ୍ମୃତିଶକ୍ତି ବଢ଼ିଥାଏ। ଏଥିସହ ଜଣକର ସୃଜନଶୀଳତା ବଢ଼ିଥାଏ। ଏହି ସମୟରେ ଶୋଇବା ଦ୍ୱାରା ମୁଡ୍ ଫ୍ରେସ୍ ହୋଇଯାଏ। ଏହା ଅବସାଦ କମାଇ ମାନସିକ ଶାନ୍ତି ଦେଇଥାଏ। ସେହିଭଳି ଯିଏ ଦିନରେ ଶୁଅନ୍ତି ରାତିରେ ଯେକୌଣସି କାମ କରିବା ସମୟରେ ଥକି ଯାଆନ୍ତି ନାହିଁ। ସବୁଠୁ ବଡ଼ କଥା ହେଲା, ଯେଉଁମାନେ ଦିନରେ ଶୁଅନ୍ତି, ସେମାନଙ୍କର ରକ୍ତଚାପ ନିୟନ୍ତ୍ରଣରେ ରହି ହୃଦ୍‌ରୋଗ ହେବା ଆଶଙ୍କା କମିଯାଏ। ଅନ୍ୟପକ୍ଷରେ ଦିନରେ ଅଧିକ ସମୟ ଶୋଇବା ଯୋଗୁ ଏହାର କିଛି ଖରାପ ପ୍ରଭାବ ମଧ୍ୟ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ଜଣେ ଦିନରେ ଅଧିକ ଶୋଇବା ଯୋଗୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ନିଦ ହୋଇ ନ ଥାଏ। ଫଳରେ ଜଣେ ସକାଳୁ ଡେରିରେ ଉଠିଥାନ୍ତି। ଡେରିରେ ଉଠିବା ଯୋଗୁ ଜଣକର ଦୈନନ୍ଦିନ କାର୍ଯ୍ୟ ପ୍ରଭାବିତ ହେବା ସହ ଦିନସାରା ଚିଡ଼୍‌ଚିଡ଼ା ଓ ମାନ୍ଦା ଅନୁଭବ କରନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବାନୁସାରେ, ଦ୍ୱିପହର ସମୟରେ ଖାଇବା ପରେ ୨୦-୩୦ ମିନିଟ୍ ଶୋଇବା ଶରୀର ପାଇଁ ଭଲ ହୋଇଥାଏ। ଏହାଦ୍ୱାରା ଜଣେ ଯେକୌଣସି କାର୍ଯ୍ୟ ପାଇଁ ଆଗ୍ରହ ପ୍ରକାଶ କରିବା ସହ ମସ୍ତିଷ୍କ ମଧ୍ୟ ସକ୍ରିୟ ରହିଥାଏ। ଦିନରେ ଦୁଇରୁ ତିନି ଘଣ୍ଟା ଶୋଇବା ଅନୁଚିତ। ଏହା ଶରୀରକୁ ମାନ୍ଦା କରିଦିଏ।



### ଆଜିର ଇତିହାସ

- ୧୯୨୨-ନେଦରଲ୍ୟାଣ୍ଡରେ ପ୍ରଥମ ଥର ସାଧାରଣ ନିର୍ବାଚନ ହେଲା।
- ୧୯୫୪: ଆନ୍ଧ୍ରପ୍ରଦେଶ ହାଇକୋର୍ଟର ସ୍ଥାପନା।
- ୧୯୯୪- ଜେଫ୍ ବେଜୋସ୍ ଇ-କମର୍ସ ୱେବ୍‌ସାଇଟ୍ ଆମାଜନ୍‌ର ଆରମ୍ଭ କଲେ।
- ୧୯୯୮: ତାମିଲନାଡୁରେ ଡଲ୍‌ଫିନ୍ ସିଟିର ଉଦ୍‌ଘାଟନ।
- ୨୦୦୪- ଇଣ୍ଡୋନେସିଆରେ ପ୍ରଥମ ଥର ପାଇଁ ରାଷ୍ଟ୍ରପତି ନିର୍ବାଚନ ହେଲା।

### ଆଜିର ରାଶିଫଳ

**ମେଷ:** ପରିବାରବର୍ଗଙ୍କ ମଧ୍ୟରେ ଭଲ ବୁଝାମଣା ରହିବ। ସାହିତ୍ୟ, କଳା କ୍ଷେତ୍ରରେ ସମ୍ମାନିତ ହେବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନିଅନ୍ତୁନି। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ବୃଷ:** ସ୍ୱାସ୍ଥ୍ୟରେ ସୁଧାର ଆସିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଅଚାନକ ଖୁସି ଖବର ପାଇପାରନ୍ତି। ଧନପ୍ରାପ୍ତି ଯୋଗ ରହିଛି।

**ମିଥୁନ:** ନିବେଶ ପାଇଁ ସମୟ ଅନୁକୂଳ। କର୍ମକ୍ଷେତ୍ରରେ ହସଖୁସି ଲାଗିରହିବ। ଜରୁରି କାର୍ଯ୍ୟରେ ଦୂରସ୍ଥାନ ଯାତ୍ରା କରିପାରନ୍ତି। ଅଧିକ ପରିଶ୍ରମ କରିପାରନ୍ତି। ଗଣେଶଙ୍କ ଦର୍ଶନ କରନ୍ତୁ।

**କର୍କଟ:** ପ୍ରେମ ସମ୍ପର୍କରେ ତିକ୍ତତା ଦେଖାଦେବ। କାର୍ଯ୍ୟକ୍ଷେତ୍ରରେ ଅଧିକ ଚାପ ରହିବ। ବିଶେଷ କାର୍ଯ୍ୟକ୍ରମର ନେତୃତ୍ୱ ନେଇପାରନ୍ତି। ପତ୍ନୀଙ୍କୁ ଦାମୀ ଉପହାର ଦେଇପାରନ୍ତି। ଧନପ୍ରାପ୍ତି ହେବ।

**ସିଂହ:** ଅନ୍ୟକୁ ଧାରଦେବା କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୋର୍ଟକଚେରୀ ମାମଲା ଆପଣଙ୍କ ପାଇଁ ନକାରାତ୍ମକ ରହିପାରେ। ମହିଳାମାନେ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ।

**କନ୍ୟା:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଯାତାୟାତ ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। ପାରିବାରିକ ହସଖୁସି ଲାଗିରହିବ। ପରିଶ୍ରମର ଫଳ ପାଇବେ।

**ତୁଳା:** ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆପଣଙ୍କ ପ୍ରଶଂସକଙ୍କ ସଂଖ୍ୟା ବୃଦ୍ଧି ପାଇବ। ବିତ୍ତୀୟ ସଫଳତା ପାଇଁ ନୂତନ ବିଚାର କରିବେ। ଅଯଥା ଖର୍ଚ୍ଚ କରନ୍ତୁନି।

**ବିଛା:** ଭବିଷ୍ୟତ ପାଇଁ ସଞ୍ଚୟ କରିବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଜମିଜମା ବିବାଦ ସୃଷ୍ଟି ହୋଇପାରେ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

**ଧନୁ:** ସାମାଜିକ ଓ ଧାର୍ମିକ ସମାରୋହରେ ସାମିଲ ହେବେ। ଆଶା କରିଥିବା ଦିଗରୁ ନିରାଶା ହୋଇପାରନ୍ତି। ମହିଳାମାନେ ଉଚ୍ଚାଭିଳାଷୀ ହେବେ। ବାଣିଜ୍ୟରେ ଉତ୍ତମ ଲାଭ ମିଳିବ।।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ। ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ। ପରିବାର ସହିତ କିଛି ସମୟ ବିତାନ୍ତୁ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**କୁମ୍ଭ:** ରାଜନୀତି ସହ ଜଡ଼ିତ ବ୍ୟକ୍ତିଙ୍କୁ କିଛି ନୂତନ ଦାୟିତ୍ୱ ମିଳିବ। ବିବାଦୀୟ ପରିସ୍ଥିତିରେ ମଧ୍ୟ ନିଜକୁ ଶାନ୍ତ ରଖିବାକୁ ଚେଷ୍ଟା କରନ୍ତୁ। ପିଲାଙ୍କ ସଫଳତାରେ ଅଭିଭାବକ ମାନେ ଆନନ୍ଦ ଅନୁଭବ କରିବେ।

**ମୀନ:** ସଫଳତା ହାସଲ କରିବେ। ସକାରାତ୍ମକ ଚିନ୍ତାଧାରା ସହିତ କାର୍ଯ୍ୟ କରିବେ। ନୂତନ ବ୍ୟବସାୟ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଧାର୍ମିକ କାର୍ଯ୍ୟରେ ମନୋନିବେଶ କରିବେ।

## ଗଡ଼ା ଚାଲିଛି ତିନିରଥ...

# ରଥରେ ସ୍ଥାପନ ହେଲେ ପାର୍ଶ୍ୱ ଦେବଦେବୀ



**ପୁରୀ, ୪।୭ (ସମିସ):** ଆଉ ମାତ୍ର ଦୁଇଦିନ ପରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ରଥଖଳାରେ ରଥ ନିର୍ମାଣ ପ୍ରାୟ ଶେଷ ହୋଇଛି। ଗୁରୁବାର ମହାରଣା ସେବକ ଏବଂ ଭୋଇ ସେବକମାନେ ମିଶି ତିନିରଥର ସମ୍ମୁଖ ଭାଗକୁ ଛାଡି ପ୍ରତି ପାର୍ଶ୍ୱରେ ତିନୋଟି ଲେଖାଏଁ ୯ ଗୋଟି ପାର୍ଶ୍ୱ ଦେବଦେବୀଙ୍କୁ ଜଳଯନ୍ତ୍ର ଖାପରେ ସେଟିଂ କରି ଶିଖର ଡମ୍ବରୁ (ଆସ୍ଥାନ) ସଂଯୋଗ କରିଛନ୍ତି। ତିନିରଥ ପ୍ରଭାଗୁଡ଼ିକର ରୂପ ଖୋଦେଇ ଅଂଶରେ ରଙ୍ଗ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନନ୍ଦିଘୋଷ ରଥ ବେଦୀ ସିଂହାସନ ଚାରିପଟେ ଗାଈ ଗୋଠ ଚିତ୍ର ଅଙ୍କନ ଶେଷ ହେବା ସହ ତାଳଧ୍ୱଜ ରଥ ଏବଂ ଦର୍ପଦଳନ ରଥର ବେଦୀ ସିଂହାସନ ଚାରିପାଖରେ ଗାଈ ଗୋଠ ଚିତ୍ର ଅଙ୍କନ ଜାରି ରହିଛି। ତିନି ରଥର ଘୋଡ଼ା, ସାରଥୀ, ଶଖୀ ଇତ୍ୟାଦିର ରଙ୍ଗ କାର୍ଯ୍ୟ ସମେତ ତିନି ରଥର ବାହ୍ୟ ଅଂଶର ରଙ୍ଗ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତ୍ୟେକ ରଥର ଦୁଇଟି ଲେଖାଏ ବ୍ରେକ ପୁଲି ଲାଗିଛି। ବ୍ରେକଗୁଡ଼ିକର ତଳ ପାର୍ଶ୍ୱ ଆବଶ୍ୟକୀୟ ମରାମତି ସହ ଲାଗିଥିବା ରବର ମ୍ୟାଟ ବଦଳାଯାଇ ନୂଆ ରବର୍ ମ୍ୟାଟ ପଡ଼ି କଣ୍ଟା ପଡ଼ିବା ଶେଷ ହୋଇଛି। ଏହାର ରଙ୍ଗ କାର୍ଯ୍ୟ ବାକି ରହିଛି। ଦରଜୀ ସେବକମାନେ ରଥ କନା କାମ ଶେଷ କରି ଉଡା ଛନ୍ଦୁଆ, ସାରଥି ପୋଷାକ, ବିଜେ ଚକା ପାଇଁ ବାନାରସି ଜରି କନା ଖୋଳ ଏବଂ ଠାକୁରଙ୍କ ପିଠି, ମସ୍ତକ ପଶ୍ଚାତ ଭାଗ ପାଇଁ ଅପସର ତକିଆ ପ୍ରସ୍ତୁତ କରୁଛନ୍ତି। ଏହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ପ୍ରଭା ବିଡିଆ କଣ୍ଟା, ବ୍ରେକ କଣ୍ଟା ସହ ଭୋଇ ସେବକ ଏବଂ କୋଠ ସୁଆଁସିଆ ସେବକମାନଙ୍କ ପାଇଁ ଆବଶ୍ୟକୀୟ କଟୁରୀ ନିର୍ମାଣ ଶେଷ କରିଛନ୍ତି।

# ଜନସାଧାରଣଙ୍କ ପ୍ରତି ସମର୍ପିତ ରହି କାର୍ଯ୍ୟ କରିବାକୁ ପଞ୍ଚାୟତରାଜ ମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ୪।୭ (ସମିସ):** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତୃଣମୂଳସ୍ତରରୁ ଜନସାଧାରଣଙ୍କ ଜୀବନଧାରଣର ମାନକୁ ଉନ୍ନତ କରିବା ପାଇଁ କାର୍ଯ୍ୟ କରୁଛି। ସେଥିପାଇଁ ଗ୍ରାମୀଣ ବିକାଶରେ ଏହି ବିଭାଗର ଗୁରୁ ଦାୟିତ୍ୱ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଲୋକାଭିମୁଖୀ ଶାସନରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବିକଶିତ ଓଡ଼ିଶାର ସାର୍ଥକ ମାଧ୍ୟମ ହେବା ଆବଶ୍ୟକ। ଏଥିପାଇଁ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ବିନା କୌଣସି ବ୍ୟତିକ୍ରମରେ ଓଡ଼ିଶାବାସୀଙ୍କ ପ୍ରତି ସମର୍ପିତ ରହି କାର୍ଯ୍ୟ କରନ୍ତୁ ବୋଲି ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାଏକ ଆହ୍ୱାନ ଦେଇଛନ୍ତି।

ଗୁରବାର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସମ୍ମିଳନୀ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ କକ୍ଷରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ନାଏକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ ଜନସାଧାରଣଙ୍କ ପ୍ରତି ସମର୍ପିତ ରହି ଲୋକାଭିମୁଖୀ କାର୍ଯ୍ୟଧାରାରେ ବିଭାଗୀୟ କାର୍ଯ୍ୟ ପରିଚାଳନା କରିବା ପାଇଁ ପରାମର୍ଶ ଦେଇଛନ୍ତି। ନିଜ ଅଭିଭାଷଣରେ ମନ୍ତ୍ରୀ ସାମୂହିକ ବିକାଶରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଦାୟିତ୍ୱ ବିଷୟରେ ସୂଚିତ କରିଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ନିଜ ସମ୍ବୋଧନରେ ବିଭାଗର ପ୍ରତିଟି କାର୍ଯ୍ୟକୁ ଶତପ୍ରତିଶତ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ମତପ୍ରକାଶ କରିଥିଲେ। ପାନୀୟ ଜଳ ଓ ପରିମଳ ନିର୍ଦ୍ଦେଶକ ଭିନିତ୍ ଭରଦ୍ୱାଜ ଧନ୍ୟବାଦ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓର୍‌ମାସ୍ ନିର୍ଦ୍ଦେଶିକା ଗୁହା ପୁନମ୍ ତାପସ କୁମାର, ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଶାନ୍ତିପ୍ରିୟ ଓଡ଼ିଶାରେ ବିଜେପି ଅଶାନ୍ତି ସୃଷ୍ଟି କରୁଛି: କଂଗ୍ରେସ

**ଭୁବନେଶ୍ୱର, ୪।୭ (ସମିସ):** ଓଡ଼ିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟରେ ବିଜେପି ଅଶାନ୍ତିର ବୀଜ ବୁଣୁଛି। ଓଡ଼ିଶା ବିଜେପି ନେତାମାନେ ରାହୁଲ ଗାନ୍ଧୀଙ୍କ ପ୍ରତି ଅତ୍ୟନ୍ତ ଅଶାଳୀନ ବ୍ୟବହାର ପ୍ରଦର୍ଶନ ପୂର୍ବକ କଂଗ୍ରେସ ଭବନ ଆଗରେ ଯେପରି ହିଂସାକାଣ୍ଡ ଘଟାଇଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ। ଏହା ଦ୍ୱାରା ପୁଲିସ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସରକାରୀ ଦଳର ଆଚରଣ ଓ ଉଚ୍ଚାରଣକୁ ରାଜ୍ୟବାସୀ ଦେଖୁଛନ୍ତି ଓ ଆଗାମୀ ଦିନରେ ଓଡ଼ିଶାବାସୀ ଏହାର ଦୃଢ଼ ଜବାବ ଦେବେ। ନିର୍ବାଚନ ସମୟରେ ବିଜେପି ଯେଉଁ ପ୍ରତିଶ୍ରୁତି ଦେଇଥିଲା, ତାହା ପୂରଣ ନକରି ଓଡ଼ିଶାବାସୀଙ୍କୁ ନେତାମାନେ ସହିପାରୁନାହାନ୍ତି। ତେଣୁ ସେମାନେ ହିଂସ୍ର ହୋଇପଡ଼ିଛନ୍ତି। ରାହୁଲ ଗାନ୍ଧୀ ବିଜେପି ଓ ଆରଏସ୍‌ଏସ୍ ହିନ୍ଦୁତ୍ୱ ନାମରେ ହିଂସାକାଣ୍ଡ ଘଟାଉଥିବା କହିଥିଲେ; କିନ୍ତୁ ବିଜେପି ନେତାମାନେ ରାହୁଲ ଗାନ୍ଧୀ ପୁରା ହିନ୍ଦୁ ସମାଜକୁ ଆକ୍ଷେପ କରୁଥିବା ମିଥ୍ୟା ଅଭିଯୋଗ ଆଣି ବିଶୃଙ୍ଖଳା ସୃଷ୍ଟି କଲେ।

- ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ: ଶରତ
- ବିରୋଧୀଙ୍କ କ୍ଷମତା ବୃଦ୍ଧିକୁ ସହିନପାରି ହିଂସା ପନ୍ଥା ଆପଣାଇଛି ବିଜେପି: ସପ୍ତଗିରି
- ଓଡ଼ିଆ ଅସ୍ମିତା ନାମରେ ରାଜ୍ୟରେ ଗୁଜୁରାଟ ମଡେଲ ଆରମ୍ଭ ହୋଇଛି: ବିଶ୍ୱରଞ୍ଜନ
- ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଡିସିପିଙ୍କୁ ଭେଟି ଆଜି ପୁଣି ଦାବି କରିବ କଂଗ୍ରେସ



ବିଜେପିର ଅସଲ ଚେହେରା ପଦାରେ ପଡ଼ିଛି ବୋଲି ଅଭିଯୋଗ କରିଛି କଂଗ୍ରେସ।

ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି ଯେ କ୍ଷମତାକୁ ଆସିବାର ମାତ୍ର ଏକ ମାସ ମଧ୍ୟରେ ବିଜେପିର ନେତାମାନେ ଯେଭଳି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଛନ୍ତି ତାହା ଘୋର ଚିନ୍ତାର ବିଷୟ। ରାଜ୍ୟ ରାଜଧାନୀରେ ପୁଲିସ ପ୍ରଶାସନ ଉପସ୍ଥିତିରେ ବିଜେପିର କାର୍ଯ୍ୟକର୍ତ୍ତାମାନେ ଗୁଣ୍ଡାଗର୍ଦ୍ଦି କରିଛନ୍ତି। ଠକିଚାଲିଛି। କଂଗ୍ରେସ ଭବନ ଆଗରେ ହିଂସାକାଣ୍ଡ ଘଟାଇଥିବା ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଆସନ୍ତା କାଲି ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଭୁବନେଶ୍ୱର ଡିସିପିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବେ ବୋଲି ସେ କହିଛନ୍ତି।

ସାଂସଦ ସପ୍ତଗିରି ଉଲ୍ଲାକା କହିଛନ୍ତି ଯେ ସଂସଦରେ ବିରୋଧୀ ଦଳର କ୍ଷମତା ବୃଦ୍ଧି ଓ ରାହୁଲ ଗାନ୍ଧୀଙ୍କ ଜବାବକୁ ବିଜେପି ଓଡ଼ିଶାରେ ବିଜେପି କାର୍ଯ୍ୟକର୍ତ୍ତାମାନେ ଯେଭଳି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କଲେ ତାହା ନିନ୍ଦନୀୟ। ସାମ୍ପ୍ରଦାୟିକତାବାଦ ପାଇଁ ୨୦୦୯ରେ ବିଜେଡି-ବିଜେପି ମେଣ୍ଟ ଭାଙ୍ଗିଥିଲା। ବର୍ତ୍ତମାନ ଓଡ଼ିଶାରେ ବିଜେପି ଶାସନକୁ ଆସିବାର ମାସେ ହୋଇଥିବାବେଳେ ପୁଣି ଥରେ ରାଜ୍ୟରେ ସାମ୍ପ୍ରଦାୟିକତାବାଦ ଆଳରେ ହିଂସାକାଣ୍ଡ ସୃଷ୍ଟି କରୁଛି ବୋଲି ଶ୍ରୀ ଉଲ୍ଲାକା କହିଛନ୍ତି।

ସେହିପରି ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡ.ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି ଯେ ଏମ୍‌ଏସ୍‌ପିକୁ ଆଇନଗତ କରିବା ପାଇଁ କଂଗ୍ରେସ ଦାବି ରଖିଛି। ମାତ୍ର ସଂସଦରେ ସେ ସମ୍ପର୍କରେ ଆଲୋଚନା କରିବାକୁ ଦିଆଗଲା ନାହିଁ। ଓଡ଼ିଶାରେ ଖୋଦ୍ ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ସେମାନଙ୍କ ମଧ୍ୟରୁ କିଏ କେତେବେଳେ କ'ଣ କହୁଛନ୍ତି, ତାହା ସେମାନେ ନିଜେ ମଧ୍ୟ ଜାଣନ୍ତି ନାହିଁ। ତେଣୁ ଚାଷୀଙ୍କୁ ଖରିଫ୍ ଋତୁରେ ଏମ୍‌ଏସପି ଦିଆଯିବ କି ରବି ଋତୁରେ ଏମ୍‌ଏସ୍‌ପି ଦିଆଯିବ ତାହା ପଛକଥା। ପ୍ରଥମେ ଚାଷୀଙ୍କୁ ଏମ୍‌ଏସ୍‌ପିର ଆଇନଗତ ଅଧିକାର ପ୍ରଦାନ କରାଯିବା ଆବଶ୍ୟକ। ସେହିପରି ଓଡ଼ିଆ ଅସ୍ମିତାର କଥା କହି ଶାସନକୁ ଆସିଥିବା ବିଜେପି ସରକାର ଓଡ଼ିଶାରେ ଗୁଜୁରାଟ ମଡେଲ ଚଳାଇଲାଣି। ଖୋଦ୍ ବିଜେପି ରାଜ୍ୟ ସଭାପତି ସାମ୍ବାଦିକ ସମ୍ମିଳନୀ ଡାକି ଯେଉଁଳି ଭାବେ ରାହୁଲ ଗାନ୍ଧୀଙ୍କ ବିରୋଧରେ ଅରୁଚିକର ମନ୍ତବ୍ୟ ଦେଲେ ଏବଂ ସେହିଦିନ ବିଜେପି ଯୁବମୋର୍ଚ୍ଚାର କର୍ମୀମାନେ ଆସି ହିଂସାକାଣ୍ଡ ଘଟାଇଲେ ତାହା ଅତ୍ୟନ୍ତ ନିନ୍ଦନୀୟ। ହିନ୍ଦୁ ଧର୍ମ ଅହିଂସା ଉପରେ ବିଶ୍ୱାସ କରେ। କିନ୍ତୁ ହିନ୍ଦୁ ଧର୍ମ ନାମରେ ବିଜେପି ଓ ଆରଏସ୍‌ଏସ୍‌ର କର୍ମକର୍ତ୍ତା ଯେଭଳି ହିଂସାକାଣ୍ଡ ଘଟାଉଛନ୍ତି ତାହା ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ଡ. ମହାନ୍ତି କହିଛନ୍ତି।

## ରଥଯାତ୍ରାରେ ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନା କରିବ ଏଆଇ

**ଭୁବନେଶ୍ୱର, ୪।୭ (ସମିସ):** ଚଳିତ ବର୍ଷ ରଥଯାତ୍ରାରେ ୩୧୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ଲକ୍ଷାଧିକ ଲୋକ ଯେପରି ପୁରୀକୁ ସହଜରେ ଯିବା ଆସିବା କରିପାରିବେ ତାହା ଉପରେ ରେଳବାଇ ଗୁରୁତ୍ୱ ଦେଉଛି। ତେବେ ପ୍ରଥମ ଥର ପାଇଁ କୃତ୍ରିମ ବୁଦ୍ଧିମତା (ଏଆଇ) ସ୍ୱତନ୍ତ୍ର ଟ୍ରେନ୍‌କୁ ନିୟନ୍ତ୍ରଣ କରିବ। ଚଳିତ ବର୍ଷ ପ୍ରାୟ ୧୫ ଲକ୍ଷ ଶ୍ରଦ୍ଧାଳୁ ରଥଯାତ୍ରାରେ ସାମିଲ ହେବାର ସମ୍ଭାବନା ଅଛି। ରେଳବାଇ ଅଧିକାରୀ କହିଛନ୍ତି, ଚଳିତ ବର୍ଷ ବହୁ ସଂଖ୍ୟକ ସ୍ୱତନ୍ତ୍ର ଟ୍ରେନ୍ ପୁରୀକୁ ଚଳାଚଳ କରିବ। ପୂର୍ବ ନିର୍ଦ୍ଧାରିତ ଟ୍ରେନ୍ ସହିତ ସ୍ୱତନ୍ତ୍ର ଟ୍ରେନ୍‌ର ପରିଚଳାନା ନିଶ୍ଚିତ ଭାବେ ଆହ୍ୱାନପୂର୍ଣ୍ଣ କାର୍ଯ୍ୟ। ସୁରକ୍ଷା ସହିତ ଯାତ୍ରୀଙ୍କୁ ସୁବିଧାଜନକ ସେବା ଯୋଗାଇ ଦେବା ଜରୁରୀ। ତେବେ ଏଆଇର ବ୍ୟବହାର ଏହି କାର୍ଯ୍ୟକୁ ଆହ୍ୱାନମୁକ୍ତ କରିବା ପାଇଁ ସମର୍ଥ ହୋଇପାରିବ। ବିଶେଷକରି ଟ୍ରେନ୍ ଗୁଡିକର ଯିବା ଆସିବା ପାଇଁ ଅନୁମତି ପ୍ରଦାନ ଏବଂ ଯାତ୍ରୀ ସଂଖ୍ୟା ଅଧିକ ଥିବା ରୁଟ୍‌ରେ ନିର୍ଦ୍ଦିଷ୍ଟ ଗନ୍ତବ୍ୟସ୍ଥଳକୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା ସହଜ ହେବ। ରିୟଲ ଟାଇମ୍ ଡାଟା ମ୍ୟାନେଜମେଣ୍ଟ ଜରିଆରେ ଏହି କାର୍ଯ୍ୟ ସମ୍ପାଦନ ବେଶ୍ ସହଜରେ ହୋଇପାରିବ। ବଡ଼ କଥା ହେଉଛି ନୂଆ ଜ୍ଞାନକୌଳର ଉପଯୋଗ ଦ୍ୱାରା ଟ୍ରେନ୍ ପାଇଁ ପ୍ରତୀକ୍ଷା ସମୟ ଏବଂ ଟ୍ରେନ୍‌ରେ ଭିଡ଼ ହ୍ରାସ ପାଇବ। ରେଳବାଇ ନିଜର ବିଭିନ୍ନ କାର୍ଯ୍ୟରେ ଏଆଇ ଉପଯୋଗ ଉପରେ ଗୁରୁତ୍ୱ ଦେଉଥିବା ବେଳେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ଏହାର ବ୍ୟବହାର ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି।

## ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ରାଜଧାନୀରେ ସହରୀ ବନ୍ୟା ନିୟନ୍ତ୍ରଣ ପାଇଁ ଖର୍ଚ୍ଚ ହେବ ୨୦୦ କୋଟି

**ଭୁବନେଶ୍ୱର, ୪।୭ (ସମିସ):** ପ୍ରବଳ ବର୍ଷା ଯୋଗୁଁ ରାଜ୍ୟର ବହୁ ସହରାଞ୍ଚଳରେ ସହରୀ ବନ୍ୟା ସ୍ଥିତି ସୃଷ୍ଟି ହେଉଛି। ଭୁବନେଶ୍ୱରରେ ଏହି ସ୍ଥିତି ସମ୍ବେଦନଶୀଳପୂର୍ଣ୍ଣ ରହିଛି। ତେଣୁ ବିଏମ୍‌ସି ଅଞ୍ଚଳରେ ସହରାଞ୍ଚଳ ବନ୍ୟା ପରିଚାଳନା ନିମନ୍ତେ ୨୦୦ କୋଟି ଟଙ୍କାର ଏକ ପ୍ରସ୍ତାବ ପ୍ରସ୍ତୁତ କରି ଯଥାଶୀଘ୍ର ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କଟକ, ଭୁବନେଶ୍ୱର ଓ ଅନ୍ୟ ସହରାଞ୍ଚଳରେ ବନ୍ୟା ପରିଚାଳନା ନିମନ୍ତେ ଆଇଆଇଟି ଦିଲ୍ଲୀର ବୈଷୟିକ ସହାୟତାରେ ଏକ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ଘୋଷଣା କରିଛନ୍ତି।

- ସହରାଞ୍ଚଳ ବନ୍ୟା ପରିଚାଳନା ପାଇଁ ଆଇଆଇଟି ଦିଲ୍ଲୀର ନିଆଯିବ ସହଯୋଗ
- ଅଗ୍ନିଶମ ବିଭାଗର ଦକ୍ଷତା ବୃଦ୍ଧି ପାଇଁ ଆଉ ୨୦୦ କୋଟି ଟଙ୍କାର ବ୍ୟବସ୍ଥା
- ଆଉ ୧୦ଟି ୟୁନିଟ୍ ସ୍ଥାପନ ସହ ଓଡ୍ରାଫ୍‌ର ମୋଟ ୩୦ଟି ୟୁନିଟ୍ କରାଯିବ



ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ସମଗ୍ର ଦେଶରେ ଓଡ୍ରାଫ୍ ପ୍ରଥମ ରାଜ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଫୋର୍ସ ଏବଂ ଏହା ସର୍ବ ଭାରତୀୟ ସ୍ତରରେ ଶ୍ରେଷ୍ଠ ପ୍ରତିପାଦିତ ହୋଇଛି। ବର୍ତ୍ତମାନ ଏହା ୨୦ ଟି ୟୁନିଟ୍ ଥିବାବେଳେ ଏହାକୁ ୩୦ ଟି ୟୁନିଟ୍ କରିବା ସହ ଏକ ଉତ୍ସର୍ଗୀକୃତ ଫୋର୍ସ କରିବା ପାଇଁ ଗୃହ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ। ବିପର୍ଯ୍ୟୟ ସହାୟତା ପାଣ୍ଠି (ଏସ୍‌ଡିଆରଏଫ୍)ରୁ ୩୯୪ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଅଗ୍ନିଶମ ବିଭାଗର ଦକ୍ଷତା ବୃଦ୍ଧି କରାଯାଉଛି। ଏଥିପାଇଁ ଆଉ ୨୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯିବ। ବାହାନଗାର ଟ୍ରେନ୍ ଦୁର୍ଘଟଣା ଭଳି ବିଭିନ୍ନ ଆକସ୍ମିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ୫ ଟି ଆଞ୍ଚଳିକ ଅଗ୍ନିଶମ ସେବା ହବ୍ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ବ୍ୟବସ୍ଥା କରାଯିବ। ଏହାସହିତ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରିବେ ଏବଂ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତି କିପରି ହ୍ରାସ କରାଯିବ ସେଥିପ୍ରତି ସମସ୍ତ ବିଭାଗ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି।

ସାରା ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରଭାବ ରହିଛି। ଏବେଠାରୁ ଆସନ୍ତା ଅକ୍ଟୋବର ମାସ ପର୍ଯ୍ୟନ୍ତ ରାଜ୍ୟ ପାଇଁ ପ୍ରଚୁର ବୃଷ୍ଟିପାତ, ବନ୍ୟା, ବାତ୍ୟା ଆଦି ବିପର୍ଯ୍ୟୟର ସମ୍ଭାବନା ରହିଛି। ତେଣୁ ସମ୍ଭାବ୍ୟ ବନ୍ୟା-ବାତ୍ୟା ମୁକାବିଲା ନିମନ୍ତେ ଆଗୁଆ ସତର୍କ ସୂଚନା, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ, ପାନୀୟଜଳ ଯୋଗାଣ, ସ୍ୱାସ୍ଥ୍ୟ ବ୍ୟବସ୍ଥା, ପ୍ରାଣୀ ଚିକିତ୍ସା ଆଦି କ୍ଷେତ୍ରରେ ଉପଯୁକ୍ତ ପଦକ୍ଷେପମାନ ନିଆଯିବାର ଆବଶ୍ୟକତା ରହିଛି। ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ମାନଙ୍କୁ ତ୍ୱରିତ ପଦକ୍ଷେପ ନିମନ୍ତେ ସର୍ବଦା ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟ ବିଭାଗର ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ।

# ଲାଞ୍ଚ ନେବା ବେଳେ ଧରାପଡ଼ିଲେ ଏଆର୍‌ଆଇ

**ପୁରୀ, ୪।୭ (ସମିସ):** ଭିଜିଲାନ୍ସ ଜାଲରେ ଚନ୍ଦନପୁର ସହକାରୀ ରାଜସ୍ୱ ନିରୀକ୍ଷକ (ଏଆର୍‌ଆଇ) ଚନ୍ଦନ କୁମାର କାଣ୍ଡି। ପୁରୀ ଜିଲ୍ଲା ପୁରୀ ତହସିଲ ଅନ୍ତର୍ଗତ ଚନ୍ଦନପୁର ଆର୍‌ଆଇ ଅଫିସରେ କାର୍ଯ୍ୟରତ ଏଆରଆଇ ପବିତ୍ରଙ୍କୁ ଲାଞ୍ଚ ମାଗିବା ଓ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଛି। ଗିରଫ ବେଳେ ତାଙ୍କଠାରୁ ୫୧ ହଜାର ଟଙ୍କା ଜବତ କରାଯାଇଛି। ଚାଷଜମିର କିସମ ପରିବର୍ତ୍ତନ କରି ଘରବାଡ଼ି ପଟ୍ଟା କରାଇଦେବା ପାଇଁ ଚନ୍ଦନପୁର ଅଞ୍ଚଳର ବଦ୍ରି ନାରାୟଣ ହାତୀଙ୍କଠାରୁ ୫୧ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ପୂର୍ବ ଯୋଜନା ଅନୁଯାୟୀ, ସେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀ ତାଙ୍କୁ ମାଡ଼ି ବସିବା ସହ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଥିଲେ। ଭିଜିଲାନ୍ସ ଅଧିକାରୀମାନେ ଏଆର୍‌ଆଇ କାଣ୍ଡିଙ୍କର ୩ଟି ଠିକଣାରେ ଚଢାଉ କରିଛନ୍ତି। ଏ ନେଇ ଶ୍ରୀ କାଣ୍ଡିଙ୍କ ବିରୋଧରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୨/୨୪) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି।

**ଘରବାଡି ପଟ୍ଟା ପାଇଁ ନେଉଥିଲେ ୫୧ ହଜାର ଟଙ୍କା**

# ଜାମିନ ଦେବାକୁ ୮ ହଜାର ଲାଞ୍ଚ ନେଉଥିବାବେଳେ କୁଜଙ୍ଗ ଥାନା ଏସଆଇ ଗିରଫ

**ଜଗତସିଂହପୁର, ୪।୭ (ସମିସ):** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନାର ଏସଆଇ ବିବେକାନନ୍ଦ ସାହୁ ୮ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ଦ୍ୱାରା ଗୁରୁବାର ଗିରଫ ହୋଇଛନ୍ତି। ତାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯିବା ସହିତ ଏକକାଳୀନ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରେ ଚଢଉ କରାଯାଇଛି।



ଘଟଣାରୁ ପ୍ରକାଶ ଯେ, କୁଜଙ୍ଗ ଥାନାର ଏକ ଘରୋଇ ମାମଲାରେ ଏସ.ଆଇ. ଶ୍ରୀ ସାହୁ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଥାନାରୁ ଜାମିନ ଦେବାକୁ ୮ ହଜାର ଟଙ୍କା ଦାବି କରିଥିଲେ। ଏହି ମାମଲାର ଅଭିଯୋଗକାରୀ ବାଧ୍ୟ ହୋଇ ଭିଜିଲାନ୍ସ ନିକଟରେ ଏସଆଇ ଶ୍ରୀ ସାହୁଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇ କଟକ ଭିଜିଲାନ୍ସ କାର୍ଯ୍ୟାଳୟ, ଭିଜିଲାନ୍ସ ପିଏସ୍ କେସନମ୍ବର ୧୭/ ୩-୭-୨୦୨୪ ରେ ମାମଲା ରୁଜୁ କରିଥିଲେ। ପୂର୍ବ ଯୋଜନା ମୁତାବକ ଅଭିଯୋଗକାରୀ ଟଙ୍କା ଦେବାକୁ ଆଜି କୁଜଙ୍ଗ ଥାନାକୁ ଯାଇଥିଲେ। ତାଙ୍କଠାରୁ ୮ ହଜାର ଲାଞ୍ଚ ଟଙ୍କା ନେଇ ଏସଆଇ ଶ୍ରୀ ସାହୁ କୁଜଙ୍ଗ ଥାନାରୁ ଜଗତସିଂହପୁରକୁ ପଳାଇ ଯାଉଥିବା ସମୟରେ ତାଙ୍କୁ ଭିଜିଲାନ୍ସ ପୁଲିସ ଗୋଡାଇ ଗୋଡାଇ ଧରି ତାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଛି। ସାକ୍ଷୀଙ୍କ ଉପସ୍ଥିତିରେ ତାଙ୍କର ପକେଟ ସର୍ଚ୍ଚ କରାଯିବା ସହିତ ତାଙ୍କର ହାତ ଧୋଇବାପରେ ସେଥିରୁ ରାସାୟନିକ ପ୍ରମାଣ ମିଳିଛି। ଦୁର୍ନୀତି ନିବାରଣ ଆଇନ- ୭ ଅନୁସାରେ ତାଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯିବାର ବ୍ୟବସ୍ଥା ହୋଇଛି। ଏଥିସହିତ ତାଙ୍କ ଥାନା କାର୍ଯ୍ୟାଳୟ, ଆବାସିକ କ୍ୱାର୍ଟର୍ସ ଏବଂ ଢେଙ୍କାନାଳ ଜିଲ୍ଲା ଗୋବିନ୍ଦପୁରଠାରେ ଥିବା ତାଙ୍କ ଘର ଉପରେ ଏକକାଳୀନ ଚଢଉ କରାଯାଇଥିବା ସୂଚନା ମିଳିଛି।।

# ବରଗଡ଼-ନୂଆପଡ଼ା ରେଳ ପ୍ରକଳ୍ପ ଆରମ୍ଭ ହେବ କେବେ

**ବରଗଡ଼, ୪।୭ (ସମିସ):** ଦୀର୍ଘ ଚାରି ଦଶନ୍ଧି ଧରି ବିଭିନ୍ନ ଆଳରେ ଅଟକି ରହିଥିବା ବରଗଡ଼-ନୂଆପଡ଼ା ଭାୟା ପଦ୍ମପୁର ରେଳଲାଇନ ଏବେ ଡବଲ ଇଞ୍ଜିନ ସରକାର କେତେ ଗତିରେ ଆଗକୁ ବଢ଼େଇବେ ସେ ନେଇ ସ୍ଥାନୀୟ ଜନସାଧାରଣ ଉତ୍କଣ୍ଠା ପ୍ରକାଶ କରିଛନ୍ତି। ବରଗଡ଼-ନୂଆପଡ଼ା ରେଳପ୍ରକଳ୍ପ ପାଇଁ ଅଶୀ ଦଶକରେ ପଦ୍ମପୁର ଅଞ୍ଚଳର ବରିଷ୍ଠ ନେତା ତଥା ତତ୍କାଳୀନ ସମ୍ବଲପୁର ସାଂସଦ ଡ.କୃପାସିନ୍ଧୁ ଭୋଇ ପ୍ରଥମେ ଦାବି କରିଥିଲେ। ଏହାପରେ ତାଙ୍କର ପୁତ୍ର ସଞ୍ଜୟ ଭୋଇ ୨୦୦୯ ମସିହାରେ ସାଂସଦ ହେବା ପରେ ଲୋକସଭାରେ ଏହି ଦାବିର ପୁନରାବୃତ୍ତି କରିଥିଲେ। ୨୦୧୪ରେ ତତ୍କାଳୀନ ସାଂସଦ ଡ. ପ୍ରଭାସ ସିଂହ ମଧ୍ୟ ବରଗଡ଼-ନୂଆପଡ଼ା ରେଳ ଲାଇନ ପାଇଁ ବହୁବାର ଲୋକସଭାରେ ପ୍ରଶ୍ନ ଉପସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ରେଳବିଭାଗ ପକ୍ଷରୁ ବିଭିନ୍ନ ସମୟରେ ସର୍ଭେ କରାଯାଇ ରିପୋର୍ଟ ମଧ୍ୟ ପ୍ରସ୍ତୁତ କରାଯାଇଛି। ତେବେ ଚାରି ଦଶନ୍ଧି ବିତିଲା ପରେ ମଧ୍ୟ କାହିଁକି ଏହା ଆରମ୍ଭ ହୋଇ ପାରୁ ନାହିଁ ଏହାର ଉତ୍ତର କାହାରି ପାଖରେ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ନିର୍ବାଚନ ପୂର୍ବରୁ ବିଜେଡି ଓ ବିଜେପି ମଧ୍ୟରେ ଏହି ପ୍ରକଳ୍ପକୁ ନେଇ ଆରୋପ ପ୍ରତ୍ୟାରୋପ ଲାଗି ରହିଥିଲା। ବିଜେଡି ଏହା କେନ୍ଦ୍ର ସରକାରଙ୍କ କାମ ଓ ସେମାନେ ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି ବୋଲି କହିଥିବା ବେଳେ ପଦ୍ମପୁର ଉପନିର୍ବାଚନ ସମୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାଜ୍ୟ ସରକାର ଜାଗା ଯୋଗାଇ ଦେଲେ ଗୋଟିଏ ଦିନ ମଧ୍ୟରେ ଏହାର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ପଦ୍ମପୁର ଉପନିର୍ବାଚନରେ ବରଗଡ଼-ନୂଆପଡ଼ା ରେଳଲାଇନ ଏକ ପ୍ରମୁଖ ମୁଦ୍ଦା ହୋଇଥିବା ବେଳେ ଏହି ନିର୍ବାଚନରେ ବିଜେଡିର ବିପୁଳ ବିଜୟ ଘଟିଥିଲା। ଏପରିକି ବରଗଡ଼ ଲୋକସଭା ନିର୍ବାଚନମଣ୍ଡଳୀରେ ୨୦୨୪ ନିର୍ବାଚନରେ ୭ ଗୋଟିରୁ ୬ ଗୋଟି ଆସନ ବିଜେପି ଖାତାକୁ ଯାଇଥିବା ବେଳେ କେବଳ ପଦ୍ମପୁର ଆସନରେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ବିଜୟୀ ହୋଇଥିଲେ। ଅନ୍ୟ ପକ୍ଷରେ ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ଉପନିର୍ବାଚନରେ ପରାସ୍ତ ହୋଇଥିବା ପ୍ରଦୀପ ପୁରୋହିତ ୨୦୨୪ ନିର୍ବାଚନରେ ବିପୁଳ ବିଜୟ ଲାଭ କରି ସଂସଦକୁ ନିର୍ବାଚିତ ହୋଇଛନ୍ତି। ଅନ୍ୟ ପକ୍ଷରେ ଗତ ନିର୍ବାଚନରେ ବରଗଡ଼ ସାଂସଦ ଥିବା ସୁରେଶ ପୂଜାରୀ ଏବେ ବିଧାୟକ ନିର୍ବାଚିତ ହୋଇ ରାଜସ୍ୱ ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେଣୁ ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ବରଗଡ଼ ଲୋକସଭା ନିର୍ବାଚନମଣ୍ଡଳୀର ଦୁଇ ପୁରୁଖା ବିଜେପି ନେତା ସୁରେଶ ପୂଜାରୀ ଓ ପ୍ରଦୀପ ପୁରୋହିତ ପ୍ରତିନିଧିତ୍ୱ କରୁଥିବାରୁ ଏହି ପ୍ରକଳ୍ପ ଖୁବଶୀଘ୍ର ଆରମ୍ଭ ହୋଇଯିବା କଥା। ଗତ ଶନିବାର ଦିନ ବରଗଡ଼ ଠାରେ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ଦଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଏହି ରେଳ ପ୍ରକଳ୍ପ ନେଇ କେହି ମୁହଁ ଖୋଲି ନଥିବାରୁ ଏହା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହାକୁ ନେଇ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ପକ୍ଷରୁ କେଉଁ ଆଭିମୁଖ୍ୟ ଗ୍ରହଣ କରାଯାଉଛି ତା ଉପରେ ସମସ୍ତଙ୍କ ନଜର ରହିଛି।



- ରାଜ୍ୟ ସରକାର ଜମି ଦେବାରେ ଅବହେଳା ଅଭିଯୋଗ କରିଥିଲେ ରେଳମନ୍ତ୍ରୀ
- ଏବେ ପୂର୍ବତନ ବରଗଡ଼ ସାଂସଦ ରାଜ୍ୟରେ ରାଜସ୍ୱ ମନ୍ତ୍ରୀ
- କଂଗ୍ରେସ- ବିଜେଡିର ଆଭିମୁଖ୍ୟକୁ ଜନସାଧାରଣଙ୍କ ନଜର

# ଓଡିଆରେ ପଢ଼ାହେବ ଡାକ୍ତରୀ ପାଠ

**ଭୁବନେଶ୍ୱର, ୪।୭ (ସମିସ):** ଓଡିଆ ଭାଷାରେ ପଢ଼ା ହେବ ଡାକ୍ତରୀ ପାଠ। ଏଥିପାଇଁ ଡାକ୍ତରୀ ପାଠ୍ୟ ପୁସ୍ତକର ଓଡିଆ ଅନୁବାଦ କରାଯିବ। ଏହା ସହିତ ଅନ୍ୟାନ୍ୟ ପ୍ରକ୍ରିୟା ନିର୍ଦ୍ଧାରଣ କରିବା ପାଇଁ ଆଜି ରାଜ୍ୟ ସରକାର ୨୨ ଜଣିଆ କମିଟି ଗଠନ କରିଛନ୍ତି। ଏହି କାମ ପାଇଁ କେତେ ପାଣ୍ଠି ଆବଶ୍ୟକ ଏବଂ କେତେଦିନ ଭିତରେ ଏମ୍‌ବିବିଏସ୍ ପାଠ୍ୟ ପୁସ୍ତକର ଅନୁବାଦ କାର୍ଯ୍ୟ ଶେଷ ହେବ ତାହା ଉକ୍ତ କମିଟି ଧାର୍ଯ୍ୟ କରିବ। ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଓୟୁଏଚ୍‌ଏସ୍)ର କୁଳପତି ପ୍ରଫେସର ମାନସ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଏହି କମିଟି କାର୍ଯ୍ୟ କରିବ। ଏହି କମିଟିରେ ଏମ୍‌ସ ଭୁବନେଶ୍ୱର, ଏସ୍‌ସିବି ମେଡିକାଲ କଲେଜ ସମେତ ବିଭିନ୍ନ ମେଡିକାଲ କଲେଜର ପ୍ରାଧ୍ୟାପକଙ୍କ ସମେତ ଓଡ଼ିଶା ଭାଷା ପ୍ରତିଷ୍ଠାନର କର୍ମକର୍ତ୍ତା ସଦସ୍ୟ ରହିଛନ୍ତି। ଆଗାମୀ ୧୫ ଦିନ ଭିତରେ ଏହି କମିଟି ସ୍ୱାସ୍ଥ୍ୟ ବିଭାଗ ନିକଟରେ ରିପୋର୍ଟ ଦାଖଲ କରିବ।

- ଗଠନ ହେଲା ୨୨ ଜଣିଆ କମିଟି
- ଅନୁବାଦ ପାଇଁ ପାଣ୍ଠି ଓ ସମୟସୀମା ଧାର୍ଯ୍ୟ ପାଇଁ ୧୫ ଦିନ ମହଲତ

ଜାତୀୟ ଶିକ୍ଷା ନୀତି ବିରୋଧରେ ଯାଇ ହିନ୍ଦୀ କିମ୍ବା ଆଞ୍ଚଳିକ ଭାଷାରେ ଡାକ୍ତରୀ ଶିକ୍ଷାଦାନ ହୋଇପାରିବ ନାହିଁ ବୋଲି ୨୦୨୧ ସେପ୍ଟେମ୍ବର ମାସରେ ନ୍ୟାସନାଲ ମେଡିକାଲ କାଉନସିଲ (ଏନ୍‌ଏମ୍‌ସି) ସ୍ୱଷ୍ଟ କରିଥିଲା। ଇଂରାଜୀ ବ୍ୟତୀତ ଅନ୍ୟ କୌଣସି ଭାଷାରେ ଶିକ୍ଷାଦାନ ପାଇଁ ନିୟମରେ ପରିବର୍ତ୍ତନ କରାଯାଇ ପାରିବ ନାହିଁ ବୋଲି ଏନ୍‌ଏମ୍‌ସି କହିଥିଲା। ଡାକ୍ତରୀ ଓ ପାରାମେଡିକାଲ ପାଠ୍ୟକ୍ରମରେ ହିନ୍ଦୀ ଭାଷାର ପ୍ରଚଳନ ପାଇଁ ମଧ୍ୟ ପ୍ରଦେଶ ଏବଂ ଉତ୍ତର ପ୍ରଦେଶ ସରକାର ଘୋଷଣା କରିବା ପରିପ୍ରେକ୍ଷୀରେ ଏନ୍‌ଏମ୍‌ସି ଏହି ସ୍ୱଷ୍ଟିକରଣ ଜାରି କରିଥିଲା। ତେବେ ଚଳିତ ବର୍ଷ ଭୁବନେଶ୍ୱରରେ ଅନୁଷ୍ଠିତ ବିଶ୍ୱ ଓଡିଆ ଭାଷା ସମ୍ମିଳନୀରେ ଆସିଥିବା ପ୍ରସ୍ତାବ ଅନୁସାରେ ଡାକ୍ତରୀ ଶିକ୍ଷା, ବିଜ୍ଞାନ ଓ ବୈଷୟିକ ପାଠ୍ୟକ୍ରମ ଓଡିଆ ଭାଷାରେ ପ୍ରଚଳନ ପାଇଁ ଏକ ନୀତି ନିର୍ଦ୍ଧାରଣ କରିବା ପାଇଁ ପୂର୍ବ ସରକାର ନିଷ୍ପତ୍ତି ନେଇଥିଲେ। ଅଭିଜ୍ଞ ଡାକ୍ତରଙ୍କ କହିବା ଅନୁସାରେ ଇଂରାଜୀ ହେଉଛି ଅନ୍ତର୍ଜାତୀୟ ଭାଷା ଏବଂ ଏହି ଭାଷାରେ ଶିକ୍ଷାଗ୍ରହଣ ଜରୁରୀ। କିନ୍ତୁ ଋଷ, ଚୀନ ଭଳି ରାଷ୍ଟ୍ରରେ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ ହେଉଛି ଏବଂ ସେହି ଭାଷାରେ ପାଠ ପଢ଼ି ବହୁତ ଭଲ ଡାକ୍ତର ବାହାରୁଛନ୍ତି। ତେଣୁ ଓଡିଆ ଭାଷାରେ ଡାକ୍ତରୀ ଶିକ୍ଷାଦାନ ହେଲେ ସମସ୍ୟା କିଛି ନାହିଁ। ଆମ ଭାଷାର ପ୍ରଚାର ପ୍ରସାର ହେବା ସହିତ ଏହା ଅଧିକ ରୁଦ୍ଧିମନ୍ତ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।

### ବିହାରରେ ପୋଲ ଭୁଶୁଡ଼ିବା ନେଇ ଥମୁନି ଚର୍ଚ୍ଚା

# ୧୭ ଦିନରେ ଭୁଶୁଡ଼ିଲାଣି ୧୨ ପୋଲ



**ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର**

**ସବୁ ପୋଲର ସ୍ଥାୟିତ୍ୱକୁ ନେଇ ସମୀକ୍ଷା ଦାବି**



ପାଟନା,୪।୭(ଏଜେନ୍ସି): ବିହାରର ବିଭିନ୍ନ ଜିଲ୍ଲାରେ ପୋଲ ଭୁଶୁଡ଼ିବା ଘଟଣାକୁ ନେଇ ଲାଗି ରହିଥିବା ଚର୍ଚ୍ଚା ବନ୍ଦ ହେବାର ନାଁ ଧରୁ ନାହିଁ। ଗତକାଲି ସିୱାନ୍ ଜିଲ୍ଲାରେ ଦୁଇଟି ପୋଲ ଭୁଶୁଡ଼ି ପଡ଼ିଥିଲା ବେଳେ ଗୁରୁବାର ସରନ୍ ଜିଲ୍ଲାରେ ଆଉ ଏକ ପୋଲ ଭୁଶୁଡ଼ିପଡ଼ିବା ଖବର ସାମ୍ନାକୁ ଆସିଛି। ଏହାକୁ ମିଶାଇ କେବଳ ସରନ ଜିଲ୍ଲାରେ ବିଗତ ଦୁଇ ଦିନ ମଧ୍ୟରେ ତିନୋଟି ପୋଲ ଭୁଶୁଡ଼ିଛି। ଏହାବ୍ୟତୀତ ବିଗତ ୧୭ ଦିନରେ ରାଜ୍ୟର ଅନ୍ୟ ଜିଲ୍ଲାରେ ୧୭ଟି ପୋଲ ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି। ସରନ୍ ଜିଲ୍ଲାରେ ଗଣ୍ଡକି ନଦୀ ଉପରେ ପ୍ରାୟ ୧୫ ବର୍ଷ ତଳେ ନିର୍ମାଣ କରାଯାଇଥିବା ପୋଲଟି ଗୁରୁବାର ଭାରୀ ବର୍ଷା ଯୋଗୁ ଭୁଶୁଡ଼ି ପଡ଼ିଥିଲା। ଏହି ପୋଲଟି ସରନ୍ ଏବଂ ସିୱାନ ଜିଲ୍ଲାକୁ ସଂଯୋଗ କରୁଥିଲା। ତେବେ ତିନି ଦିନ ମଧ୍ୟରେ ଗୋଟିଏ ଜିଲ୍ଲାର ତିନି ପୋଲ ଭୁଶୁଡ଼ି ପଡ଼ିବା ବିଭିନ୍ନ ମହଲରେ ଉଦ୍‌ବେଗ ସୃଷ୍ଟି କରିଛି। ସରନ୍ ଏବଂ ଏହାର ନିକଟବର୍ତ୍ତୀ ସିୱାନ ଜିଲ୍ଲା ବ୍ୟତୀତ ଗତ କିଛି ଦିନ ମଧ୍ୟରେ ଛାପ୍ରା,ମଧୁବଣୀ,ଅରାରିଆ , ପୂର୍ବ ଚମ୍ପାରନ ଏବଂ କିଶନଗଞ୍ଜ ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ ପୋଲ ଭୁଶୁଡ଼ି ପଡ଼ିଛି। ଜୁନ୍ ୧୮ ତାରିଖରେ ଅରାରିଆ,୨୨ରେ ସିୱାନ,୨୩ରେ ପୂର୍ବ ଚମ୍ପାରନ୍, ୨୭ରେ କିଶନଗଞ୍ଜ,୨୮ ରେ ମଧୁବଣୀ,ଜୁଲାଇ ୧ରେ ମୁଜାଫରପୁର,୩ ତାରିଖରେ ସିୱାନରେ ୩ ଏବଂ ସରନ୍‌ରେ ୨ ଏବଂ ଜୁଲାଇ ୪ ତାରିଖରେ ସରନ୍ ଜିଲ୍ଲାରେ ଆଉ ଏକ ପୋଲ ଭୁଶୁଡ଼ି ପଡ଼ିଥିଲା। କେବଳ ଜୁନ୍ ୨୭ ରୁ ୩୦ ମଧ୍ୟରେ କିଶନଗଞ୍ଜ ଜିଲ୍ଲାରେ ଲଗାତରଭାବେ ଦୁଇଟି ପୋଲ ଭୁଶୁଡ଼ି ପଡ଼ିଥିଲା। ବିଭିନ୍ନ ସ୍ଥାନରେ ଏଭଳି ୧୨ଟି ପୋଲ ଭୁଶୁଡ଼ି ପଡ଼ିଥିଲା ବେଳେ ଅନ୍ୟ କେତେକ ସ୍ଥାନରେ ବହୁ ପୋଲ ଦୋଦୁଲ୍ୟମାନ ସ୍ଥିତିରେ ରହିଥିବାରୁ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏକ ଉଚ୍ଚ ସ୍ତରୀୟ ବୈଠକରେ ରାଜ୍ୟର ସବୁ ପୋଲକୁ ନେଇ ଏକ ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଥିଲା ବେଳେ ଯେଉଁ ପୋଲଗୁଡ଼ିକରୁ ତୁରନ୍ତ ମରାମତି କରାଯିବା ଆବଶ୍ୟକ ରହିଛି ତାହାର କାର୍ଯ୍ୟ ଶେଷ କରିବାକୁ କହିଛନ୍ତି। ଏହାବ୍ୟତୀତ ରାଜ୍ୟରେ ସଡ଼କ ଏବଂ ପୋଲ ମରାମତି ପାଇଁ ଏକ ଉନ୍ନତ ନୀତି ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ପୋଲ ଭୁଶୁଡ଼ିବା ଘଟଣାକୁ ନେଇ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟ ତୁରନ୍ତ ଏହି ଆବେଦନର ଶୁଣାଣି କରି ରାଜ୍ୟର ସମସ୍ତ ପୋଲଗୁଡ଼ିକର ନିର୍ମାଣଭିତ୍ତିକ ଶୈଳୀର ଅଡିଟ୍ ଏବଂ ଏକ ବିଶେଷଜ୍ଞ କମିଟି ଦ୍ୱାରା ସ୍ଥିତି ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଦାବି କରାଯାଇଛି।

### ଲୋକସଭା ନିର୍ବାଚନରେ ମିଳିଲାନି ସଫଳତା

## ମନ୍ତ୍ରୀ ପଦରୁ ଇସ୍ତଫା ଦେଲେ କିରୋଡ଼ି ଲାଲ

ଜୟପୁର,୪।୭(ଏଜେନ୍ସି): ରାଜସ୍ଥାନ ବିଜେପି ନେତା କିରୋଡ଼ି ଲାଲ ମିନା ଗୁରୁବାର କ୍ୟାବିନେଟ୍ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଗତ ଲୋକସଭା ନିର୍ବାଚନରେ ରାଜସ୍ଥାନ ଫଳାଫଳକୁ ନେଇ ସେ ଯାହା କହିଥିଲେ ତାହା ପୂରଣ ହୋଇ ନଥିବାରୁ ତାଙ୍କ କଥା ରକ୍ଷା ସ୍ୱରୂପ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ରାଜସ୍ଥାନର ମୋଟ ୨୫ଟି ସଂସଦୀୟ ଆସନ ମଧ୍ୟରୁ ୭ ଆସନ ପାଇଁ ଦାୟିତ୍ୱ ନେଇଥିଲେ କିରୋଡ଼ି ଲାଲ। ଏହି ସମସ୍ତ ୭ ଆସନରେ ବିଜେପିର ବିଜୟ ହେବ ବୋଲି ସେ କହିଥିଲେ। ନଚେତ ସେ ତାଙ୍କ ପଦରୁ ଇସ୍ତଫା ଦେବେ ବୋଲି ବାଜି ଲଗାଇଥିଲେ। କିନ୍ତୁ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଅନେକ ଆସନରେ ଦଳ ପରାଜିତ ହେବା ସହିତ ତାଙ୍କର ନିକଟତମ ଦାଉସା ଆସନ ମଧ୍ୟ ବିଜେପି ହାତରୁ ଯାଇଥିଲା। ନିଜର କଥା ରଖିବାକୁ ୭୧ ବର୍ଷୀୟ କିରୋଡ଼ି ଲାଲ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି।

### ଏସ୍‌ସିଓରେ ଜୟଶଙ୍କର-ୱାଙ୍ଗ୍ ଆଲୋଚନା

## ସୀମାରେ ଶାନ୍ତି, ସହଯୋଗ ବୃଦ୍ଧି ପାଇଁ ସହମତି

ଆସ୍ତାନା (କାଜାକସ୍ଥାନ) ୪।୭(ଏଜନ୍ସି): କାଜାକସ୍ଥାନ ପକ୍ଷରୁ ଜୁଲାଇ ୩ ଓ ୪ରେ ଆୟୋଜିତ ସାଂଘାଇ କୋପରେସନ୍ ଅର୍ଗାନାଇଜେସନ୍ (ଏସସିଓ) ଶୀର୍ଷ ସମ୍ମିଳନୀରେ ଭାରତୀୟ ପ୍ରତିନିଧି ଦଳ ଯୋଗଦେଇଛନ୍ତି ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଭାରତୀୟ ପ୍ରତିନିଧି ଦଳକୁ ନେତୃତ୍ୱ ଦେଇଛନ୍ତି। ଆସ୍ତାନରେ ଏହି ଅବସରରେ ଜୟଶଙ୍କର ସିପିସି ପଲିଟବ୍ୟୁରୋ ମେମ୍ବର ତଥା ଚୀନ ବିଦେଶ ମନ୍ତ୍ରୀ ୱାଙ୍ଗ ୟିଙ୍କୁ ଭେଟିଛନ୍ତି। ଉଭୟ ବିଦେଶ ମନ୍ତ୍ରୀ ଭାରତ-ଚୀନ ସୀମା ବିବାଦ ମିଲିଟାରୀ ସ୍ତରୀୟ ଆଲୋଚନା ଓ କୂଟନୈତିକ ସ୍ତରରେ ଯଥା ଶୀଘ୍ର ତୁଟାଇବାକୁ ଏକମତ ହୋଇଛନ୍ତି। ପ୍ରକୃତ ନିୟନ୍ତ୍ରଣ ରେଖାକୁ ସମ୍ମାନ ଦିଆଯିବା ଓ ସୀମାରେ ଶାନ୍ତି ବଜାୟ ରଖାଯିବା ଏକାନ୍ତ ଜରୁରୀ ବୋଲି ଜୟଶଙ୍କର ତାଙ୍କ ଚୀନ ପ୍ରତିପକ୍ଷଙ୍କୁ ଜଣାଇଛନ୍ତି। କାଜାକସ୍ଥାନ ଏସ୍‌ସିଓ ସମ୍ମିଳନୀରେ ଜୟଶଙ୍କର ଏସ୍‌ସିଓ ସଦସ୍ୟ ଦେଶଙ୍କ ସହ ଦ୍ୱିପାକ୍ଷିତ ରଣନୈତିକ ଭାଗିଦାରୀକୁ କିପରି ଅଧିକ ପ୍ରସାରିତ କରାଯିବ ସେ ନେଇ ବିଚାରବିମର୍ଶ କରିଛନ୍ତି। ଏସସିଓ'ର ୯ ସଦସ୍ୟ ଦେଶ ହେଲେ ଭାରତ, ଚୀନ, ରୁଷ୍, ଇରାନ, ପାକିସ୍ତାନ, କାଜାକସ୍ଥାନ, ତାଜିକିସ୍ଥାନ, ଉଜବେକିସ୍ଥାନ ଓ କିରଗିଜସ୍ଥାନ।



ଏସ୍‌ସିଓ ଶୀର୍ଷ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବା କାର୍ଯ୍ୟକ୍ରମ ଥିଲା। କିନ୍ତୁ ବିଭିନ୍ନ ବ୍ୟସ୍ତତା କାରଣରୁ ସେ ଆସ୍ତାନା ନଯାଇପାରି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ନେତୃତ୍ୱରେ ଏକ ଭାରତୀୟ ପ୍ରତିନିଧି ଦଳକୁ କାଜାକସ୍ଥାନ ପଠାଇଛନ୍ତି।

### ୨୦୨୪ ସାଧାରଣ ନିର୍ବାଚନ ପାଇଁ ବ୍ରିଟେନରେ ମତଦାନ

## କ୍ଷମତାରୁ ବିଦାହେବେ ଋଷି ସୁନକ !



ଲଣ୍ଡନ,୪।୭(ଏଜେନ୍ସି): ୨୦୨୪ ସାଧାରଣ ନିର୍ବାଚନ ପାଇଁ ବ୍ରିଟେନରେ ଗୁରୁବାର ମତଦାନ ହୋଇଛି। ସ୍ଥାନୀୟ ସମୟ ସକାଳ ୭ଟାରୁ ରାତି ୧୦ ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା ବେଳେ ପ୍ରାୟ ସମସ୍ତ ସ୍ଥାନରେ ମତଦାନକୁ ନେଇ ଉତ୍ସାହ ଲାଗି ରହିଥିବା ଦେଖାଯାଇଛି। ଏଠାକାର ୪୬ ନିୟୁତ ଭୋଟର ୬୫୦ ସାଂସଦଙ୍କୁ ନିର୍ବାଚିତ କରିବେ। ସରକାର ଗଠନ ଲାଗି କୌଣସି ଦଳକୁ ସଂଖ୍ୟା ଗରିଷ୍ଠତା ହାସଲ କରିବାକୁ ହେଲେ ୩୨୬ ଆସନରେ ବିଜୟୀ ହେବାକୁ ପଡ଼ିବ। ତେବେ ଏହି ନିର୍ବାଚନରେ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ କନଜରଭେଟିଭ୍ ପାର୍ଟି ପରାଜିତ ହେବ ବୋଲି କୁହାଯାଉଛି। ପ୍ରାୟ ୧୪ ବର୍ଷର କନଜରଭେଟିଭ୍ ପାର୍ଟି ସରକାରକୁ ପରାଜିତ କରି ଏଥର ଲେବର ପାର୍ଟି ବିଜୟୀ ହୋଇ ସରକାର ଗଠନ କରିବ ବୋଲି ଏକପ୍ରକାର ନିଶ୍ଚିତ ହୋଇଥିବା କୁହାଯାଇଛି। ଫଳରେ ଋଷି ସୁନକ କ୍ଷମତାରୁ ବିଦା ହେବା ସହିତ ଲେବର ପାର୍ଟି ନେତା କେର୍ ଷ୍ଟାର୍ମରଙ୍କ ହାତକୁ ଯିବ। ଏହି ନିର୍ବାଚନରେ ବିଜୟୀ ହେବାକୁ ଋଷି ସୁନକ ପରିଶ୍ରମ କରିବା ସହିତ ଦୃଢ ରଣନୀତି ଗ୍ରହଣ କରିଥିଲେ। ଏହାସତ୍ତ୍ୱେ ବିଭିନ୍ନ ସ୍ଥାନରେ ତାଙ୍କ ପ୍ରାର୍ଥୀମାନେ ବିରୋଧୀ ଲେବର ପାର୍ଟି ପ୍ରାର୍ଥୀଙ୍କ ଠାରୁ ପରାଜିତ ହେବାକୁ ଯାଉଥିବା କୁହାଯାଇଛି। ୨୦୧୦ରେ ଲେବର ପାର୍ଟି ନେତା ଗୋର୍ଡନ ବ୍ରାଉନ ପ୍ରଧାନମନ୍ତ୍ରୀ ଭାବେ ପଦ ଛାଡିବା ପରେ ଏହାପରେ କନଜରଭେଟିଭ୍ ପାର୍ଟି କ୍ଷମତାରେ ରହିଆସିଥିଲା।

### ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ

## ସୁପ୍ରିମ୍‌କୋର୍ଟ ଗଲେ ପୀଡ଼ିତା

ନୂଆଦିଲ୍ଲୀ,୪।୭(ଏଜେନ୍ସି): ପଶ୍ଚିମବଙ୍ଗ ରାଜଭବନର ଜଣେ ମହିଳା କର୍ମଚାରୀଙ୍କ ଅଭିଯୋଗ ହେଲା, ରାଜ୍ୟପାଳ ସିଭି ଆନନ୍ଦ ବୋଷ ତାଙ୍କୁ ଭଲ ଚାକିରି କରାଇଦେବା ବାହାନାରେ ଗତ ଏପ୍ରିଲ ୨୪ରେ ଥରେ ଓ ମେ ୨ ତାରିଖରେ ପୁଣି ଥରେ ଡ଼ାକି ଯୌନ ନିର୍ଯାତନା ଦେଇଛନ୍ତି। ଆଜି ସେ ମହିଳା ସୁପ୍ରିମ୍‌କୋର୍ଟରେ ଏକ ପିଟିସନ୍ ଦାଖଲ କରି ସମ୍ବିଧାନର ଧାରା ୩୬୧କୁ ଚ୍ୟାଲେଞ୍ଜ୍ କରିଛନ୍ତି। ଧାରା ୩୬୧ ରାଜ୍ୟପାଳଙ୍କୁ ଅପରାଧିକ ମାମଲାରୁ ପ୍ରତିରକ୍ଷଣ ବା ଇମ୍ୟୁନିଟି ଦେଇଥାଏ। ଅର୍ଥାତ,ଜଣେ ବ୍ୟକ୍ତି ରାଜ୍ୟପାଳ ପଦବୀରେ ଥିଲେ ତାଙ୍କ ବିରୋଧରେ କୌଣସି କ୍ରିମିନାଲ କେସ୍ ହେଇପାରିବ ନାହିଁ। ସେ ରାଜ୍ୟପାଳ ପଦବୀ ଛାଡ଼ିବା ପରେ ହିଁ ତାଙ୍କ ବିରୋଧରେ ଅଭିଯୋଗ କରାଯାଇପାରିବ। ପିଟିସନର୍ ଦର୍ଶାଇଛନ୍ତି, ରାଜ୍ୟପାଳଙ୍କୁ ମିଳୁଥିବା ଇମ୍ୟୁନିଟି ସକାଶେ ନ୍ୟାୟ ପାଇଁ ତାଙ୍କୁ ଦୀର୍ଘ ପ୍ରତୀକ୍ଷା କରିବାକୁ ପଡ଼ିବ। ପଶ୍ଚିମବଙ୍ଗ ପୁଲିସକୁ ତାଙ୍କ ଅଭିଯୋଗର ତଦନ୍ତ କରିବାକୁ ଉଚ୍ଚତମ ନ୍ୟାୟାଳୟ ଆଦେଶ ଦିଅନ୍ତୁ ଓ ରାଜ୍ୟପାଳଙ୍କ ଇମ୍ୟୁନିଟି ନେଇ ଦିଶାନିର୍ଦ୍ଦେଶ ଆଣନ୍ତୁ ବୋଲି ମହିଳା ଜଣକ ତାଙ୍କ ପିଟିସନ୍‌ରେ ନିବେଦନ କରିଛନ୍ତି।

### ସାଂସଦ ଶପଥ ନେବାର ନିୟମ ପରିବର୍ତ୍ତନ କଲେ ବାଚସ୍ପତି

## ଶପଥ ବେଳେ ସ୍ଲୋଗାନ ଦେଇପାରିବେନି ସାଂସଦ

ନୂଆଦିଲ୍ଲୀ,୪।୭(ଏଜେନ୍ସି): ସଂସଦରେ ନିର୍ବାଚିତ ସାଂସଦମାନେ ଶପଥ ଗ୍ରହଣ କରିବା ନେଇ ଯେଉଁ ନିୟମାବଳୀ ରହିଛି ସେଥିରେ ବାଚସ୍ପତି ଓମ୍ ବିର୍ଲା ପରିବର୍ତ୍ତନ ଆଣିବା ସହିତ କଡା ନିୟମ ଲାଗୁ କରିଛନ୍ତି। କିଛି ସାଂସଦ ଲୋକସଭା ସଦସ୍ୟ ଭାବରେ ଶପଥ ନେବା ସମୟରେ ଦେଇଥିବା ସ୍ଲୋଗାନକୁ ନେଇ ବାଚସ୍ପତି ଏଭଳି ନିଷ୍ପତ୍ତି ନେଇଛନ୍ତି। ବାଚସ୍ପତି ଓମ ବିର୍ଲା ପ୍ରଚଳିତ ନିୟମଧାରାରେ ଏକ ନୂତନ ଧାରା ଯୋଡିବାକୁ ନିର୍ଦ୍ଦେଶ ଦେଇଥିଲା ବେଳେ ଜଣେ ନିର୍ବାଚିତ ସାଂସଦ ଶପଥ ନେବା ସମୟରେ କୌଣସି ଅସଂସଦୀୟ ଶବ୍ଦ କିମ୍ବା ଅଭିବ୍ୟକ୍ତିକୁ ଉପସର୍ଗ କିମ୍ବା ପ୍ରତ୍ୟୟ ଭାବରେ ଗୃହ ମଧ୍ୟରେ ବ୍ୟବହାର କରିପାରିବେ ନାହିଁ ବୋଲି ଏଥିରେ ଉଲ୍ଲେଖ ରହିଛି। ଗୃହ ପରିଚାଳନା ଏବଂ କାର୍ଯ୍ୟକାରିତା ସମ୍ପର୍କିତ କେତେକ ବିଷୟକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏହି ସଂଶୋଧନ କରାଯାଇଛି। ପ୍ରଚଳିତ ନିୟମର ଧାରା (୨) ପରେ ଏକ ନୂତନ ଧାରା (୩) ଅନ୍ତର୍ଭୁକ୍ତ କରାଯାଇଛି । ଏହା ଧାରା ଅନୁଯାୟୀ ଗୃହର ସଦସ୍ୟମାନେ ଶପଥ ନେବା ସମୟରେ କୌଣସି ଅସଂସଦୀୟ ଶବ୍ଦ କିମ୍ବା ସ୍ଲୋଗାନ ବ୍ୟବହାର କରିପାରିବେ ନାହିଁ। ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ତଳେ ନବ ନିର୍ବାଚିତ ସାଂସଦମାନେ ଲୋକସଭାରେ ଶପଥ ନେବା ସମୟରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। କେହି କେହି 'ଜୟ ସମ୍ବିଧାନ' ଏବଂ 'ଜୟ ହିନ୍ଦୁ ରାଷ୍ଟ୍ର' କହିଥିଲା ବେଳେ ଏଆଇଏମଆଇଏମ ସାଂସଦ ଆସାଦୁଦ୍ଦିନ ଓୱେସୀ 'ଜୟ ପାଲେଷ୍ଟାଇନ'ର ସ୍ଲୋଗାନ ମଧ୍ୟ ଦେଇଥିଲେ।

### ଅଭିନେତ୍ରୀ ସ୍ମୃତି ବିଶ୍ୱାସଙ୍କ ପରଲୋକ



ମୁମ୍ବାଇ, ୪।୭ (ଏଜେନ୍ସି): ଅଭିନେତ୍ରୀ ସ୍ମୃତି ବିଶ୍ୱାସ ପରଲୋକ ହୋଇଛି। ସେ ବୁଧବାର ବିଳମ୍ବିତ ରାତିରେ ଶହେ ବର୍ଷ ବୟସରେ ନିଜ ନାସିକ ସ୍ଥିତ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଏକ ୧ ବିଏଚ୍‌କେ ଫ୍ଲାଟରେ ଭଡ଼ାରେ ରହୁଥିଲେ। ସେ ଶିଶୁ କଳାକାର ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ଅନେକ ହିନ୍ଦୀ, ବଙ୍ଗାଳୀ ଏବଂ ମରାଠୀ ଚଳଚ୍ଚିତ୍ରରେ ସ୍ମୃତି ଅଭିନୟ କରିଥିଲେ। ସେ କିଶୋର କୁମାର, ବଲରାଜ ସାହନି, ଗୁରୁ ଦତ୍ତ, ଭି ଶାନ୍ତାରାମ, ମୃଣାଳ ସେନ, ବିମଲ ରାୟ, ବିଆର ଚୋପ୍ରା, ଦେବ ଆନନ୍ଦ ଏବଂ ରାଜ କପୁରଙ୍କ ସହ ଅଭିନୟ କରିଥିଲେ। ସେ ବଙ୍ଗଳା ଫିଲ୍ମ ସନ୍ଧ୍ୟା (୧୯୩୦)ରୁ ବିଲଉଡରେ କ୍ୟାରିୟର ଆରମ୍ଭ କରିଥିଲେ। ବାପ ରେ ବାପ, ଦିଲ୍ଲୀ କି ଠଗ, ଭଗମ-ଭାଗ, ନେକ ଦିଲ ଏବଂ ଅପରାଜିତା ଭଳି ଫିଲ୍ମ କରିଥିଲେ। ମଡର୍ଣ୍ଣ ଗର୍ଲ (୧୯୬୦) ତାଙ୍କର ଶେଷ ହିନ୍ଦୀ ଚଳଚ୍ଚିତ୍ର ଥିଲା।

### ସାଂସଦ ଇଂ. ରସିଦଙ୍କୁ ଇସି ନୋଟିସ

ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ଜମ୍ମୁ-କାଶ୍ମୀର ବାରାମୂଲାର ନବ ନିର୍ବାଚିତ ସାଂସଦ ଶେଖ୍ ଅବଦୁଲ ରାସିଦ ଓରଫ ଇଞ୍ଜିନିୟର ରାସିଦଙ୍କୁ ନିର୍ବାଚନ କମିଶନ (ଇସି) ନୋଟିସ ଜାରି କରିଛନ୍ତି। ନିର୍ବାଚନୀ ଖର୍ଚ୍ଚରେ ହେରଫେରକୁ ନେଇ କମିଶନ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏବେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ରାସିଦ ତିହାର ଜେଲ୍‌ରେ ଅଛନ୍ତି। ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନଆଇଏ) ୨୦୧୯ ରେ ତାଙ୍କୁ ଗିରଫ କରିଥିଲା। ସେ ନିଜ ନିର୍ବାଚନ ଖର୍ଚ୍ଚ ରେଜିଷ୍ଟରରେ ୨ ଲକ୍ଷ ୧୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଲେଖିଥିଲେ। ମାତ୍ର ପର୍ଯ୍ୟବେକ୍ଷକ କହିଛନ୍ତି ଯେ ସେ ଛାୟା ରେଜିଷ୍ଟରରେ ନିର୍ବାଚନରେ ୧୩ ଲକ୍ଷ ୭୮ ହଜାର ଟଙ୍କା ଖର୍ଚ୍ଚ କରିଥିବା ଉଲ୍ଲେଖ କରିଥିଲେ।

### ମସ୍ତିଷ୍କ ଖାଉଥିବା ଆମିବାରେ ନାବାଳିକା ମୃତ

ତିରୁଅନନ୍ତପୁରମ, ୪।୭ (ଏଜେନ୍ସି): ମସ୍ତିଷ୍କ ଖାଉଥିବା ଆମିବା (ଆମିବିକ ମେନିଙ୍ଗୋଏନ୍ସେଫାଲାଇଟିସ)ରେ ସଂକ୍ରମିତ ହୋଇ କେରଳ କୋଝିକୋଡ଼ର ୧୪ ବର୍ଷୀୟ ମୃଦୁଳ ବୁଧବାର ରାତିରେ ପ୍ରାଣ ହରାଇଛନ୍ତି। ଏକ ଘରୋଇ ଡାକ୍ତରଖାନାରେ ତାଙ୍କ ଚିକିତ୍ସା ଚାଲିଥିଲା। ଅପରିଷ୍କାର ପାଣିରେ ଏହି ଆମିବା ରହିଥାନ୍ତି। ସେ ଏକ ପୋଖରୀକୁ ଗାଧୋଇ ଯାଇଥିବାବେଳେ ଏମିବା ସଂକ୍ରମଣର ଶିକାର ହୋଇଥିଲେ। ନାକ ବାଟେ ଆମିବା ତାଙ୍କ ଶରୀରକୁ ପ୍ରବେଶ କରିଥିଲା। କେରଳରେ ଏହି ସଂକ୍ରମଣରେ ଗତ ତିନି ମାସରେ ତିନି ଜଣଙ୍କ ମୃତ୍ୟୁ ହେଲାଣି।

### ଇସ୍ରାଏଲ୍ ଉପରେ ୨୦୦ ରକେଟ୍ ମାଡ଼

ତେଲଆଭିଭ, ୪।୭ (ଏଜେନ୍ସି): ଇରାନ ସମର୍ଥିତ ହିଜବୁଲ୍ଲାହ ଇସ୍ରାଏଲ ଉପରେ ସବୁଠାରୁ ବଡ଼ ଆକ୍ରମଣ କରିଛି। ଏହି ଇହୁଦୀ ଦେଶର ସେନା ଘାଟୀକୁ ନିଶାଣ କରି ଆତଙ୍କବାଦୀ ସଂଗଠନ ଗୁରୁବାର ୨୦୦ରୁ ଅଧିକ ରକେଟ ମାଡ଼ କରିଛି। ଏହା ବ୍ୟତୀତ ୨୦ ଡ୍ରୋନ ମାଧ୍ୟମରେ ମଧ୍ୟ ଆକ୍ରମଣ କରାଯାଇଛି। ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି ଯେ କିଛି କ୍ଷେପଣାସ୍ତ୍ର ଲେବାନନ ଦେଇ ଦେଶରେ ପଡ଼ିଛି। ଅଧିକାଂଶକୁ ଧ୍ୱଂସ କରିଦିଆଯାଇଛି। ଏ ପର୍ଯ୍ୟନ୍ତ କ୍ଷୟକ୍ଷତିର କୌଣସି ସୂଚନା ମିଳିନାହିଁ। ପ୍ରମୁଖ କମାଣ୍ଡରର ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ହିଜବୁଲ୍ଲା ଏହି ଆକ୍ରମଣ କରିଥିବା ଜଣାପଡ଼ିଛି।

■ ୫୬ ଛାତ୍ର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ

### ନିଟ୍ ପରୀକ୍ଷା ବାତିଲ ନ କରିବାକୁ ଦାବି

ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଗୁଜରାଟ ୫୬ ଛାତ୍ର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏମାନେ ପରୀକ୍ଷା ବାତିଲ ଉପରେ କଟକଣା ଦାବି କରି ଆବେଦନ ଦାଏର କରିଛନ୍ତି। ଏହି ଛାତ୍ରଙ୍କ ମଧ୍ୟରେ ୧ ନଂ ର୍ୟାଙ୍କ ପାଇଥିବା ଟପ୍ପର ମଧ୍ୟ ସାମିଲ ଅଛନ୍ତି। ପରୀକ୍ଷା ବାତିଲ ନ କରିବା ପାଇଁ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିକୁ ନିର୍ଦ୍ଦେଶ ଦେବା ନିମନ୍ତେ ଛାତ୍ର ଦାବି କରିଛନ୍ତି। ଏହା ଦ୍ୱାରା ପ୍ରାୟ ୨୪ ଲକ୍ଷ ଛାତ୍ରଛାତ୍ରୀଙ୍କ କ୍ଷତି ହେବ। ପୁଣିଥରେ ପରୀକ୍ଷା ପାଇଁ ଅନୁମତି ଦେବା ସଚ୍ଚୋଟ ଛାତ୍ରଛାତ୍ରୀଙ୍କ ଲାଗି ଭୁଲ୍ ସାବ୍ୟସ୍ତ ହେବ। ଏହା ଧାରା ୧୪ ଏବଂ ୨୧ଏରେ ତାଙ୍କ ମିଳିଥିବା ମୌଳିକ ଅଧିକାରର ଉଲ୍ଲଙ୍ଘନ କରୁଛି। ତେଣୁ ବର୍ତ୍ତମାନର ଫଳାଫଳ ଆଧାରରେ ମେଡିକାଲରେ ନାମଲେଖା ପ୍ରକ୍ରିୟା ଜାରି ରଖିବାକୁ କହିଛନ୍ତି। ଏହା ସହିତ ମାମଲାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ କୋର୍ଟ ଶିକ୍ଷା ମନ୍ତ୍ରାଳୟକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନରେ ଦାବି କରାଯାଇଛି।

### ପ୍ରଶ୍ନପତ୍ର ପ୍ରଘଟ ମାଫିଆଙ୍କ ଘରେ ଲାଗୁଥିଲା ବାବାଙ୍କ ଦର୍‌ବାର୍

# ଭୋଲେ ବାବାଙ୍କୁ ସୁରକ୍ଷା ଦେଉଛନ୍ତି ସରକାର !

ଲକ୍ଷ୍ନୌ, ୪।୭ (ଏଜେନ୍ସି): ହାଥରସ ସତ୍‌ସଂଗ ଅଘଟଣ ସାରା ଦେଶରେ ଚର୍ଚ୍ଚାରେ ରହିଛି। ଏହି ଦୁର୍ଘଟଣାରେ ୧୨୨ ଜଣଙ୍କ ମୃତ୍ୟୁ ଏବଂ ଶତାଧିକ ଆହତ ହୋଇଥିବା ସତ୍ତ୍ୱେ ମୁଖ୍ୟ ଆୟୋଜନକାରୀ ଏବଂ ବକ୍ତା ନାରାୟଣ ସାକାର ହରି ଓରଫ ଭୋଲେ ବାବାଙ୍କୁ ଗିରଫ କରାଯାଇ ନାହିଁ। ଏହାକୁ ନେଇ ବିଭିନ୍ନ ମହଲରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି। ସରକାର ଭୋଲେ ବାବାଙ୍କୁ କାହିଁକି ସୁରକ୍ଷା ଦେଉଛନ୍ତି ବୋଲି ପ୍ରଶ୍ନ ଉଠୁଛି। ସୂଚନା ଅନୁଯାୟୀ ରାଜନୈତିକ ସମ୍ପର୍କ ଏବଂ ଜନତାଙ୍କ ମଧ୍ୟରେ ଥିବା ଦବଦବା ଯୋଗୁଁ ପ୍ରଶାସନ ଏବଂ ପୁଲିସ ତାଙ୍କୁ ହାତ ମାରିପାରୁ ନାହିଁ। ପଶ୍ଚିମ ଉତ୍ତର ପ୍ରଦେଶ (ୟୁପି)ର ୨୬ ଜିଲ୍ଲାର ଦଳିତ ଏବଂ ଓବିସିଙ୍କ ଉପରେ ବାବାଙ୍କ ପ୍ରଭାବ ରହିଛି। ଏହି ସବୁ ଜିଲ୍ଲାର ୨୨ ପ୍ରତିଶତ ଦଳିତ ଏବଂ ୧୭ ପ୍ରତିଶତ ଓବିସି (ଜାଟ୍‌ଙ୍କୁ ଛାଡ଼ି) ଅଛନ୍ତି। ଏମାନେ ନାରାୟଣ ସାକାରଙ୍କ ଅନୁଗାମୀ। ୟୁପିର ୫୦ ଲକ୍ଷରୁ ଅଧିକ ଦଳିତ ସିଧାସଳଖ ଭାବେ ସାକାରଙ୍କ ଆଶ୍ରମ ସହ ଜଡ଼ିତ ଅଛନ୍ତି। ଅନୁଗାମୀଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ଅଧିକ ରହିଛି। ଏହି କ୍ଷେତ୍ରରେ ୨୭ ଲୋକସଭା ଏବଂ ୧୩୭ ବିଧାନସଭା ଆସନ ରହିଛି। ଏଥିଯୋଗୁଁ ଦୁର୍ଘଟଣା ପରେ ପ୍ରତ୍ୟେକ ରାଜନୈତିକ ଦଳ ଭୋଲେ ବାବାଙ୍କ ନାମ ନେବାରୁ ଦୂରେଇ ରହୁଛନ୍ତି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଏହାକୁ ନେଇ ପ୍ରଶାସନକୁ ଦୋଷ ଲଦିଛନ୍ତି। ଏହା ମଧ୍ୟରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଶୁକ୍ରବାର ହାଥରସ ଗସ୍ତରେ ଆସୁଛନ୍ତି। ସେ ପୀଡ଼ିତ ଏବଂ ମୃତକଙ୍କ ପରିବାର ସଦସ୍ୟଙ୍କୁ ଭେଟିପାରନ୍ତି।

ପୁଲିସ ଏତଲାରେ ମଧ୍ୟ ବାବାଙ୍କୁ ସୁରକ୍ଷା ଦେଇଛି। ଏଥିରେ ଲେଖାଯାଇଛି ଯେ କାର୍ଯ୍ୟକ୍ରମରେ ୮୦ ହଜାର ଲୋକ ସାମିଲ ହେବେ ବୋଲି ଆୟୋଜନକାରୀ

**ପଶ୍ଚିମ ୟୁପିର ୨୨% ଦଳିତଙ୍କ ଉପରେ ରହିଛି ଦବଦବା**

**ଭୋଟ ବ୍ୟାଙ୍କ ପାଇଁ କୌଣସି ଦଳ ନାମ ନେଉନାହାନ୍ତି**



ଦେବ ପ୍ରକାଶ ମଧୁକର କହିଥିଲେ। କିନ୍ତୁ ସର୍ତ୍ତ ଉଲ୍ଲଙ୍ଘନ କରି ପ୍ରାୟ ଅଢ଼େଇ ଲୋକ ସାମିଲ ହୋଇଥିଲେ। ଏହି ଏତଲାରେ ବାବାଙ୍କ ନାମ ମଧ୍ୟ ସାମିଲ କରାଯାଇ ନ ଥିଲା। ସେହିପରି ବାବା ଲୋକଙ୍କଠାରୁ ଦାନ ନେଉ ନ ଥିବା କୁହାଯାଉଛି। ମାତ୍ର ତାଙ୍କ ପାଖରେ ଶହେ କୋଟିରୁ ଅଧିକ ଟଙ୍କାର ଆଶ୍ରମ ଏବଂ ଜମି ରହିଛି। ୨୫ରୁ ୩୦ ବିଳାଶପୂର୍ଣ୍ଣ କାର୍ ମଧ୍ୟ ଅଛି। ସେ ୧୫ଟି ଗାଡ଼ି ଧରି ହାଥରସରେ ପହଞ୍ଚି ଥିଲେ।

ଅନ୍ୟପକ୍ଷରେ ନିଜକୁ ଭଗବାନଙ୍କ ଅବତାର କହୁଥିବା ନାରାୟଣ ସାକାର ହରିଙ୍କ ରାଜସ୍ଥାନ ଲିଙ୍କ୍ ସାମ୍ନାକୁ ଆସିଛି। ଦୌସାର ପ୍ରଶ୍ନପତ୍ର ପ୍ରଘଟ ମାଫିଆ ହର୍ଷବର୍ଦ୍ଧନର କୋଠାରେ ପ୍ରତି ୪ ମାସରେ ଥରେ ବାବାଙ୍କ ଦରବାର ଲାଗୁଥିଲା। ୪ ମାସ ତଳେ ଫେବୃଆରୀରେ ଜେଇଏନ ନିଯୁକ୍ତି ପରୀକ୍ଷା-୨୦୨୦ ପ୍ରଶ୍ନପତ୍ର ପ୍ରଘଟ ଅଭିଯୁକ୍ତ ହର୍ଷବର୍ଦ୍ଧନ ପଟୱାରିକୁ ଏସଓଜି ଗିରଫ କରିବା ପରେ ସାକାର ହରିଙ୍କ ଦରବାର ଚର୍ଚ୍ଚାରେ ରହିଥିଲା। ପଟୱାରିର ଘରେ ହିଁ ବାବା ରହୁଥିଲେ। ଏହି ଦରବାରର ଆଳରେ ହର୍ଷବର୍ଦ୍ଧନ ପ୍ରଶ୍ନପତ୍ର ପ୍ରଘଟ ର୍ୟାକେଟ ଚଳାଉଥିଲା।

### ୨ ମହିଳାଙ୍କ ସମେତ ୬ ଗିରଫ

ଦଳାଚକଟା ଘଟଣାରେ ଗୁରୁବାର ପୁଲିସ ୨ ମହିଳାଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ସତ୍‌ସଂଗ ସ୍ୱେଚ୍ଛାସେବୀ। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରକାଶ ମଧୁକର ଫେରାର ଅଛି। ତାକୁ ଧରିବା ପାଇଁ ଲକ୍ଷେ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି।

**ମୁଖ୍ୟ ଅଭିଯୁକ୍ତକୁ ଧରିବା ପାଇଁ ୧ଲକ୍ଷର ପୁରସ୍କାର ଘୋଷଣା**

ଫେରାର ଅଭିଯୁକ୍ତଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଛି। ସତସଂଗର ପ୍ରବଚକ ଆତ୍ମଘୋଷିତ ଦିବ୍ୟପୁରୁଷ ନାରାୟଣ ସରକାର ହରି ଓରଫ ଭୋଲେବାବାଙ୍କ ପତ୍ତା ମିଳୁନଥିବା ପୁଲିସ୍ କହିଛି। ପୁଲିସ୍ ଭୋଲେବାବା ରହୁଥିବା ମୈନପୁରୀର ରାମ କୁଟୀର ଦାତବ୍ୟ ଟ୍ରଷ୍ଟ'ରେ ପହଞ୍ଚି ତାଙ୍କୁ ଖୋଜିଥିଲା କିନ୍ତୁ ପାଇନଥିଲା। ଏବେ ଭୋଲେବାବାଙ୍କ ଅପରାଧିକ ଅତୀତ ନେଇ ଖୋଳତାଡ଼ ଚାଲିଛି।

## ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ

# ଟେଣ୍ଡର ଫିକ୍ସିଂ କରି ୨ କୋଟି ଲୁଟ୍ ଅଭିଯୋଗ



- ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କଲେ ରବୀନ୍ଦ୍ର
- ତଦନ୍ତ ହେଲେ ସତ୍ୟାସତ୍ୟ ଜଣାପଡ଼ିବ

**ମୋରଡ଼ା, ୪।୭ (ସମିସ)**

ସୁବର୍ଣ୍ଣରେଖା ଝାଡ଼ଖଣ୍ଡର ଛୋଟନାଗପୁର ମାଳଭୂମିରୁ ବାହାରିଛି। ଏହି ନଦୀ ଝାଡ଼ଖଣ୍ଡ ରାଜ୍ୟରେ ୨୧୦ କି.ମି, ଓଡ଼ିଶାରେ ୩୦ କିମି. ଓ ପଶ୍ଚିମବଙ୍ଗ ରାଜ୍ୟରେ ୫୦ କି.ମି. ଅତିକ୍ରମ କରି ବାଲେଶ୍ୱର ଜିଲ୍ଲା ସୀମାନ୍ତ ତାଳସାରୀଠାରେ ବଙ୍ଗୋପସାଗରରେ ପଡ଼ିଛି। ପ୍ରତିବର୍ଷ ସୁବର୍ଣ୍ଣରେଖାରେ ଆସୁଥିବା ପ୍ରଳୟଙ୍କରୀ ବନ୍ୟା ଯୋଗୁ ଓଡ଼ିଶା ଓ ପଶ୍ଚିମବଙ୍ଗ ହେଉଥିବା ବ୍ୟାପକ ଫସଲ ଓ ଧନଜୀବନ ହାନିକୁ ରୋକିବା ପାଇଁ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ଏହି ଚିରସ୍ରୋତା ନଦୀର ବହୁମୂଲ୍ୟ ଜଳରାଶିର ସତ୍ ବିନିଯୋଗର ମହତ୍ ପରିକଳ୍ପନା କରାଯାଇ ୧୯୭୬ରେ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ତେବେ ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକ ମଧ୍ୟରୁ ବେତନଟୀ ବ୍ଲକରେ ସର୍ବାଧିକ ୨୧ ହଜାର ୭୩୨ ହେକ୍ଟର ଓ ମୋରଡ଼ା ବ୍ଲକରେ ୨୧ ହଜାର ୨୨ ହେକ୍ଟର ନିମନ୍ତେ ଜଳ ସେଚନ ସୁବିଧା ରହିଥିବା ବେଳେ ଜିଲ୍ଲାର ମୋଟ ୧୦ଟି ବ୍ଲକରେ ୯୪ ହଜାର ୬୫୫ ହେକ୍ଟର ଚାଷ ଜମିକୁ ଜଳସେଚନ କରାବା ନିମନ୍ତେ ଲକ୍ଷ ଧାର୍ଯ୍ୟ କରାଯାଇଛି। ତେବେ ମୟୂରଭଞ୍ଜ ଜିଲ୍ଲା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଅଧୀନ ବୈଶିଙ୍ଗା କେନାଲ ଡିଭିଜନରେ ଉନ୍ନୟନ ମୂଳକ କାର୍ଯ୍ୟକୁ ନେଇ ଦୁଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ମୋରଡ଼ା ବ୍ଲକ ସୁରେଇଡ଼ିହି ପଞ୍ଚାୟତର ବାସିନ୍ଦା ରବୀନ୍ଦ୍ର ମହାନ୍ତ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ଲିଖିତଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ୨୦୨୦ରୁ ୨୦୨୪ ଆର୍ଥିକ ବର୍ଷରେ ବୈଶିଙ୍ଗା କେନାଲ ଡିଭିଜନ ଅଧୀନ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର, ଏସଆଇପି ଲକ୍ଷ୍ମୀପୋଷିରେ ପ୍ରାୟ ଦୁଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ତିନି ପାତି ଟେଣ୍ଡର ମାଧ୍ୟମରେ ଗୁପ୍ତ ହିସାବରେ ନିର୍ଦ୍ଦିଷ୍ଟ କିଛି ଠିକାଦାରଙ୍କ ସହିତ ସଲାସୁତୁରା କରି ନିମ୍ନମାନର କାର୍ଯ୍ୟ କରିଥିବା ଦେଖିବାକୁ ମିଳିଛି। ସ୍ଲିଟିଙ୍ଗ ପ୍ରପୋଜାଲ ପ୍ରସ୍ତୁତି କରି ଚତୁରତାର ସହିତ ନୋଟିସ ବୋର୍ଡ ଟେଣ୍ଡର କଲ ନୋଟିସ ଲଗାଇ ୱାଇଡ୍ ସର୍କୁଲେସନ ନ କରି ଟେଣ୍ଡର ଫିକ୍ସିଂ ହୋଇଛି। ସେହିପରି ସୂଚନା ଅଧିକାର ତଥ୍ୟ ମୁତାବକ, ଗ୍ରାମ୍ୟ ଉନ୍ନୟନ ବିଭାଗର ପତ୍ର ସଂଖ୍ୟା-୬୨୧୧, କ୍ଷୁଦ୍ର ଜଳସେଚନ ବିଭାଗର ପତ୍ର ସଂଖ୍ୟା-୪୩୧୧, ଏନଏଚ ଡିଭିଜନର ପତ୍ର ସଂଖ୍ୟା-୧୭୯୪ରେ ଦର୍ଶାଯାଇଛି ଯେ, ବୈଶିଙ୍ଗା କେନାଲ ଡିଭିଜନ ଏସଆଇପିର କୌଣସି ଟେଣ୍ଡରକଲ ନୋଟିସ ନାହିଁ; ଯାହା ଟେଣ୍ଡର ଦୁର୍ନୀତିକୁ ବିଭାଗ ପ୍ରଶୟ ଦେଉଛି ବୋଲି ଅଭିଯୋଗ ହୋଇଛି। ନିର୍ଦ୍ଦିଷ୍ଟ ଭାବରେ ଗୋଟିଏ ଡିଭିଜନ ଅଫିସରେ ବିଲିଡିଂ, ମରାମତି, ପୁନରୁଦ୍ଧାର ପାଇଁ ଗୋଟିଏ ଟେଣ୍ଡର ନ କରି ତାହାକୁ ଭାଗ ଭାଗ କରି ସ୍ପ୍ଲିଟିଙ୍ଗ ପ୍ରପୋଜାଲ ପ୍ରସ୍ତୁତ କରିବା ବେଆଇନ କାର୍ଯ୍ୟକଳାପକୁ ଦର୍ଶାଯାଉଛି ବୋଲି ଅଭିଯୋଗ ହୋଇଛି। ସେପଟେ ଦୁର୍ନୀତିର ମୁଖ୍ୟ ସୂତ୍ରଧର ପୂର୍ବରୁ କନିଷ୍ଠ ଯନ୍ତ୍ରୀ ଥିବା ରାମଚନ୍ଦ୍ର ସେଠୀ, ରାଜେଶ କୁମାର ପଢ଼ିଆରି ବୋଲି ଅଭିଯୋଗରେ ଦର୍ଶାଯାଇଛି। ବର୍ତ୍ତମାନ ଉକ୍ତ କନିଷ୍ଠ ଯନ୍ତ୍ରୀ ଦ୍ୱୟ ପଦୋନ୍ନତି ପାଇ ସହକାରୀ ଯନ୍ତ୍ରୀ ଭାବରେ କାର୍ଯ୍ୟରତ। ତେଣୁ ସବୁ କାର୍ଯ୍ୟର ସତ୍ୟାସତ୍ୟ ଯାଞ୍ଚ କରିବା ସହିତ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏନେଇ ବୈଶିଙ୍ଗା ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ପ୍ରତାପ ଦାସଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗର ତଦନ୍ତ ହେଲେ ସତ୍ୟାସତ୍ୟ ଜଣାପଡ଼ିବ ଏବଂ ଟେଣ୍ଡର ପ୍ରକ୍ରିୟା ସରକାରଙ୍କ ଗାଇଡ଼ଲାଇନ ଅନୁସାରେ ଚିଫ୍ ଇଞ୍ଜିନିୟରଙ୍କ ନିର୍ଦ୍ଦେଶରେ ହୋଇଛି। ଏ ସମ୍ପର୍କରେ ସମସ୍ତ ତଥ୍ୟ ସରକାରଙ୍କ ନିକଟରେ ଦାଖଲ କରିଛୁ ବୋଲି ପ୍ରତିକ୍ରିୟା ଦେଇଥିଲେ।

## ମୋରଡ଼ାରେ ବୁଲାକୁକୁର ଆତଙ୍କ

# ୪ ଜଣଙ୍କୁ କାମୁଡ଼ିଲା; ୨ ଗୁରୁତର

**ମୋରଡ଼ା, ୪।୭ (ସମିସ):** ମୋରଡା ଅଞ୍ଚଳରେ ବୁଲା କୁକୁରଙ୍କ ଆତଙ୍କ ଦିନକୁ ଦିନ ବଢ଼ିଚାଲିଛି। ରାସ୍ତାଘାଟରେ ଲୋକଙ୍କୁ ଦେଖିଲା ମାତ୍ରେ କାମୁଡିବା ପାଇଁ ଗୋଡାଉଛନ୍ତି। ଫଳରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଯୁଆଡେ ଦେଖି ଦଳ ଦଳ କୁକୁର। କୁକୁରର ଦୌରାତ୍ମ୍ୟରେ ଲୋକେ ଘରୁ ବାହାରିବା ପାଇଁ ଡରିଲେଣି। ଛୋଟ ଛୋଟ ପିଲାମାନେ ମଧ୍ୟ ଘର ବାହାରେ ଖେଳିବାକୁ ଡରିଲେଣି। ତେବେ ଆଜି ପଟାକୁଣ୍ଡିଆ ଗ୍ରାମର କାମିନୀକାନ୍ତ ବେହେରାଙ୍କୁ ପ୍ରଥମେ କୁକୁର କାମୁଡିଥିଲା। ପରେ ତାଙ୍କର ଝିଅକୁ କାମୁଡି ଦେଇଥିଲା। ପୁଣି କିଛି ସମୟ ପରେ ପୁଣି ଆଉ ଗୋଟାଏ କୁକୁର ଆସି ଗ୍ରାମର ସନ୍ତୋଷ ଦେହୁରୀ ବାହାରେ ବସିଥିବାବେଳେ ତାଙ୍କୁ ମଧ୍ୟ କାମୁଡି ଗୁରୁତର ଆହତ କରିଥିଲା। ଗୁରୁତର ସନ୍ତୋଷଙ୍କୁ କିଶାନତାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଣି କିଛି ଘଣ୍ଟା ପରେ ପୁଣି ଅନ୍ୟ ଏକ ବୁଲା କୁକୁର ଗ୍ରାମର ଜଣେ ମହିଳାଙ୍କୁ ଆକ୍ରମଣ କରି ଗୁରୁତର କରିଦେଇଛି। ଗୁରୁତର ଛବିରାଣୀ ଦଳେଇ ଘର ବାହାରେ ଛିଡା ହୋଇଥିବା ବେଳେ କୁକୁର ଆକ୍ରମଣ କରିଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ କିଶାନତାଣ୍ଡି ଡାକ୍ତରଖାନା ପରେ ବାରିପଦା ମେଡିକାଲକୁ ପଠାଇଛନ୍ତି। କୁକୁର ବଂଶ ବୃଦ୍ଧି ଉପରେ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନ ନେଲେ ଆଗକୁ ଜନଜୀବନ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି।





## ଉଦଳା ରୋଟାରୀ କ୍ଲବର ନୂତନ କର୍ମକର୍ତ୍ତା ଚୟନ

# ପ୍ରହ୍ଲାଦ ସଭାପତି ଓ ଚିତ୍ତରଞ୍ଜନ ସମ୍ପାଦକ



**ଉଦଳା, ୪।୭ (ସମିସ):** ଉଦଳା ରୋଟାରୀ କ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତିଭାବେ ପ୍ରହ୍ଲାଦ କୁମାର ଦାସ, ସମ୍ପାଦକ ଚିତ୍ତରଞ୍ଜନ ବାରିକ ଓ କୋଷାଧ୍ୟକ୍ଷ ପ୍ରତାପ କୁମାର ମହାନ୍ତିଙ୍କୁ ମନୋନୀତ କରାଯାଇଛି। ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପ୍ରାକ୍ତନ ସଭାପତି ମନୋରଞ୍ଜନ ପାଢ଼ୀ ନୂତନ ସଭାପତି ପ୍ରହ୍ଲାଦ ଦାସ, ପ୍ରାକ୍ତନ ସମ୍ପାଦକ ସୁଶାନ୍ତ କୁମାର ପଟ୍ଟନାୟକ ନୂତନ ସମ୍ପାଦକ ଚିତ୍ତରଞ୍ଜନ ବାରିକ ଓ ପ୍ରାକ୍ତନ କୋଷାଧ୍ୟକ୍ଷ ଦିଲ୍ଲୀପ ପାଟଯୋଶୀ ନୂତନ କୋଷାଧ୍ୟକ୍ଷ ପ୍ରତାପ କୁମାର ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ନୂତନ ସଭାପତି ଶ୍ରୀ ଦାସ ରୋଟାରୀ ଜିଲ୍ଲା ୩୨୬୨ରେ ଉଦଳା ରୋଟାରୀ କ୍ଲବର ସ୍ୱତନ୍ତ୍ର ପରିଚୟ, ଗର୍ବ, ଗାରିମା ଓ ବୈଶିଷ୍ଟ୍ୟମୟ କୀର୍ତ୍ତିରାଜି ବିଷୟରେ ଆଲୋକପାତ କରିଥିଲେ। ଲୋକାଭିମୁଖୀ ଓ ସ୍ଥାନୀୟ ଜନସାଧାରଣଙ୍କ ସାମାଜିକ, ଅର୍ଥନୈତିକ ବିକାଶ କ୍ଷେତ୍ରରେ ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଓ ବୈଷୟିକ ତାଲିମ କ୍ଷେତ୍ରରେ ଅଭିବୃଦ୍ଧି ନିମନ୍ତେ ରୋଟାରୀ କ୍ଲବର ବୈପ୍ଳବିକ ପରିବର୍ତ୍ତନ ଓ ଯୁଗପୋଯୋଗୀ ଯଥାର୍ଥ ପଦକ୍ଷେପ ନେବାକୁ ସଂକଳ୍ପବଦ୍ଧ ବୋଲି ପ୍ରକାଶ କରିଥିଲେ। ଏଥିପାଇଁ ସଭ୍ୟ ସଭ୍ୟାମାନଙ୍କ ସହଯୋଗ କାମନା କରିଥିଲେ। ବିଗତ ବର୍ଷମାନଙ୍କରେ ଉପଲବ୍ଧ ବିଶ୍ୱ ଅନୁଦାନ 'ରୋଟାରୀ ନିଦାନ' ଓ 'ବାଇକ୍ ଆମ୍ବୁଲାନ୍ସ'କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉପଯୋଗ କରାଇବା ନିମନ୍ତେ ନିରନ୍ତର ପ୍ରୟାସ ଜାରି ରଖିବେ ବୋଲି କହିଥିଲେ। ଚଳିତ ବର୍ଷର ଉଦଳା କ୍ଲବକୁ ରୋଟାରୀ ଜିଲ୍ଲାରେ ଏକ ନମ୍ବର କରିବାକୁ ଉଦ୍ୟମ କରିବେ ବୋଲି ବକ୍ତବ୍ୟ ରଖିଥିଲେ। କ୍ଲବ ପକ୍ଷରୁ ସ୍ୱାକ୍ଷରତା ଅଭିଯାନ, ବୃକ୍ଷରୋପଣ ଅଭିଯାନ, ଅଙ୍ଗଦାନ ସଚେତନତା ଅଭିଯାନ ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ ଓ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ, ସଦୁପଯୋଗୀ ଓ ସୁଦୂର ପ୍ରସାରୀ କରାଇବା ନିମନ୍ତେ ସଭ୍ୟ ସଭ୍ୟାମାନଙ୍କ ସହଯୋଗ କାମନା କରିଥିଲେ। କ୍ଲବର ପ୍ରଥମ ମହିଳା ରାଜଲକ୍ଷ୍ମୀ ମହାନ୍ତି, ଅଞ୍ଜଳି ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ କ୍ଲବର ଚାର୍ଟାର୍ଡ ସଭାପତି ଇଂ ସୁଭାଷ ପଣ୍ଡା, ଡ଼ା: ସଚ୍ଚିଦାନନ୍ଦ ପରିଡ଼ା, ଅଶୋକ ମହାନ୍ତି, ଅଜୟ ବେହେରା, ପୂର୍ଣ୍ଣ ଚନ୍ଦ୍ର ସାହୁ, ବ୍ରହ୍ମାନନ୍ଦ ନାୟକ, ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ, ପ୍ରେମଲତା ପଣ୍ଡା, ଦୀପକ ଦାସ, ଦୁଳମଣି ପୁହାଣ, ସୁଦର୍ଶନ ପ୍ରଧାନ, ଲୋକପାଳ ବେହେରା, ମନୋଜ କମିଳା ଇତ୍ୟାଦି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ

**ବଡ଼ସାହି, ୪।୭ (ସମିସ):** ବଡସାହି ବ୍ଲକ ସିଂହଟିଆସ୍ଥିତ ସରକାରୀ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ଶକ୍ତି କ୍ଲବ ଆନୁକୂଲ୍ୟରେ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଶକ୍ତି କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ରେଣୁକା ନାଏକ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବଡସାହି ସେକ୍ସନ ଯନ୍ତ୍ରୀ ଚିତ୍ତରଞ୍ଜନ ପ୍ରଧାନ, ବିଭାଗ ପକ୍ଷରୁ ରାକେଶ କୁମାର ଜେନା, ଲମ୍ବୋଦର ପାଢ଼ୀ ଓ ବରିଷ୍ଠ ଶିକ୍ଷକ ନିଗମାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟୁତ ଆଘାତ ଜନିତ ସମସ୍ୟାରୁ ମୁକୁଳିବା ପାଇଁ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ଭିଡିଓ ପ୍ରଦର୍ଶନ କରି ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଏହି ଅବସରରେ କୁଇଜ ଓ ଡ୍ରଇଁ ପ୍ରତିଯୋଗୀତା ଅନୁଷ୍ଠିତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶୁଭେନ୍ଦୁ ଭଞ୍ଜବାବୁ, ଶମ୍ଭୁନାଥ ମହାପାତ୍ର, ସତ୍ୟକ୍ରିଷ୍ଣା ଭୂୟାଁ, କ୍ରିଷ୍ଣା ମହାନ୍ତ ଏବଂ ଭରତ ଚନ୍ଦ୍ର ମହାନ୍ତ କୁଇଜ ଓ ଡ୍ରଇଁରେ ପୁରସ୍କୃତ ହୋଇଛନ୍ତି। ଶିକ୍ଷକ ନିଗମାନନ୍ଦ ମହାପାତ୍ର ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କମିଟି ଓ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

# ବିବେକାନନ୍ଦ ବିହାରରେ ବନ ମହୋତ୍ସବ



**ବଡ଼ସାହି, ୪।୭ (ସମିସ):** ବାଣୀପୀଠ ତରଫରୁ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଜାତୀୟ ସବୁଜ ବାହିନୀ, ଓଡ଼ିଆ ଲେଖକ ପରିଷଦ, ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଓ ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଅକାଦମୀଙ୍କ ମିଳିତ ଆନୁକୂଲ୍ୟରେ ବିବେକାନନ୍ଦ ବିହାରରେ ବନ ମହୋତ୍ସବ ପାଳିତ ହୋଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଡ଼କ୍ଟର କୁମାର ବାବୁଲି ଅଧକ୍ଷ୍ୟତା କରିଥିଲେ। ପ୍ରାରମ୍ଭରେ ଶିକ୍ଷାକେନ୍ଦ୍ରର ସବୁଜ ସାଥୀମାନଙ୍କ ଦ୍ୱାରା ବୃକ୍ଷ ପୂଜନ କରାଯାଇ ଚାରାଗୁଡିକୁ ଏକ ଶୋଭାଯାତ୍ରାରେ ନିଆଯିବା ପରେ ବଡ଼ସାହି ବନବିଭାଗ ସହାୟତାରେ ବୃକ୍ଷ ରୋପଣ ହୋଇଥିଲା। ବନପାଳ ସୁନିଲ କୁମାର ମହାନ୍ତ ଚାରା ଯୋଗାଇ ସହାୟତା କରିଥିଲେ। ପରେ ଏକ ପରିବେଶ ସଚେତନତା ସଭା ଜେଜେ ଗୁରୁଜୀ ବେଣୁଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ଡ଼କ୍ଟର ଜଗତବନ୍ଧୁ ଆଚାର୍ଯ୍ୟ ଯୋଗଦାନ କରି ବୃକ୍ଷ କଳିଯୁଗର କାମଧେନୁ ବୋଲି କହିଥିଲେ। କାରଣ ବୃକ୍ଷର ସବୁ ଅଙ୍ଗ ମଣିଷର ସବୁବେଳେ ହିତ କରିଥାଏ। ଅଙ୍ଗାରକାମ୍ଳ ଶୋଷି ଅମ୍ଳଜାନର ଅମୃତ ପ୍ରଦାନ କରିଥାଏ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପରିବେଶବିତ୍ ଡ଼କ୍ଟର ରମାକାନ୍ତ ମହାନ୍ତ ଓ ସମ୍ମାନିତ ଅତିଥିଭାବେ ରଣଜିତ୍ କୁମାର ଦାସ, ସିଆରସିସି ସନକ୍ କୁମାର ଘୋଷ ଓ କବି କାର୍ତ୍ତିକ ସେଠୀ ଯୋଗଦାନ କରି ସମସ୍ତଙ୍କୁ ନିଜ ମାଆ'ବାପାଙ୍କ ନାମରେ ଗୋଟିଏ ଲେଖାଏଁ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ବାଣୀପୀଠର ବରିଷ୍ଟ ଉପଦେଷ୍ଟା ବିଶିଷ୍ଟ ପରିବେଶବିତ୍ ସନ୍ତୋଷ ମହାନ୍ତିଙ୍କ ସ୍ମୃତିରେ ଆଜିର ଦିନରେ ଫୋର୍ଡ଼ର ସଭାପତି ସନ୍ତୋଷ କୁମାର ଖଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ପରିବେଶ ସୁରକ୍ଷା ଉପରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଗୁରୁଜୀ ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ ଓ ସୁବ୍ରତ ବଳିଆରସିଂଙ୍କ ଦ୍ୱାରା ଅନୁଷ୍ଠିତ ହୋଇ ଥିଲା। ବିଶିଷ୍ଟ କଥାକାର ସଚ୍ଚୀନ୍ଦ୍ର କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ରାଉତ ସୂର୍ଯ୍ୟକାନ୍ତି ପୁହାଣ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ବି.ବି. ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ

**କୁଳିଅଣା, ୪।୭ (ସମିସ):** ବାଇଗଣବାଡିଆ ସ୍ଥିତ ବି.ବି.ମହାବିଦ୍ୟାଳୟରେ ଆଇକ୍ୟୁଏସି ଓ କ୍ୟାରିୟର କାଉନସେଲିଂ ବିଭାଗର ମିଳିତ ସହଯୋଗରେ 'ଜୀବବିଜ୍ଞାନ ସୀମା ଓ କର୍ମସଂସ୍ଥାନରେ ସୁଯୋଗ' ଉପରେ ଏକ ଆଲୋଚନାଚକ୍ର ଅଧକ୍ଷ ଡ଼କ୍ଟର ଅଳକା ମଞ୍ଜରୀ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର କୌଶଲ୍ୟାଗଙ୍ଗସ୍ଥିତ ସିଫା ଫିସ ଜେନେଟିକ ଓ ବାଇଓଟେକ୍ନୋଲୋଜି ବିଭାଗର ମୁଖ୍ୟ ବୈଜ୍ଞାନିକ ଡ଼କ୍ଟର ଜିତେନ୍ଦ୍ର କୁମାର ସୁନ୍ଦର ରାୟ ପିଲାମାନଙ୍କୁ ଜୀବନ ଜୀଇଁବାର କଳା ଶିଖାଇଥିଲେ। ସରକାରୀ ଅନୁଦାନ ଓ ମାଛ ଚାଷ କରି କିପରି ସଫଳ ଉଦ୍ୟୋଗୀ ହୋଇପାରିବେ ସେ ବିଷୟରେ ପାୱାର ପାଇଣ୍ଟ ମାଧ୍ୟମରେ ମଉପସ୍ଥାପନା କରିଥିଲେ। ଆଇକ୍ୟୁଏସି ସଂଯୋଜକ ଡ଼କ୍ଟର ରାଜେନ୍ଦ୍ର କୁମାର ଦାସ ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସହ ସଂଯୋଜକ ଡ଼କ୍ଟର ଅନ୍ନପୂର୍ଣ୍ଣ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। କ୍ୟାରିୟର କାଉନସେଲିଂ ସେଲର ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ସମସ୍ତଙ୍କୁ ସ୍ୱାଗତ କରିଥିଲେ।

# ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟରେ ଚାରାରୋପଣ

**ବାରିପଦା, ୪।୭ (ସମିସ):** ବନମହୋତ୍ସବ ସପ୍ତାହ ପାଳନ ଅବସରରେ ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାରାୟଣ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ବିଦ୍ୟାଳୟର ଛାତ୍ରଙ୍କୁ ନେଇ ଏହି ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ସୋମନାଥ ସିଂହଙ୍କ ନେତୃତ୍ୱରେ ନାରାୟଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ସମାଜସେବୀ ଡଃ ନିରୋଜ ପୋଥାଳ, ଦିଲ୍ଲୀପ ତୁଙ୍ଗ, ରାଜେଶ ନନ୍ଦୀ, ଅରବିନ୍ଦ ମୁଖିଙ୍କ ସମେତ ଛାତ୍ରମାନେ ବୃକ୍ଷରୋପଣ କରିଥିଲେ। ୱାର୍ଡେନ ସରୋଜ କୁମାର ସାବତ ଓ ଜିତେନ୍ ବାହାଦୁର ଲାମା ଏବଂ ବାମା ଚରଣ ବାନରା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ୭ବର୍ଷ ତଳେ ବିଦ୍ୟାଳୟ ପରିସରରେ ପ୍ରାୟ ଗଛଲତା ନଥିଲା। ମାତ୍ର ବିଭିନ୍ନ ଅନୁଷ୍ଠାନ ତଥା ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଉଦ୍ୟମରେ ବୃକ୍ଷରୋପଣ କରାଯିବା ଯୋଗୁଁ ଆଜି ବିଦ୍ୟାଳୟ ପରିସର ବେଶ ଆକର୍ଷଣୀୟ ହୋଇପାରିଛି। ଏଥିପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ମିଳିଛି।

## ମୃତ୍ତିକା ସଂରକ୍ଷଣ ବିଭାଗରେ ମହାଦୁର୍ନୀତି

# ପୋଖରୀ ନ ଖୋଳି ଅର୍ଥ ଆତ୍ମସାତ୍ ଅଭିଯୋଗ



**ରାଇରଙ୍ଗପୁର, ୪।୭ (ସମିସ)**

ସରକାର ଚାଷୀଙ୍କ ବିକାଶ ପାଇଁ ଗ୍ରାମାଞ୍ଚଳରେ ବିଭିନ୍ନ ପ୍ରକାର ଯୋଜନା କାର୍ଯ୍ୟକାରୀ କରିଛନ୍ତି; ହେଲେ କିଛି ଭିଭାଗୀୟ ଅଧିକାରୀଙ୍କ ଅବହେଳା ଏବଂ ତଞ୍ଚକତା ଯୋଗୁ ଯୋଜନାକୁ କେବଳ କାଗଜ କଲମରେ ସୀମିତ ରଖାଯାଇ ସରକାରୀ ଅର୍ଥକୁ ଆତ୍ମସାତ କରାଯାଉଥିବା ଦେଖିବାକୁ ମିଳିଛି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ବାମନଘାଟି ଉପଖଣ୍ଡ ତିରିଂ ବ୍ଲକ ଅଞ୍ଚଳରେ। ଚାଷୀମାନଙ୍କୁ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଦିଆଯାଇଥିବା ପୋଖରୀଗୁଡ଼ିକୁ ନ ଖୋଳି କିମ୍ବା ଅଧପନ୍ତରିଆ ରଖି ବିଭାଗୀୟ କର୍ମଚାରୀମାନେ ସଲାସୁତୁରା କରି ସରକାରୀ ଅର୍ଥ ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତ ତିରିଂ ବ୍ଲକ ଅଞ୍ଚଳ। ଆର୍ଥିକ ବର୍ଷ ୨୦୨୦- ୨୧ ମସିହାରେ ରାଇରଙ୍ଗପୁର ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ତିରିଂ ବ୍ଲକ ଅଞ୍ଚଳର ଚାଷୀଙ୍କ ପାଇଁ ପୋଖରୀ ଖୋଳିବା ନିମନ୍ତେ ମଞ୍ଜୁର ହୋଇଥିଲା। ପଣ୍ଡୁପାଣି ଗ୍ରାମ ପଞ୍ଚାୟତ ଅଞ୍ଚଳରେ ମୋଟ ୨୫ ଜଣ ଚାଷୀଙ୍କ ପାଇଁ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲା। ବିଭାଗ ପକ୍ଷରୁ କିଛି ପୋଖରୀ ଖୋଳା କାର୍ଯ୍ୟ ଆରମ୍ଭ ନ କରି କାଗଜପତ୍ରରେ କାମ ଜାରି ରହିଛି ବୋଲି ଦର୍ଶାଇଛନ୍ତି ଏବଂ ସରକାରୀ ଟଙ୍କାକୁ ଉଠାଣ କରି ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଚାଷୀମାନେ ଏହା ଜାଣିବା ପରେ ବିଭାଗୀୟ ଅଧିକାରୀ, ଭିଜିଲାନ୍ସ ତଥା ଜିଲ୍ଲାପାଳ ନିକଟରେ ଅଭିଯୋଗ କରିଛନ୍ତି; କିନ୍ତୁ ଏଥିପ୍ରତି କେହି ଗୁରୁତ୍ୱ ଦେଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସୂଚନା ଅଧିକାର ଆଇନରୁ ମିଳିଥିବା ତଥ୍ୟ ଅନୁସାରେ, ପଣ୍ଡୁପାଣି ଗାଁର ଚାଷୀ ହେମେନ୍ଦ୍ର ଶୁଣ୍ଡିଙ୍କ ପୋଖରୀ ଖୋଳିବା ପାଇଁ ବିଭାଗ ପକ୍ଷରୁ ୧ ଲକ୍ଷ ୮୩ ହଜାର ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲା। ତେବେ ବିଭାଗ ପକ୍ଷରୁ ତାଙ୍କ ପୋଖରୀ ଖୋଳା କାର୍ଯ୍ୟ ଜାରି ରହିବା ସହିତ ୧ ଲକ୍ଷ ୧୨୬୫ ଟଙ୍କା ଖର୍ଚ୍ଚ ହୋଇଥିଲା ବୋଲି ଦର୍ଶାଯାଇଛି; ହେଲେ ବାସ୍ତବ କ୍ଷେତ୍ରରେ ସମ୍ପୃକ୍ତ ହିତାଧିକାରୀ ତାଙ୍କ ନାଁରେ କୌଣସି ପୋଖରୀ ଖୋଳାଯାଇ ନାହିଁ ବୋଲି ସେ କହିଛନ୍ତି। ସେହିପରି ପଣ୍ଡୁପାଣି ଗାଁର ସିଙ୍ଗରାଏ ସୋରେନଙ୍କ ମଧ୍ୟ ପୋଖରୀ ଖେଳିବା ପାଇଁ ୧ ଲକ୍ଷ ୮୩ ହଜାର ଟଙ୍କା ମଞ୍ଜୁର ହୋଇଥିଲା ଏବଂ ୪୨ ହଜାର ୫୭୦ ଟଙ୍କା ଖର୍ଚ୍ଚ ହୋଇଥିଲା ବୋଲି ଦର୍ଶାଯାଇଛି। ହେଲେ ବାସ୍ତବ କ୍ଷେତ୍ରରେ ତାଙ୍କ ନାଁରେ ମଧ୍ୟ କୌଣସି ପୋଖରୀ ଖୋଳାଯାଇ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଏପରିଭାବେ ପୋଖରୀ ଖନନରେ ଦୁର୍ନୀତିର ଚିତ୍ର ସାମ୍ନାକୁ ଆସିଛି। ତେଣୁ ଘଟଣାର ତଦନ୍ତ କରିବା ସହିତ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳର ଚାଷୀମାନେ ଦୃଢ଼ ଦାବି କରିଛନ୍ତି।

### ପ୍ରତିକ୍ରିୟା.....



ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ସରକାରୀ କାଗଜପତ୍ରରେ ମୋ ନାମରେ ପୋଖରୀ ଖୋଳା ହୋଇଛି ଏବଂ ଟଙ୍କା ମଧ୍ୟ ଉଠା ଯାଇଛି। ଏପରିକି କାର୍ଯ୍ୟ ମଧ୍ୟ ଜାରି ରହିଛି ବୋଲି କୁହାଯାଇଛି; ହେଲେ ବାସ୍ତବ କ୍ଷେତ୍ରରେ ବିଭାଗ ପକ୍ଷରୁ ମୋ ନାଁରେ କୌଣସି ପୋଖରୀ ଖୋଳାଯାଇନାହିଁ। ତେଣୁ ଏହାର ତଦନ୍ତ ହେବା ଆବଶ୍ୟକ।

**-ହେମେନ୍ଦ୍ର ଶୁଣ୍ଡି, ପଣ୍ଡୁପାଣି**



ଆମ ଅଞ୍ଚଳରେ ପୋଖରୀ ଖନନ କାର୍ଯ୍ୟରେ ଦୁର୍ନୀତି ହୋଇଛି। ମୋ ନାମରେ ଟଙ୍କା ଉଠାଯାଇଛି; କିନ୍ତୁ ପୋଖରୀ ଖୋଳାଯାଇନାହିଁ। ଏହିପରି ବହୁ ଚାଷୀଙ୍କୁ ଠକେଇ କରାଯାଇଛି। ଜିଲ୍ଲାପାଳ ସହିତ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଛୁ; କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

**-ସିଙ୍ଗରାଏ ସୋରେନ, ପଣ୍ଡୁପାଣି**



ବିଭାଗ ତରଫରୁ ମୋ ପତ୍ନୀ ଛିତାମଣି ସୋରେନଙ୍କ ନାମରେ ପୋଖରୀ ଖୋଳା ହୋଇଛି। କିନ୍ତୁ ପୋଖରୀ ଖୋଳା କାର୍ଯ୍ୟ ଅଧପନ୍ତରିଆ ହୋଇ ରହିଛି। ବିଭାଗୀୟ କର୍ମଚାରୀମାନଙ୍କ ପକ୍ଷରୁ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପ୍ରତିଶ୍ରୁତି ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ପୋଖରୀ ଖୋଳ ଶେଷ ହୋଇନାହିଁ। ଅଧା ଖୋଳା ହୋଇଥିବା ପୋଖରୀ କୌଣସି ଉପଯୋଗୀ ହୋଇ ପାରୁନାହିଁ।

**-ରାମଚନ୍ଦ୍ର ସୋରେନ, ଦିନାସାସଙ୍ଗ ଗାଁ**

### ଡିସେମ୍ବର ୧ରୁ ସପ୍ତମ ମୟୂରଭଞ୍ଜ ମହୋତ୍ସବ

# ମଞ୍ଚରେ ଶୋଭା ପାଇବ ବାରୁଣେଶ୍ୱର ମନ୍ଦିର ତୋରଣ





**ମହୋତ୍ସବରେ ଖୋଲିବ ୨ ଶହରୁ ଅଧିକ ଷ୍ଟଲ**

**ବାରିପଦା, ୪।୭(ସମିସ)**

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତି ନିଆରା ; ଯାହାର ଏକ ସ୍ୱତନ୍ତ୍ର ପରିଚୟ ରହିଥିବା ବେଳେ ବିଶ୍ୱ ଦରବାରରେ ମଧ୍ୟ ପରିଚିତ। ଜିଲ୍ଲାରେ କଳା ଓ ସଂସ୍କୃତିର ବିକାଶ ପାଇଁ ମୟୂରଭଞ୍ଜ ମହୋତ୍ସବ ପକ୍ଷରୁ ଏକ ଅଭିନବ ପ୍ରୟାସ ଜାରି ରହିଛି। ଚଳିତବର୍ଷ ସପ୍ତମ ବର୍ଷରେ ଏହି ମହୋତ୍ସବ ପଦାର୍ପଣ କରିବ। ଆସନ୍ତା ଡିସେମ୍ବର ୧ରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ନେଇ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ମହୋତ୍ସବ ଆୟୋଜକ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ଅଧ୍ୟକ୍ଷ ଅସିତ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ବୈଠକରେ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରଥମ ଦିନରେ ପ୍ରତିବର୍ଷ ଭଳି ଜିଲ୍ଲାର ବିଭିନ୍ନ କଳାକାରଙ୍କୁ ନେଇ ପାରମ୍ପରିକ ନୃତ୍ୟ ଗୀତରେ ତାଳେ ତାଳେ ଜଗନ୍ନାଥ ମନ୍ଦିରରୁ ଛଉ ପଡ଼ିଆ ପର୍ଯ୍ୟନ୍ତ କାର୍ଣ୍ଣିଭାଲ ଶୋ ଆୟୋଜିତ ହେବ। ଡିସେମ୍ବର ୨ରୁ ଆସନ୍ତା ୧୦ ଦିନ ଧରି ବାରିପଦାର ଛଉ ପଡ଼ିଆରେ ମହୋତ୍ସବ ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମହୋତ୍ସବରେ ସିନେ ଜଗତର ବହୁ ନାମୀଦାମୀ କଳାକାର ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲାର ଆଦିବାସୀ ପରମ୍ପରାକୁ ମୟୂରଭଞ୍ଜ ମହୋତ୍ସବ ଭୁଲି ନାହିଁ। ଏଥିପାଇଁ ଚଳିତ ବର୍ଷ ମଧ୍ୟ ୩ ଦିନ ସ୍ୱତନ୍ତ୍ର ଆଦିବାସୀ କାର୍ଯ୍ୟକ୍ରମ ନେଇ ନିଷ୍ପତ୍ତି ନିଆଯାଇଛି। ସେହିପରି ୨ ଦିନ କୁଡୁମାଲି କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଶେଷରେ ଦୁଇ ଦିନ ବଲିଉଡ ଷ୍ଟାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି। ଏଥି ସହିତ ପ୍ରଥମ ବୈଠକରେ ସର୍ବସମ୍ମତି କ୍ରମେ ଆୟୋଜକ କମିଟି ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଭାବେ ବିଧାୟକ ଭାଦବ ହାଁସଦାଙ୍କୁ ଚୟନ କରାଯାଇଥିବା ବେଳେ ପ୍ରଥମ କରି ବାର୍ଷିକ ସ୍ମରଣିକା ମୁଦ୍ରଣ କରିବାକୁ ନିଷ୍ପତ୍ତି ହୋଇଛି। ଏହି ବାର୍ଷିକ ସ୍ମରଣିକାର ସମ୍ପାଦକ ଭାବେ ଜିଲ୍ଲା ଓକିଲ ସଂଘ ସଭାପତି ବିଭୁପ୍ରସାଦ ଦାସଙ୍କୁ ଚୟନ କରାଯାଇଛି। ମହୋତ୍ସବରେ ମୟୂରଭଞ୍ଜ ଜିଲ୍ଲାର ହସ୍ତଶିଳ୍ପରୁ ଆରମ୍ଭ କରି କୁଟୀର ଶିଳ୍ପ, ଖେଳନାରୁ ଆରମ୍ଭ କରି ପୋଷାକ ଏବଂ ଘରକରଣା ସାମଗ୍ରୀ ଏବଂ ପାରମ୍ପରିକ ଖାଦ୍ୟ ମୁଢି ମାଂସ ସହ ଅନ୍ୟାନ୍ୟ ଖାଦ୍ୟର ମଧ୍ୟ ଦର୍ଶକ ମଜା ଉଠାଇ ପାରିବେ। ପ୍ରାୟ ୨ ଶହରୁ ଅଧିକ ଷ୍ଟଲ ମଧ୍ୟ ଖୋଲିବ। ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସଭାପତି ତଥା ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି। ସେହିପରି ପ୍ରତ୍ୟେକ ବର୍ଷ ମହୋତ୍ସବ କମିଟିର କର୍ମକର୍ତ୍ତା ତଥା ଶିଳ୍ପୀ ଜିତେନ୍ଦ୍ର ହେମ୍ବ୍ରମ ଏବଂ ତାଙ୍କ ଟିମ୍ ଦ୍ୱାରା ମଞ୍ଚରେ ବାରିପଦା ସ୍ଥିତ ରାଜାରାଜୁଡ଼ା ଅମଳରୁ ପୂଜା ପାଉଥିବା ବାରୁଣେଶ୍ୱର ମହାଦେବ ମନ୍ଦିରର ଶୋଭା ପାଇବ। ଯୁବପିଢୀଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମହୋତ୍ସବରେ ସେଲ୍‌ଫି ଜୋନର ବ୍ୟବସ୍ଥା କରାଯିବ। ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିଲ୍ଲାର ପୁରୁଣା ସ୍ମୃତିକୁ ସାଉଁଟି ସେଲଫି ଜୋନ ପ୍ରସ୍ତୁତ କରିବାକୁ ଆୟୋଜକ କମିଟି ପ୍ରସ୍ତୁତ ହେଉଛି। ମହୋତ୍ସବର ଏହି ପ୍ରଥମ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯକାରୀ ସଭପତି ସଞ୍ଜୀବ ଦ୍ୱିବେଦୀ, ବରିଷ୍ଠ କର୍ମକର୍ତ୍ତା ବିପ୍ଳବ ଭଞ୍ଜନ ବୁଗୁଡେଇ, ସୁଜିତ୍ ମହାନ୍ତି, ତାପସ ପାଢ଼ୀ, ପ୍ରସନ୍ନ ମହାପାତ୍ର, ସତ୍ୟଜିତ ସୋମ, ସବିତା ହାଁସଦା ଓ ଲିଲି ଭୋଳ ପ୍ରମୁଖଙ୍କ ସହିତ ଶତାଧିକ ସଦସ୍ୟ ମାନେ ସାମିଲ ଥିଲେ। ଅଧ୍ୟାପକ ରଞ୍ଜିତ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ବଡ଼ଦାଣ୍ଡରୁ ଜବରଦଖଲ ଉଚ୍ଛେଦ



**ବାରିପଦା, ୪।୭(ସମିସ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଶ୍ରୀ ହରିବଳ ଦେବ ଜୀଉ ବିଜେଙ୍କ ରଥଯାତ୍ରାକୁ ସୁରୁଖୁରୁ ମଧ୍ୟରେ ସମ୍ପାଦିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ରଥଯାତ୍ରା ନିମନ୍ତେ ବଡ଼ଦାଣ୍ଡରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଗୁରୁବାର ଜିଲ୍ଲା ପ୍ରଶାସନ ଅଧିକାରୀ ଓ ପୁଲିସ ଉପସ୍ଥିତିରେ ବେଆଇନ ଜବରଦଖଲକାରୀଙ୍କ ଅସ୍ଥାୟୀ ଦୋକାନଗୁଡ଼ିକ ଭଙ୍ଗା ଯାଇଛି। ବଡ଼ଦାଣ୍ଡର ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲକାରୀ ଉଠା ଦୋକନୀଙ୍କ ପାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଥିଲା। ଫଳରେ ଯାନବାହନ ଚଳପ୍ରଚଳ ସମେତ ପାର୍କିଂରେ ମଧ୍ୟ ସମସ୍ୟା ସୃଷ୍ଟି କରୁଥିଲା। ଏଥିସହିତ ଆଗକୁ ରଥଯାତ୍ରା ଥିବାରୁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ମଧ୍ୟରେ ବଡ଼ଦାଣ୍ଡରେ ତିନି ରଥ ଟଣାଯିବ; ଯାହାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ତହସିଲଦାର ଓ ପୌର ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ପୁଲିସ ଫୋର୍ସ ମୁତୟନ କରାଯାଇ ଜବରଦଖଲ ଦୋକାନଗୁଡ଼ିକ ଜେସିବି ଦ୍ୱାରା ଉଚ୍ଛେଦ କରାଯାଇଛି।

## ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି

**ଜାମଶୋଳା, ୪।୭(ସମିସ):** ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ସାରସକଣା ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ବଡ ଧରଣର ଚୋରି ହୋଇଛି। ଗ୍ରାମର ପ୍ରବୀର ଭୋଳଙ୍କ ସ୍ତ୍ରୀ ନିନିବାଳା ଭୋଳ ଘରେ ନ ଥିବା ବେଳେ ଚୋରମାନେ ତାଙ୍କ ଆଲମାରୀରେ ଥିବା ସମସ୍ତ ସୁନାଗହଣା ଲୁଟି ନେଇ ପଳାଇଛନ୍ତି। ଅଭିଯୋଗ ଅନୁସାରେ, ତାଙ୍କ ପୁଅ ଭୁବନେଶ୍ୱରରେ ଚାକିରି କରୁଥିବା ବେଳେ ପ୍ରବୀର ଭୋଳଙ୍କ ସ୍ତ୍ରୀ ନିନି ବାଳା ଭୋଳ ଝିଅ ଘର ବାଲେଶ୍ୱରକୁ ଯାଇଥିଲେ। ଏହି ସମୟରେ ଘରେ କେହି ନ ଥିବାର ସୁଯୋଗ ନେଇ ବୁଧବାର ରାତିରେ ଘରେ ଥିବା ଆଲମାରୀରୁ ସୁନା ଗହଣା ଚୋରି ହୋଇଯାଇଛି। ଗୋଟିଏ ସୁନାହାର ୨ଟି, କାନଫୁଲ ୨ ଟି, ୨ଟି ମୁଦୀ, ରୂପାବିଛା, ରୁପା ଥାଳି ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୫୦ ହଜାର ଟଙ୍କାର ବୋଲି ଅନୁମାନ କରାଯାଉଛି। ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ତଦନ୍ତ ଚଳାଇଛି।

### ମୟୂରଭଞ୍ଜରେ ସୁଭଦ୍ରା ଯୋଜନାକୁ ନେଇ ଦଲାଲ ସକ୍ରିୟ

# ନକଲି ଫର୍ମ ଭରିବା ଆରମ୍ଭ କଲେଣି ଦଲାଲ୍

**ବାରିପଦା, ୪।୭(ସମିସ):** ରାଜ୍ୟରେ ନୂତନ କରି ବିଜେପି ସରକାର ଗଠିତ ହେବା ପରେ ସୁଭଦ୍ରା ଯୋଜନା ଲାଗୁ କରିବା ପାଇଁ ପ୍ରକ୍ରିୟା ଜାରି ରହିଛି। ତେବେ ଇତିମଧ୍ୟରେ ଏହି ଯୋଜନା ଲାଗୁ ହେବା ପୂର୍ବରୁ ଦଲାଲ ସକ୍ରିୟ ହୋଇ ପଡ଼ିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ସହରଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସୁଭଦ୍ରା ଯୋଜନାକୁ ନେଇ ମିଛ ଫର୍ମ ଭରିବା ଆରମ୍ଭ କରି ଦେଇଛନ୍ତି। ବିଜେପି ପକ୍ଷରୁ ନିର୍ବାଚନୀ ଇସ୍ତାହାର ମୁତାବକ ସୁଭଦ୍ରା ଯୋଜନା ଲାଗୁ କରିବା ନେଇ ରୂପରେଖ ପ୍ରସ୍ତୁତ ଜାରି ରହିଛି। ଦଲାଲମାନେ ମିଛ ଫର୍ମ ବିକ୍ରି କରି ଯୋଜନା ନାଁରେ ଟଙ୍କା ଆଦାୟ ମଧ୍ୟ କରୁଛନ୍ତି। ମହିଳାମାନଙ୍କୁ ଫର୍ମ ଦେଇ ଟଙ୍କା ଆଦାୟ କରିବାରେ ଲାଗିଛନ୍ତି।

ସୁଭଦ୍ରା ଯୋଜନା ରାଜ୍ୟରେ କେବେ ଲାଗୁହେବ। ତାର ରୂପରେଖ କଣ ରହିବ, ଯୋଜନା ନେଇ କଣ କାଗଜପତ୍ର ଦାଖଲ କରିବାକୁ ହେବ ସେ ନେଇ କୌଣସି ସ୍ଥିର ହୋଇନାହିଁ। ଏପରିକି ଫର୍ମ ମଧ୍ୟ ତିଆରି ହୋଇନାହିଁ; କିନ୍ତୁ କିଛି ଦଲାଲ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ନିରୀହ ଲୋକଙ୍କୁ ମିଛ ଫର୍ମ ବିକି ଠକିବାରେ ଲାଗିଛନ୍ତି। ସରକାରୀ ସ୍ତରରେ ଯୋଜନା ନେଇ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନଥିବା ବେଳେ ବିଭିନ୍ନ ଦୋକାନରେ ମିଛ ଦସ୍ତାବିଜ ତଥ୍ୟ ପ୍ରଦାନ କରି ଫର୍ମ ମଧ୍ୟ ବିକ୍ରି କରୁଛନ୍ତି। ନିରୀହ ଲୋକମାନେ ମଧ୍ୟ ପ୍ରଥମ ପର୍ଯ୍ୟାୟରେ ଆବେଦନ କରି ସୁଭଦ୍ରା ଯୋଜନାର ଅର୍ଥ ପାଇବା ଆଶାରେ ଠକାମିର ଶିକାର ହେଉଛନ୍ତି। ନକଲି ଫର୍ମ କିଣି ଆବେଦନ କରୁଥିବାର ମଧ୍ୟ ଦେଖିବାକୁ ମିଳିଛି। ଜିଲ୍ଲାରେ ଦଲାଲମାନେ ଗାଁମାନଙ୍କରେ ବିଶେଷ ଭାବେ ସକ୍ରିୟ ରହି ଟଙ୍କା ଆଦାୟ କରୁଛନ୍ତି। ତେବେ ଲୋକେ ସଚେତନ ହୋଇ ମିଛ ଫର୍ମରୁ ଦୂରେଇ ରହିବାକୁ ନିବେଦନ କରାଯାଉଛି। ଏନେଇ ସ୍ଥାନୀୟ ପୁଲିସ ଓ ପ୍ରଶାସନ ଦୃଷ୍ଟି ଦେଇ ଉଚ୍ଚସ୍ତରୀୟ ତଦନ୍ତ କରିବା ଆବଶ୍ୟକତା ରହିଛି।

## ରାଷ୍ଟ୍ରୀୟ ବାଲ୍‌ସୁରକ୍ଷା ଜିଲ୍ଲା କାର୍ଯ୍ୟାଳୟରେ ଚାରା ରୋପଣ

**ବାରିପଦା, ୪।୭(ସମିସ):** ଗୁରୁବାର ମୟୂରଭଞ୍ଜ ସିନିୟର ସିଟିଜେନ ଫୋରମ ପକ୍ଷରୁ ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ଦାସଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ବାଲସୁରକ୍ଷା ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସିଡିଏମଓ ଡାକ୍ତର ପ୍ରଦୀପ କୁମାର ମହାପାତ୍ର ଯୋଗଦେଇ ଚାରାରୋପଣ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ ସୁଶାନ୍ତ କୁମାର ପାତ୍ର, ମେଜର ରବୀନ୍ଦ୍ର ନାଥ ପରିଡ଼ା, ନରସିଂହ ବାରିକ, ହରିହର ଦାସ, କୁମାର ରଞ୍ଜନ ପଣ୍ଡା, କୈବଲ୍ୟ ପ୍ରସାଦ ମହାପାତ୍ର, ରମାକାନ୍ତ ମହାନ୍ତି, ବରେନ୍ଦ୍ର ମହାନ୍ତି, ପ୍ରଦୀପ ଦାସ, ସରୋଜ ମିଶ୍ର, ଡ ଭଞ୍ଜକିଶୋର ମହାନ୍ତ, ଅନନ୍ତ ପ୍ରସାଦ ବେହେରା, ଶ୍ୟାମଚରଣ ଜିତବାବୁ, ପ୍ରଫୁଲ୍ଲ ଚନ୍ଦ୍ର ଦାଶ, ଡ ତରୁଣ କୁମାର ଓଝା, ବାସନ୍ତୀ ଲତା ମହାପାତ୍ର, ହାରାଚାନ୍ଦ ଗିରି, ଶଶିଭୂଷଣ ମିଶ୍ର, ରଞ୍ଜନ କୁମାର ମିଶ୍ର, ହେମନ୍ତ ଚନ୍ଦ୍ର ଦାଶ, ମୁରଲୀଧର ବେହେରା, ଉର୍ମିଳା କମିଲା, ରତ୍ନ ପ୍ରଭା ବେହେରା, ସୁଧାମୟୀ ଦାସ, ପ୍ରଭାତ ମଞ୍ଜରୀ ଦାସ ଶର୍ମା ଓ ଜଗନ୍ନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ବିଶ୍ୱବିଦ୍ୟାଳୟରେ ବନ ମହୋତ୍ସବ

**ବାରିପଦା, ୪।୭(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବନମହୋତ୍ସବ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ରୂପେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ବିଶ୍ୱଜିତ ରଥ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଆଗାମୀ ଦିନରେ ଚାଲୁ ରହିବ ବୋଲି ମତ ଦେଇଥିଲେ। କୁଳସଚିବ ସହଦେବ ସମାଧିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓ ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ ପରିଚାଳନାରେ ସହଯୋଗ କରିଥିଲେ। ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ ସୌଧ ପରିସର ପ୍ରାନ୍ତରରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସମସ୍ତେ ମିଳିତ ଭାବରେ ବୃକ୍ଷରୋପଣ କରିଥିଲେ। ବାରିପଦା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ଆମ୍ବ, ପଣସ, ପିଜୁଳି, ସପେଟା, ଲିଚୁ, ଜାମୁ, ବାହାଡା, ହରିଡା ଆଦି ଚାରାମାନ ରୋପଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଡ. ବସନ୍ତ କୁମାର ମହାନ୍ତ ଓ ଅଧିକାରୀ ସହକାରୀ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




### ପିଆରଏମ ମାତୃ ଓ ଶିଶୁ ବିଭାଗ ପଞ୍ଜୀକରଣ କେନ୍ଦ୍ରରେ ଅବ୍ୟବସ୍ଥା

# ଶିଶୁଙ୍କୁ ଧରି ଦହଗଞ୍ଜ ହେଉଛନ୍ତି ଅଭିଭାବକ





**ବାରିପଦା, ୪।୭(ସମିସ)**

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଉନ୍ନତ ସ୍ୱାସ୍ଥ୍ୟସେବା ନିମନ୍ତେ ବାରିପଦାରେ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ପ୍ରତିଷ୍ଠା ହୋଇଛି। ଏହି ହସ୍ପିଟାଲ ଉପରେ ମୟୂରଭଞ୍ଜ ସମେତ ପଶ୍ଚିମବଙ୍ଗ ଓ ଝାଡଖଣ୍ଡର ଲୋକେ ନିର୍ଭର କରନ୍ତି; ହେଲେ ଏହି ହସ୍‌ପିଟାଲ ପ୍ରକୃତ ଲକ୍ଷ୍ୟଠାରୁ ଦୂରେଇ ଯାଉଥିବା ଲକ୍ଷ୍ୟ କରାଯାଉଛି। ବିଶେଷକରି ମାତୃ ଓ ଶିଶୁ ଚିକିତ୍ସା ବିଭାଗର ଅବହେଳା ଯୋଗୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବିଭାଗରେ ଚିକିତ୍ସା କରିବାକୁ ହେଲେ ପ୍ରଥମେ ନାମ ପଞ୍ଜୀକରଣ କରିବାକୁ ପଡ଼ିଥାଏ। ତେବେ ଉକ୍ତ ବିଭାଗରେ ଗୋଟିଏ ପଞ୍ଜୀକରଣ କେନ୍ଦ୍ର ରହିଛି। ତେଣୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଟିଏ କେନ୍ଦ୍ର ଯୋଗୁ ପଞ୍ଜୀକରଣ ନିମନ୍ତେ କୋମଳମତି ଶିଶୁ ଓ ନବଜାତକଙ୍କୁ ଧରି ଅଭିଭାବକମାନେ ବହୁ ସମୟ ଯାଏ ଲାଇନରେ ଛିଡା ହୋଇରହୁଛନ୍ତି। ପଞ୍ଜୀକରଣ କେନ୍ଦ୍ରରେ ମହିଳା ଓ ପୁରୁଷଙ୍କ ନିମନ୍ତେ ଅଲଗା ବ୍ୟବସ୍ଥା ରହିଛି; କିନ୍ତୁ ଗୋଟିଏ କେନ୍ଦ୍ର ବନ୍ଦ ରହିଥିବାରୁ ପୁରୁଷ ଓ ମହିଳା ବାଧ ହୋଇ ଗୋଟିଏ କେନ୍ଦ୍ରରେ ନାମ ପଞ୍ଜୀକରଣ କରୁଛନ୍ତି। ସେହିପରି କେନ୍ଦ୍ରରେ ମାତ୍ର ଜଣେ କର୍ମଚାରୀ ରହୁଥିବାରୁ ଶହ ଶହ ଲୋକଙ୍କୁ ସୁବିଧା ମିଳୁପାରୁନାହିଁ। ଅନ୍ୟ କେନ୍ଦ୍ରଟି ବନ୍ଦ ରହିଥିବାରୁ ଗରମ ଏବଂ ଗୁଳୁଗୁଳିରେ ଲୋକେ ଆଉଟୁପାଉଟ ହେଉଛନ୍ତି। ବିଶେଷକରି ଶିଶୁ ଏବଂ ନବଜାତକଙ୍କୁ ଧରି ଅଭିଭାବକମାନେ ହନ୍ତସନ୍ତ ହେଉଛନ୍ତି। ପାଲବଣି ଅଞ୍ଚଳର ଶୁଭ୍ରକାନ୍ତ ବେହେରା ନାମକ ଜଣେ ଅଭିଭାବକ ତାଙ୍କ କୋମଳମତି ଶିଶୁକୁ ନେଇ ଆସିଥିବା ବେଳେ ସେ ଏପରି ବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ପୁରୁଷ ଓ ମହିଳାଙ୍କ ନିମନ୍ତେ ଅଲଗା ଅଲଗା ବ୍ୟବସ୍ଥା ଥିବା ବେଳେ ଦୁଇଟି କେନ୍ଦ୍ର ଏକ ସାଥୀରେ କାର୍ଯ୍ୟ କଲେ ଘଣ୍ଟା ଘଣ୍ଟା ଧରି ଲାଇନ ଦେବାକୁ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ତୁରନ୍ତ ଏହି ସମସ୍ୟାର ସାମଧାନ କରିବାକୁ ଦାବି ହେଉଛି।

# ଏଆଇଡିଏସ୍‌ଓ ପକ୍ଷରୁ ପ୍ରତିବାଦ ଦିବସ ପାଳିତ




**ବାରିପଦା, ୪।୭(ସମିସ):** ନିଟ ୟୁଜି ଏବଂ ୟୁଜିସି ନେଟ ପ୍ରବେଶିକା ପରୀକ୍ଷାରେ ହୋଇଥିବା ବିଭ୍ରାଟର ପ୍ରତିବାଦରେ ଏଆଇଡିଏସଓ ମୟୂରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ପ୍ରତିବାଦ ଦିବସ ପାଳିତ ହୋଇଛି। ନିଟ୍ ଏବଂ ନେଟରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ନିରପେକ୍ଷ ନ୍ୟାୟିକ ତଦନ ଏବଂ ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବା, ଏନଟିଏକୁ ସମ୍ପୂର୍ଣ୍ଣ ରଦ୍ଦ କରିବା, ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ କାଉନସେଲିଂ ବନ୍ଦ ରଖିବା, କେନ୍ଦ୍ର ଶିକ୍ଷା ଓ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। କିଛି ଦିନ ତଳେ ନିଟ୍ - ପିଜି ପରୀକ୍ଷାକୁ ମଧ୍ୟ ଅଚାନକ ବାତିଲ କରାଯାଇଛି। ଫଳରେ ଲକ୍ଷ ଲକ୍ଷ ଆଶାୟୀ ଛାତ୍ରଛାତ୍ରୀ ଦୁଶ୍ଚିନ୍ତା ମଧ୍ୟ ଦେଇ ଗତି କରୁଛନ୍ତି। ଛାତ୍ରଛାତ୍ରୀ ପରୀକ୍ଷା ଫର୍ମ ପୂରଣପାଇଁ ସେମାନଙ୍କ ପକେଟରୁ ଅର୍ଥ ଖର୍ଚ୍ଚ କରିବା ସହ ଦୂରଦୂରାନ୍ତରୁ ଆସି ପରୀକ୍ଷା ଦେଇଛନ୍ତି। ଏନଟିଏର ଦାୟିତ୍ୱହୀନ ମନୋଭାବ, ଅକ୍ଷମତା, ସ୍ୱଚ୍ଛତାର ଅଭାବରେ ଲକ୍ଷ୍ୟ ଲକ୍ଷ୍ୟ ଆଶାୟୀ ଛାତ୍ରଛାତ୍ରୀଙ୍କ ଆଶା ଏବଂ ଭବିଷ୍ୟତକୁ ଧୂଳିସାତ କରିଦେଇଛି। ଏନଟିଏ ଏବଂ ଶିକ୍ଷା ମନ୍ତ୍ରଣାଳୟ ଏହି ଦୁର୍ନୀତିର ବ୍ୟାପକତାକୁ ହ୍ରାସ କରିବାକୁ ଯେତେ ଅପଚେଷ୍ଟା କଲେ ମଧ୍ୟ ଦୁର୍ନୀତିର ଚେର ବାହାରକୁ ଆସୁଛି। ଯଦି ଦାବି ପୂରଣ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ବ୍ୟାପକ ବୋଲି ଏଆଇଡିଏସଓ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା କମିଟି ସମ୍ପାଦକ ଫୁଲଚାନ୍ଦ ଲୋହାର, ସଂଗଠନର ଜିଲ୍ଲା କମିଟି ଅଫିସ ସମ୍ପାଦକ ଯତୀନ ବାନରା ଏବଂ ଜିଲ୍ଲା କମିଟି ସଦସ୍ୟ ବାମିଆ ଉଗ୍ରସାଣ୍ଡି, ଗାନ୍ଧୀ ନାଏକ ଓ ସୁମିତ୍ରା ସିଂ ପ୍ରମୁଖ ନେତୃତ୍ୱ ନେଇଥିଲେ।





ସକାଳ
THE SAKALA

# କର୍ଣ୍ଣାଟକରେ ଜାତିଆଣ କ୍ଷମତା କନ୍ଦଳ

ସମ୍ପ୍ରତି କଂଗ୍ରେସ ଶାସିତ କର୍ଣ୍ଣାଟକ ରାଜନୈତିକ ଘଟଣାବଳୀ ଯେଉଁ ବେଗରେ ଆଗକୁ ବଢ଼ୁଛି, ସେଥିରୁ ପ୍ରତୀୟମାନ ହେଉଛି ଯେ ସେହି ରାଜ୍ୟରେ ଖୁବ୍‌ଶୀଘ୍ର ଜଣେ ନୂଆ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବେ ଏବଂ ସେଠାକାର ସ୍ଥିତି ଦଳର ହାଇକମାଣ୍ଡଙ୍କ ପାଇଁ ଆଉ ଏକ ପରୀକ୍ଷାର ସମୟ ଆଣିବ। ମୁଖ୍ୟମନ୍ତ୍ରୀ ସିଦ୍ଧରାମାୟାଙ୍କ ସୂଚନା ଅନୁସାରେ ସେ ଖୁବ୍‌ଶୀଘ୍ର ନିଜ ପଦରୁ ଇସ୍ତଫା ଦେଇପାରନ୍ତି। ଉପମୁଖ୍ୟମନ୍ତ୍ରୀ ଡି କେ ଶିବକୁମାରଙ୍କ ସହ ହାଇକମାଣ୍ଡ ଯେଉଁ ବୁଝାମଣା କରିଥିଲେ ସେଥିରେ ସିଦ୍ଧରାମାୟାଙ୍କୁ ପ୍ରଥମ ଅଢ଼େଇ ବର୍ଷ ଓ ଶିବକୁମାରଙ୍କୁ ଅବଶିଷ୍ଟ ଅଢ଼େଇ ବର୍ଷ ମୁଖ୍ୟମନ୍ତ୍ରୀ କରାଯିବାର ବ୍ୟବସ୍ଥା ହୋଇଥିଲା ବୋଲି କୁହାଯାଉଛି। ତେବେ ଅଢ଼େଇବର୍ଷ ନ ପୁରୁଣୁ ମୁଖ୍ୟମନ୍ତ୍ରୀଙ୍କୁ ବଦଳାଇବାକୁ ଦଳ ମଧ୍ୟରେ କେବଳ ଚାପ ବଢୁନାହିଁ, ଏଥିରେ ରାଜ୍ୟର ଅନ୍ୟତମ ସଂଖ୍ୟାଧିକ ବର୍ଗ ଭୋକ୍କାଲିଗା ସମୁଦାୟ ଓ ସମ୍ପୃକ୍ତ ପନ୍ଥର ଜଣେ ପ୍ରଭାବଶାଳୀ ମଠାଧୀଶ ସାଧାରଣ ସଭାରେ ସିଦ୍ଧରାମାୟଙ୍କ ବଦଳରେ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଖୋଲାଖୋଲି ଦାବି କରୁଛନ୍ତି। ଶିବକୁମାର ଭୋକ୍କାଲିଗା (ଚାଷୀ) ସମୁଦାୟର ପ୍ରତିନିଧିତ୍ୱ କରୁଛନ୍ତି। ଦକ୍ଷିଣ କର୍ଣ୍ଣାଟକ, ବିଶେଷକରି ପୁରୁଣା ମହୀଶୂର ଅଞ୍ଚଳରେ ଏହି ସମ୍ପ୍ରଦାୟର ଲୋକେ ଅଧିକ ବାସ କରନ୍ତି। ରାଜ୍ୟର ଅନ୍ୟତମ ପ୍ରମୁଖ ଜାତି ଲିଙ୍ଗାୟତମାନଙ୍କର ମଧ୍ୟ ରାଜ୍ୟ ରାଜନୀତିରେ ଅଖଣ୍ଡ ପ୍ରଭାବ ରହିଛି। ଏମାନେ ଏବେ ମୁଖ୍ୟତଃ ବିଜେପିର ସମର୍ଥକ। କର୍ଣ୍ଣାଟକ ରାଜନୀତିରେ କ୍ଷମତା ପାଇଁ ଲିଙ୍ଗାୟତ ଓ ଭୋକ୍କାଲିଗା ଗୋଷ୍ଠୀର ପ୍ରଭାବ ସର୍ବଦା ରହିଆସିଛି ଏବଂ ଅଧିକାଂଶ ମୁଖ୍ୟମନ୍ତ୍ରୀ ଏହି ଦୁଇ ସମ୍ପ୍ରଦାୟରୁ ହୋଇଥିଲେ ମଧ୍ୟ ଏଥିରେ ଲିଙ୍ଗାୟତଙ୍କ ସଂଖ୍ୟା ଅଧିକ। ତଥାପି ଜାତିଗତ ସମୀକରଣ ଆଧାରରେ ଦଳିତ, ବ୍ରାହ୍ମଣ, ଓବିସି, ଏପରିକି ସଂଖ୍ୟାଲଘୁ ଶିଖ ସମ୍ପ୍ରଦାୟରୁ ମଧ୍ୟ କେଇଜଣ ପୂର୍ବରୁ ଏହି ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ସିଦ୍ଧରାମାୟା ଅତି ପଛୁଆବର୍ଗର ପ୍ରତିନିଧିତ୍ୱ କରୁଛନ୍ତି। ପୂର୍ବରୁ ସେ ଥରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ। ଦଳିତ, ଶୋଷିତ, ଅତ୍ୟନ୍ତ ଅନଗ୍ରସର ଓ ସଂଖ୍ୟାଲଘୁଙ୍କ ସମର୍ଥନ ତାଙ୍କ ପଛରେ ଅଧିକ। ଏହାସତ୍ତ୍ୱେ ତାଙ୍କୁ ତାଙ୍କ ଅଢ଼େଇବର୍ଷିଆ ମୁଖ୍ୟମନ୍ତ୍ରୀ ପାଳିରୁ ଆଗୁଆ ବିଦାୟ ନେବାକୁ ପଡ଼ିବା ପ୍ରାୟ ନିଶ୍ଚିତ ହେବା ପଛରେ ରହିଛି ଭୋକ୍କାଲିଗା ଓ ଅନ୍ୟ ଅନଗ୍ରସର ସମୁଦାୟର ଚାପ।

ଶିବକୁମାର ଜଣେ ଉତ୍ତମ ସଂଗଠକ, ଅତ୍ୟନ୍ତ ପରିଶ୍ରମୀ, ଅନୁଗତ, ବେଶ ଶକ୍ତିଶାଳୀ ଓ ଧନାଢ଼୍ୟ ନେତା। ସେ କର୍ଣ୍ଣାଟକରେ କଂଗ୍ରେସକୁ ବହୁ ସଂକଟରୁ ଉଦ୍ଧାର କରିଛନ୍ତି। ତେବେ ଏହି ନେତାଜଣଙ୍କୁ ଯେଭଳି ପୁରସ୍କୃତ କରାଯିବା କଥା କଂଗ୍ରେସ ତାହା କରିନାହିଁ। କର୍ଣ୍ଣାଟକ ରାଜନୀତିରେ ଏବେ ଜାତି ଓ ସମ୍ପ୍ରଦାୟର ପ୍ରଭାବ ଯଥେଷ୍ଟ ବଢ଼ିଯାଇଛି। ରାଜ୍ୟରେ କଂଗ୍ରେସ ସରକାର ଥିବା ସତ୍ତ୍ୱେ ଲୋକସଭା ନିର୍ବାଚନରେ ବିଜେପି ଏବଂ ଏନ୍‌ଡିଏ ମେଣ୍ଟକୁ ଭଲ ସଫଳତା ମିଳିବାର କାରଣ ହେଲା ଲିଙ୍ଗାୟତ ଓ ଭୋକ୍କାଲିଗା ଦୁଇ ପ୍ରମୁଖ ସମ୍ପ୍ରଦାୟ ବିଜେପିକୁ ସମର୍ଥନ କରିଥିଲେ। କୁମାରସ୍ୱାମୀଙ୍କ ନିୟନ୍ତ୍ରଣରେ ରହିଥିବା ଜେଡିଏସ୍ ବସ୍ତୁତଃ ଏକ ଭୋକ୍କାଲିଗାଙ୍କ ଦଳ। ତେଣୁ କଂଗ୍ରେସର ଏବେ ଚେତା ପଶିଛି ଯେ ଭୋକ୍କାଲିଗା ସମ୍ପ୍ରଦାୟର ଜଣକୁ ମୁଖ୍ୟମନ୍ତ୍ରୀ କଲେ ସେଠାରେ ରାଜନୈତିକ ସମୀକରଣ ଠିକ୍ ରହିବ।

କର୍ଣ୍ଣାଟକରେ ଅନେକ ଲିଙ୍ଗାୟତ ଓ ଭୋକ୍କାଲିଗା ସମ୍ପ୍ରଦାୟର ମଠ ରହିଛି। ଏହି ଲୋକପ୍ରିୟ ମଠଗୁଡ଼ିକ ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ସକ୍ରିୟ। ଏ ସବୁର ମଠାଧୀଶଙ୍କର ସମ୍ପୃକ୍ତ ସମୁଦାୟ ଉପରେ ପ୍ରଚଣ୍ଡ ପ୍ରଭାବ ରହିଛି। ନିଜ ସମ୍ପ୍ରଦାୟରୁ ଜଣକୁ ମୁଖ୍ୟମନ୍ତ୍ରୀ କରିବାକୁ ସମ୍ପୃକ୍ତ ମଠର ମଠାଧୀଶମାନେ ଖୋଲାଖୋଲି ସ୍ୱର ଉତ୍ତୋଳନ କରିଥା'ନ୍ତି। ଗତସପ୍ତାହରେ ଏକ ସଭାରେ ଭୋକ୍କାଲିଗା ମଠର ଜଣେ ସର୍ବମାନ୍ୟ ମଠାଧୀଶ କୁମାର ଚନ୍ଦ୍ରଶେଖର ସ୍ୱାମିଜୀ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସ୍ପଷ୍ଟଭାବେ ତାଙ୍କୁ ଇସ୍ତଫା ଦେବାକୁ କହି ଶିବକୁମାରଙ୍କ ପାଇଁ ପଥ ପରିଷ୍କାର କରିବାକୁ ପ୍ରସ୍ତାବ ଦେଇଥିଲେ। ସାଧୁସନ୍ଥଙ୍କ ଏଭଳି ସମ୍ପ୍ରଦାୟଭିତ୍ତିକ ରାଜନୀତି ମୁଖ୍ୟମନ୍ତ୍ରୀ ସିଦ୍ଧରାମାୟାଙ୍କ ପାଇଁ ଗ୍ରହଣୀୟ ହୋଇ ନଥିଲେ ମଧ୍ୟ ସଂବେଦନଶୀଳ ଜାତିଆଣ ପ୍ରସଙ୍ଗକୁ ସେ ନିରବରେ ହଜମ କରିବାକୁ ବାଧ୍ୟ ହୋଇଥିଲେ। ଚତୁର ଶିବକୁମାର ନିଜକୁ ବିବାଦରୁ ଦୂରେଇ ରଖିବାକୁ ସଫେଇ ଦେଇଥିଲେ ଯେ ନେତୃତ୍ୱ ପରିବର୍ତ୍ତନ ପାଇଁ ମୁକ୍ତମଞ୍ଚରେ ଏଭଳି ଦାବି ଓ ଆହ୍ୱାନ ଗ୍ରହଣୀୟ ନୁହେଁ। ତାଙ୍କ କଥାଟି କିନ୍ତୁ 'ଲୁଚିଛି ନା ଗୋଡ଼ ଦୁଇଟି ଦିଶୁଛି' ଭଳି ଜଣାପଡ଼େ। ସିଦ୍ଧରାମାୟା ଏଭଳି ଘଟଣା ପରେ କହିଛନ୍ତି ଯେ ହାଇକମାଣ୍ଡ ଯେଉଁ ନିଷ୍ପତ୍ତି ନେବେ ତାହାକୁ ସେ ମାନିନେବେ। ହେଲେ ଏହି ଚତୁର ରାଜନେତା ଶିବକୁମାରଙ୍କ ପାଇଁ ପଥ ପରିଷ୍କାର କରିନାହାନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ସବୁ ପ୍ରମୁଖ ବର୍ଗଙ୍କୁ ସରକାରରେ ଉପଯୁକ୍ତ ପ୍ରତିନିଧିତ୍ୱ ଦେଇ ଏହାକୁ ସମାବେଶୀ କରାଯିବା ଉଚିତ। ତେଣୁ ଏସ୍‌ଟି, ଏସ୍‌ସି ଓ ସଂଖ୍ୟାଲଘୁ ବର୍ଗରୁ ଜଣେ ଲେଖାଏଁ ନେତାଙ୍କୁ ଉପମୁଖ୍ୟମନ୍ତ୍ରୀ କରିବାକୁ ସେ ପାଲଟା ପ୍ରସ୍ତାବ ଦେଇ ପଦ ଛାଡ଼ିବାକୁ ଆପାତତଃ ନିଷ୍ପତ୍ତି ନେଇଛନ୍ତି। ଏହାଫଳରେ ସମ୍ପୃକ୍ତ ତିନିବର୍ଗରେ ଉପମୁଖ୍ୟମନ୍ତ୍ରୀ ପଦ ପାଇବାକୁ ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି ଏବଂ ଶିବକୁମାର ମଧ୍ୟ ଏକା ଶାସନ କରିବାର ସୁଯୋଗ ପାଇବା ଅନିଶ୍ଚିତ ହେଲାଣି।

ଯାହା ଜଣାପଡୁଛି ଚତୁର ସିଦ୍ଧରାମାୟାଙ୍କ ତିନି ଉପମୁଖ୍ୟମନ୍ତ୍ରୀ ପ୍ରସ୍ତାବ କଂଗ୍ରେସ ପାଇଁ ରାଜନୀତିର ଭାନୁମତୀ ପେଡ଼ି ଖୋଲିଛି। ବିଜେପି ପରି କଂଗ୍ରେସ ମଧ୍ୟ ଜାତି ଓ ବର୍ଗଙ୍କୁ ତୁଷ୍ଟ କରିବା ପାଇଁ ଏବେ ପୁନଶ୍ଚ ଏକାଧିକ ଉପମୁଖ୍ୟମନ୍ତ୍ରୀ ପଦ ସୃଷ୍ଟି କରିବାକୁ ବାଧ୍ୟ ହେବ। ଏହାର ପ୍ରଭାବ ଅନ୍ୟ କଂଗ୍ରେସଶାସିତ ରାଜ୍ୟ ଉପରେ ପଡ଼ିପାରେ। ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥା ଓ ଗଣତନ୍ତ୍ରର ବିଚିତ୍ର ବିରୋଧାଭାଷ ହେଲା ଏଠାରେ ରାଜନୈତିକ ରଣକୌଶଳ ବିଧିବ୍ୟବସ୍ଥା ଅନୁସାରୀ ନୁହେଁ। ସମ୍ବିଧାନ ଜାତି, ସମ୍ପ୍ରଦାୟ, ଆଞ୍ଚଳିକତା ଆଦିର ବିରୋଧୀ ଏବଂ ଗଣତନ୍ତ୍ରରେ ଜାତିଧର୍ମର ପ୍ରଭାବକୁ ବିରୋଧ କରେ। ତେବେ ସେହି ସମ୍ବିଧାନରେ ଥିବା ଅସ୍ଥାୟୀ ସଂରକ୍ଷଣ 'କୋଟା' ବ୍ୟବସ୍ଥା ବାରମ୍ବାର ପରିବର୍ଦ୍ଧିତ ଓ ପ୍ରଲମ୍ବିତ ହୋଇ ଏକ ସ୍ଥାୟୀ ରୂପ ନେଲାଣି। ସମ୍ବିଧାନରେ ସଂଖ୍ୟାଗରିଷ୍ଠ ଜାତି, ବର୍ଗ ଓ ସମୁଦାୟଙ୍କ ପ୍ରଭାବ କ୍ଷୁଣ୍ଣ କରି ସମସ୍ତଙ୍କୁ ସମାନ ଭାବେ ଦେଖିବାର ବ୍ୟବସ୍ଥା ଥିବା ବେଳେ ବାସ୍ତବିକ ଗଣତନ୍ତ୍ରରେ ଜାତି, ସମ୍ପ୍ରଦାୟବାଦକୁ ପ୍ରୋତ୍ସାହିତ ଏବଂ ତୋଷ କରିବାର ପ୍ରୟାସ ହେଉଛି। ସଂଖ୍ୟା ଓ ଭୋଟ ବ୍ୟାଙ୍କ ରାଜନୀତିରେ ପ୍ରତିଭା ଓ ପ୍ରାକୃତିକ ନେତୃତ୍ୱ ବଳି ପଡୁଛି। ସତରେ ବିଚିତ୍ର ଆମ ଗଣତନ୍ତ୍ର!

ତେବେ ରାଜନୈତିକ ବାସ୍ତବତା ଅନେକ ରାଜ୍ୟରେ ଭିନ୍ନ। ପଶ୍ଚିମବଙ୍ଗ, ଓଡ଼ିଶା, କେରଳ, ମହାରାଷ୍ଟ୍ର, ରାଜସ୍ଥାନ ଓ ମଧ୍ୟପ୍ରଦେଶ ଆଦି ରାଜ୍ୟରେ, ଯେଉଁଠି ଜାତିଆଣ ରାଜନୀତି ପ୍ରାୟ ନଥିଲା, ସେଠାରେ ଏବେ ସେ ସଂସ୍କୃତି ଆରମ୍ଭ ହୋଇଛି। କେବଳ ପଶ୍ଚିମବଙ୍ଗ ଓ କେରଳ ଏ ଯାଏଁ ଏହି ବ୍ୟାଧିରୁ ଅନେକାଂଶରେ ମୁକ୍ତ ରହିଛି। ମହିଳା ସଂରକ୍ଷଣ ବିଲ ଲାଗୁ ହେବା ପରେ ଏହି ଲିଙ୍ଗ ଓ ଜାତିଗତ ରାଜନୀତି ନୂଆ ରୂପ ନେଇପାରେ। ମହିଳାଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ଦେଇ ସଶକ୍ତ କରିବା ଉଦ୍ଦେଶ୍ୟ ମନ୍ଦ ହୋଇନଥିଲେ ମଧ୍ୟ ଏହାର ପ୍ରୟୋଗ ଭିନ୍ନ ହୋଇପାରେ। ଜାତିବାଦ, ସମ୍ପ୍ରଦାୟବାଦ ଭଳି କୁସଂସ୍କାରଠାରୁ ଦୂରେଇବା ପାଇଁ ଆମେ ଯେତେ ଚେଷ୍ଟା କରୁଥିଲେ ମଧ୍ୟ ରାଜନୀତି ଓ କୋଟା ବ୍ୟବସ୍ଥା ତାହାକୁ କେବଳ ବଞ୍ଚାଇ ରଖୁନାହିଁ, ଶକ୍ତିଶାଳୀ ମଧ୍ୟ କରୁଛି। ଏହା ନିଶ୍ଚିତ ଗଣତନ୍ତ୍ର ପାଇଁ ଚିନ୍ତାର ବିଷୟ। ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ରାଜ୍ୟଗୁଡ଼ିକରେ ଏବେ ମୁଖ୍ୟମନ୍ତ୍ରୀ ମନୋନୟନ ଏକ ଜଟିଳ କସରତରେ ପରିଣତ ହୋଇଛି। ତୁଷ୍ଟୀକରଣ ଓ ଭାଗୁଆଳୀ ସରକାରର ବାଧ୍ୟବାଧକତା ଏହି ପ୍ରକ୍ରିୟାକୁ ଅଧିକ ଜଟିଳ କରିଛି। ନୂଆ ଭାରତର ଗଣତନ୍ତ୍ର ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ। ଏଥିପାଇଁ ନିର୍ବାଚନ ବ୍ୟବସ୍ଥାରେ ମଧ୍ୟ ସଂସ୍କାର ଲୋଡ଼ା।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଭାରତୀୟ ବୈଦ୍ୟୁତିକ ଯାନ ବଜାର ଓ ଏଲନ୍ ମସ୍କ



ଡକ୍ଟର ଚିତ୍ତରଞ୍ଜନ ମିଶ୍ର
ଭୁବନେଶ୍ୱର, ମୋ: ୯୩୩୮୨୦୪୯୯୩

ମୋଟରଯାନ ନିର୍ମାଣ ଓ ଅକ୍ଷୟଶକ୍ତି ଉତ୍ପାଦନ କରୁଥିବା ଆମେରିକୀୟ ବହୁରାଷ୍ଟ୍ରୀୟ କମ୍ପାନୀ 'ଟେସ୍‌ଲା'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏଲନ୍ ମସ୍କଙ୍କ ଗତ ଏପ୍ରିଲ ୨୧-୨୨ରେ ପ୍ରସ୍ତାବିତ ଭାରତ ପରିଭ୍ରମଣ କାର୍ଯ୍ୟକ୍ରମ ସ୍ଥଗିତ ହେବା ଏବଂ ସେ ସେହିସମୟରେ ଚୀନ୍ ଗସ୍ତ କରିବାକୁ ନେଇ ବିଶ୍ୱସ୍ତରରେ ଅନେକ ଆଲୋଚନା ଓ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ଅବଶ୍ୟ ସ୍ପଷ୍ଟୀକରଣରେ ଏଲନ୍ ମସ୍କ କହିଥିଲେ ଯେ ଟେସ୍‌ଲାରେ ଥିବା ଅତ୍ୟନ୍ତ ଜରୁରୀ କାର୍ଯ୍ୟକ୍ରମ ଯୋଗୁଁ ସେ ତାଙ୍କର ଭାରତ ଯାତ୍ରା କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବାକୁ ବାଧ୍ୟ ହୋଇଥିଲେ। ଏହାପରେ ମସ୍କ କ୍ରମଶଃ ଚୀନ୍ ମୁହାଁ ହେଉଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। କିନ୍ତୁ ଭାରତ ପାଇଁ ଏଲସ୍ ମସ୍କ ଯେତିକି ଆବଶ୍ୟକ ଟେସ୍‌ଲା ପାଇଁ ଭାରତୀୟ ବଜାର ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଭବିଷ୍ୟତର ଅତ୍ୟାବଶ୍ୟକ ଅକ୍ଷୟ ଶକ୍ତି ଓ ତତ୍‌ସମ୍ବନ୍ଧୀୟ ଆନୁଷଙ୍ଗିକ ଉପକରଣ, ବୈଦ୍ୟୁତିକ ଯାନ, ଘରୁ ଆରମ୍ଭ କରି ଗ୍ରୀଡ୍ ପର୍ଯ୍ୟନ୍ତ ସ୍ଥିର ବ୍ୟାଟେରୀ ଶକ୍ତି ଭଣ୍ଡାରଣ ଉପକରଣ ନିର୍ମାଣ, ଉତ୍ପାଦନ ଓ ବିକ୍ରି କ୍ଷେତ୍ରରେ ଟେସ୍‌ଲା ସମ୍ପ୍ରତି ବିଶ୍ୱ ନେତୃତ୍ୱ ନେଉଥିବା ବେଳେ ଭାରତଠାରୁ ବଡ଼ ବଜାର ତା' ପାଇଁ ଆଉ ବିଶ୍ୱରେ ମିଳିବ ନାହିଁ। 'ଟେସ୍‌ଲା' ଯେଉଁଠାରେ ବି ନିଜର ଉତ୍ପାଦନ ପ୍ରକ୍ରିୟା ଆରମ୍ଭ କରିଛି, ସେଠାରେ ସେ ଏକ ସୁଦୃଢ଼ ବୈଦ୍ୟୁତିକ ଯାନ ଇକୋ-ସିଷ୍ଟମ୍‌ର ସ୍ଥାପନା କରିଛି। ଏ କ୍ଷେତ୍ରରେ ଚୀନ ଉତ୍କୃଷ୍ଟତମ ଉଦାହରଣ। ଭାରତ ଚାହୁଁଛି ଟେସ୍‌ଲା ଚୀନର ଏଭଳି ଅନନ୍ୟ ଉଦାହରଣକୁ ଭାରତରେ ମଧ୍ୟ ଦୋହରାଉ।

୨୦୨୩ ମସିହାରେ ଭାରତରେ ବିକ୍ରି ହୋଇଥିବା ବୈଦ୍ୟୁତିକ ମୋଟର ଗାଡ଼ିର ସଂଖ୍ୟା ୯୦ ହଜାର ଥିଲା, ଯାହାକି ମୋଟ ମୋଟର ଗାଡ଼ି ସଂଖ୍ୟାର ୨.୨ ପ୍ରତିଶତ। ବିଶ୍ୱସ୍ତରରେ ବୈଦ୍ୟୁତିକ ଗାଡ଼ି ସଂଖ୍ୟା ମୋଟ ମୋଟର ଗାଡ଼ି ବିକ୍ରି ସଂଖ୍ୟାର ୧୧.୧ ପ୍ରତିଶତ। ଯେଉଁଠାରେ ସୁଯୋଗ ଥାଏ ଏଲନ୍ ମସ୍କ ସେଠାରେ ନିଜ ସ୍ୱପ୍ନକୁ ଚରିତାର୍ଥ କରିବା ପାଇଁ ବିପୁଳ ପୁଞ୍ଜି ଲଗାଣ କରିଥା'ନ୍ତି। ଏଲନ୍ ମସ୍କଙ୍କ ତିନୋଟି ମହତ୍ୱପୂର୍ଣ୍ଣ ପରିଯୋଜନା ହେଲା- ଭାରତ ଏବେ ସମଗ୍ର ବିଶ୍ୱର ସର୍ବବୃହତ ଜନବହୁଳ ରାଷ୍ଟ୍ରର ବିରଳ ମର୍ଯ୍ୟାଦା ଲାଭ କରିଥିବାରୁ ଭାରତୀୟମାନେ ନିଶ୍ଚିତ ରୂପେ ଟେସ୍‌ଲା ବୈଦ୍ୟୁତିକ ଯାନର ଅଧିକାରୀ ହେବା ଏକାନ୍ତ ଆବଶ୍ୟକ। ସୌର ପ୍ୟାନେଲ ବ୍ୟାଟେରୀ ଷ୍ଟୋରେଜ ସହ ଯୁକ୍ତ ହୋଇ ଗ୍ରାମୀଣ ଭାରତବର୍ଷ ଆଲୋକିତ ହେବାର ବିପୁଳ ସମ୍ଭାବନା ଅଛି। ତୃତୀୟତଃ, ସାଟେଲାଇଟ୍ ଇଣ୍ଟରନେଟ୍ ଜ୍ୟୋତିପୁଞ୍ଜ 'ଷ୍ଟାରଲିଙ୍କ' ଭାରତବର୍ଷର ଗ୍ରାମୀଣ ଓ ଦୁର୍ଗମ ଅଞ୍ଚଳରେ ମୋବାଇଲ୍ ବ୍ରଡ୍‌ବ୍ୟାଣ୍ଡ ସେବା ଯୋଗାଇପାରିବ।

ଭାରତୀୟ ଉପଭୋକ୍ତାଙ୍କୁ ସୁହାଇବା ପରି ଟେସ୍‌ଲା ମଧ୍ୟ ମଡେଲ ୩/ୱାଇ ତୁଳନାରେ ବୈଦ୍ୟୁତିକ ଯାନ ମୂଲ୍ୟରେ ୫୦ ପ୍ରତିଶତ ହ୍ରାସ କରି ନୂଆ ମୋଟର ଗାଡ଼ିର ନିର୍ମାଣ କରୁଥିବାର ଘୋଷଣା କରିଛି। ଏଲନ୍ ମସ୍କ ଭାରତମୁଖୀ ହେଲେ ମେକ୍-ଇନ୍-ଇଣ୍ଡିଆ ଅଭିଯାନ ଅଧିକ ଫଳପ୍ରଦ ହେବ ବୋଲି ଭାରତ ସରକାର ଆଶାବାଦୀ। ତେଣୁ ଗତ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁହେବା ପୂର୍ବରୁ କେନ୍ଦ୍ର ସରକାର ଶେଷ କାର୍ଯ୍ୟ ଦିବସରେ ଇ-ଭେହିକିଲ୍ ନୀତି ଘୋଷଣା କରିଥିଲେ। କେନ୍ଦ୍ର ସରକାର ମଧ୍ୟ ଦୀର୍ଘଦିନ ଧରି ପଡ଼ିରହିଥିବା ଏଲନ୍ ମସ୍କଙ୍କ ଅନୁରୋଧକୁ ବିଚାରକୁ ନେଇ ବୈଦ୍ୟୁତିକ ମୋଟର ଗାଡ଼ିର ଆମଦାନୀକୁ ଅନୁମତି ଦେଇଥିଲେ।



ସାଧାରଣତଃ 'ଟେସ୍‌ଲା' ପର୍ଯ୍ୟାୟକ୍ରମେ ତା'ର ଉତ୍ପାଦନ କ୍ଷମତାରେ ଅଭିବୃଦ୍ଧି ଆଣିଥାଏ ଏବଂ ଆଞ୍ଚଳିକ ଉତ୍ପାଦନ ମଧ୍ୟ ତାହା ସହ ତାଳ ଦେଇ ଚାଲିଥାଏ। ଏଲନ୍ ମସ୍କ ଠିକ୍ ଏଭଳି ପଦକ୍ଷେପ ଚୀନ ଓ ଜାପାନରେ ଗ୍ରହଣ କରିଛନ୍ତି। ସେହି ରାଷ୍ଟ୍ରମାନଙ୍କରେ ଟେସ୍‌ଲା ନିଜ ଦେଶରୁ ଆମଦାନୀ କରି ମୋଟରଗାଡ଼ି ବିକ୍ରି ଆରମ୍ଭ କରି ପରବର୍ତ୍ତୀ ସମୟରେ ସେଲ୍ସ, ସର୍ଭିସ୍ ସେଣ୍ଟର ଓ ଚାର୍ଜର୍ସ ସେଣ୍ଟର ମାଧ୍ୟମରେ ପ୍ରମୁଖ ବଜାର ବ୍ୟବସ୍ଥାର ବୀଜ ରୋପଣ କଲେ। ଏଭଳି ବଜାର ରଣନୀତି ତାଙ୍କୁ ଚାହିଦାର ଏକ ଅପୂର୍ବ ଦୃଶ୍ୟପଟ ପ୍ରଦାନ କଲା ଏବଂ ଏଥିରୁ ଉପଲବ୍ଧ ହେଉଥିବା ଲାଭାଂଶ ଆଞ୍ଚଳିକ କାରଖାନାମାନଙ୍କୁ ଆଂଶିକ ଭାବେ ପ୍ରଦାନ କରାଗଲା। ବୈଦ୍ୟୁତିକ ମୋଟରଗାଡ଼ିଗୁଡ଼ିକର ପରିବହନ ଦକ୍ଷତା ବୃଦ୍ଧି ପାଇଁ ମସ୍କ ଆଞ୍ଚଳିକ କାରଖାନାମାନ ନିର୍ମାଣ କଲେ। ଚୀନ ଶତପ୍ରତିଶତ ସିଧାସଳଖ ବିଦେଶୀ ପୁଞ୍ଜିଲଗାଣକୁ ଅନୁମତି ଦେଲା ପରେ ଏଲନ୍ ମସ୍କ ୨ ବିଲିୟନ ଡଲାରର ଏକ କାରଖାନା ପ୍ରତିଷ୍ଠା ପାଇଁ ରାଜି ହେଲେ। ଜର୍ମାନୀରେ ମଧ୍ୟ ୪ ବିଲିୟନ ୟୁରୋ କାରଖାନାର ଘୋଷଣାନାମା ଟେସ୍‌ଲା ପକ୍ଷରୁ ଜାରି ହେଲା। ସେହିପରି ବ୍ୟାଟେରୀ ସେଲ୍‌ସ, ଇଲେକ୍‌ଟ୍ରୋନିକ୍ସ ଓ ମୁଖ୍ୟ ଯନ୍ତ୍ରାଂଶ, କଞ୍ଚାମାଲ୍ ଆଦି ପାଇଁ ଦୀର୍ଘମିଆଦୀ ଯୋଗାଣ ଲାଗି ଟେସ୍‌ଲା ଆଞ୍ଚଳିକ କମ୍ପାନୀମାନଙ୍କ ସହିତ ଚୁକ୍ତି ସ୍ୱାକ୍ଷର କରିଛି, ଯାହା ଭାରତ କ୍ଷେତ୍ରରେ ମଧ୍ୟ ବହୁଉପଯୋଗୀ ସାବ୍ୟସ୍ତ ହେବ।

ଗତ ୫ ବର୍ଷ ମଧ୍ୟରେ ଟେସ୍‌ଲା ସମଗ୍ର ବିଶ୍ୱରେ ପ୍ରାୟ ୬୦୦୦ ଚାର୍ଜିଂ ଷ୍ଟେସନ୍‌ରେ ୫୫ ହଜାର ସୁପରଚାର୍ଜର ସ୍ଥାପନା କରିଛି, ଯାହାର ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାର (ସି.ଏ.ଜି.ଆର) ୩୬ ପ୍ରତିଶତ। ଚାର୍ଜିଂ ଷ୍ଟେସନ୍‌ଗୁଡ଼ିକର ହାରାହାରି ଅପ୍‌ଟାଇମ୍ ବା ବ୍ୟବହାର ସମୟ ୯୯.୯ ପ୍ରତିଶତରୁ ଅଧିକ। ଟେସ୍‌ଲା ତା'ର ସୁପର ଚାର୍ଜର୍ସଗୁଡ଼ିକୁ ସୋଲାର ପ୍ୟାନେଲ୍ ଓ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍‌ସ ସହ ପାଖକୁ ପାଖ ସଂସ୍ଥାପନ କରି ରଖିବାକୁ ଚେଷ୍ଟା କରୁଛି, ଯଦ୍ୱାରା ପୁଞ୍ଜି ବ୍ୟୟ ହ୍ରାସ ପାଇବା ସହ ଅଣପାରମ୍ପରିକ ଶକ୍ତି ଉତ୍ସର ମଧ୍ୟ ବିନିଯୋଗ ହୋଇପାରିବ। ସୁପରଚାର୍ଜର୍ସ ଷ୍ଟେସନ୍‌ଗୁଡ଼ିକ ପ୍ରାୟତଃ ସୁଗମନାଗମନ ହେଉଥିବା ରାସ୍ତା କଡ଼ରେ, ଜନଗହଳିପୂର୍ଣ୍ଣ ଅଞ୍ଚଳ ମଧ୍ୟରେ ଏବଂ ଏହାର ଚତୁର୍ଦ୍ଦିଗରେ ସ୍ଥାପିତ ହୋଇଥାଏ। ଟେସ୍‌ଲାର ବୈଦ୍ୟୁତିକ ଯାନଗୁଡ଼ିକ ଥରେ ଚାର୍ଜ କଲେ ଏହାର ବ୍ୟାଟେରି ୫୦୦ କିମି ପର୍ଯ୍ୟନ୍ତ ଯାତ୍ରା କରିପାରେ। ତେଣୁ ଭାରତୀୟ ରାଜପଥମାନଙ୍କରେ ମାତ୍ର ଅଳ୍ପ କେତେକ ସୁପର ଚାର୍ଜର୍ସ ସ୍ଥାପନା କରାଗଲେ ଭାରତୀୟମାନଙ୍କ ମନ ମଧ୍ୟରେ ଚାର୍ଜିଂକୁ ନେଇ ବସାବାନ୍ଧି ରହିଥିବା ଉଦ୍‌ବେଗ ଦୂରୀଭୂତ ହୋଇଯିବ। ଟେସ୍‌ଲାର 'ବ୍ରାଣ୍ଡ' ଇମେଜ୍‌କୁ ଆଖି ଆଗରେ ରଖିଲେ ମଡେଲ-ୱାଇ ସ୍ପୋର୍ଟ୍ସ ୟୁଟିଲିଟି ଭେହିକିଲ ୫୫ ଲକ୍ଷ ଟଙ୍କାର ହୋଇଥିଲେ ମଧ୍ୟ ଭାରତୀୟଙ୍କ ମଧ୍ୟରେ ବିଶେଷ ଆଦୃତ ହୋଇପାରିବ। କାରଣ ବିଦେଶରୁ ଆମଦାନୀ ହୋଇଥିବା ମୋଟରଗାଡ଼ି ମଡେଲ ପାଇଁ ଭାରତୀୟମାନେ ମାତ୍ରାଧିକ ଆଗ୍ରହୀ ହେଉଥିବା ପରିଲକ୍ଷିତ ହୁଏ।

ବୈଦ୍ୟୁତିକ ଯାନ ନିର୍ମାଣ ଓ ବିକ୍ରି କ୍ଷେତ୍ରରେ ଟେସ୍‌ଲାର ଉପସ୍ଥିତି ଉଭୟ ଚୀନ ଓ ଜର୍ମାନୀ ଅଟୋନିର୍ମାତାମାନଙ୍କୁ ଅଣୁଘଟକ ସଦୃଶ ଉଦ୍‌ବୁଦ୍ଧ କରିଛି ବୋଲି କୁହାଯାଉଛି। ଯଦିଓ ସେମାନେ ପ୍ରାରମ୍ଭିକ ପର୍ଯ୍ୟାୟରେ ବହୁ ସଂଗ୍ରାମ ଓ ଘାତ ପ୍ରତିଘାତର ସମ୍ମୁଖୀନ ହୋଇଥିଲେ। ଏପରିକି ବୈଦ୍ୟୁତିକ ଯାନ ଶିଳ୍ପରେ ପ୍ରବେଶ କରିବା ପାଇଁ ସେମାନେ ମଧ୍ୟ ଅତ୍ୟନ୍ତ ଦ୍ୱନ୍ଦ୍ୱରେ ଥିଲେ। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ସେମାନେ ଏହି ଦ୍ୱନ୍ଦ୍ୱ ଓ ସଂଶୟରୁ ମୁକୁଳି ଏହି ଶିଳ୍ପରେ ଅଗ୍ରଗତି କରିଥିଲେ, ଯେତେବେଳେ ସେମାନଙ୍କ ସହିତ ଟେସ୍‌ଲା ସହଯୋଗୀ ଅଂଶୀଦାର ହେଲା।

ଟେସ୍‌ଲା ପାଇଁ ଭାରତ ହେଉଛି ଏକ ମଲ୍ଟିବିଲିୟନ ଡଲାରର ବଜାର। ଏଲନ୍ ମସ୍କଙ୍କର ମଧ୍ୟ ଭାରତକୁ ନେଇ ଏକ ଅତ୍ୟନ୍ତ ଅନୁକୂଳ ଦୃଷ୍ଟିଭଙ୍ଗୀ ରହିଛି। ତାହାର କାରଣ ହେଉଛି ଆମେରିକାରେ ଥିବା ଟେସ୍‌ଲା କମ୍ପାନୀର ପରିଚାଳକସ୍ତରୀୟ କର୍ମକର୍ତ୍ତାଙ୍କ ମଧ୍ୟରୁ ଅଧିକାଂଶ ଭାରତରେ ଜନ୍ମିତ। ଏଲନ୍ ମସ୍କ ଚାହାନ୍ତି ଯେ ଭାରତ ଇଲେକ୍‌ଟ୍ରିକ୍ ମୋଟରଗାଡ଼ି ଏବଂ ଏହାର ବିଭିନ୍ନ ଯନ୍ତ୍ରପାତିର ପ୍ରମୁଖ ଉତ୍ପାଦନକାରୀ ରାଷ୍ଟ୍ର ହୋଇ ବିଶ୍ୱ ବୁକୁରେ ସଗର୍ବେ ଦଣ୍ଡାୟମାନ ହେଉ। ଏହାର ପ୍ରଧାନ ଉଦାହରଣ ହେଲା ଟାଟା ଇଲେକ୍‌ଟ୍ରୋନିକ୍ସଠାରୁ ସେମିକଣ୍ଡକ୍ଟର ଚିପ୍ସ ଉପଲବ୍ଧ କରିବା ପାଇଁ ଟେସ୍‌ଲା ଦ୍ୱାରା ହୋଇଥିବା ନିକଟ ଅତୀତର ବ୍ୟାବସାୟିକ ରଣନୈତିକ ବୁଝାମଣା। ଏହି ଚିପ୍ସକୁ ଟେସ୍‌ଲା ତା'ର ଗ୍ଲୋବାଲ ଅପରେସନ୍ ପାଇଁ ବ୍ୟବହାର କରିବ। ଭାରତ ସମ୍ପ୍ରତି ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ରାଷ୍ଟ୍ର ଭାବେ ଇଲେକ୍‌ଟ୍ରିକ୍ ମୋଟରଗାଡ଼ିର ସର୍ବୋତ୍ତମ ବଜାର ବୋଲି ପରିଗଣିତ ହେଉଥିବାରୁ ଟେସ୍‌ଲା ଭାରତବର୍ଷରେ ଇଲେକ୍‌ଟ୍ରିକ୍ ମୋଟରଗାଡ଼ି ଉତ୍ପାଦନ କରିବା ପାଇଁ ପ୍ରାୟ ୨-୩ ବିଲିୟନ ଡଲାରର ଅର୍ଥରାଶି ବିନିଯୋଗ କରିବ ବୋଲି ଯୋଜନା କରିଛି। ଭାରତ ହୁଏତ ସେହି ରାଷ୍ଟ୍ର ହୋଇପାରେ ଯେଉଁ ରାଷ୍ଟ୍ରରେ ଏଲନ୍ ମସ୍କ ସାମର୍ଥ୍ୟ ବା ବହନଯୋଗ୍ୟ ମୋଟରଗାଡ଼ିକୁ ପରୀକ୍ଷା ନିରୀକ୍ଷା ଓ ନିର୍ମାଣ ମଧ୍ୟ କରିପାରିବେ। ଏହା ସମ୍ଭବ ହେଲେ ଭାରତ ନୂଆକରି ଆବିର୍ଭାବ ହେଉଥିବା ବଜାର ବ୍ୟବସ୍ଥାର ଚାହିଦାକୁ ମେଣ୍ଟାଇ ପାରିବ ଏବଂ ତା'ସହ ଟେସ୍‌ଲାର କିଛି ସଫ୍ଟୱେୟାର ମଧ୍ୟ ଭାରତରେ ପ୍ରସ୍ତୁତ କରାଯାଇପାରିବ।

ଅତଏବ ଏଲନ୍ ମସ୍କ ତାଙ୍କର ଭାରତ ଭ୍ରମଣ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବା ଦୁଇଟି ମୌଳିକ ଲକ୍ଷ୍ୟକୁ ଆଦୌ ପରିବର୍ତ୍ତନ କରିବାର ଆଶଙ୍କା ନାହିଁ। ଗୋଟିଏ ହେଲା ଭାରତୀୟମାନେ ବୈଦ୍ୟୁତିକ ଯାନକୁ ସାଦରେ ଗ୍ରହଣ କରିନେବାରେ ଟେସ୍‌ଲାର ସହାୟତା ଅନନ୍ୟ ସାଧାରଣ ଭାବେ ସାବ୍ୟସ୍ତ ହେବ। ଦ୍ୱିତୀୟତଃ ଟେସ୍‌ଲାର ସାମର୍ଥ୍ୟ ବା ବହନଯୋଗ୍ୟ ମୋଟର ଗାଡ଼ିକୁ ପରୀକ୍ଷା ନିରୀକ୍ଷା ଓ ନିର୍ମାଣ କରିବାରେ ଭାରତୀୟ ବଜାର ସର୍ବୋତ୍କୃଷ୍ଟ ସାବ୍ୟସ୍ତ ହେବ।

# ଘନୀଭୂତ ପ୍ରେମମୂର୍ତ୍ତି: ରାଧାକୃଷ୍ଣ



ଡ. ଅଜିତ କୁମାର ତ୍ରିପାଠୀ
ଭୁବନେଶ୍ୱର, ମୋ: ୯୯୩୭୮୪୪୩୪୭



ଶ୍ରୀଚୈତନ୍ୟ ଏକାସାଙ୍ଗରେ ରାଧା ଓ କୃଷ୍ଣଙ୍କ ଯୁଗଳ ଅବତାର ନେଇ ଆବିର୍ଭୂତ ହୋଇଥିଲେ। ଯେଉଁ ପ୍ରେମ ଦ୍ୱାରା ରାଧା ଶ୍ରୀକୃଷ୍ଣଙ୍କର ମାଧୁରିମା ଆସ୍ୱାଦନ କରନ୍ତି, ସେ ମାଧୁରିମା ଓ ସେ ପ୍ରେମ କିପରି, ଶ୍ରୀକୃଷ୍ଣଙ୍କ ପ୍ରେମ ପ୍ରାପ୍ତି କରି ରାଧା ଯେଉଁ ସୁଖ ପ୍ରାପ୍ତ ହୁଅନ୍ତି ତାହା କିପରି, ଏସବୁର ପରିଚୟ ହିଁ ରାଧାଭାବ। ରାଧାଙ୍କର ଏହି ପ୍ରେମ ହିଁ ପରମ ପୁରୁଷାର୍ଥ, କାନ୍ତା ପ୍ରେମ ଓ ଭଜନ କୀର୍ତ୍ତନ ମାର୍ଗର ସର୍ବୋତ୍ତମ ପଥ। ରାଧାଭାବର ଗଭୀରତା ଓ ଶ୍ରେଷ୍ଠତ୍ୱର ପରିଚୟ ରାମାନନ୍ଦଙ୍କଠାରୁ ପାଇଲେ ଶ୍ରୀଚୈତନ୍ୟ ଓ ସେଥିରେ ସେ ଉଦ୍‌ବୁଦ୍ଧ ହେଲେ। ରାୟରାମାନନ୍ଦ ଚୈତନ୍ୟଙ୍କୁ ରାଧା ଅବତାର ବୋଲି ସ୍ୱୀକାର କଲେ। ସୁରେନ୍ଦ୍ର ମହାନ୍ତିଙ୍କ ମତରେ ଶ୍ରୀଚୈତନ୍ୟ କୃଷ୍ଣଙ୍କ ଅବତାର ମୂର୍ତ୍ତି ଥିଲେ ହେଁ ସେ ସ୍ୱରୂପରେ ଥିଲେ ରାଧା।

ପୂର୍ବେ ଭକ୍ତମାନେ ମୁକ୍ତିକୁ ସର୍ବୋତ୍ତମ ପ୍ରାପ୍ତି ବୋଲି ଗ୍ରହଣ କରିଥିଲେ। ଭକ୍ତମାନେ ମୁକ୍ତି ବାଞ୍ଛା କରୁଥିଲେ। ରାୟ ରାମାନନ୍ଦ, ଶ୍ରୀଚୈତନ୍ୟ ଓ ପଞ୍ଚସଖାଙ୍କ ପରେ ମୁକ୍ତି ଅପେକ୍ଷା ଭକ୍ତି ହିଁ ସର୍ବୋତ୍କୃଷ୍ଟ ବୋଲି ଗୃହୀତ ହେଲା। ମୁକ୍ତି ବାଞ୍ଛାକୁ ନର୍କ ତୁଲ୍ୟ ବୋଲି ବୈଷ୍ଣବ ଭକ୍ତମାନେ କହିଲେ। ମୁକ୍ତି ପରମ ସୁଖ ନୁହେଁ। ମୁକ୍ତିର କାମନା ଥିଲା ପରମ କାମ୍ୟ। ଏଥିରେ ଅନ୍ୟ କୌଣସି ବରଭିକ୍ଷା ନାହିଁ। ମୁକ୍ତିର ଅର୍ଥ ଭବସାଗର ବା ସଂସାରରୁ ମୁକ୍ତି। ଭକ୍ତି ହେଲା କୃଷ୍ଣ ଉପଲବ୍ଧିର ଏକମାତ୍ର ପ୍ରଣାଳୀ। ଭକ୍ତି ହିଁ ପରମ ପୁରୁଷାର୍ଥ। ଏହା ଜ୍ଞାନ ଓ ଯୋଗ ଅପେକ୍ଷା ଶ୍ରେଷ୍ଠ। ମୋକ୍ଷ କାମନା ବା ମୁକ୍ତି ବାସନା ହରିଭକ୍ତି ନିକଟରେ ଅତି ନଗଣ୍ୟ।

ମୁକ୍ତି, ବୈକୁଣ୍ଠ ପ୍ରାପ୍ତି, ସ୍ୱର୍ଗପ୍ରାପ୍ତି, ସ୍ୱର୍ଗ ଭୋଗ ଓ ତା'ର କାମନା ଆଦିର ସ୍ଥାନ ଭକ୍ତି ତୁଳନାରେ ନିମ୍ନ ଓ ତୁଚ୍ଛ, ଏପରିକି ତା'ର ବାଞ୍ଛା ନର୍କତୁଲ୍ୟ। ପ୍ରେମ ବିନା ଜ୍ଞାନ ଶୋଭା ହୀନ। ଜଣେ ଯେତେବଡ଼ ଜ୍ଞାନୀ ହେଲେ ମଧ୍ୟ ଜୀବ ଯେତେବେଳ ପର୍ଯ୍ୟନ୍ତ ପରମାତ୍ମାଙ୍କ ସହିତ ପ୍ରେମ କରେ ନାହିଁ ସେ ପରାମାତ୍ମାଙ୍କୁ ଅନୁଭବ କରିପାରିବ ନାହିଁ। ଅହେତୁକ ଭକ୍ତି ହିଁ ଭକ୍ତକୁ ଭଗବାନଙ୍କ ନିକଟକୁ ନେଇଯାଏ। ଭଗବାନଙ୍କର ନାମ ଓ ସେ ଅଭେଦ। ତାଙ୍କ ନାମ ଅହରହ କହିଲେ ଓ ଚିନ୍ତା କଲେ ତାଙ୍କ ସହିତ ଜୀବର ନିତ୍ୟ ଯୁକ୍ତ ସମ୍ବନ୍ଧ ସ୍ଥାପିତ ହୁଏ।

ବଙ୍ଗଳାର ନବଦ୍ୱୀପ ଓ ଉତ୍ତରପ୍ରଦେଶର ବୃନ୍ଦାବନରେ ଚୈତନ୍ୟଙ୍କର ପୂର୍ବରୁ ହରିନାମ ସଂକୀର୍ତ୍ତନ ଓ ସେଥିସହିତ ମୃଦଙ୍ଗ ଝାଞ୍ଜ ଓ ଗିନିର ପ୍ରଚଳନ ଥିବାର କୌଣସି ପ୍ରମାଣ ନାହିଁ। ମାତ୍ର ଓଡ଼ିଶାରେ ଚୈତନ୍ୟଙ୍କର ବହୁପୂର୍ବରୁ ନାମ ସଂକୀର୍ତ୍ତନର ପରମ୍ପରା ପ୍ରଚଳିତ ଥିଲା ବୋଲି 'ମାଧବ ପଟ୍ଟନାୟକ'ଙ୍କ ରଚିତ 'ବୈଷ୍ଣବ ଲୀଳାମୃତ' କାବ୍ୟରୁ ପ୍ରତିପନ୍ନ ହୁଏ। 'ରାସ' ଅର୍ଥାତ୍ 'ରାହାସ'ର ନାମ ନୃତ୍ୟ ଓ ସଂକୀର୍ତ୍ତନ। ଶ୍ରୀମନ୍ଦିରରେ ପ୍ରଚଳିତ ନାମ ସଂକୀର୍ତ୍ତନର ପରମ୍ପରା, ଅର୍ଥାତ୍ ନାଚୁଣି ମାହାରୀମାନଙ୍କର ନୃତ୍ୟ ସହିତ ଗୀତଗୋବିନ୍ଦ ଗାନ ଓ ନୃତ୍ୟ ନିବିଡ଼ ଭାବେ ସଂଶ୍ଳିଷ୍ଟ ଥିଲା। ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଦେବଦାସୀ ନୃତ୍ୟ ଓ ସଙ୍ଗୀତ ଗଙ୍ଗବଂଶ ସମ୍ରାଟମାନଙ୍କ କାଳରୁ ଅନୁଷ୍ଠିତ ହୋଇଆସୁଥିଲା। ସେମାନେ ଅନ୍ୟ ନୃତ୍ୟ କରୁଥିଲେ ଓ ଅନ୍ୟ ସଙ୍ଗୀତ ଗାନ କରୁଥିଲେ। ସେଥିପାଇଁ ନାଚୁଣୀମାନଙ୍କୁ ଗୀତଗୋବିନ୍ଦର ଗାନ ଓ ନୃତ୍ୟ ଶିକ୍ଷା ଦେବା ପାଇଁ ଚାରିଜଣ ବୈଷ୍ଣବଙ୍କୁ ମନ୍ଦିର ତରଫରୁ ନିଯୁକ୍ତ କରାଯାଉଥିଲା। ରାୟ ରାମାନନ୍ଦଙ୍କ ପ୍ରେରଣା ଓ ଶ୍ରୀଚୈତନ୍ୟଙ୍କ ନିର୍ଦ୍ଦେଶରେ ଏହି ନୃତ୍ୟ ଜଗନ୍ନାଥ ମନ୍ଦିରରେ ପ୍ରବର୍ତ୍ତିତ ହୋଇଥିଲା ବୋଲି ଶ୍ରୀମନ୍ଦିରରେ ଥିବା ଗଜପତି ପ୍ରତାପରୁଦ୍ର ଦେବଙ୍କ ଶିଳାଲେଖରୁ ସ୍ପଷ୍ଟ। ଏହା ମାଧବ ପଟ୍ଟନାୟକଙ୍କ ରଚିତ 'ବୈଷ୍ଣବ ଲୀଳାମୃତ'ରେ ମଧ୍ୟ ଦେଖିବାକୁ ମିଳେ।

ଷୋଡ଼ଶ ଶତାବ୍ଦୀ ପୂର୍ବରୁ କେବଳ ବ୍ରାହ୍ମଣମାନଙ୍କୁ ଗୁରୁ କରି ଶାସ୍ତ୍ର ଶିକ୍ଷା କରିବା ଥିଲା ଏକ ଧାରାବାହିକ ପରମ୍ପରା। କିନ୍ତୁ ପଞ୍ଚସଖା, ଶ୍ରୀଚୈତନ୍ୟ, ରାୟରାମାନନ୍ଦ ପ୍ରମୁଖ ବୈଷ୍ଣବମାନେ ଶୁଦ୍ରମାନଙ୍କଠାରୁ ଦୀକ୍ଷା ନେଇ ଜାତିପ୍ରଥା ବିରୋଧରେ ବିପ୍ଳବ ଘୋଷଣା କରିଥିଲେ। ପଞ୍ଚସଖାଙ୍କର ଦ୍ୱାରା ପ୍ରଚାରିତ ଜ୍ଞାନମିଶ୍ରା ଭକ୍ତି ଧର୍ମକୁ ସାର୍ବଜନୀନ କରିବା ପାଇଁ ସମାଜର ପ୍ରଚଳିତ ଭାଷାରେ ଧର୍ମ ପୁସ୍ତକ ରଚନା କରିବା, ମନ୍ଦିରରେ ପ୍ରବେଶ କରିବା, କୀର୍ତ୍ତନ ଯଜ୍ଞ ପ୍ରବଚନରେ ଯୋଗଦେବା - ଏସବୁ ଏମାନେ ପ୍ରଚଳନ କରାଇଥିଲେ। କୁବୁଦ୍ଧି ଛାଡ଼ି ଜାତିଭେଦ ନରଖି ଶ୍ରବଣ କୀର୍ତ୍ତନ କଲେ କୃଷ୍ଣ ପ୍ରେମଧନ ସମସ୍ତେ ପ୍ରାପ୍ତ ହୋଇପାରିବେ। କୃଷ୍ଣ ଭଜନରେ ଜାତି କୁଳାଦି ବିଚାର ଏମାନେ ରଖୁନଥିଲେ। ସେମାନେ ଘୋଷଣା କରିଥିଲେ ଯେ ନୀଚ ଜାତି ପ୍ରଭୁ ଭଜନର ଅଯୋଗ୍ୟ ନୁହନ୍ତି। କୁଳୀନ ପଣ୍ଡିତ ଓ ଧନୀମାନଙ୍କର ବଡ଼ ଅଭିମାନକୁ ଭଗବାନ ଭଲ ପାଆନ୍ତି ନାହିଁ, ବରଂ ଦୀନମାନଙ୍କ ଉପରେ ଅଧିକ ଦୟା କରନ୍ତି।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ବିଆଇପିଏଫ୍ ପକ୍ଷରୁ ପ୍ରଫେସର ଘନଶ୍ୟାମ ଦାଶ ବୃତ୍ତିଧାରୀ ସମ୍ମାନିତ

**ଭୁବନେଶ୍ୱର,୪।୭(ସମିସ):** ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟେଜ୍ ଲିମିଟେଡ୍ (ଇମ୍ଫା) ର ସାମାଜିକ ବିକାଶ ସଂସ୍ଥା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ପ୍ରଫେସର




ଘନଶ୍ୟାମ ଦାଶ (ପିଜିଡିଏସ୍) ବୃତ୍ତି ପାଇଁ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଛି। ଇଞ୍ଜିନିୟରିଂ, ମେଡିସିନ୍ ଏବଂ ଲିବରାଲ ଆର୍ଟସ୍ ବିଭାଗରେ ଡିଗ୍ରୀ ହାସଲ କରିବା ପାଇଁ ଚଳିତ ଥର ଆଇଆଇଆଇଟି ଧାରୱାଡ଼ରେ କେ.ଭି.ଏମ୍ ପ୍ରସନ୍ନ କୁମାର, ଆଇଆଇଟି ମାଡ୍ରାସ୍‌ରେ ପ୍ରିୟାଂଶୁ ପଣ୍ଡା, ଆଇଜିଆଇଟି ସରାଙ୍ଗରେ ହିମାଂଶୁ ଶେଖର ପାତ୍ର ଓ ଦୀନ ଦୟାଲ ଉପାଧ୍ୟାୟ କଲେଜରେ ପ୍ରିୟଙ୍କା ଦଳାଇଙ୍କୁ ଇଂଜିନିୟରିଂ ପାଠ୍ୟକ୍ରମ ଏବଂ ପ୍ରୟାସ ରାଉତ ଓ ଅଭିପ୍ସା ଚୌଧୁରୀଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସର ମେଡ଼ିସିନ୍ ବିଭାଗରେ ମେଡ଼ିକାଲ ଡିଗ୍ରୀ ପାଠ୍ୟକ୍ରମ ପାଇଁ ଏହି ବୃତ୍ତି ପ୍ରଦାନ କରାଯାଇଛି।

ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡ. ଆଶୁତୋଷ ବିଶ୍ୱାସ ଯୋଗଦେଇ କହିଛନ୍ତି, ଜୀବନରେ ଶିକ୍ଷାଗତ ଉତ୍କର୍ଷତାର ମହତ୍ୱ ରହିଛି। ସାମାଜ ଗଠନରେ ନିଜର ଯୋଗଦାନ କରି ଏହି ସଫଳତାକୁ ଦୀର୍ଘସ୍ଥାୟୀ କରାଯାଇପାରିବ। ସାଧାରଣ ଜନତାଙ୍କ ପାଇଁ ଉତ୍ସର୍ଗିକୃତ ମନୋଭାବ ସହ କାର୍ଯ୍ୟ କରିବା ଉଚିତ ବୋଲି ସେ କହିଛନ୍ତି।ସେହିପରି ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଆଇପିଏଫ୍‌ର ସିଇଓ ସେଫାଳିକା ପଣ୍ଡା କହିଛନ୍ତି, ଶିକ୍ଷା ଦ୍ୱାରା ସମାଜରେ ପରିବର୍ତ୍ତନ ଅଣାଯାଇପାରିବ। ଏକ ପ୍ରଗତିଶୀଳ ସମାଜ ଗଠନ ଲକ୍ଷ୍ୟ ନେଇ ଛାତ୍ରବୃତ୍ତିର ଆରମ୍ଭ କରାଯାଇଛି। ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହଯୋଗ କରି ଜଣେ ସଫଳ ବ୍ୟକ୍ତିତ୍ୱ ଭାବେ ପ୍ରସ୍ଫୁଟିତ କରିବା ପାଇଁ ଛାତ୍ରବୃତିର ପ୍ରମୁଖ ଲକ୍ଷ୍ୟ ବୋଲି ଶ୍ରୀମତୀ ପଣ୍ଡା କହିଛନ୍ତି। ସେହିପରି ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ସଂଘର୍ଷ କରି ସଫଳତା ପାଇବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଛନ୍ତି। ଆଇଆଇଟି ଦିଲ୍ଲୀରେ ପଢୁଥିବା ୨୦୨୨ ମସିହାର ବୃତ୍ତିଧାରୀ ଆଦିତ୍ୟ ନିଜର ଅନୁଭୂତୁ ବର୍ଣ୍ଣନା କରିବା ସହ ବୃତ୍ତିରାଶି ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିବା କହିଛନ୍ତି। ସୂଚନାଯୋଗ୍ୟ, ପ୍ରତିବର୍ଷ ଉଚ୍ଚଶିକ୍ଷାରେ ଉତ୍କର୍ଷତା ହାସଲ କରିବା ପାଇଁ ଓଡ଼ିଶାର ୬ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରାଯାଇଥାଏ। ଇମ୍ଫା ପକ୍ଷରୁ ୨୦୦୫ ମସିହାରୁ ଏହି ବୃତ୍ତି ଆରମ୍ଭ କରାଯାଇଥିବାବେଳଏ ଏହା ୧୯ତମ ସଂସ୍କରଣ। ଏକାଡେମିକ୍ ଫି' ର ୯୦ ପ୍ରତିଶତ ଓ ୪ ବର୍ଷର ଅନ୍ୟ ଖର୍ଚ୍ଚକୁ ମିଶାଇ ପ୍ରତ୍ୟେକଙ୍କୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହି ଉତ୍ସବରେ ଫାଉଣ୍ଡେସନ୍‌ର ବହୁ ବରିଷ୍ଠ ଅଧିକାରୀଙ୍କ ସହ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଆସନ୍ତା ଅଗଷ୍ଟ ମାସରୁ ବିଆଇପିଏଫ୍ ୱେବ୍‌ସାଇଟ୍‌ରେ ପିଜିଡିଏସ୍-୨୦୨୪ ପାଇଁ ଆବେଦନ ଆରମ୍ଭ ହେବା ନେଇ ସୂଚନା ଦିଆଯାଇଛି।

**୬ ଜଣଙ୍କୁ ୬ ଲକ୍ଷ ଲେଖାଏଁ ବୃତ୍ତିରାଶି ପ୍ରଦାନ**

**ଚଳିତ ଶିକ୍ଷା ବର୍ଷ ପାଇଁ ଅଗଷ୍ଟ ମାସରୁ ଆବେଦନ**

# ହାଇକୋର୍ଟରୁ ଆଗୁଆ ଜାମିନ୍ ଲୋଡ଼ିଲେ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ

**କଟକ,୪।୭(ସମିସ):** ଭୁବନେଶ୍ୱର କ୍ୟାପିଟାଲ ଥାନାରେ ରୁଜୁ ମାମଲାରେ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଛନ୍ତି। ତାଙ୍କ ବିରୋଧରେ କ୍ୟାପିଟାଲ ଥାନାରେ ଜୁନ୍ ୨୫ରେ ରୁଜୁ ମାମଲାରେ ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ଶ୍ରୀ ଦାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ପୂର୍ବତନ ମନ୍ତ୍ରୀ ଶ୍ରୀ ଦାସଙ୍କ ସରକାରୀ କ୍ୱାର୍ଟର ଭିତରକୁ ଯାଇଥିବା ଜଣେ ମହିଳା ସାମ୍ବାଦିକଙ୍କ ଉପରକୁ କୁକୁର ଛାଡ଼ି ଦେଇଥିବା ଅଭିଯୋଗ ହୋଇଥିଲା। ଏନେଇ ମହିଳା ସାମ୍ବାଦିକ ଜଣକ ଗତ ଜୁନ ୨୫ରେ କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ। ଏହି ଆଧାରରେ ଶ୍ରୀ ଦାସଙ୍କ ବିରୋଧରେ ଆଇପିସିର ଦଫା ୩୫୪, ୩୨୩, ୨୯୪, ୫୦୬ରେ ମାମଲା ରୁଜୁ ହୋଇଛି।

**JEYPORE LAW COLLEGE, JEYPORE**
**DIST. KORAPUT (ORISSA) Pin-764003**

Applications are invited for the following posts:-
1. Principal - Professors Grade
2. Associate Professor - One
3. Assistant Professor in Law - Four Posts
(Woman, SC/ST. Criminal law Specialization).

**Terms and Conditions:**
Qualification, Eligibility - as per UGC Norms
Salary - Negotiable.
Interested candidates may apply by registered post along with relevant testimonials form HSC onwards and a bank draft of **Rs. 1,500/-** drawn in favour of **Law College Trust, Jeypore** payable at Jeypore so as to reach the undersigned on **25.07.2024.**

Sd/- Secretary
Law College Trust, Jeypore

**AFFIDAVIT**
I M. NAMITA PATRA, D/O B. Sanyasi patra, resident of At-Ratanpur (Chhelia Sahi), Po-Kuhudi, Dist.-Khorda, Odisha-752027 have changed my surname from B. NAMITA PATRA to M. NAMITA PATRA vide affidavit No. 763/02/07/24 dated 02/07/24, before Tangi Court, Tangi, Khorda, Odisha.

**AFFIDAVIT**
I, Somanath Mohanty, S/O-Prasanna Kumar Mohanty, Resident of 97/2432, Ganapatipuram, Near Rangeswar Temple, Sailashree Vihar, Bhubaneswar Dist-Khorda, PIN-751021, Odisha declare by this affidavit No. 57AB 820464 Dtd.- 22/10/2021 that now onwards I shall be known as Somonath Mohanty for all future purposes.

**AFFIDAVIT**
I, Sonma Latha Devi, wife of Army No. 6351044 Ex-Sep Late Natabar Jena residing at VPO- Machhalo, PS-Ramachandrapur, Dist-Keonjhar, Odisha, have changed my name from Sonma Latha Devi to Suna Jena & Date of Birth from 01.07.1945 to 01.01.1945 vide Affidavit dt. 24.06.2024 before Notary Public Anandapur (Odisha). Hence Sonma Latha Devi (DOB-01.07.1945) and Suna Jena (DOB - 01.01.1945) are same and one person. Henceforth, I will be known as Suna Jena in all purposes.

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.
**Ph.: 9437015112**

## ପରିବାର ଆଗରେ ଧରାପଡ଼ିଗଲା ପ୍ରେମ ସମ୍ପର୍କ

# ବିଷ ପିଇ ଭିଣୋଇ ମୃତ, ଶାଳୀ ଗୁରୁତର

**ବେହେରା/କୋକସରା,୪।୭(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ପଲସପାଣି ଗ୍ରାମରେ ବିଷ ପିଇ ଶାଳୀ ଭିଣୋଇ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ଭିଣୋଇଙ୍କର ମୃତ୍ୟୁ ଘଟିଛି। ଶାଳୀ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏଭଳି ଘଟଣା ଏବେ ଧର୍ମଗଡ଼ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ମତେ କୋକସରା ଥାନା ଅନ୍ତର୍ଗତ ପଲସପାଣି ଗ୍ରାମର ତୁଳସିରାମ ନାଏକଙ୍କର ଛତିଶଗଡ଼ ଦହିଗାଁସ୍ଥିତ ଶାଳୀ ସୁନିତା ବୋଡକିଆଙ୍କ ସହ ଦୀର୍ଘ ବର୍ଷ ହେବ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ଶାଳୀ ଭିଣୋଇ ବିବାହିତ ଥିଲେ ହେଁ ଗତ ମଙ୍ଗବାର ରାତିରେ ସେମାନେ ଫେରାର ହୋଇ ଯାଇଥିଲେ। ଏନେଇ ଉଭୟ ପରିବାର ଲୋକେ ଗୁରୁବାର ଏକ ବୈଠକ କରି ଉଭୟଙ୍କୁ ଡ଼କାଇ ସମାଧାନର ରାସ୍ତା ଖୋଜୁଥିଲେ। କିନ୍ତୁ ଉଭୟ ଶାଳୀ ଓ ଭିଣୋଇ ଆପୋଷ କଥାବାର୍ତ୍ତା ହେବା ବାହାନାରେ ଟିକେ ଦୂରକୁ ଯାଇ ବିଷ ପିଇ ଦେଇଥିଲେ। ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତୁଳସିରାମଙ୍କୁ ମୃତ ଘୋଷଣା କରିଥିଲେ। ମୃତ ତୁଳସୀରାମ ଆଜକୁ ୭ ବର୍ଷ ତଳେ ବିବାହ କରିଥିବା ବେଳେ ତାଙ୍କର ଏକ ୩ ବର୍ଷର ଝିଅ ମଧ୍ୟ ରହିଛି। ଅନ୍ୟପଟେ ଶାଳୀ ସୁନିତାଙ୍କର ୬ ବର୍ଷ ତଳେ ଧର୍ମଗଡ ବ୍ଲକ ଡୁମେରଗୁଡାରେ ବିବାହ ହୋଇଥିବା ଜଣାପଡ଼ିଛି। ଏ ନେଇ କୋକସରା ଥାନା ଅଧିକାରିଣୀ ରନିତା ପ୍ରଧାନଙ୍କୁ ପଚାରିବାରେ ଏ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୋଗ ଆସି ନ ଥିବା କହିଛନ୍ତି।

# ପତ୍ନୀହନ୍ତାକୁ ଆଜୀବନ ଜେଲ୍

**କଟକ, ୪।୭(ସମିସ):** ପତ୍ନୀଙ୍କୁ ହତ୍ୟା ଘଟଣାରେ ନିମ୍ନ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ସ୍ୱାମୀର ଆଜୀବନ ଜେଲ୍ ଦଣ୍ଡାଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ଫୁଲବାଣୀ ଫାଷ୍ଟ ଟ୍ରାକ କୋର୍ଟର ଆଡହକ ଅତିରିକ୍ତ ଦୌରା ଜଜ୍ ୨୦୦୯ ନଭେମ୍ବର ୧୨ରେ ପ୍ରଦାନ କରିଥିବା ଆଜୀବନ ଜେଲ ଦଣ୍ଡାଦେଶକୁ କାଏମ ରଖିଛନ୍ତି ହାଇକୋର୍ଟ। ମୃତ୍ୟୁ ସମୟରେ ବ୍ୟକ୍ତି ସତ୍ୟ କହିଥାଏ ଓ ମିଛ କହିବାର କୌଣସି ଉଦ୍ଦେଶ୍ୟରୁ ମୁକ୍ତ ରହିଥାଏ ବୋଲି ହାଇକୋର୍ଟ କହିଛନ୍ତି। ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ ଚାଲେଞ୍ଜ କରି ଜେଲରେ ଥାଇ ଅଭିଯୁକ୍ତ ସିଦ୍ଧେଶ୍ୱର ପ୍ରଧାନ ହାଇକୋର୍ଟରେ ଗତ ୨୦୦୯ରେ ଏକ ଅପିଲ କରିଥିଲେ। ଯାହାକୁ ହାଇକୋର୍ଟ ଖାରଜ କରିଛନ୍ତି। ୧୫ବର୍ଷ ପରେ ବିଚାରପତି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ଆବେଦନକାରୀଙ୍କ ଦୋଷୀ ସାବ୍ୟସ୍ତ ଆଦେଶ କାଏମ ରଖିଛନ୍ତି। ମୃତକ ତଥା ଆବେଦନକାରୀଙ୍କ ପତ୍ନୀଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀଙ୍କୁ ତର୍ଜମା କରି ହାଇକୋର୍ଟ ଏହି ରାୟ ଦେଇଛନ୍ତି। ୨୦୦୯ ଫେବୃଆରୀ ୨୬ରାତିରେ ପତ୍ନୀଙ୍କ ଉପରେ ଆବେଦନକାରୀ ସ୍ୱାମୀ କିରୋସିନ ଢାଳି ନିଆଁ ଲଗାଇଦେଇଥିଲେ। ସେହି ଦିନ ତାଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଫୁଲବାଣୀ ସାରଙ୍ଗଗଡ଼ ଥାନାରେ ମୃତକଙ୍କ ପରିବାର ପକ୍ଷରୁ ଏତଲା ଦିଆଯାଇଥିଲା। ଏହି ଘଟଣାରେ ବଲାଙ୍ଗୀର ପୁଲିସ ଚାର୍ଜସିଟ ଦାଖଲ କରିବା ପରେ ନିମ୍ନ ଅଦାଲତ ଅଭିଯୁକ୍ତ ସ୍ୱାମୀକୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଥିଲେ।

**OFFICE OF SUPERINTENDING ENGINEER, GAJAPATI IRRIGATION DIVISION, PARALAKHEMUNDI, DIST: - GAJAPATI, ODISHA.** A-117
Phone/Fax: 06815-223249, Email Id: - eepkdgpt@gmail.com
**e - Procurement Notice No. SE-GID- 01/2024-25**
1. Type of work : Building Works
2. Form of Contract : Percentage Rate
3. Period of Completion : 06 (Six) Calendar Months

| Procurement Officer | Bid Identification No. | Bid Amount Rs in lakhs | Availability & submission of Bids on line. |
|---|---|---|---|
| Superintending Engineer Gajapati Irrigation Division, Paralakhemundi | GID- 01, & 02/ 2024-25 (Total 02 (Two) nos. of works) | Varies from Rs. 15.11 lakhs to 15.48 lakhs. | 10.07.2024 at 10.00 A.M to 23.07.2024, 5.30 P.M |

Date of opening of the Technical & financial Bid: 24.07.2024 at 11.00 A.M. further details can be seen from the Govt. website www.tendersorissa.gov.in Date of Lottery (If required) – 31.07.2024 at 11.00 A.M.

Superintending Engineer
Gajapati Irrigation Division
Paralakhemundi

OIPR-32523/11/0001/2425

**WORKS DEPARTMENT** B-67
**OFFICE OF THE SUPERINTENDING ENGINEER, BHADRAK (R&B) DIVISION**
e-mail: - bhadrakrnbdivision@gmail.com
Government of Odisha "e" Procurement Notice
Bid Identification No. SE (R&B) BDK-7/2024-25
No. 3780/dt. 01.07.2024

1. Nature of work: - Building Work
2. Number of works: -1(One) No
3. Amount put to Tender: - Rs 51,87,841/-
4. Class of Contractor:-, "B"
5. Date & Time of availability of bid document in the portal: - 09.07.2024 11.00 AM
6. Last Date / Time of receipt of bid in the portal: - 18.07.2024up to 05.00 PM
7. Date of opening of bid: - Dt.19.07.2024 at 11.30 AM
8. Name & address of the Office inviting bid: - Superintending Engineer. Bhadrak (R&B) Division.
9. The bidders have to participate in ONLINE bidding only.
10. Further details can be seen from the e-procurement portal "http//tendersodisha.gov.in."
11. All future corrigendum will be available on ONLINE mode only.

SuperintendingEngineer
Bhadrak (R&B) Division

OIPR-34079/11/0002/2425

**OFFICE OF THE EXECUTIVE ENGINEER (AGRIL.), BALASORE DIVISION, BALASORE**
PHONE NO. 06782-295822, Email Id: eeag-balasore@gov.in, eeag.balasore@gmail.com
**Govt. of Odisha "e" procurement Notice** L-07
Bid Identification No. : E.E. (A), Balasore Division-01/2024-25

The Executive Engineer (Agril.), Agriculture Engineering Division, Balasore on behalf of Governor of Odisha, invites percentage rate bids in single cover system in ONLINE MODE, as detailed below.

1.Name of the works : -
(i) "Construction of Farmers' Counseling Centre Building at GP Kasabajoypur, Block: Bahanaga, Dist: Balasore"
(ii) "Construction of Farmers' Counseling Centre Building at GP Panapana, Block: Bahanaga, Dist: Balasore"
(iii) "Construction of Farmers' Counseling Centre Building at GP Bari, Block: Simulia, Dist: Balasore"
(iv) "Construction of Farmers' Counseling Centre Building at GP BT Pur, Block: Bonth, Dist: Bhadrak"
(v) "Construction of Farmers' Counseling Centre Building at GP Bahabalpur, Block: Tihidi, Dist: Bhadrak"
(vi) "Construction of Farmers' Counseling Centre Building at GP Badaostia, Block: Chandbali, Dist: Bhadrak"
(vii) "Construction of Farmers' Counseling Centre Building at GP Parasinga, Block: Bhadrak, Dist: Bhadrak"
(viii) "Construction of Farmers' Counseling Centre Building at GP Radhaballavpur, Block: Dhamnagar, Dist: Bhadrak"

1. Estimated Cost- Ranging from Rs. 840581.00 to Rs. 845275.00
2. Bid Cost: As Mentioned against each in Column - 04
3. Period of completion: Calendar Months Mentioned in Column – 07
4. No. of works (Tender): 8nos.
5. EMD: As mentioned in Column-05
6. Class of Contractor: As Mentioned in Column - 06
7. Date & Time of availability of bid document in the portal:09.07.2024 at 10.00 A.M.To 19.07.2024 up to 5.00 P.M
8. Last date / Time for receipt of bids in the portal:19.07.2024 up to 5.00 PM
9. Date of submission of documents:10.07.2024 10.00 A.M. to 20.07.2024 up to 5.00 P.M.( Except Holidays)
10. Date & time of opening of online bids:22.07.2024 11.00 AM & onwards
11. Name and address of the officer inviting Bid :Executive Engineer (Agril.), Agriculture Engineering Division, Balasore
Further details can be seen from the e-procurement portal http// tendersodisha.gov.in

A. All the volumes / documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender)
B. The Tender documents published by the Tender inviting Officer (Procurement Officer Publisher) in the website "http//tendersodisha.gov.in" will appear in the Latest.
C. The Bidders have to participate in ONLINE bidding only. Further details can be seen from the website "http//tendersodisha.gov.in". Any addendum / corrigendum / cancellation of tender can also be seen in the said website.

Executive Engineer (Agril.)
Balasore Division, Balasore

OIPR-01491/11/0002/2425

Email ID: serw_sundargarh@gmail.com O-86
**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNDARGARH**
**Bid Identification No. Online-PMGSY/RWCCESNG-02 of 2024-25**
Letter No. 1476 / Date 02.07.2024

1. Name of the work :- Construction of Road and CD work under PM-JANMAN Batch-II.
2. Total No. of Packages :- 1 No. individual package
3. Estimated Cost of individual packages :- Rs. 85.01lakh
4. Period of completion :- Seven Calendar months
5. Other details

| Procurement Officer | Bid Identification No. | No. of Packages | Availability of tender On-line for bidding From | To | Date & Time of Technical Bid opening | Date & Time of Financial Bid opening |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | PMGSY / RWCCESNG-02 of 2024-25 | 1 No | 10.07.2024 at 11.00 A.M. | 30.07.2024 upto 5.00 P.M. | 31.07.2024 at 11.00 A.M. | Will be intimated separately |

• Further details can be seen from the website: www.pmgsytenders.gov.in

Chief Engineer
(Design & Quality Control)
Chief Construction Engineer, (I/c)
Rural Works Circle, Sundargarh

OIPR-25133/11/0007/2425

**ଦଲିଲ ହଜିଛି**
ପବିତ୍ର ସାହୁ (୩୨), ପିତା- ନବ ସାହୁ, ଗ୍ରା/ପୋ- କଞ୍ଚଣା, ତା.୨୪.୦୬.୨୦୨୪ ଦିନ ୧୧ଘ. ସମୟରେ ମୁଁ କଞ୍ଚଣାରୁ କୋଦଳା ଯିବା ରାସ୍ତାରେ ମୋର ଦଲିଲ୍ ନଂ.- ୧୦୬୬୨୦୦୧୨୪୬ କୁ କେଉଁଠି ହଜେଇ ଦେଇଛି। ଉକ୍ତ ଦଲିଲ୍‌କୁ ଯଦି କେହି ପାଇବେ ତେବେ ନମ୍ବରରେ ଯୋଗାଯୋଗ କରିବେ।
ମୋ.: ୯୦୧୬୫୨୨୨୫୯

**ସର୍ବସାଧାରଣ ନୋଟିସ୍**
**Public Notice**
Civil Suit no. 223/2024 In the court of the Civil Judge (Sr Div) Angul
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ମୁଁ ଆଲା ଦାସ, ସ୍ୱା: ସ୍ୱର୍ଗତ ବନବିହାରୀ ଦାସ, ସା: ଚାନ୍ଦିନାଚୌକ, ଥାନା: ଲାଲବାଗ, ଜିଲ୍ଲା: କଟକ, ଜଣାଇ ଦେଉଅଛି ଯେ, ମୋର ଦାଦାଶ୍ୱଶୁର ସ୍ୱର୍ଗତ ଗଗନ ବିହାରି ଦାସ ଓ ଅନ୍ୟ ଭାଇମାନଙ୍କ ସହିତ ଅନୁଗୋଳ ବଡ଼ମହିତଳା ଗ୍ରାମରେ ଜମିଗୁଡ଼ିକୁ ଆପୋଷି ଭାବେ ଆମେ ଓ ଆମର ସମସ୍ତ ଯୌଥ ପରିବାରର ଦାବିଦାରମାନଙ୍କ ମଧ୍ୟରେ ଭାଗବଣ୍ଟଆରା କରି ଏକ ଲିଖିତ ରେଜିଷ୍ଟ୍ରି ଭାଗବଣ୍ଟଆରା ଦଲିଲ କରିଅଛନ୍ତି। ଏହି ବଡ଼ମହିତଳା ଜମିଗୁଡ଼ିକୁ ବେଆଇନ ଭାବେ କିଛି ବ୍ୟକ୍ତି ସେମାନଙ୍କ ନାମରେ ପଟ୍ଟା କରାଇନେଇଛନ୍ତି, ଯାହାକି ଅସିଦ୍ଧ ଅଟେ। ଏଣୁ ଏହି ନୋଟିସ୍ ମାଧ୍ୟମରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଛି କି, ଉକ୍ତ ବ୍ୟକ୍ତିମାନଙ୍କ ଉଦ୍ୟମ ଫଳରେ କେହି ସେହି ଜମିଗୁଡ଼ିକୁ କ୍ରୟ ଓ ଚୁକ୍ତିନାମା କରନ୍ତି କିମ୍ବା ଅଗ୍ରିମ ବା ଜମିର ପୂର୍ଣ୍ଣଦେୟ ପ୍ରଦାନ କରନ୍ତି, ତାହା ସମ୍ପୂର୍ଣ୍ଣ ଅସିଦ୍ଧ ଅଟେ। ଏଥିପାଇଁ ଆମେ କୌଣସି ପ୍ରକାର ଦାୟୀ ରହିବୁ ନାହିଁ ଏବଂ ଏଥିଯୋଗୁଁ ଉପୁଜିବାକୁ ଥିବା ଉଭୟ ଦେୱାନୀ ଓ ଫୌଜଦାରୀ ମାମଲା ପାଇଁ କ୍ରେତା ସମ୍ପୂର୍ଣ୍ଣ ଦାୟୀ ରହିବେ। ଇତି ମୌଜା: ବଡ଼ମହିତଳାଖାତା ନ ୧୦ ସମସ୍ତ ପ୍ଲଟଗୁଡ଼ିକ-ଏ-୭୫ଡି ତହସିଲ: ଛେଣ୍ଡିପଦା

**LOST**
I, **Sagarika Das, D/o-Nihar Ranjan Das,** resident of Plot No.124, Near Banadurga Temple, Unit-6, Bhubaneswar, Pin-751001, Dist-Khordha, Odisha do hereby declare that I have passed 10th Examination through **Venkateswar English Medium School, Bhubaneswar in the year 2019** and lost my Mark Sheet Bearing **Roll No.6990839** on dtd. 01/07/2024 at about 7pm within Ganga Nagar Area, Unit-6, Bhubaneswar and it could not be traced out.
**Sagarika Das**

# ଅବଶିଷ୍ଟାଂଶ...

## ଆଷାଢ଼ରେ ମହାନଦୀ...

ଜଳସେଚନ କରିବାକୁ ଯୋଜନା ରଖିଛି। ପୁନଶ୍ଚ କଲମା, ସାରାଡ଼ିହି, ଶିବିରିନାରାୟଣ, ବସନ୍ତପୁର, ମିରୋନି ଓ ସମୋଡ଼ା ତେବେ ଏହି ବ୍ୟାରେଜମାନଙ୍କୁ ବିଭିନ୍ନ ଶିଳ୍ପ ସଂସ୍ଥାକୁ ୯୮୮ ଏମସିଏମ ପାଣି ଛତିଶଗଡ଼ ଯୋଗାଇଦେବ। ଛତିଶଗଡ଼ ସରକାର କେନ୍ଦ୍ର ଜଳ ଆୟୋଗ ଅଧିନରେ ଥିବା କେନ୍ଦ୍ରୀୟ ଜଳସେଚନ ଓ ବିଦ୍ୟୁତ ବୋର୍ଡ଼କୁ ଦେଇଥିବା ରିପୋର୍ଟ ଅନୁସାରେ ଛତିଶଗଡ଼ ଜଳସେଚନ ପାଇଁ (ଇରିଗେସନ୍ ପୋଟାନସିଏଲ୍) ୧,୩୨୮ ନିୟୁତ ହେକ୍ଟର ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଛି। କେବଳ ଉକ୍ତ ବ୍ୟାରେଜମାନଙ୍କରୁ ଗତ ୨୦୧୯ ରୁ ୨୦୨୪ ପାଞ୍ଚ ବର୍ଷୀୟ ଯୋଜନା ଅନୁସାରେ ୪,୮୧,୦୦୦ ହେକ୍ଟର ଅଞ୍ଚଳ ଜଳସେଚନ ୨୦୨୪ ରୁ ୨୦୨୯ ପାଞ୍ଚବର୍ଷୀୟ ଯୋଜନା ଅନୁସାରେ ଆଉ ୩,୩୦,୦୦୦ ହେକ୍ଟର ଅଞ୍ଚଳ ଜଳସେଚନ କରିବାକୁ ଯୋଜନା କରିଛି। ଛତିଶଗଡ଼ ସରକାର ୮୯୮ଟି ଆନିକଟ ମହାନଦୀ ଅବବାହିକାରେ ନିର୍ମାଣ କରିବାକୁ କେନ୍ଦ୍ର ଜଳ ଆୟୋଗ ପାଖରେ ଆବେଦନ କରିସାରିଥିବା ବେଳେ ତନ୍ମଧ୍ୟରୁ ୧୫୪ଟି ଆନିକଟ ନିର୍ମାଣ କରସାରିଥିବା ବେଳେ ବାକି ୧୨୯ଟି ଆନିକଟର କାର୍ଯ୍ୟ ଯୁଦ୍ଧ ଭିତ୍ତିରେ ଚାଲୁ ରହିଛି। ଯାହାକି ୨୦୨୪ ଶେଷ ସୁଦ୍ଧା ସାରିବାର ଲକ୍ଷ୍ୟ ରଖାଯାଇଛି। ବିଡ଼ମ୍ବନା ହେଉଛି ଛତିଶଗଡ଼ର ଏହି ବ୍ୟାରେଜ ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗରେ ବିଶ୍ୱବ୍ୟାଙ୍କ ଅର୍ଥ ମଞ୍ଜୁର କରିଛି। ବିଶ୍ୱ ବ୍ୟାଙ୍କ ସମେତ କେନ୍ଦ୍ରୀୟ ଏଆଇବିପି (ତ୍ୱରାନ୍ୱିତ ଲାଭ ଜଳସେଚନ ପ୍ରକଳ୍ପ) ନାବାର୍ଡର ଆରଆଇଡିଏଫ୍ (ଗ୍ରାମୀଣ ଅନ୍ତନିର୍ମିତ ନିଧି ଯୋଜନା) ତଥା କେନ୍ଦ୍ରର ଏଡିବି ସହାୟତାରେ ଏହି ବ୍ୟାରେଜ ସବୁ ନିର୍ମାଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଛତିଶଗଡ଼ ସରକାରଙ୍କ ଏକପାଖିଆ ନୀତି, କେନ୍ଦ୍ର ସରକାରଙ୍କ ଅଦୂରଦର୍ଶିତା ଓ ରାଜ୍ୟ ସରକାରଙ୍କ ନିରବତା ଆଗାମୀ ଦିନରେ ମହାନଦୀର ଅସ୍ତିତ୍ୱକୁ ସଙ୍କଟରେ ପକାଇଛି।

## ଶପଥ ନେଲେ...

ଜେଏମ୍‌ଏମ୍। ଚମ୍ପାଇ ସୋରେନଙ୍କ ପୂର୍ବରୁ ଜେଏମ୍‌ଏମ୍ କାର୍ଯ୍ୟନିର୍ବାହୀ ସଭାପତି ହେମନ୍ତ ସୋରେନ ହିଁ ମୁଖ୍ୟମନ୍ତ୍ରୀ ଥିଲେ। ଏକ ଜମି ଦୁର୍ନୀତି ଓ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତାଙ୍କୁ ଗିରଫ କରିବାକୁ ଆଗଭର ହେବାରୁ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଇଡି ମାମଲାରେ ହେମନ୍ତ ଜେଲ ଯିବାରୁ ଜେଏମ୍‌ଏମ୍ ଗତ ଫେବୃଆରୀ ୨ରେ ଚମ୍ପାଇ ସୋରେନ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରିଥିଲା। ଗତକାଲି ଚମ୍ପାଇ ସୋରେନଙ୍କ ବାସଭବନରେ ଜେଏମ୍‌ଏମ୍-କଂଗ୍ରେସ- ଆର୍‌ଜେଡି ମେଣ୍ଟର ବିଧାୟକମାନଙ୍କ ବୈଠକ ବସିଥିଲା। ବୈଠକରେ ହେମନ୍ତ ସୋରେନ ଓ କଂଗ୍ରେସର ଝାଡ଼ଖଣ୍ଡ ଦାୟିତ୍ୱ ତୁଲାଉଥି ଗୁଲାମ ଅହମଦ ମିର ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା ଯେ ଗତକାଲି ରାତି ୮ଟାରେ ଚମ୍ପାଇ ସୋରେନ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ। ତା'ପରେ ହେମନ୍ତଙ୍କୁ ମୁଖ୍ୟମନ୍ତ୍ରୀ କରାଯିବାର ଔପଚାରିକତା ପୂରଣ କରାଯିବ। ତଦନୁଯାୟୀ ଚମ୍ପାଇ ସୋରେନ ଇସ୍ତଫା ଦେବାରୁ ତାଙ୍କ ସ୍ଥାନରେ ହେମନ୍ତ ପୁଣିଥରେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାରେ ଜେଏମ୍‌ଏମ୍‌ର ୩୦, କଂଗ୍ରେସର ୧୬ ଓ ଆର୍‌ଜେଡିର ଜଣେ ବିଧାୟକ ଅଛନ୍ତି।

## ୬ରୁ ବଢ଼ିବ...

ଘୂର୍ଣ୍ଣିବଳୟ/ଲଘୁଚାପ ଉତ୍ତର ବଙ୍ଗୋପ ସାଗରରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାଦ୍ୱାରା ମଧ୍ୟ ରାଜ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ଥିବା ସେ କହିଛନ୍ତି।

ପାଣିପାଗ ବିଭାଗ ପୂର୍ବାନୁମାନ ଅନୁସାରେ ଶୁକ୍ରବାର ରାଜ୍ୟରେ ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରହିବ। ତେବେ ୬ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ ଓ ରାୟଗଡାରେ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ୭ ତାରିଖରେ କୋରାପୁଟ, କନ୍ଧମାଳ, ମାଲକାନଗିରି, ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଗଜପତି, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ଖୋର୍ଦ୍ଧା, ନୟାଗଡ଼, କଟକ, ପୁରୀ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଅନୁରୂପ ଭାବରେ ୮ ରେ ମଧ୍ୟ ଅନେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଦୁଇ ଦିନରେ ଘୂର୍ଣ୍ଣିବଳୟର ପ୍ରଭାବ ଅଧିକ ରହିବାକୁ ଥିବାରୁ ଚଳିତ ବର୍ଷ ରଥଯାତ୍ରାରେ ମଧ୍ୟ ବର୍ଷା ହେବା ନେଇ ଆକଳନ କରାଯାଇଛି। ଏବେ ବି ରାଜ୍ୟରେ ୨୫ ପ୍ରତିଶତ ନିଅଣ୍ଟିଆ ବର୍ଷା ରହିଛି। ଏହି ସମୟରେ ୧୭ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବାବେଳେ ୬୩ ପ୍ରତିଶତ କମ ବର୍ଷା ସହ ମୟୂରଭଞ୍ଜରେ ସବୁଠୁ ନିଅଣ୍ଟିଆ ସ୍ଥିତି ରେକର୍ଡ କରାଯାଇଛି। ୧୧ ଜିଲ୍ଲାରେ ସ୍ୱାଭାବିକ ବର୍ଷା ଓ କେବଳ ମାଲକାନଗିରିରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ ସୁନ୍ଦରଗଡ ହେମଗିରିରେ ୬୩.୪ ମିମି ବର୍ଷା ହୋଇଛି।

## ଓଡ଼ିଆରେ ହେବ...

କରାଯିବ। ସେହିପରି ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରସାର ପାଇଁ ଅନୁବାଦ ଏକାଡେମୀ ପ୍ରତିଷ୍ଠା ହେବ। ଭାଷା ପାଇଁ ଆଧୁନିକ, ସରଳ ଓ ସୁଗମ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ପାଇଁ ବ୍ୟବସ୍ଥା ହେବ। ଆଗାମୀ ଦିନରେ ରାଜ୍ୟରେ ଓଡ଼ିଆ ଭାଷା ଭବନ, ଅସ୍ମିତା ଭବନ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ପ୍ରତ୍ୟେକ ଜିଲ୍ଲାରେ ସମନ୍ୱିତ ସଂସ୍କୃତି ଭବନ ନିର୍ମାଣ ସହ ଜିଲ୍ଲାର କଳା ସଂସ୍କୃତିକୁ ପ୍ରୋତ୍ସାହିତ କରାଯିବ। ଉଚ୍ଚ ବିଦ୍ୟାଳୟ ସ୍ତରରେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ପାଇଁ ବିଚାର କରାଯିବ। ଏହାସହ ବରୁଣେଇଠାରେ ପାଇକ ଏକାଡେମୀ ଓ ସ୍ମାରକୀ ନିର୍ମାଣ ତ୍ୱରାନ୍ୱିତ ହେବ। ରାଜ୍ୟର ବିଭିନ୍ନ ଐତିହ୍ୟ ପୀଠର ବିକାଶକୁ ଗୁରୁତ୍ୱ ଦେବାକୁ ସରକାର ସଂକଳ୍ପବଦ୍ଧ। ସବୁ କାର୍ଯ୍ୟ ଲୋକମାନଙ୍କ ସହଯୋଗ ସହଭାଗିତା ଓ ପରାମର୍ଶରେ ହେବ। ଓଡ଼ିଆରେ ସମସ୍ତ ସରକାରୀ କାର୍ଯ୍ୟ କରାଯିବ ଏବଂ ପ୍ରଣୀତ ସରକାରୀ ଭାଷା ଆଇନକୁ ଅକ୍ଷରେ ଅକ୍ଷରେ ପାଳନ କରାଯିବ। ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାରକୁ ସହଜ, ସରଳ ଓ ସୁଗମ କରିବା ପାଇଁ ଉପଯୁକ୍ତ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ନିମନ୍ତେ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଲୋକସେବା ଭବନ ପ୍ରବେଶ ସମୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡାଙ୍କ ସହିତ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଗୁଣି ସନ୍ଦେହରେ...

ପିଟି ମାରି ଦେଇ ନିକଟସ୍ଥ ଜଙ୍ଗଲରେ ଫୋପାଡ଼ି ଦେଇଥିବା ସନ୍ଦେହ କରାଯାଉଛି। ମୃତକଙ୍କ ମଧ୍ୟରୁ ସୋମବାରୀଙ୍କୁ ଅତି ନିର୍ମମ ଭାବେ ହତ୍ୟାକରି ମୁଣ୍ଡ ଗଣ୍ଡି ଅଲଗା କରାଯାଇଥିବା ଦେଖିବାକୁ ମିଳିଛି। ଔପଦା ଥାନା ଆଇଆଇସି ଶ୍ରବଣ କୁମାର ମହରଣା ସଦଳବଳେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ଜଙ୍ଗଲରୁ ମୃତଦେହଗୁଡ଼ିକୁ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ପାଇଁ ସୋର ମେଡିକାଲକୁ ପଠାଇଛନ୍ତି। ଏହି ହତ୍ୟା ଘଟଣାରେ ଅଧିକ ଲୋକଙ୍କ ସମ୍ପୃକ୍ତ ଥିବା ସନ୍ଦେହ କରାଯାଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ଗୋଡ଼ାଇ ଗୋଡ଼ାଇ...

କାଲ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ସେହି ଗ୍ରାମର ବାବୁଲି ମହାକୁଡ (୩୫)। ଏ ନେଇ ମୃତ ମହିଳାଙ୍କ ଝିଅ ଗୀତାଞ୍ଜଳୀ ବେହେରା ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ବେତନଟୀ ଏସଡିପିଓ ସୁଦର୍ଶନ ଦାଶ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ବାରିପଦାରୁ ସାଇଣ୍ଟିଫିକ୍ ଟିମ ଆସି ବିଭିନ୍ନ ନମୁନା ସଂଗ୍ରହ କରି ଫେରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ବାବୁଲି ଜଣେ ଆଦିବାସୀ ଝିଅକୁ ବିବାହ କରିଥିବା ବେଳେ ଗାଁରେ ସର୍ବଦା ଚୁପଚାପ ରହୁଥିଲା। ମୃତ ମହିଳା ଜଣକ ଅଭିଯୁକ୍ତର ସମ୍ପର୍କୀୟ ଖୁଡୀ ବୋଲି ସେ କହୁଥିବା ବେଳେ ସଦାବେଳେ ଆମ ଘର ଭାଙ୍ଗୁଥିବାରୁ ମୁଁ ହତ୍ୟାକଲି ବୋଲି ବାବୁଲି ଏକ ଭିଡିଓରେ କହୁଥିବା ଦେଖାଯାଇଛି। ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ଦମ୍ପତି ମୃତ...

ବେସରକାରୀ ଚିକିତ୍ସାଳୟକୁ ନିଆଯାଇଥିବା ଜଣାପଡ଼ିଛି। ବିନୋଦଙ୍କ ସମ୍ପର୍କୀୟ ଉଦୟ ଜେନାଙ୍କ ଅଭିଯୋଗ କ୍ରମେ ପୁଲିସ ୩୩/୩୨୪ରେ ମାମଲା ରୁଜୁ କରି ଦମ୍ପତିଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିବା ସହିତ ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ କାର୍‌କୁ ଜବତ କରିଛି।

## ଗର୍ଭବତୀଙ୍କୁ ଆଣିବାକୁ ଯାଇ ବାଟରେ ଆମ୍ବୁଲାନ୍ସ ଖରାପ

**ତୁରୁମୁଙ୍ଗା,୪।୭(ସମିସ):** ଗର୍ଭବତୀ ମହିଳାଙ୍କୁ ମେଡ଼ିକାଲ ଆଣିବାକୁ ଯାଇ ଖରାପ ହେଲା ଆମ୍ବୁଲାନ୍ସ। ଫଳରେ ଆମ୍ବୁଲାନ୍ସ ଭିତରେ ଦୀର୍ଘ ସମୟ ଧରି ଗର୍ଭ ଯନ୍ତ୍ରଣାରେ ଛଟପଟ ହେଲେ ଗର୍ଭବତୀ ମହିଳା ଶେଷରେ ବିଳମ୍ବରେ ପାଟଣା ମେଡ଼ିକାଲରେ ପହଞ୍ଚି ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି ମହିଳା। ଏଭଳି ଘଟଣା ଘଟିଛି ପାଟଣା ବ୍ଲକ ଗୋଧିରାମପଡା ଗ୍ରାମରେ। ଗ୍ରାମର ସୁରେଶ ମୁଣ୍ଡାଙ୍କ ପତ୍ନୀ ପାଲ ମୁଣ୍ଡା ବୁଧବାର ସନ୍ଧ୍ୟାରେ ଗର୍ଭ ଯନ୍ତ୍ରଣା ହେବାରୁ ପରିବାର ଲୋକେ ୧୦୮କୁ ଫୋନ କରିଥିଲେ ଘରକୁ ଆମ୍ବୁଲାନ୍ସ ଆସି ମେଡ଼ିକାଲ ନେବା ସମୟରେ ଆମ୍ବୁଲାନ୍ସ ଖରାପ ହୋଇଥିବାରୁ ଆମ୍ବୁଲାନ୍ସ ଭିତରେ ଗର୍ଭଯନ୍ତ୍ରଣାରେ ଛଟପଟ ହୋଇଥିଲେ ମହିଳା।

## ମହିଳାଙ୍କଠାରୁ ଝାମ୍ପି ନେଲେ ୩୨ ହଜାର

**ଚମ୍ପୁଆ,୪।୭(ସମିସ):** ବ୍ୟାଙ୍କରୁ ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ମହିଳାଙ୍କଠାରୁ ଦୁର୍ବୃତ୍ତମାନେ ୩୩ ହଜାର ୫ ଶହ ଟଙ୍କା ଝାମ୍ପି ନେଇଥିବା ଚମ୍ପୁଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ଚମ୍ପୁଆ ଥାନା ପକ୍ଷରୁ କେଶ ନଂ.୨୨୫/୨୪ ରୁଜୁ କରି ତଦନ୍ତ ଆରମ୍ଭ କରିବା ସହିତ ବିଭିନ୍ନ ସିସିଟିଭି ଫୁଟେଜ୍‌କୁ ଆଧାର କରାଯାଇଛି। ସୂଚନା ଅନୁସାରେ ପତଳା ଗ୍ରାମର ମା' ଗାୟତ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ଭବାନୀ ମହାରଣା ଓ ସମ୍ପାଦିକା ଯଶମତି ନାଏକ ବ୍ୟାଙ୍କରୁ ଗ୍ରୁପ ଟଙ୍କା ୩୩ ହଜାର ୫ ଶହ ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ଚମ୍ପୁଆ ସଦର ମହକୁମାର କେବି ହୋଟେଲ ନିକଟରୁ ବାଇକରେ ଆସିଥିବା ୨ଜଣ ଲୁଟେରା ତାଙ୍କ ବ୍ୟାଗକୁ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଉକ୍ତ ବ୍ୟାଗରେ ଗ୍ରୁପ ସଭା ବହି ସହ ଷ୍ଟାମ୍ପ ଓ କିଛି ପାସ୍‌ବୁକ ରହିଥିବା ଜଣାଯାଇଛି। ଅଭିଯୋଗ ପରେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଆରମ୍ଭ କରାଯାଇଛି

## ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ସହାୟତା



**ତୁରୁମୁଙ୍ଗା,୪।୭(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ ଅଧୀନ ପୁରୁଣାପାଣି ସଂରକ୍ଷିତ ଜଙ୍ଗଲରେ ଗତ ୨୯ ତାରିଖରେ ହାତୀ ଆକ୍ରମଣରେ ପୁରୁଣାପାଣି ଗ୍ରାମର ସମରା ମୁଣ୍ଡାଙ୍କ ମୃତ୍ୟୁ ହୋଇଥିଲା। ଗୁରୁବାର ବନ ବିଭାଗ ପକ୍ଷରୁ ପଇତାମଜା ଠାରେ ଚାଲିଥିବା ବନ ମହୋତ୍ସବ କାର୍ଯ୍ୟକ୍ରମରେ ମୃତ ସମରାଙ୍କ ପୁଅ ରବି ମୁଣ୍ଡାଙ୍କୁ ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ଟଙ୍କାର ଚେକ୍ ଦେଇ ସହାୟତା ରାଶି ପ୍ରଦାନ କରିଛନ୍ତି। ସହାୟତା ରାଶି ପ୍ରଦାନ ସମୟରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ସମେତ ପୂର୍ବତନ ବିଜେପି ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ, ଦୀପୁ ଖାଟୁଆ, ସାହାରପଡ଼ା ବନପାଳ ଭୂପତିସେଠୀ ଉପସ୍ଥିତ ଥିଲେ।

## ବସ୍ ଧକ୍କାରେ ବାଛୁରି ମୃତ



**ବଡ଼ବିଲ,୪।୭(ସମିସ):** ବଡ଼ବିଲ ଥାନା ପ୍ରତୀକ ହୋଟେଲ ନିକଟରେ ଆଜି ଅପରାହ୍ନରେ ରୁଙ୍ଗଟା କମ୍ପାନୀର କର୍ମଚାରୀମାନଙ୍କୁ ନେବା ଆଣିବା କରୁଥିବା ବସ ନଂ ଓଡି୦୯ସିଡି ୯୨୪୧ର ଚାଳକ ମଦ୍ୟପାନ କରି ଦ୍ରୁତଗତିରେ ଯାଉଥିବା ବେଳେ ରାସ୍ତା କଡ଼ରେ ଛିଡା ହୋଇଥିବା ଏକ ବାଛୁରିକୁ ଧକ୍କା ଦେବାରୁ ତାର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ତେବେ ବସ୍ ଡ୍ରାଇଭର ଓ ହେଲପର ମିଶି ବାଛୁରିଟିକୁ ଗାଡିରେ ଲୋଡ଼ କରି ନେଇ ଯାଇଥିବା ବେଳେ ସ୍ଥାନୀୟ ଲୋକ ଗାଡିକୁ ବଡ଼ବିଲ ବନାଞ୍ଚଳ କାର୍ଯ୍ୟାଳୟ ନିକଟରେ ଅଟକାଇଥିଲ। ବସ୍‌ଟିକୁ ପୁଲିସକୁ ଜମା ଦେଇଥିବା ବେଳେ ଚାଳକ ଜଣଙ୍କର ଲାଇସେନ୍ସ ନ ଥିବା ଜଣାପଡିଛି।

## ଘସିପୁରା ବ୍ୟାଙ୍କରେ ନୂତନ ପରିଚାଳକ

**ଆନନ୍ଦପୁର,୪।୭(ସମିସ):** ଘସିପୁରା ବ୍ୟାଙ୍କ୍ ଅଫ ଇଣ୍ଡିଆ ଶାଖାରେ ନୂତନ ପରିଚାଳକ ଭାବେ ମାନସ କୁମାର ସେଠୀ ଯୋଗ ଦେଇଛନ୍ତି। ପୂର୍ବତନ ପରିଚାଳକ ହୀରାଲାଲ ମହାମଲିକଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିବା ପରେ ବ୍ୟାଙ୍କ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଯୁବ ସମାଜସେବୀ ଦେବରାଜ ସାହୁଙ୍କ ସଂଯୋଜନାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉପଭୋକ୍ତା ଓ ଜମାକାରୀମାନଙ୍କୁ ତ୍ୱରିତ ସେବା ଯୋଗାଇ ଦେବା ସହିତ ବୈଷୟିକ ତ୍ରୁଟି ଜନିତ ବିଳମ୍ବ ହେଉଥିବା କାର୍ଯ୍ୟକୁ ଯଥାଶୀଘ୍ର ସମାଧାନ କରିବା ଏବଂ ଉପଯୁକ୍ତ ବ୍ୟାଙ୍କ ସେବା ଯୋଗାଇ ଦିଆଯିବ ବୋଲି ଶ୍ରୀ ସେଠୀ ଯୋଗଦାନ ଦିବସରେ ମତପ୍ରକାଶ କରିଥିଲେ।

### ଜଙ୍ଗଲରେ ଦେଖିବାକୁ ମିଳୁମିଳୁନି ଚିହ୍ନବର୍ଣ୍ଣ

# ଅଟେଇ 'ବାଘ' ଗଲା କୁଆଡ଼େ

**କେନ୍ଦୁଝର,୪।୭(ସମିସ)**

କେନ୍ଦୁଝର ବନଖଣ୍ଡର ଘଟଗାଁ ବନାଞ୍ଚଳ ଅଟେଇ ସଂରକ୍ଷିତ ଜଙ୍ଗଲରେ କିଛିଦିନ ତଳେ ମହାବଳ ବାଘ ଦେଖିବାକୁ ମିଳିଥିଲା। ଏହାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ହୋଇଥିଲା। ବନଖଣ୍ଡରେ ଲାଗିଥିବା ସବୁ ଟ୍ରାକ୍ କ୍ୟାମେରାରେ ବାଘର ଉପସ୍ଥିତି ଜଣାପଡୁଥିଲା। କିନ୍ତୁ ଗତ କିଛି ଦିନ ଅଟେଇ ଜଙ୍ଗଲରେ ଆଉ ମହାବଳକୁ ଦେଖିବାକୁ ମିଳୁନି। ପୂର୍ବରୁ ଥିବା ମହାବଳ ବାଘଟି ଅନ୍ୟତ୍ର ଚାଲିଯାଇଥିବା ଅନୁମାନ କରାଯାଉଛି। ଅଟେଇ ସଂରକ୍ଷିତ ଜଙ୍ଗଲର ବିଭିନ୍ନ ଅଞ୍ଚଳରେ ଲାଗିଥିବା ୪୫ଟି ଟ୍ରାକ୍ କ୍ୟାମେରା ଦୃଶ୍ୟରୁ ବନବିଭାଗ ଏହା ଅନୁମାନ କରୁଥିବା କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍‌ଡି କହିଛନ୍ତି।

କିଛିଦିନ ହେବ ଅଟେଇ ସଂରକ୍ଷିତ ଜଙ୍ଗଲର ବିଭିନ୍ନ ସ୍ଥାନରେ ଲାଗିଥିବା ଟ୍ରାକ କ୍ୟାମେରାରେ ବାଘ ଚଳପ୍ରଚଳ ସମ୍ପର୍କରେ କୌଣସି ଚିତ୍ର ଆସୁନାହିଁ। ତେଣୁ ମହାବଳ ଶିମିଳିପାଳ ଜଙ୍ଗଲ, ସାତକୋଶିଆ ଜଙ୍ଗଲ କିମ୍ବା ଅନ୍ୟତ୍ର ଚାଲିଯାଇଥିବା ଅନୁମାନ କରାଯାଉଛି। କିନ୍ତୁ ବାଘର ସୁରକ୍ଷା ଦୃଷ୍ଟିରୁ ବନ ବିଭାଗ ତାର ଗତିବିଧି ଜାଣିବାକୁ ଉଦ୍ୟମ ଚଳାଇଛି।

ଗତବର୍ଷ ପାଟଣା ବନାଞ୍ଚଳରେ ପ୍ରଥମେ ବାଘର



ପାଦଚିହ୍ନ ଦେଖାଯାଇଥିଲା। ଫଳରେ ସେଠାରେ ଟ୍ରାକ୍ କ୍ୟାମେରା ଲଗାଯାଇଥିଲା। ଏଭଳି ସମୟରେ ଘଟଗାଁ ବନାଞ୍ଚଳ ବାଇଗଣପାଳ ଫରେଷ୍ଟ ବିଟ୍ ଅଞ୍ଚଳରେ ମହାବଳ ବାଘର ପାଦ ଚିହ୍ନ ଦେଖାଯିବାରୁ ବାଘର ଗତିବିଧି ନଜର ରଖିବାକୁ ସେହି ଅଞ୍ଚଳରେ ୪୫ଟି ଟ୍ରାକ୍ କ୍ୟାମେରା ଜଙ୍ଗଲର ୪ କିଲୋମିଟର ପରିଧିରେ ଲାଗାଯାଇଥିଲା। କଳ୍ପନା ଜଳ୍ପନା ମଧ୍ୟରେ ଅଟେଇ ସଂରକ୍ଷିତ ଜଙ୍ଗଲରେ ଲାଗିଥିବା ଗୋଟିଏ କ୍ୟାମେରାରେ ମହାବଳ ବାଘ ଚଳପ୍ରଚଳ ଫଟୋକୁ ଟ୍ରାକ୍ ହୋଇଥିଲା। ଫଳରେ ଘଟଗାଁ ବନାଞ୍ଚଳର ଅଟେଇ ସଂରକ୍ଷିତ ଜଙ୍ଗଲରେ ମହାବଳ ବାଘ ଥିବା ସ୍ପଷ୍ଟ ହୋଇଥିଲା। ବାଘଟି ଶିମିଳିପାଳ, ସାତକୋଶିଆ, ଆନନ୍ଦପୁର, ଘଟଗାଁ, ରେବଣା ପଳାଶପାଳ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଚଳପ୍ରଚଳ କରୁଥିବା ସ୍ପଷ୍ଟ ହେବା ପରେ ବନ ବିଭାଗର ଦାୟିତ୍ୱ ବଢିଯାଇଥିଲା। ସେତେବେଳେ ଚିହ୍ନଟ ହୋଇଥିବା ବାଘଟି ଆର୍‌ବିଟି ଶ୍ରେଣୀର ଓ ଏକ ଅଣ୍ଡିରା ବାଘ। ବାଘର ସୁରକ୍ଷା ଦୃଷ୍ଟିରୁ ଅଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ୩ ଗୋଟି ରାସ୍ତାରେ ସେତେବେଳୁ ଗାଡିମୋଟର ଚଳାଚଳ, ଭୋଜିଭାତକୁ ବାରଣ କରାଯାଇଛି। ଏପରିକି ଜଙ୍ଗଲ ନିକଟରେ ବସବାସ କରୁଥିବା ଲୋକ, ବନ୍ୟଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ ବନବାସୀଙ୍କର ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସ୍ଥାନୀୟ ଅଞ୍ଚଳରେ ପୂର୍ବରୁ ବାଘ ମଇଁଷି, ଛେଳି ମାରି ଖାଉଥିଲା। କିନ୍ତୁ ଲୋକେ ସଚେତନ ହେବାପରେ ଜଙ୍ଗଲକୁ ଗୃହପାଳିତ ପଶୁ ଛାଡୁନଥିବାରୁ ବାଘଟି ଜଙ୍ଗଲି ଜନ୍ତୁ କୁଟୁରା, ହରିଣ ସମେତ ବାଘ ଭଲ ପାଉଥିବା ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ମାରି ଖାଉଥିବା ବନ ବିଭାଗ ଜାଣିପାରିଥିଲା। ଚିହ୍ନଟ ମହାବଳ ବାଘ ଏବଂ ଜନଜୀବନର ସୁରକ୍ଷା ନିମନ୍ତେ କରଞ୍ଜିଆ ବନଖଣ୍ଡ, ଶିମିଳିପାଳ ବନଖଣ୍ଡ, ଆନନ୍ଦପୁର ବନଖଣ୍ଡ, କେନ୍ଦୁଝର ବନଖଣ୍ଡ ସହିତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକଙ୍କ ମାର୍ଗଦର୍ଶନରେ ସମନ୍ୱୟ ରଖାଯାଇଥିବା ବେଳେ ଏସ୍‌ଟିଏଫ୍, ଜେଟିଏଫ୍ ସହିତ ବନ ବିଭାଗ ଯୋଗାଯୋଗ ରଖିଛି। ଏଭଳି ସ୍ଥିତିରେ ଅଟେଇ ସଂରକ୍ଷିତ ଜଙ୍ଗଲରେ ଥିବା ମହାବଳ ବାଘ ଏହି ଅଞ୍ଚଳରେ ଚଳପ୍ରଚଳ କରୁନଥିବାରୁ ଅନ୍ୟ କୁଆଡ଼େ ଚାଲିଯାଇଥିବା ଅନୁମାନ କରାଯାଉଛି। ଏହି ସୂଚନା ଜଣାପଡ଼ିବା ପରେ ବନବିଭାଗ ଅଧିକ ସତର୍କତା ଅବଲମ୍ବନ କରୁଥିବା ଡିଏଫ୍‌ଓ ଧନରାଜ ଏଚ୍‌ଡି କହିଛନ୍ତି।

### ଛାତ୍ରାବାସରେ ଛାତ୍ରଙ୍କ ମୃତ୍ୟୁ ଘଟଣା

## ଘରୋଇ ସ୍କୁଲକୁ ସିଲ୍ କଲା ପୁଲିସ୍

**ତୁରୁମୁଙ୍ଗା,୪।୭(ସମିସ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ବାରିଆ ଥାନା ଜଜପଶି ପଞ୍ଚାୟତ କଙ୍କଡ଼ା ଗ୍ରାମରେ ଥିବା ଘରୋଇ ସ୍କୁଲ ଗୋପବନ୍ଧୁ ସେବାଶ୍ରମରେ ଅଘଟଣ। ସ୍କୁଲ ହଷ୍ଟେଲରେ ରହି ପ୍ରଥମ ଶ୍ରେଣୀରେ ପାଠ ପଢୁଥିବା କାଞ୍ଚିପାଣି ଥାନା ଯନ୍ତାରି ଗ୍ରାମର ଛାତ୍ର ଦୀପକ ମହାନ୍ତ (୧୦)ଙ୍କ ବୁଧବାର ମୃତ୍ୟୁ ପରେ ସ୍କୁଲ ପରିସରରେ ଚାପା ଉତ୍ତେଜନା ଦେଖାଦେଇଥିଲା। ବୁଧବାର ସକାଳୁ ସ୍କୁଲ ନିକଟରେ ଥିବା ଏକ ପୋଖରୀରୁ ଛାତ୍ରଙ୍କ କ୍ଷତବିକ୍ଷତ ମୃତଦେହ ସନ୍ଦେହ ଜନକ ଭାବରେ ଉଦ୍ଧାର କରାଯାଇ ବିଦ୍ୟାଳୟ ପରିସରକୁ ଅଣାଯାଇଥିଲା। ପରିବାର ଲୋକଙ୍କୁ ଛାତ୍ର ଜଣଙ୍କ ଶୌଚ ହେବାକୁ ଯାଇ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଥିବା ନେଇ ସ୍କୁଲ ଚଳାଉଥିବା ଅବସରପ୍ରାପ୍ତ ଶିକ୍ଷକ ହଳଧର ମହାନ୍ତ ଜଣାଇଥିଲେ। ମୃତ ଛାତ୍ରଙ୍କ ପରିବାର ଲୋକେ ସ୍କୁଲରେ ପହଞ୍ଚିବା ପରେ ଛାତ୍ରର ଡାହାଣ ଆଖିରେ ଗଭୀର କ୍ଷତ ସହ ବାମ କାନ୍ଧ ଓ ଅଣ୍ଟାରେ କ୍ଷତ ଲାଗିଥିବା ଦେଖିବାକୁ ପାଇ ତାଙ୍କ ପୁଅଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ। ଘଟଣା ସ୍ଥଳରେ ବାରିଆ ଥାନା ଅଧିକାରୀ ହେମନ୍ତ କୁମାର ମାଝୀ, ମାଜିଷ୍ଟ୍ରେଟ ଭାବରେ ଚମ୍ପୁଆ ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶନୀ, ଜ୍ୟୋତିପୁର ଆର୍‌ଆଇ ରତିରମଣ ମହାନ୍ତ, ବଡ଼ବିଲ ଏସ୍‌ଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ ପହଞ୍ଚି ତଦନ୍ତ କରିଥିଲେ। ମୃତ ଛାତ୍ରଙ୍କ ବାପା ହୃଦାନନ୍ଦ ମହାନ୍ତ ତାଙ୍କ ପୁଅଙ୍କୁ ହତ୍ୟା କରାଯାଇଥିବା ନେଇ ବାରିଆ ଥାନାରେ ଅଭିଯୋଗ କରିବା ଅଭିଯୋଗ ପରେ ବାରିଆ ଥାନା ପୁଲିସ ୧୩୩/୨୪ ଏକ ହତ୍ୟା ମାମଲା ରୁଜୁ କରି ସ୍କୁଲ ଚଳାଉଥିବା ଅବସରପ୍ରାପ୍ତ ଶିକ୍ଷକ ହଳଧର ମହାନ୍ତଙ୍କୁ ଥାନାରେ ଅଟକ ରଖିଛି। ଅନ୍ୟପଟେ କ୍ଷତିପୂରଣ ଦାବିରେ ପରିବାର ଲୋକେ ଶବକୁ ବ୍ୟବଚ୍ଛେଦ ପାଇଁ ଛାଡୁ ନଥିବା ବେଳେ ପୁଲିସ ବୁଝାସୁଝା କରି ବୁଧବାର ରାତି ୮ ଟାରେ ପୁଲିସ ଶବକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇ ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ହଷ୍ଟେଲରେ ୩୬ ଜଣ ଛାତ୍ରଛାତ୍ରୀ ରହି ପାଠ ପଢୁଥିବା ବେଳେ ଘଟଣା ପରେ ସମସ୍ତ ଅନ୍ତେବାସୀ ଘରକୁ ପଳାଇଯାଇଛନ୍ତି। ତେବେ ଏହି ସ୍କୁଲରେ ଚାଲିଥିବା ହଷ୍ଟେଲକୁ ହଳଧର ବିନା ଅନୁମତିରେ ବେଆଇନ ଭାବରେ ଚଳାଉଥିବା ଚମ୍ପୁଆ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରକାଶ ରାଜ କହିଥିବା ବେଳେ ସ୍କୁଲକୁ ବାରିଆ ପୁଲିସ ସିଲ୍ କରିଥିବା ସୂଚନା ଦେବା ସହ ଜିଲ୍ଲା ଶିକ୍ଷାଧିକାରୀ ଗୌରିରାଣୀ ନାୟକଙ୍କୁ ତଦନ୍ତ ରିପୋର୍ଟ ଦେଇଛନ୍ତି। ସୂଚନା ଯେ ଅବସରପ୍ରାପ୍ତ ଶିକ୍ଷକ ହଳଧର ମହାନ୍ତ ବିନା ଅନୁମତରେ ବେଆଇନ ଭାବରେ ବର୍ଷ ବର୍ଷ ଧରି ହଷ୍ଟେଲ ଚଲାଇ ଆସୁଥିବା ବେଳେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ମାସିକ ୨ ହଜାର ଟଙ୍କା ଅଭିଭାବକମାନଙ୍କ ଠାରୁ ନେଇ ବେଆଇନ ଭାବରେ ହଷ୍ଟେଲ ଚଲାଇ ଆସୁଥିଲେ।




## ଦେଓଗାଁ ବାଳିକା ବିଦ୍ୟାଳୟରେ ବନ ମହୋତ୍ସବ

**ଆନନ୍ଦପୁର,୪।୭(ସମିସ):** ଦେଓଗାଁ ବନ୍ୟପ୍ରାଣୀ ବିଭାଗ ଓ ଦେଓଗାଁ ବାଳିକା ଉଚ୍ଚବିଦ୍ୟାଳୟର ଇକୋ କ୍ଲବ ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅଁଳା, ପେସ୍ତା ବାଦାମ, ଆମ୍ବ, ବଉଳ ସମେତ ବହୁ ପୁଷ୍ପ ଜାତୀୟ ଚାରା ରୋପଣ କରାଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନ ସୁରକ୍ଷା ଓ ପରିବେଶ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରାଯାଇଛି। ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ଜେନା ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ମହୋତ୍ସବରେ ଅତିଥି ଭାବେ ବନ କର୍ମଚାରୀ ପ୍ରିୟଦର୍ଶନୀ ଜେନା , ମମତା ପ୍ରିୟଦର୍ଶନୀ ରାଉତ, ଆମ ଜଙ୍ଗଲ ଯୋଜନାର ଟିମ୍ ଲିଡର ଛବିନ୍ଦ୍ର ପଣ୍ଡା, ଡିଓ ତ୍ରିଲୋଚନ ପ୍ରଧାନ, ରାମେଶ୍ୱର ପଟ୍ଟନାୟକ, ଯୋଗ ଦେଇ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ନିରଞ୍ଜନ ସେଠୀ, ଅନନ୍ତ ଚରଣ, ଅମର କୁମାର ପାତ୍ର, ଦେବାଶିଷ ରାଉତ, ଶ୍ରୀରାମ ସାହୁ ଏବଂ କର୍ମଚାରୀ କିରଣ ପ୍ରିୟଦର୍ଶନୀ ପାଗଳ, ଶ୍ରିୟାରାଣୀ ସାହୁ ଓ କମଳିନୀ ବାରିକ ପ୍ରମୁଖ ପରିଚାଳନା କରିଥିଲେ।



### ଶ୍ରମିକ କ୍ୟାଣ୍ଟିନ୍‌ରେ ନିମ୍ନମାନର ଖାଦ୍ୟ

## ଉପମାରୁ ବାହାରିଲା ପୋକ

**ଯୋଡା,୪।୭(ସମିସ):** ଯୋଡ଼ା ବ୍ଲକ ବିରିକଳା ପଞ୍ଚାୟତ ବିଲେଇପଦା ଠାରେ ଅବସ୍ଥିତ ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟ ପ୍ରାଲିଃରେ ଶ୍ରମିକମାନଙ୍କ ପାଇଁ ଉଦିଷ୍ଟ କ୍ୟଣ୍ଟିନ୍‌ରେ ନିମ୍ନମାନର ଖାଦ୍ୟ ମିଳୁଥିବା ନେଇ ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ସେମାନଙ୍କୁ ଦିଆଯାଉଥିବା ଭାତରେ ଶୀଘ୍ର ସିଝିବା ପାଇଁ ଖାଇବା ସୋଡ଼ା ବ୍ୟବହାର କରାଯାଉଛି। ସେହିପରି ବାସି ତରକାରୀ, ଡାଲିକୁ ସଜ ତରକାରୀ ସହିତ ମିଶାଇ ଏହାର ଖଟା ଅଂଶ କାଟିବା ପାଇଁ ପାନରେ ବ୍ୟବହାର କରାଯାଉଥିବା ଚୁନକୁ ପ୍ରୟୋଗ କରାଯାଉଛି। ଫଳରେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁଁ ପେଟ ଫୁଲି ଯାଉଥିବା ଶ୍ରମିକମାନେ କହିଛନ୍ତି। ଭାତ ଉପରେ ପାଣିଆ ଡାଲି ଢାଳି ଦିଆ ଯାଉଛି। ତରକାରୀ ନିମନ୍ତେ ଅଣାଯାଉଥିବା ପରିବାରେ ପାଚିଲା ପୋଟଳ, ବୁଢା ଭେଣ୍ଡି, ଗଜା ଆଳୁ, ପୋକରା ବାଇଗଣ ତରକାରୀ କରି ଖାଇବାକୁ ଦିଆଯାଉଛି। ତାହା ମଧ୍ୟ କେତେବେଳେ ଲୁଣିଆ, କେତେବେଳେ ବେଶୀ ହଳଦୀ।ଭାଗମାପ ନ ଥିବାରୁ ଅରୁଚି କର ଖାଦ୍ୟ ଦିଆଯାଉଛି। ଏହି ଖାଦ୍ୟ କମ୍ପାନୀର ନିୟମ ମୁତାବକ ଶ୍ରମିକମାନଙ୍କୁ ମାଗଣାରେ ପ୍ରଦାନ କରାଯାଇ ଠିକାଦାର ଠାରୁ ଅର୍ଥ ଆଦାୟ କରାଯାଇଥାଏ। କ୍ୟାଣ୍ଟିନଟିକୁ ଠିକା ସଂସ୍ଥା ଦ୍ୱାରା ପରିଚାଳନା କରାଯାଉଥିବା ବେଳେ ଏହି ସଂସ୍ଥାର ଖାମଖିଆଲି ନୀତି ଯୋଗୁଁ ସକାଳ ଜଳଖିଆରେ ଦିଆଯାଉଥିବା ଉପମା ଓ ଡାଲିରେ ପୋକ ବାହାରିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ତେବେ କମ୍ପାନୀର ଅଫିସର ଏବଂ କର୍ମଚାରୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବେ ଏସି କ୍ୟାଣ୍ଟିନ ଓ ଉତ୍କୃଷ୍ଟ ମାନର ଖାଦ୍ୟ ବ୍ୟବସ୍ଥା ଥିବା ବେଳେ ଶ୍ରମିକମାନଙ୍କ ପାଇଁ ଏହି ଦୋହରା ନୀତି ପ୍ରଣୟନ କରାଯାଇଥାଏ। ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ କୌଣସି ଦିନ ଏହି ଖାଦ୍ୟର ମାନ ଯାଞ୍ଚ କରିବା ପାଇଁ କେହି ଅଧିକାରୀ ଆସିନଥାନ୍ତି। ତେଣୁ କମ୍ପାନୀ ଏହାର ଫାଇଦା ଉଠାଇ ଅସ୍ୱାସ୍ଥ୍ୟକର ଓ ଅରୁଚିକର ଖାଦ୍ୟ ବିତରଣ କରି ଶ୍ରମିକ ମାନଙ୍କ ସ୍ୱାସ୍ଥ୍ୟ ସହିତ ଖେଳ ଖେଳିଥାଏ। ଏହି ଖାଦ୍ୟର ମାନ ପରିବର୍ତ୍ତନ କରା ନଗଲେ ଆଗାମୀ ଦିନରେ ଏହା ଆନ୍ଦୋଳନର ରୂପ ନେବ ବୋଲି ଶ୍ରମିକ ମାନେ କହିଛନ୍ତି। ଅନ୍ୟପକ୍ଷେ କମ୍ପାନୀର ବରିଷ୍ଠ ଅଧିକାରୀ ବିଭୁଦତ୍ତ ମହାନ୍ତିଙ୍କୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ ନ ଉଠାଇବାରୁ ମତାମତ ମିଳିପାରିନି।



## ରାସ୍ତା କଡ଼କୁ ଓଲଟିଲା ଟ୍ରକ୍



**ଆନନ୍ଦପୁର,୪।୭(ସମିସ):** ୨୦ ନମ୍ବର ଜାତୀୟ ରାଜପଥର ଧକୋଠା ନିକଟରେ ଦୁଇଟି ଟ୍ରକ ମୁହାଁମୁହିଁ ହୋଇଥିବା ବେଳେ ଗୋଟିଏ ଟ୍ରକ ରାସ୍ତା କଡକୁ ପାଲଟି ଯାଇଥିବା ଜଣାପଡିଛି। ସ୍ଥାନୀୟ ଲୋକେ ଓଲଟି ଯାଇଥିବା ଗାଡି ଭିତରୁ ଡ୍ରାଇଭରକୁ ଆହତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ପଠାଇଥିବା ଜଣାଯାଇଛି। ତେବେ ଦୁର୍ଘଟଣା ଘଟାଇଥିବା ଅନ୍ୟ ଏକ ଟ୍ରକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାଯାଇଛି। ଖବର ପାଇ ଘସିପୁରା ପୁଲିସ ଘଟଣାସ୍ଥଳରେ ପହନଚି ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରିଥିବା ବେଳେ ଡାକ୍ତରଖାନାରେ ପହଞ୍ଚି ଆହତ ଡ୍ରାଇଭରଙ୍କ ଅବସ୍ଥାର ଅନୁଧ୍ୟାନ କରିଥିବା ଜଣାଯାଇଛି।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



**ସୋସୋ,୪।୭(ସମିସ):** ହାଟଡିହୀ ବ୍ଲକ ଅଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ବେହେରାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା କରାଯାଇଛି। ସହକର୍ମୀ ଶିକ୍ଷକ, ପୁରାତନ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ପ୍ରଧାନ ଶିକ୍ଷକଙ୍କୁ ତାଙ୍କ ନିଜ ଗ୍ରାମ ବଞ୍ଝୋରୁ ଏକ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ଅଣା ଗ୍ରାମକୁ ପାଛୋଟି ଆଣିବା ପରେ ବାଜା ଓ ବାଣରେ ଗ୍ରାମ ପରିକ୍ରମା କରାଇ ବିଦ୍ୟାଳୟ ନିକଟକୁ ପାଛୋଟି ନେଇଥିଲେ। ବରିଷ୍ଠ ଶିକ୍ଷାବିତ୍ ମନୋହନ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଓମ୍‌କାର ଅନ୍ୱେଷ, ମୁଖ୍ୟବକ୍ତା ପ୍ରାକ୍ତନ ବ୍ଲକ ଶିକ୍ଷା ଅଧିକାରୀ ଧନେଶ୍ୱର ଖଣ୍ଡେଇ, ସମ୍ମାନିତ ଅତିଥି ଏବିଇଓ ସେହ୍ନଲତା ମହାରଣା, ଏବିଇଓ ପ୍ରମୋଦ କୁମାର ନାୟକ, ସିଆର୍‌ସିସି ଦେବାଶିଷ ସୌଭାଗ୍ୟ ରଞ୍ଜନ ବାରିକ, ପରିଚାଳନା କମିଟିର ସଭାପତି କାହ୍ନୁ ଚରଣ ରାଉତ ପ୍ରମୁଖ ଯୋଗ ଦେଇ ବିଦାୟ ଶିକ୍ଷକଙ୍କୁ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ସହକର୍ମୀ ପକ୍ଷରୁ ତାଙ୍କୁ ଓ ତାଙ୍କ ପତ୍ନୀ ହେମଲତା ମଙ୍ଗଳମଙ୍କୁ ଉତ୍ତରିୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ରୁଚିସ୍ମିତା ବେହେରା, ସୂର୍ଯ୍ୟ ନାରାୟଣ ସାହୁ, ହରିହର ସାମଲ, ସଞ୍ଜୟ କୁମାର ପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ସଂଘମିତ୍ରା ବେହେରା, ବିଶ୍ୱବନ୍ଦନା ଦାସ, ଜ୍ୟୋସ୍ନାରାଣୀ ପହି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଓ ସହଯୋଗ କରିଥିଲେ।

# ଭୁଶଡ଼ି ପଡ଼ିବ ଆନନ୍ଦପୁର ବିଏନ୍ ହାଇସ୍କୁଲ ଛାତ୍ରାବାସ!

**ଆନନ୍ଦପୁର,୪।୭(ସମିସ):** ଆନନ୍ଦପୁର ଉପଖଣ୍ଡର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରାବାସଟି ସମ୍ପୂର୍ଣ୍ଣ ବ୍ୟବହାର ଅନୁପଯୋଗୀ ହୋଇଯାଇଥିବାରୁ ଛାତ୍ରଛାତ୍ରୀ ଛାତ୍ରାବାସ ଛାଡ଼ି ଦେଇଥିବା ଜଣାଯାଇଛି। ବାହାରୁ ଆସି ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ନୂତନ ଛାତ୍ରଙ୍କ ସଂଖ୍ୟା କମିଯାଉଥିବା ଆଲୋଚନାରୁ ଜଣାଯାଇଛି। ସର୍ବପୁରାତନ ସୁନାମଧନ୍ୟ ଏହି ବିଦ୍ୟାଳୟର ଛାତ୍ରାବାସ ମରାମତି ନାମରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଥିଲେ ମଧ୍ୟ ଉପଯୁକ୍ତ ତଦାରଖ ଅଭାବରୁ ଆବଶକୀୟ ମରାମତି କାର୍ଯ୍ୟ ଠିକ୍ ଭାବେ ହୋଇପାରୁନାହିଁ। ଛାତ୍ରାବାସର ଛାତରୁ ପାଣି ଗଳୁଥିବା ବେଳେ କବାଟ ଝରକା ଭଙ୍ଗା ଦଦରା ହୋଇପଡିଛି। ଏହି ଛାତ୍ରାବାସ ଆଜକୁ ଦୁଇବର୍ଷ ହେବ ବ୍ୟବହାର ଅନୁପଯୋଗୀ ହୋଇ ପଡିଥିବାରୁ ସରକାରଙ୍କ ପକ୍ଷରୁ ଏକ ନୂତନ ଛାତ୍ରାବାସ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ତେବେ ବିବାଗୀୟ କାଗଜପତ୍ର ତ୍ରୁଟି ଯୋଗୁଁ ଟେଣ୍ଡରଟି ରଦ ହୋଇଯାଇଥିବା ଜଣାଯାଇଛି। ଫଳରେ ଛାତ୍ରାବାସ ନିର୍ମାଣରେ ବିଳମ୍ବ ପରିଲକ୍ଷିତ ହୋଇଛି। ଉପଖଣ୍ଡ ବିଭିନ୍ନ ସ୍ଥାନରୁ ଛାତ୍ରମାନେ ପାଠ ପଢିବା ପାଇଁ ବିଦ୍ୟାଳୟରେ ନାମ ଲେଖାଇବାକୁ ଆସୁଥିବା ବେଳେ ଛାତ୍ରାବାସ ସୁଯୋଗ ନଥିବାରୁ ଫେରିଯାଉଥିବା ସୂଚନା ମିଳିଛି। ଏପରି ଦୟନୀୟ ଅବସ୍ଥା ଯୋଗୁ ଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ତ୍ତ ଓ ଗୃହ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ନୂତନ ଛାତ୍ରାବାସ ନିର୍ମାଣ ସହିତ ପୁରାତନ ଗୃହଗୁଡିକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି।



## କୁଶଳେଶ୍ୱର ମହାବିଦ୍ୟାଳୟରେ ଚାରାରୋପଣ

**ଆନନ୍ଦପୁର,୪।୭(ସମିସ):** ସ୍ଥାନୀୟ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀମାନେ ଗୋଟିଏ ଗୋଟିଏ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସ୍କାଉଟ ବିଭାଗ ରେଞ୍ଜର ଆଣ୍ଡ ରୋଭର୍ସର ସ୍ୱେଚ୍ଛାସେବୀମାନେ ପରିଚାଳନା କରିଥିଲେ। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ରୋଭର ସ୍କାଉଟ ଲିଡର ଅଧ୍ୟାପକ ବିଜୟ କୁମାର ସାହୁ, ଅଧ୍ୟାପକ ସୁଧାକର ଜେନା , ସତ୍ୟବ୍ରତ ପତି, ମହେଶ୍ୱର ଜେନା, ମନ୍ମଥ କୁମାର ପୃଷ୍ଟି, ଅମରେନ୍ଦ୍ର ମିଶ୍ର, ଇଲାବତୀ ଖୁଣ୍ଟିଆ, ରାଷ୍ଟ୍ରରଂଜନ ବାରିକ, ପର୍ଶୁରାମ ପ୍ରଧାନ, ମିତା ପାତ୍ର, ପ୍ରଭାତ ବାରିକ, କ୍ଷେତ୍ରବାସୀ ସୋରେନ, ଦାମୋଦର ମୁଣ୍ଡା, ମଙ୍ଗୁଳି ଚରଣ ସାହୁ, ଅନମୋଲ ଗୁଲୁ, ହୃଦାନନ୍ଦ ଦାଶ ପ୍ରମୁଖ ସହଯୋଗ କରିଥିଲେ।



## ବନ୍ଧୁକ ଦେଖାଇ ଲୁଟି ନେଲେ ଲକ୍ଷାଧିକ ଟଙ୍କା

**ଚମ୍ପୁଆ,୪।୭(ସମିସ):** ଚମ୍ପୁଆ ଥାନା ଅନ୍ତର୍ଗତ କଞ୍ଚନପୁର ସ୍ଥିତ ଲାଗୁରୀ ପେଟ୍ରୋଲ ପମ୍ପରୁ ଗତ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃର୍ତ ମାନେ ବନ୍ଧୁକ ଦେଖାଇ କର୍ମଚାରୀଙ୍କୁ ଭୟଭୀତ କରି ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଚମ୍ପୁଆ ଥାନାରେ ଅଭିଯୋଗ ହୋଇଛି। ଚମ୍ପୁଆ ଥାନା କେସ ନମ୍ବର ୨୦୪/୨୪ ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛନ୍ତି। ଏପରିକି ସନ୍ଧାନୀ କୁକୁରର ସହାୟତାରେ ତଦନ୍ତ ଜାରି ରଖିଥିବା ଜଣାଯାଇଛି। ସୂଚନା ଅନୁସାରେ ଗତ ବୁଧବାର ରାତି ପ୍ରାୟ ୨.୧୫ରୁ ୨.୩୦ ମଧ୍ୟର ୮ ଜଣ ଦୁର୍ବୃତ୍ତ ମୁହଁରେ କଳାପଟି ପିନ୍ଧି ପେଟ୍ରୋଲ ପମ୍ପକୁ ପଶିଥିଲେ। ବନ୍ଧୁକ ଦେଖାଇ ସେଠାରେ ଉପସ୍ଥିତ ଥିବା ୩ ଜଣ କର୍ମଚାରୀଙ୍କୁ ଭୟଭୀତ କରିବା ସହିତ ଗୋଟିଏ କୋଠରିରେ ବନ୍ଦ କରିଦେଇଥିଲେ। କାଉଣ୍ଟରରେ ଥିବା ୨ ଲକ୍ଷ ୪୪ ହଜାର ୯ ଶହ ଟଙ୍କା ଲୁଟ ଫେରାର ହୋଇଯାଇଥିଲେ। ଏ ନେଇ ପେଟ୍ରୋଲ ପମ୍ପର ମାଲିକ ଯୁଗଳକିଶୋର ଚାତମ୍ବା ଚମ୍ପୁଆ ଥାନାରେ ଏତଲା ଦେବା ପରେ ଥାନା ଅଧିକାରଣୀ ଦେବକୀ ନାଏକ ଘଟଣାସ୍ଥଳରେ ପହଞ୍ଚି ଡଗ୍ ସ୍କ୍ୱାଡ ସହାୟତାରେ ତଦନ୍ତ ଆରମ୍ଭ କରିଥିଲେ। ଦୁର୍ବୃତ୍ତମାନେ ପେଟ୍ରୋଲ ପମ୍ପର ସିସିଟିଭିକୁ ମଧ୍ୟ ଭାଙ୍ଗି ଦେଇଥିବା ଜଣାଯାଇଛି।

## ଦୋକାନ ଆଜ୍‌ବେଷ୍ଟସ ଭାଙ୍ଗି ଚୋରି

**ବଡ଼ବିଲ,୪।୭(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଭୋଲା ଗ୍ୟାରେଜ ନିକଟରେ ଥିବା ଜଗନ୍ନାଥ ମନ୍ଦିର ପାଶ୍ୱର୍ରେ ଥିବା ଏକେ ଅଟୋ ପାର୍ଟ ଦୋକାନର ଆଜବେଷ୍ଟସ ଭାଙ୍ଗି ଦେଢ଼ ଲକ୍ଷ ନଗଦ ଓ ପ୍ରାୟ ୬ ଲକ୍ଷ ଟଙ୍କାର ପାର୍ଟସ ଚୋରି ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଦୋକାନ ମାଲିକ ଆଜି ସକାଳେ ଦୋକାନ ଖୋଲି ଦେଖିଥିଲେ ଯେ ଦୋକାନର ସମସ୍ତ ଜିନିଷ ଏଣେ ତେଣେ ପଡିଥିବା ବେଳେ ସମସ୍ତ ମୂଲ୍ୟବାନ ଜିନିଷ ଓ ଟଙ୍କା ବାକ୍ସରେ ଥିବା ସବୁ ଟଙ୍କା ଲୁଟ୍ ହୋଇଯାଇଛି। ଦୋକାନ ଆଜବେଷ୍ଟସ ଭାଙ୍ଗି ଥିବା ଦେଖି ଦୋକାନ ମାଲିକ ନିର୍ଭୟ କୁମାର ସିଂ ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରି ତଦନ୍ତ କରୁଥିବା ଜଣାପଡ଼ିଛି। ତେବେ ସହରରେ ପଡୋଶୀ ରାଜ୍ୟରୁ ଦୁର୍ବୃତ୍ତମାନେ ଆସି ନିର୍ଭୟରେ ଅପରାଧ କରି ଚାଲି ଯାଉଥିବା ବେଳେ ପୁଲିସ ନିରବଦ୍ରଷ୍ଟା ସାଜି ଦେଖୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବଡ଼ବିଲ ସହର ତଥା ଏହାର ଆଖପାଖ ଅଞ୍ଚଳରେ ଟ୍ରାଫିକ ସମସ୍ୟା ଓ ଚୋରି ଘଟଣା ଦିନକୁ ଦିନ ବଢି ଚାଲିଥିବା ବେଳେ ପୂର୍ବ ଭଳି ଆଉ ପୁଲିସ ପାଟ୍ରୋଲିଂ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

## ପଦ୍ମପୁରରେ ବନ ମହୋତ୍ସବ



**ଡୁରୁମୁଙ୍ଗା, ୪।୭(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଅନ୍ତର୍ଗତ ପଦ୍ମପୁର ସଂରକ୍ଷିତ ଜଙ୍ଗଲରେ ବୁଧବାର ବନ ମହୋତ୍ସବ ଅବସରରେ ଚାରାରୋପଣ କାରାଯାଇଛି। କାର୍ଯ୍ୟକ୍ରମରେ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର, ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବନରକ୍ଷୀ ଲକ୍ଷ୍ମୀପ୍ରିୟା ମହାନ୍ତଙ୍କ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

## ବିଭିନ୍ନ ସ୍ଥାନରେ ବନ ମହୋତ୍ସବ



ତେଲକୋଇ,୪।୭(ସମିସ): କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନରାଜଙ୍କ ନିର୍ଦ୍ଦେଶ କ୍ରମେ ତେଲକୋଇ ରେଞ୍ଜର ଶିବାଜୀ ମୋହନ ରାଓଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆଜି ଟୁଙ୍ଗୁରୁବାହଲ, କାଳିଆହତା ଉଚ୍ଚ ବିଦ୍ୟାଳୟ, କାକୁଡ଼ିଅମ୍ବା ସ୍କୁଲ ଆଦି ସ୍ଥାନରେ ୭୫ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ସେହିପରି ଟୁଙ୍ଗୁରୁବହାଳ ଜଙ୍ଗଲ ମଧ୍ୟରେ ୨୦ହେକ୍ଟର ପରିମିତ ଜାଗାରେ ୧୦ହଜାର ବୃକ୍ଷ ରୋପଣ କରାଯିବା ପାଇଁ ସ୍ଥିର ହୋଇଛି ବୋଲି ରେଞ୍ଜର ଶିବାଜୀ ମୋହନ ରାଓ ପ୍ରକାଶ କରିଛନ୍ତି। ଏଥିରେ ବିଭିନ୍ନ ପ୍ରକାର ଚାରା ଯଥା- ଲିମ୍ବ, ବାଉଁଶ, ଅର୍ଜୁନ, ଜାମୁ, ପିଆଶାଳ, ଅଁଳା, ପଣସ, ଆମ୍ବ ପ୍ରଭୃତି ଚାରାରୋପଣ କରାଯିବ। ଏହି ଉତ୍ସବରେ ଜଗମୋହନପୁର ଗ୍ରାମପଞ୍ଚାୟତର ସରପଞ୍ଚ ଗୋବିନ୍ଦ ପଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜଙ୍ଗଲ ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତେଲକୋଇ ଫରେଷ୍ଟର ମଳୟ କୁମାର ଜେନା, ବନରକ୍ଷୀ ପ୍ରଭାତୀ ଦାସ, ଆମ ଜଙ୍ଗଲ ଯୋଜନାର ସଂଯୋଜକ ସୌମ୍ୟ ରଞ୍ଜନ ଜେନା, ଘନଶ୍ୟାମ ମହାନ୍ତ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ବିଦ୍ୟୁତ ବିଭାଗ ଅବହେଳାରୁ ଚାଲିଗଲା ନିରୀହ ଜୀବନ

# ବିଦ୍ୟୁତ୍ ଆଘାତରେ ଟ୍ରେଲର୍ ଡ୍ରାଇଭରଙ୍କ ମୃତ୍ୟୁ



**ଡୁରୁମୁଙ୍ଗା,୪।୭(ସମିସ):** କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ କଡ଼ ଚେମେଣାରେ ଥିବା ଏକ ଢାବାରେ ଅଘଟଣ। ଗୁରୁବାର ଭୋର ୫ଟା ସମୟ ଢାବାର ପାଣି କୁଣ୍ଡରେ ମୁହଁ ଧୋଇ ହେଉଥିବା ସମୟରେ ଗୋଡ଼ ଖସିଯିବାରୁ ପାଣି କୁଣ୍ଡ ନିକଟରେ ଥିବା ଟ୍ରାନ୍ସଫର୍ମରର ସୁରକ୍ଷା ତାର ବାଡ଼ ଦେଇ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଟ୍ରେଲର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ବିହାର ରାଜ୍ୟ ସିୱାନ୍ ଜିଲ୍ଲା ପୁରାଇନା ଗ୍ରାମର ରାଜକିଶୋର ଯାଦବ। ରାଜକିଶୋର ଆଇରନ୍ ଲୋଡ଼ କରିବା ପାଇଁ ଖଡ଼ଗପୁରରୁ ବଡ଼ବିଲ ଯାଉଥିବା ସମୟରେ ଢାବାରେ ଗାଡି ରଖି ମୁହଁ ଧୋଇ ହେଉଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ସାଥି ଡ୍ରାଇଭର ଏବଂ ଢାବା କର୍ମଚାରୀ ତୁରନ୍ତ ୧୦୮କୁ କଲ କରି ଡକାଇଥିଲେ ହେଁ ଡ୍ରାଇଭରଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣାସ୍ଥଳରେ ଡୁରୁମୁଙ୍ଗା ଥାନା ଏସ୍‌ଆଇ ରସାନନ୍ଦ ନାୟକ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ପାଣିକୁଣ୍ଡର ଅତି ନିକଟରେ ଟ୍ରାନ୍ସଫର୍ମର ଥିବାରୁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ ହୋଇଛି। ଡୁରୁମୁଙ୍ଗା ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ଦାୟିତ୍ୱ ହୀନତା ଯୋଗୁଁ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ଢାବା ମାଲିକ ଏବଂ ସାଥି ଡ୍ରାଇଭର ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ଅଘଟଣ ପରେ ବିଦ୍ୟୁତ କର୍ମଚାରୀ ତତ୍ପରତା ଦେଖାଇ ଘଟଣାସ୍ଥଳରେ ଯନ୍ତ୍ରୀ ଉମେଶ ଭୂୟାଁ, ପବିତ୍ର ପ୍ରସାଦ ସ୍ୱାଇଁ, ଏସ୍‌ଡିଓ ଜନ୍ମଜୟ ବେହେରା ପହଞ୍ଚି ତରବରିଆ ଭାବରେ ଟ୍ରାନ୍ସଫର୍ମର ମରାମତି କରିଛନ୍ତି। ଘଟଣା ସମ୍ପର୍କରେ ଏସ୍‌ଡିଓ ଜନ୍ମଜୟ ବେହେରା ପଚାରିବାରୁ କିଛି ନକହି ଦେଖିବା କହି ଘଟଣାକୁ ହାଲକା ଭାବରେ ନେଇଛନ୍ତି। ବିଦ୍ୟୁତ ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ଅତି ନିକଟରେ ଟ୍ରାନ୍ସଫର୍ମର ଥିବାରୁ ଏଭଳି ଅଘଟଣ ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ଏଥିସହ ଡୁରୁମୁଙ୍ଗା ବିଦ୍ୟୁତ ସବ୍‌ଷ୍ଟେସନ ଅଧୀନରେ ରାଜପଥ କଡ଼ରେ ଅତି ନିକଟରେ ଅନେକ ଟ୍ରାନ୍ସଫର୍ମର ଥିବାରୁ ପୂର୍ବରୁ ଅନେକ ଗାଈଗୋରୁଙ୍କ ମୃତ୍ୟୁ ହୋଇଥିବା ସହ ଆଗକୁ ଆହୁରି ବଡ଼ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ବିଦ୍ୟୁତ ବିଭାଗ ପକ୍ଷରୁ ମୃତ ଡ୍ରାଇଭରଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାକୁ ସାଥି ଡ୍ରାଇଭର ଦାବି କରିଛନ୍ତି। ଏନେଇ ଡୁରୁମୁଙ୍ଗା ଥାନାରେ ୨୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

**ଢାବା ପାଣିକୁଣ୍ଡ ନିକଟରେ ଥିଲା ଟ୍ରାନ୍ସଫର୍ମର ସୁରକ୍ଷା ତାର**

## ବନ ମହୋତ୍ସବରେ ଲଗାଗଲା ଚାରା



**ଚମ୍ପୁଆ,୪।୭(ସମିସ):** ଚମ୍ପୁଆ ବ୍ଲକ ଚନ୍ଦ୍ରଶେଖରପୁର ପଞ୍ଚାୟତର ପୋଖରୀଆ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ୭୫ ତମ ବନ ମହୋତ୍ସବ ସପ୍ତାହ ପାଳନ ହୋଇଯାଇଛି। ବୃକ୍ଷ ହିଁ ଜୀବନ ପରିପ୍ରେକ୍ଷୀରେ ଚମ୍ପୁଆ ବନାଞ୍ଚଳ ପକ୍ଷରୁ ପାଳିତ ଏହି ବନମହୋତ୍ସବ ସପ୍ତାହ ପାଳନ ଉତ୍ସବରେ ଆଇଏଫ୍‌ଏସ୍ କେ.ନାଗାରାଜୁ, ରଙ୍ଗାମାଟିଆ ସରପଞ୍ଚ ମାଧୁରୀ ନାଏକ, ମୋହନ ନାଏକ ଓ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ, ଅଙ୍ଗନବାଡି କର୍ମୀ ପ୍ରମୁଖ ଯୋଗ ଦେଇ ବିଭିନ୍ନ ଉପାଦେୟ ବୃକ୍ଷ ବିଦ୍ୟାଳୟ ପରିସରରେ ରୋପଣ କରି ସବୁଜ ପୃଥିବୀ ସୃଷ୍ଟି କରିବା ପାଇଁ ବାର୍ତ୍ତା ପ୍ରଦାନ କରିଥିଲେ। ଜଙ୍ଗଲ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟାରେ ଅନୁଷ୍ଠିତ ଏହି ବନ ମହୋତ୍ସବ ସପ୍ତାହ କାର୍ଯ୍ୟକ୍ରମକୁ ବନପାଳ ପ୍ରମୋଦ ବେହେରା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀ ଠାରୁ ଆରମ୍ଭ କରି ଅଙ୍ଗନବାଡିର କୁନିକୁନି ଶିଶୁମାନେ ବୃକ୍ଷରୋପଣ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ମଣିଷ ସମାଜ ପାଇଁ ବୃକ୍ଷରୋପଣ ଅପରିହାର୍ଯ୍ୟ ହୋଇପଡିଥିବା ବେଳେ ଚାରାଟିଏ ପିଲାଟିଏ ପରିପ୍ରେକ୍ଷୀରେ ଶ୍ରୀ ନାଗାରାଜୁ କୁନିକୁନି ପିଲାଙ୍କ ସହ ବୃକ୍ଷରୋପଣ କରି ଆଗାମୀ ପିଢି ପାଇଁ ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକର୍ମକୁ ଉଖୁଣ୍ଡା ସେକ୍ସନର ସମସ୍ତ ବନ କର୍ମଚାରୀ ସହଯୋଗ କରିଥିଲେ।

## ଓଲଟିଲା ଗ୍ୟାସ୍ ବୋଝେଇ ଭ୍ୟାନ୍



**ତେଲକୋଇ,୪।୭(ସମିସ):** ବିମଳା ରାସ୍ତାର ଦୁର୍ଲ୍ଲଭପୁର ଗାଁ ନିକଟରେ ଗ୍ୟାସ୍ ବୋଝେଇ ପିକ୍‌ଅପ୍ ଭ୍ୟାନଟି ଓଲଟି ପଡିଛି। ସୂଚନା ଅନୁଯାୟୀ ଗୁରୁବାର ସକାଳ ପ୍ରାୟ ୬ଟା ବେଳକୁ ଘଟଣା ଘଟିଛି। ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ବ୍ଲକର ବିମଳା ଗ୍ୟାସ ଏଜେନ୍ସିରୁ ଗ୍ୟାସ୍ ନେଇ ତେଲକୋଇ ଅଭିମୁଖେ ପିକ୍‌ଅପ୍ ଭ୍ୟାନଟି ଆସୁଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଲ୍ଲଭପୁରପୁର ଗାଁ ନିକଟରେ ଏକ ଧାନ ଜମିକୁ ଓଲଟି ପଡିଥିଲା। ତେବେ ଏଥିରେ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଅନ୍ୟ କାହାର କିଛି କ୍ଷତି ଘଟିନଥିବା ଜଣାପଡିଛି।

## ପୋଖରୀରେ ବୁଡ଼ି ଜଣେ ମୃତ

**ଡୁରୁମୁଙ୍ଗା,୪।୭(ସମିସ):** କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଉଁଶୁଳି ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦାଶରଥିପୁର ଗ୍ରାମର ସନ୍ତୋଷ କୁମାର ମହାନ୍ତ(୫୦) ସୂଚନା ଅନୁସାରେ ସନ୍ତୋଷ ତାଙ୍କ ପୁଅ ସହ ବୁଧବାର ଗୋଡିପୋଖରୀ ଗ୍ରାମକୁ ଏକ ଭୋଜିରେ ଯୋଗ ଦେବା ପାଇଁ ଆସିଥିଲେ। ଗୁରୁବାର ଫେରିବା ସମୟରେ ସନ୍ତୋଷ ଶୌଚ ହେବା ପାଇଁ ପୋଖରୀ ରେ ଗୋଡ଼ ଖସି ଯିବାରୁ ବୁଡି ଯାଇଥିଲେ। ପୋଖରୀ ଭିତରୁ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଡୁରୁମୁଙ୍ଗା ଥାନାରେ ୨୨/୨୪ ଏକ ମାମଲା ରୁଜୁ ହୋଇଛି। ଏଏସ୍‌ଆଇ ବିରେନ୍ଦ୍ର କୁମାର ବେହେରା ଘଟଣାର ତଦନ୍ତ କରୁଛନ୍ତି।

## ପଇତାମଜାରେ ବନ ମହୋତ୍ସବ



**ଡୁରୁମୁଙ୍ଗା, ୪।୭ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ ପଇତାମଜା ଠାରେ ସମ୍ମୁଖରେ ଗୁରୁବାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ୭୫ତମ ବନ ମହୋତ୍ସବ ସହ 'ଗୋଟେ ଗଛ ମା'ଙ୍କ ପାଇଁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଛଗଡ଼ ସରପଞ୍ଚ ସୁନେଲି ଦାସ, ସମିତିସଭ୍ୟ ଟିପୁ ନାଥ ହୋ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ରାଧାକାନ୍ତ ମହାନ୍ତ, କମଳାକାନ୍ତ ଦାଶ, ପୂର୍ବତନ ସାହାରପଡା ବ୍ଲକ ଅଧ୍ୟକ୍ଷ ଗୌତମ ନାଏକ, ଦିପୁ ଖାଟୁଆ, ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର, ସାହାରପଡା ବନପାଳ ଭୂପତି ସେଠୀ, ବନରକ୍ଷୀ ଦୀପକ ରଣା, ରଞ୍ଜିତା ମହାନ୍ତ ସମେତ କେଶବ ଚନ୍ଦ୍ର ମହାନ୍ତ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।

## ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ



**କେନ୍ଦୁଝର,୪।୭(ସମିସ):** ଡେପୁଟି କଲେକ୍ଟର ଅପାଉକାଳୀନ କଳ୍ପନା ଜେ ହାଟଡିହି ବ୍ଲକର ହାବଳେଶ୍ୱର ଓ ରତକଣା ସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନରେ ଯାଇ ଆବଶ୍ୟକୀୟ ଉପକରଣର କାର୍ଯ୍ୟକ୍ଷମତା ନିରୀକ୍ଷଣ କରିଛନ୍ତି। ଏହି ଅବସରରେ ହାଟଡିହି ବ୍ଲକର ଜିପିଇଓ ଉପସ୍ଥିତ ରହିଥିଲେ। ଯେକୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଅଟୋ ଓଲଟି ୪ ଛାତ୍ରୀ ଆହତ, ୨ଗୁରୁତର

**ରାମଚନ୍ଦ୍ରପୁର,୪।୭(ସମିସ):** ୨୦ନଂ ଜାତୀୟ ରାଜପଥ ଖଲଣା ଛକ ନିକଟରେ ଆଜି ମଧ୍ୟାହ୍ନ ସମୟରେ ଏକ ଅଟୋ ଭାରସ୍ୟାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଅଟୋରେ ଥିବା ୪ କଲେଜ ଛାତ୍ରୀ ସମେତ ଜଣେ ବୃଦ୍ଧ ଆହାତ ହୋଇଥିବା ସୂଚନା ମିଳିଛି। ସୂଚନା ମୁତାବକ ସ୍ଥାନୀୟ ସାଇଁକୁଳ ପତିତପାବନ ମହାବିଦ୍ୟାଳୟରେ ଅଧ୍ୟୟନ ସାରି ଏକ ଅଟୋରେ ୬ ଜଣ ଛାତ୍ରୀଙ୍କ ସହ ସେହି ଅଞ୍ଚଳର ଜଣେ ବୃଦ୍ଧା ନିଜ ଘରକୁ ଫେରୁଥିଲେ। ଖଲଣା ଛକ ନିକଟରେ ହଟାତ୍ ଏକ ଗାଇ ଅଟୋସମ୍ମୁଖକୁ ଆସିଯିବାରୁ ଭାରସାମ୍ୟ ହରାଇ ଅଟୋଟି ଘଟଣା ସ୍ଥଳରେ ଓଲଟି ପଡ଼ିଥିଲା। ଫଳରେ ରାମଚନ୍ଦ୍ରପୁର ଥାନା କାଟେଣି କନ୍ତଳ ଗ୍ରାମରୁ ସୁମିତ୍ରା ନାଏକ (୨୦), ସସ୍ମିତା ଦେହୁରୀ (୨୧) ଅଙ୍ଗାରୁଆ ଗ୍ରାମର ଲକ୍ଷ୍ମୀପ୍ରିୟା ସାହୁ (୧୯), ବଡ଼ପଦନା ଗ୍ରାମର ବୃଦ୍ଧ କଳାକାର ଜେନା (୪୫) ଙ୍କ ସମେତ ଚାଳକ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହାତ ମାନଙ୍କୁ ଉଦ୍ଧାର କରି ସାଇଁକୁଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ସେଠାରେ ଲକ୍ଷ୍ମୀପ୍ରିୟା ସାହୁ, ସସ୍ମିତା ଦେହୁରୀଙ୍କ ହାତ, ମୁଣ୍ଡ ଓ ଆଖିରେ ଗଭୀର ଆଘାତ ଲାଗିଥିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ସାଇଁକୁଳ ଫାଣ୍ଡି ଅଧିକାରୀ ସୁରେଶ କୁମାର ମାଝୀ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଅଟୋକୁ ଜବତ କରି ତଦନ୍ତ ଜାରୀ ରଖିଥିବା କହିଛନ୍ତି।

### ଏଗ୍ରିମେଣ୍ଟରେ ରହିଗଲା ପକ୍କାଘର

# ହୀନସ୍ତା ହେଉଛନ୍ତି ହିତାଧିକାରୀ



**ହାଟଡ଼ିହୀ,୪।୭(ସମିସ):** ପ୍ରତ୍ୟେକ ଗରିବ ହିତାଧିକାରୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାର ପ୍ରୟାସ କରି ସରକାର ପକ୍କାଘର ଯୋଜନାରେ ଲକ୍ଷ ଲକ୍ଷ ହିତାଧିକାରୀଙ୍କୁ ସାମିଲ କରୁଥିଲା ବେଳେ କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ସୋସୋ ପଞ୍ଚାୟତ ବେରୁଣପଦୀ ଗ୍ରାମରେ ଏହାର ଓଲଟା ଦୃଶ୍ୟ ଦେଖିବାକୁ ମିଳିଛି। ହିତାଧିକାରୀ ହେମନ୍ତ ବେହେରା ପକ୍କାଘର ନିର୍ମାଣ କରିବାରେ ଅସମର୍ଥ ହେବାରୁ ତାହା ବ୍ଲକ ପ୍ରଶାସନର ସୁପାରିସ କ୍ରମେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଯୋଗୁଁ ଯୋଡ଼ା ଖଣି ମଣ୍ଡଳର ଏକ ଘରୋଇ କମ୍ପାନୀ ଦ୍ୱାରା ଘର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ବେରୁଣପଦୀ ଗ୍ରାମର ହିତାଧିକାରୀ ହେମନ୍ତ ବେହେରାଙ୍କ ବ୍ୟାଙ୍କ ଖାତାକୁ ପ୍ରଥମ କିସ୍ତି ୨୦ହଜାର ଆସିଥିଲେ ସୁଦ୍ଧା ସେ ପକ୍କାଘର ନିର୍ମାଣ କରିପାରିନଥିଲେ। ଘରନିର୍ମାଣ କାର୍ଯ୍ୟ ବ୍ଲକ ପ୍ରଶାସନ ବହନ କରୁଥିଲା ବେଳେ ନିର୍ମାଣ କାର୍ଯ୍ୟ କମ୍ପାନୀ ହାତକୁ ହସ୍ତାନ୍ତର କରାଯାଇଥିଲା। ବର୍ଷ ବର୍ଷ ଧରି ସମୟ ଗଡ଼ି ଯାଇଥିଲେ ସୁଦ୍ଧା ହିତାଧିକାରୀ ଆଜିଯାଏଁ ଘର ପାଇଲେ ନାହିଁ। ପରବର୍ତ୍ତୀ ସମୟରେ ଏକ ଏଗ୍ରିମେଣ୍ଟ ମାଧ୍ୟମରେ ହିତାଧିକାରୀଙ୍କୁ ୮୦ହଜାର ଟଙ୍କା ଦିଆଯାଇ ସେ ଘରନିର୍ମାଣ ଅଡୁଆକୁ ରଫାଦଫା କରାଯାଇଛି। ତେବେ, ହିତାଧିକାରୀ ମୋଟ ୧ଲକ୍ଷ ଟଙ୍କା ପାଇଥିଲା ବେଳେ ସରକାରଙ୍କ ପକ୍ଷରୁ ଘରନିର୍ମାଣ ପାଇଁ ଅନୁମୋଦିତ ୧ଲକ୍ଷ ୩୦ହଜାର ଟଙ୍କା ଏବଂ କମ୍ପାନୀ ଦେଇଥିବା ୫୦ବସ୍ତା ସିମେଣ୍ଟ, ୪ କ୍ୱିଣ୍ଟାଲ ରଡ଼ ଓ କମ୍ପାନୀ ଦ୍ୱାରା ପ୍ରଦତ୍ତ ବାକି ଅର୍ଥରାଶି ଗଲା କୁଆଡ଼େ। ଉଭୟ ସରକାରୀ ଓ କମ୍ପାନୀ ଅର୍ଥରାଶି ଦ୍ୱାରା ହିତାଧିକାରୀଙ୍କ ଘର ନିର୍ମାଣ ହୋଇନଥିବା ବେଳେ କେବଳ ଏକ ଏଗ୍ରିମେଣ୍ଟ କାଗଜ ମାଧ୍ୟମରେ ହିତାଧିକାରୀଙ୍କୁ ୮୦ହଜାର ଟଙ୍କା ଦେଇ ଉକ୍ତ ଘଟଣାକୁ ସବୁଦିନ ପାଇଁ ରଫାଦଫା କରିଦିଆଯାଇଛି। ଏଭଳି ଘଟଣା ଉପରେ କେନ୍ଦୁଝର ଜିଲ୍ଲାପାଳ ହସ୍ତକ୍ଷେପ କରି ତୁରନ୍ତ ଏହାର ସମାଧାନ କରିବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

## ଦୁର୍ଦ୍ଦଶା ବଢ଼ାଉଛି ବର୍ଷାପାଣି



**ହାଟଡିହୀ,୪।୭(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକର ପ୍ରମୁଖ ବଜାର କହିଲେ ଛେନାପଦି ଛକକୁ ହିଁ ବୁଝାଇଥାଏ। ପ୍ରତ୍ୟେକ ଦିନ ଏହି ବଜାରକୁ ବ୍ଲକର ୩୧ଗୋଟି ପଞ୍ଚାୟତର ୨୧୮ ଟି ଗ୍ରାମରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ଛେନାପଦି ବଜାରଟି ସମଗ୍ର ବ୍ଲକର ସର୍ବବୃହତ ବଜାର ହୋଇଥିବା ବେଳେ ଏହା ବାଣିଜ୍ୟର ପେଣ୍ଠସ୍ଥଳ କହିଲେ ବି ଅତ୍ୟୁକ୍ତି ହେନନାହିଁ। କିନ୍ତୁ ଦୁଃଖର ବିଷୟ ପକ୍କାରାସ୍ତା ନିର୍ମାଣ ହେବା ଦିନ ଠାରୁ ଏହି ବଜାରର ମଧ୍ୟଭାଗ ସ୍ଥାନଟି ବାରମ୍ବାର ଫାଟୁଛି। ଯାହାକି, ନିଷ୍କାସନ ପାଇଁ ବ୍ୟବସ୍ଥା ନଥିବାରୁ ଅସରାଏ ବର୍ଷା ମାତ୍ରକେ ପାଣି ଠିଆ ହୋଇରହୁଛି। ଏ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇଲା ପରେ ହିଁ ଏହାର ମରାମତି ହୋଇଥାଏ। କିନ୍ତୁ ତାହା ବେଶିଦିନ ତିଷ୍ଠି ରହେନାହିଁ। କିଛିଦିନ ମଧ୍ୟରେ ପୁଣି ସେ ରାସ୍ତା ପୂର୍ବାବସ୍ଥା ଫେରିଆସେ। ଏଭଳି ପାଣି ଜମିବା ଯୋଗୁଁ ବାରମ୍ବାର ଅଭିଯୋଗ ପରେ ଗତବର୍ଷ ଏହାର ମରାମତି ହୋଇଥିଲେ ସୁଦ୍ଧା ଚଳିତବର୍ଷ ପରି ଏହାର ସମାନ ଅବସ୍ଥା ଦେଖିବାକୁ ମିଳିଛି। ଗାଡ଼ିମଟର ଯା'ଆସ କରିବା ସମୟରେ ପଥଚାରୀମାନେ କାଦୁଅପାଣି ଛିଟିକାରେ ଓଦା ହେଉଥିବା ଦେଖାଯାଇଛି। ଏଣୁ ଏଭଳି ଅବସ୍ଥା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଏହାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

# ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ପାଳିତ

**ଝରାଡିହି, ୪।୭ (ସମିସ):** ବହଳଦା ବ୍ଲକ ଝରାଡିହି ଉଚ୍ଚ ବିଦ୍ୟାଳୟ ପରିସରରେ ୭୫ତମ ବନ ମହୋତ୍ସବ ପାଳିତ ହୋଇଛି। ଅଧ୍ୟକ୍ଷ ସ୍ମୃତିରଞ୍ଜନ ପାଣି ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିରୂପେ ବହଳଦା ରେଞ୍ଜର ଅଫିସର ସୁମତି ପାତ୍ର ଯୋଗଦେଇ ବୃକ୍ଷରୋପଣ କରିବା ସହିତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଝରାଡିହି ଫରେଷ୍ଟର ଏମଡି ମୁସଲେମ, ଝରାଡିହି ଫରେଷ୍ଟ ଗାର୍ଡ ହେମନ୍ତ କୁମାର ସରେନ, ଆଲୁମିନି କମିଟି ପ୍ରେସିଡେଣ୍ଟ ପ୍ରକାଶ ଚନ୍ଦ୍ର ନାୟକ, ସରକାରୀ ହାୟାର ସେକେଣ୍ଡାରୀ ବିଦ୍ୟାଳୟର ସେକ୍ରେଟାରୀ ଉପେନ୍ଦ୍ର ମହାନ୍ତ, ଝରାଡିହି ସରକାରୀ ଉଚ୍ଚ ବିଦ୍ୟାଳୟର ଦୀନବନ୍ଧୁ ମହାନ୍ତ, କାର୍ତ୍ତିକ ଚନ୍ଦ୍ର ମହାନ୍ତ, ସାମ୍ବାଦିକ ବସନ୍ତ ସାଣ୍ଡିଲ, ଦିନେଶ ଚନ୍ଦ୍ର ମହାନ୍ତ, ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଧରିତ୍ରି ବେହେରା ପ୍ରମୁଖ ଉପସ୍ଥିତ ରହି ବନମହୋତ୍ସବ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟରେ ପିଜୁଳି, ପଣସ, ବଉଳ, ଦେବଦାରୁ ବିଭିନ୍ନ ପ୍ରକାର ଗଛ ଲଗାଯାଇଥିଲା। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଘୁନାଥ ମାଝି ଧନ୍ୟବାଦ ଦେଇଥିଲେ।

## ● କୃଷ୍ଣଚନ୍ଦ୍ରପୁର ହାୟର ସେକେଣ୍ଡାରୀ ସ୍କୁଲ

**ବେତନଟୀ:** କୃଷ୍ଣଚନ୍ଦ୍ରପୁର ହାୟର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ୭୫ତମ ବନମହୋତ୍ସବ ବୁଧବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଡ. ମନ୍ଦାକିନୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଭୂବେନ୍ଦ୍ର କୁମାର ଦେ, ଶେଖାଓତ୍ ଅଲ୍ଲି, ଭୂପାଳଚନ୍ଦ୍ର ପ୍ରଧାନ, ସଞ୍ଜିତ କୁମାର ଦାସ, ଅଭୟ କୁମାର ସେନାପତି, ଅଜିତ କୁମାର ବେହେରା, ଶ୍ରୀକାନ୍ତ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ସ୍କୁଲ ପରିସରରେ ବିଭିନ୍ନ କିସମର ଫୁଲ, ଫଳ ଏବଂ ଔଷଧୀୟ ଚାରାରୋପଣ କରାଯାଇଥିଲା। ଜଳବାୟୁ ପରିବର୍ତ୍ତନରେ ଅସାମଞ୍ଜସ୍ୟତା ବିଶ୍ୱବ୍ୟାପୀ ଚିନ୍ତାର କାରଣ ପାଲଟିଥିବା ବେଳେ ବ୍ୟାପକ ବନୀକରଣ ଏବଂ ଏହାର ସୁରକ୍ଷା ତଥା ରକ୍ଷଣାବେକ୍ଷଣ ହିଁ ଏକମାତ୍ର ବଳିଷ୍ଠ ମାଧ୍ୟମ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା।

## ● ମଣଦା ବନାଞ୍ଚଳ

**ବିଶୋଇ:** ମଣଦା ବନାଞ୍ଚଳ ପକ୍ଷରୁ ୭୫ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଗତ ୧ ତାରିଖରୁ ୭ ତାରିଖ ଯାଏଁ ଏହି ମହୋତ୍ସବ ପାଳନ ହେବ। ଏସିଏଫ ଧରିତ୍ରୀ ମୁର୍ମୁଙ୍କ ତତ୍ତ୍ୱାବଧାନରେ ମଣଦା ବନାଞ୍ଚଳର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଛି। ଗତ ୧ ତାରିଖରେ ମଣଦା ସ୍ଥିତ କଳିଙ୍ଗ ଡିଗ୍ରୀ କଲେଜ ପରିସରରେ ୫୦ଟି ବୃକ୍ଷରୋପଣ କରଯାଇଥିଲା। ଅଧ୍ୟକ୍ଷ ଭୂପତି ମହାନ୍ତ, ଅଧ୍ୟାପକ ସମ୍ବିତ ପତି, ଏନ.ଏସ୍.ଏସ୍ ଅଧ୍ୟାପକ ସତ୍ୟବାନ ଗିରି ପ୍ରମୁଖ ଉପସ୍ଥିତ ରହି ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ସେହିପରି ମଣଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ୧୫୦ଟି ବୃକ୍ଷରୋପଣ କରାଯାଇଥିଲା। ପ୍ରଧାନଶିକ୍ଷକ ବିଚିତ୍ର ମୋହନ ବେହେରା, ଶିକ୍ଷକ ଜ୍ୟାଷ୍ଟାମୟୀ ବେହେରା, ମଲିକା କିସ୍କୁ, ଚିତ୍ତରଞ୍ଜନ ମାଝୀ, ଜୋଶଦା ସେଠୀ ପ୍ରମୁଖ ବୃକ୍ଷରୋପଣ କରିଥିଲେ। ଏଥିସହିତ କୁରୁକୁଟିଆ ବନ ସୁରକ୍ଷା ସମିତି, ମା'ମଙ୍ଗଳା ଓ ମା'ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସହାୟତାରେ ଗ୍ରାମ୍ୟ ଜଙ୍ଗଲ ପରିସରରେ ୨୦୦ଟି ଚାରାରୋପଣ କରାଯାଇଥିଲା।

## ● ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ




**କରଞ୍ଜିଆ :** କରଞ୍ଜିଆ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ସହଯୋଗରେ ଅଧ୍ୟକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ସ୍ଥାନରେ ଅଁଳା, ଡାଳିମ୍ବ, ପିଜୁଳି ଆଦି ବୃକ୍ଷ ରୋପଣ କରାଯାଇଥିଲା। ଓଡିଆ ଅଧ୍ୟାପକ ଯୁବ ରେଡକ୍ରସ ପରାମର୍ଶଦାତା ମାନସ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏହି ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଅଧ୍ୟାପିକା ମମତାରାଣୀ ସାହୁ, ଖେଳ ପ୍ରଶିକ୍ଷିକା ସେହନାଜ ବେଗମ, ପିଅନ ଦୁର୍ଯ୍ୟୋଧନ ମହାନ୍ତଙ୍କ ସମେତ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ● ଶୁଳିଆପଦା ଡିଗ୍ରୀ କଲେଜ



**ଶୁଳିଆପଦା:** ଶୁଳିଆପଦା ଡିଗ୍ରୀ କଲେଜରେ ଅଧ୍ୟକ୍ଷ କିଶୋରକୁମାର ଗିରିଙ୍କ ଅଧ୍ୟକ୍ଷତାରେ ବନମହୋତ୍ସବ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଦେଉଳିବନାଞ୍ଚଳ ଅଧିକାରୀ ବୁଦ୍ଧେଶ୍ୱର ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ କଲେଜର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନଏସ୍.ଏସ ପ୍ରୋଗ୍ରାମ ଅଫିସର ଡଃ ସୁଧାଶ୍ରୀ ସେଠୀ ଓ ପଙ୍କଜ କୁମାର ଦାସ, ସ୍ୱେଚ୍ଛାସେବୀ ମୌରାଙ୍ଗ ଖୋର୍ଦ୍ଧା, ଲକ୍ଷ୍ମୀ ହେମ୍ବ୍ରମ ଓ ବଡ଼ବାବୁ ଶରତ ଚନ୍ଦ୍ରଧଳ, ବନରକ୍ଷୀ ମଧୁସ୍ମିତା ପ୍ରଧାନ ସମେତ ବହୁ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। କଲେଜର ପାଚେରୀ ଚାରିପଟେ ନିମ୍ବ, ବଉଳ, ଶିଶୁ, କୃଷ୍ଣଚୂଡ଼ା, କଦମ୍ବ ଆଦି ୧୦୦ଟି ଚାରା ରୋପଣ କରାଯାଇଥିଲା।

## ● ଏମ୍‌ପିସି କଲେଜ

**ବାରିପଦା :** ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହର ୨ୟ ଦିନରେ ଅଧ୍ୟକ୍ଷ ପ୍ରଫେସର ଡଃ ପ୍ରମୋଦ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ସେବା ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳଙ୍କ ତତ୍ତ୍ୱାବଧାନ ଏବଂ ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ଡଃ ପ୍ରିୟବ୍ରତ ବେହେରା ଓ ମହାଶ୍ୱେତା ମହାନ୍ତଙ୍କ ଉପସ୍ଥିତିରେ ସ୍ୱେଚ୍ଛାସେବୀ ପୋଷ୍ୟ ଗ୍ରାମ ମହାରାଜପୁରରେ ଚାରା ରୋପଣ କରିଥିଲେ। ଗ୍ରାମବାସୀଙ୍କୁ ଗଛ ନ କାଟି ଅଧିକରୁ ଅଧିକ ବୃକ୍ଷରୋପଣ କରିବା ପାଇଁ ଅନୁରୋଧ କରିଥିଲେ।

# ବେତନଟୀ କଲେଜରେ ରକ୍ତଶିକୁଳି ଦିବସ ପାଳିତ

**ବେତନଟୀ, ୪।୭ (ସମିସ):** ବେତନଟୀ କଲେଜରେ ରକ୍ତଶିକୁଳି ଦିବସ ପାଳିତ ହୋଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ଡ. ବନବିହାରୀ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ସଭାରେ ଉଭୟ ହାଏର ସେକେଣ୍ଡାରୀ ସ୍କୁଲ ଏବଂ ସ୍ନାତକ ବିଭାଗର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଡ. ଚିତ୍ତରଞ୍ଜନ ରାଉତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମଣିଷ ଶରୀରର ରକ୍ତ ଅସନ୍ତୁଳନତାକୁ କେନ୍ଦ୍ରକରି ଦେଖାଦେଉଥିବା ବିଭିନ୍ନ ରୋଗ ମଧ୍ୟରେ ରକ୍ତଶିକୁଳି ବା ସିକିଲ୍ ସେଲ୍‌ଫ ରୋଗର ଭୟାବହତା ଉପରେ ଆଲୋଚନା କରିଥିଲେ। ଏହି ରୋଗର ଲକ୍ଷଣ, ପ୍ରଭାବ, କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରି ଅଧ୍ୟାପକ ଅଭିଷେକ ମହାନ୍ତ, ରାହୁଲ ପ୍ରଧାନ, ଅଭିଜିତ ମହାନ୍ତି ପ୍ରମୁଖ ସଚେତନ କରାଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ସୀମାନ୍ତ ଜେନା ଏବଂ ରୋଭର୍ସ ଲିଡର ଅଧ୍ୟାପକ ସନ୍ଦୀପ ତୁଙ୍ଗୁଙ୍ଗ୍ ଆଞ୍ଚଳିକସ୍ତରୀୟ ତଥା ବଣପାହାଡଗେରା ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ସାଧାରଣତଃ ଦେଖାଦେଉଥିବା ରକ୍ତଶିକୁଳୀ ଆକ୍ରାନ୍ତ ରୋଗୀ ସଂଖ୍ୟା ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ. ଚିତ୍ତରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଷାଭାବରୁ ଶୁଖିଲା ପଡ଼ିଛି ଜଳାଶୟ

## ମୌସୁମୀର ଦେଖାନାହିଁ; ଚିନ୍ତାରେ ଚାଷୀ

## ଜିଲ୍ଲାରେ ୭୦%ରୁ କମ୍ ବର୍ଷା

**ବହଳଦା, ୪।୭ (ସମିସ)**



ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାରେ ୭୦ ପ୍ରତିଶତରୁ କମ୍ ବର୍ଷା ହୋଇଛି। ବହଳଦା, ତିରିଙ୍ଗ ଓ ଜାମଦା ବ୍ଲକରେ ଅପେକ୍ଷାକୃତ କମ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ନିଅଣ୍ଟିଆ ବର୍ଷା ଯୋଗୁ ସମଗ୍ର ଅଞ୍ଚଳର ଚାଷୀଙ୍କ ମଧ୍ୟରେ ନୈରାଶ୍ୟଭାବ ଦେଖାଦେଇଛି। ଆଷାଢ ଶେଷ ହେବାକୁ ବସିଥିବାବେଳେ ଏ ଯାଏ ବର୍ଷାର ଦେଖାନାହିଁ। ବର୍ଷା ଅଭାବରୁ ଅନେକ ବିଲକୁ ଏଯାଏଁ ହଳ ଯାଇନି। ବିଗତ ଦିନରେ ଜୁନ ମାସରେ ଭଲ ବର୍ଷା ହେଉଥିବା ରେକର୍ଡ ରହିଛି; କିନ୍ତୁ ଚଳିତ ବର୍ଷ ବହଳଦାରେ ମେ ମାସରେ ୮୬ ମିମି ଓ ଜୁନରେ ମାତ୍ର ୧୬ମିମି ବର୍ଷା ହୋଇଛି। ସେହିପରି ତିରିଙ୍ଗ ବ୍ଲକରେ ମଧ୍ୟ ମେ ମାସରେ ୪୬ମିମି ଓ ଜୁନରେ ୧୭ମିମି ବର୍ଷା ହେଇଛି। ନିଅଣ୍ଟିଆ ବର୍ଷା ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଜଳଉତ୍ସଗୁଡିକ ଶୁଖିଲା ପଡ଼ିଥିବା ବେଳେ ଠିକ ସମୟରେ ମୌସୁମୀର ଲୁଚକାଳି ଖେଳ ଯୋଗୁଁ ଆବଶ୍ୟକ ବର୍ଷା ନ ହେବାରୁ ଆସନ୍ନ ମରୁଡ଼ି ଆଶଙ୍କାରେ ଚାଷୀ ରହିଛନ୍ତି। ନେଶା ଡ୍ୟାମ, ପୋଖରିଆ ଡ୍ୟାମ ସହିତ ସୁନାପୋଷି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବର୍ଷା ଅଭାବରୁ ଶୁଖିଗଲାଣି। ଆଗକୁ ବର୍ଷା ନ ହେଲେ ସ୍ଥିତି ସାଂଘାତିକ ହେବ। ବହଳଦା ବ୍ଲକରେ ଚଳିତ ଖରିଫ ଚାଷ ପାଇଁ ଧାନ ୧୩ ହଜାର ୭ଶହ ୨୯ ହେକ୍ଟର, ଅଣ ଧାନ ଚାଷ ୨ ହଜାର ୬ ଶହ ୪୮ ହେକ୍ଟର ଲକ୍ଷ୍ୟ ଧାର୍ଯ୍ୟ ରହିଥିବାବେଳେ ତିରିଙ୍ଗ ବ୍ଲକ ଧାନ ପାଇଁ ୬ ହଜାର ୬ଶହ୪୫ ଓ ଅଣଧାନ ୪ହଜାର ୨ଶହ ୪୮ ହେକଟର ଲକ୍ଷ୍ୟ ଧାର୍ଯ୍ୟ କରଯାଇଛି; ମାତ୍ର ପ୍ରାୟ ୭୦ପ୍ରତିଶତ କମ ବର୍ଷା ଯୋଗୁ ଚଳିତ ଖରିଫ ଚାଷ ବାଧାପ୍ରାପ୍ତ ହେବା ଆଶଙ୍କା ଦେଖାଯାଉଛି। ଆଜି ସାମ୍ଭାବ୍ୟ ପରିସ୍ଥିତିର ପରିଚାଳନା ପାଇଁ ବ୍ଲକ ସ୍ତରରେ ସମୀକ୍ଷା ବୈଠକ ସମ୍ପୃକ୍ତ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ଅଧିକାରୀ ସମେତ କୃଷି ଓ କୃଷକ ଭିତ୍ତିକ ସବୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏଭଳି ଅବସ୍ଥା ଲାଗି ରହିଲେ ଚାଷୀଙ୍କୁ ବିକଳ୍ପ ଚାଷ ପାଇଁ ପରାମର୍ଶ ଦିଆଯିବ ବୋଲି ବ୍ଲକ କୃଷି ଅଧିକାରୀ ରାଜେଶ ମହାପାତ୍ର କହିଛନ୍ତି।

# ଆନ୍ତ୍ରିକ ଜ୍ୱରରେ ମହିଳା ମୃତ

**ବେତନଟୀ, ୪।୭ (ସମିସ):** ଆନ୍ତ୍ରିକଜ୍ୱର ବା ଟାଇଫଏଡରେ ଆକ୍ରାନ୍ତ ଜଣେ ମହିଳାଙ୍କ ବୁଧବାର ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଉଛନ୍ତି ବେତନଟୀଥାନା ଅଧୀନ ପୁରିଦା ଗ୍ରାମର ପ୍ରମୋଦ ମହାନ୍ତଙ୍କ ସ୍ତ୍ରୀ ବାସନ୍ତୀ ମହାନ୍ତ (୩୨)। ବାସନ୍ତୀଙ୍କୁ ଟାଇଫଏଡ ହେବାପରେ ବୁଧବାର ସକାଳେ ଡାକ୍ତରଙ୍କୁ ଦେଖାଇ ଔଷଧ ଦିଆଯାଇଥିଲା; ହେଲେ ହଠାତ୍ ଗୁରୁତର ହେବା ସହିତ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଦେବାରୁ ପରିବାର ଲୋକେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ସୁଦ୍ଧା ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# ବାରିପଦା ବିଧାୟକଙ୍କୁ ସମ୍ବର୍ଦ୍ଧନା

**କୁଆମରା, ୪।୭ (ସମିସ):** ଖୁଣ୍ଟା ଓ ଗୋପବନ୍ଧୁନଗର ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ସଂଗଠନ ପକ୍ଷରୁ ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିସହିତ ବିଭିନ୍ନ ସମସ୍ୟା ନେଇ ସଂଗଠନ ପକ୍ଷରୁ ବିଧାୟକଙ୍କ ସହ ଆଲୋଚନା କରାଯାଇଥିଲା। ସଂଗଠନ ପକ୍ଷରୁ ଏକ ଗୃହ ପାଇଁ ଦାବି ଉପସ୍ଥାପନ କରାଯାଇଛି। ସଂଗଠନର ସଭାପତି ପ୍ରତାପ ପାତ୍ର, ସମ୍ପାଦକ ହରିଶ ଚନ୍ଦ୍ର ପାତ୍ର, ହିରେନ ରାୟ, ରୁଦ୍ରରାମ୍ ସିଂ, ଦିବାକର ପରିଡ଼ା, ଶଙ୍କର ଚରଣ ସିଂ, ସେରାଲ ମୁର୍ମୁ, ଗଙ୍ଗାଧର ଭୋଇ, ଆର୍ତ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମଙ୍କୁ ତାଲିମ ଓ ଛତୁ ମଞ୍ଜି ବଣ୍ଟନ

**ବାରିପଦା, ୪।୭ (ସମିସ):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ଆମେରିକାନ୍ ଇଣ୍ଡିଆ ଫାଉଣ୍ଡେସନ୍ ଟ୍ରଷ୍ଟ ସହଯୋଗରେ ଭିନ୍ନକ୍ଷମଙ୍କ ଜୀବିକା ନିର୍ବାହକୁ ସୁଦୃଢ କରିବା ନିମନ୍ତେ ରଘୁନାଥପୁର ସ୍ଥିତ ସରସ୍ୱତୀ ଲେପ୍ରୋସି କଲୋନୀ ବାସିନ୍ଦାଙ୍କୁ ଛତୁ ମଞ୍ଜି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ଦିବ୍ୟାଙ୍ଗଙ୍କୁ ଛତୁ ଚାଷ ଏବଂ ନିଜର




ଆର୍ଥିକ ସ୍ଥିତିକୁ ସୁଦୃଢ କିପରି କରିପାରିବେ ସେ ନେଇ ଉତ୍ସାହିତ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ଦିବ୍ୟାଙ୍ଗଙ୍କ ପ୍ରଗିତ ଓ ଆର୍ଥିକ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଆଇଏଫଟିର ବରିଷ୍ଠ ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ ରାଜକମଲ ଶର୍ମା ଓ ସାଧନା ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ରଞ୍ଜିତ କୁମାର ମହାପାତ୍ର ପ୍ରମୁଖ ଛତୁ ଚାଷ ପରି ଲାଭଜନକ କୃଷି କାର୍ଯ୍ୟକ୍ରମ କରିବା ପାଇଁ ଆବଶ୍ୟକ ଦକ୍ଷତା ଏବଂ ଜ୍ଞାନ ପ୍ରଦାନ କରି ଦିବ୍ୟାଙ୍ଗଙ୍କୁ ସଶକ୍ତ କରିବା ସହିତ ସେମାନଙ୍କ ସାମଗ୍ରିକ କଲ୍ୟାଣ ତଥା ସାମାଜିକ ଅନ୍ତର୍ଭୁକ୍ତି କରଣରେ କପରି ଯୋଗଦାନ ମିଳିବ ସେ ନେଇ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଶିଶିର କୁମାର ମହନ୍ତ ସମସ୍ତଙ୍କୁ ଛତୁ ଚାଷର ସଠିକ ନିର୍ଦ୍ଦେଶାବଳୀ ବିଷୟରେ ବୁଝାଇଥିଲେ।

# ଆଦିବାସୀ ସେଙ୍ଗେଲ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

**ଖୁଣ୍ଟା/କୁଆମରା, ୪।୭ (ସମିସ):** ଆଦିବାସୀଙ୍କ ସମସ୍ୟାକୁ ନେଇ ଖୁଣ୍ଟା ବ୍ଲକ ଆଦିବାସୀ ସେଙ୍ଗେଲ ପକ୍ଷରୁ ୭ ଦଫା ଦାବି ସମ୍ବଳିତ ଏକ



ଦାବିପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କ ଜରିଆରେ ପ୍ରଦାନ କରାଯାଇଛି। ଆଦିବାସୀଙ୍କ ସାରନା ଧର୍ମ କୋର୍ଡ଼ ଲାଗୁ, ଆଦିବାସୀ ଭାଷାକୁ ଓଡ଼ିଶାରେ ଦ୍ୱିତୀୟ ରାଜ୍ୟଭାଷା ମାନ୍ୟତା, ସାନ୍ତାଳି ଭାଷାର ଶିକ୍ଷକଙ୍କୁ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ଥାୟୀ ନିଯୁକ୍ତି, ସହୀଦ ବିର୍ସା ମୁଣ୍ଡା ଓ ସିଦୋ ମୁର୍ମୁଙ୍କ ନାମରେ ଟ୍ରଷ୍ଟ ଗଠନ ଆଦି ୭ ଦଫା ଦାବି ନେଇ ଅଭିଯାନ ପକ୍ଷରୁ କପ୍ତିପଦା ଉପଖଣ୍ଡ ସଭାପତି ଉଦୟନାଥ ହେମ୍ବ୍ରମଙ୍କ ନେତୃତ୍ୱରେ ଗୋପବନ୍ଧୁ ନଗର ବ୍ଲକ ସଭାପତି ନୀଳରତ୍ନ ରୁତ୍ ମାରାଣ୍ଡି, ସୁଦର୍ଶନ ମାରଣ୍ଡିଙ୍କ ସମେତ ସଂଗଠନର ଅନ୍ୟ ସଦସ୍ୟ ବିଡ଼ିଓ ଶ୍ରୀ ଘୋଷଙ୍କୁ ପ୍ରଦାନ କରିଥିଲେ।

■ ୱାଲ୍ଡ ଚାରିଟି ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧନା ସଭା

# ଡ. କୁମାର ବାବୁଲି ଓ ସୂର୍ଯ୍ୟକାନ୍ତି ସମ୍ବର୍ଦ୍ଧିତ

**ବଡ଼ସାହି, ୪।୭ (ସମିସ):** ଦିଲ୍ଲୀ ସ୍ଥିତ ୱାଲ୍ଡ ଚାରିଟି ୱେଲଫେୟାର ଫାଉଣ୍ଡେସନ ତରଫରୁ କଟକର ଶତାବ୍ଦୀ ଭବନରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଫାଉଣ୍ଡେସନର ଡାଇରେକ୍ଟର ଅମର କୁମାର ବାଗଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ପ୍ରସାଦ ଚନ୍ଦ୍ର ସେଠୀ ଓ ଅନ୍ୟତମ ଅତିଥି ଭାବେ ଡକ୍ଟର ହରିହର କାନୁନ୍‌ଗୋ, ଡକ୍ଟର ସନ୍ଧ୍ୟାରାଣୀ ପାଣିଗ୍ରାହୀ, ଡକ୍ଟର ରଶ୍ମିତା ଟେଟୋ, ଏ. ଦୁର୍ଗାପ୍ରସାଦ, ଅମୂଲ୍ୟ ଚାରନା, ଡ଼କ୍ଟର ମହେଶ୍ୱର ମହାନ୍ତି ଆଦିଙ୍କ ଦ୍ୱାରା ଅଗ୍ରଣୀ କଳା,



ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ 'ବାଣୀପୀଠ'ର ଅଧ୍ୟକ୍ଷ ଡ. କୁମାର ବାବୁଲି ତାଙ୍କ ସାହିତ୍ୟିକ, ଶିକ୍ଷକତା, ହିନ୍ଦୀ ପ୍ରଚାରକ, ସଫଳ ସଂଗଠକ ଓ ଶିକ୍ଷା ଅନୁଷ୍ଠାନ ଗଢିବାରେ ଫଳତା ହାସଲ ସମେତ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ହାସଲ କରିଥିବାରୁ ତାଙ୍କୁ 'ଇଣ୍ଟରନେସନାଲ ଏଜୁକେଶନାଲ ଆୱାର୍ଡ଼' ପ୍ରଦାନ କରାଯାଇଛି। ସେହିପରି ଉକ୍ତ ଫାଉଣ୍ଡେସନ ତରଫରୁ ରାଉତ ସୂର୍ଯ୍ୟକାନ୍ତି ପୁହାଣଙ୍କୁ ତାଙ୍କ ସାରସ୍ୱତ ସାଧନା, ସାମ୍ବାଦିକତା ଓ ଶିକ୍ଷା ଆୟତନକୁ ସୁପରିଚାଳନା କରିବାର ସଫଳ ଦକ୍ଷତା ପାଇଁ ତାଙ୍କୁ ସମ୍ମାନଜନକ 'ଓଡ଼ିଶା ଆଇକନ ଆୱାର୍ଡ' ପ୍ରଦାନ କରାଯାଇଛି। ଏଥିପାଇଁ କାଶୀନାଥ ବିଦ୍ୟାପୀଠ-କେନ୍ଦୁଡ଼ିହା, ବିବେକାନନ୍ଦ ଶିକ୍ଷାକେନ୍ଦ୍ର-ବଡ଼ସାହି, ଭିଏସ୍‌କେ-ପ୍ରତାପପୁର, ଭିଏସ୍‌କେ- ସାନବେଲାକୁଟି, ଓଡ଼ିଆ ଲେଖକ ପରିଷଦ, ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଓ ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଆକାଦମୀ ଆଦିର କର୍ମକର୍ତ୍ତା, ଗୁରୁଜୀ ଗୁରୁମା ଓ ଛାତ୍ରଛାତ୍ରୀ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଆଦିବାସୀ ନେତୃତ୍ୱ କାର୍ଯ୍ୟକ୍ରମ

**ବାରିପଦା, ୪।୭ (ସମିସ):** ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଆଦିବାସୀ ନେତୃତ୍ୱ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାରୁ ଯୁବ ଆଦିବାସୀ ନେତା ବାଜି ସିଂ ମୁଣ୍ଡା, ଗାମାୟ ରିମିଲ୍ ସିଂ ଗୋଇପାଇ ଓ ସୁକୁଲ୍ ମାରାଣ୍ଡି ମନୋନୀତ ହୋଇ ପ୍ରତିନିଧିତ୍ୱ କରିଥିଲେ। ଆଦିବାସୀ ମୁଣ୍ଡାରୀ ରୀତିନୀତି ଅନୁସାରେ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ଶାଳ ଚାରା ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶୁଭନ, ମାନସୀ, ସରୋଜିନୀ, ଶାନ୍ତିଲତା, ଝୁନୁ, ବିଷ୍ଣୁ ପ୍ରସାଦ ଓ ପୁନ ସିଂ ସହିତ ଦାମୋଦରପୁରର ଗ୍ରାମବାସୀ ଉପସ୍ଥିତ ଥିଲେ। ଭାରତୀୟ ସମ୍ବିଧାନରେ ପ୍ରଦାନ କରାଯାଇଥିବା ଆଦିବାସୀଙ୍କ ହକ୍ ଅଧିକାର ଏବଂ ଆଦିବାସୀ ମହାପୁରୁଷଙ୍କ ଜୀବନ ସଂଗ୍ରାମ ଉପରେ ଆଲୋକପାତ କରାଯାଇଥିଲା। ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଏସିଆ ପ୍ଲେଟୁ ପଞ୍ଚଗାନି, ମହାରାଷ୍ଟ୍ରରେ କାର୍ଯ୍ୟକ୍ରମ ଜୁନ ୨୩ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ସ୍ଥାନରୁ ୧୦୦ ଜଣ ମନୋନୀତ ଯୁବ ଆଦିବାସୀ ନେତୃବୃନ୍ଦ ପ୍ରତିନିଧିତ୍ୱ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୧୩ ଜଣ ମନୋନୀତ ଯୁବ ଆଦିବାସୀ



ନେତୃବୃନ୍ଦ ମଧ୍ୟ ପ୍ରତିନିଧିତ୍ୱ କରିଥିଲେ।

କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ମଧୁ ମସୁରୀ ହଂସମୁଖ ଗାଁ ଛୋଡବ୍ ନାହିଁ, ଜଙ୍ଗଲ୍ ଛୋଡବ୍ ନାହିଁ, ମାୟ୍ ମାଟି ଛୋଡବ୍ ନାହିଁ, ଲଢାଇ ଛୋଡବ୍ ନାହିଁ ଏକ ଗୀତ ଗାଇଥିଲେ। ବରିଷ୍ଠ ଆଇନଜୀବୀ ରଶ୍ମି କାତ୍ୟାୟନ୍ ଭାରତୀୟ ସମ୍ବିଧାନରେ ପ୍ରଦାନ କରାଯାଇଥିବା ଆଦିବାସୀମାନଙ୍କ ହକ୍ ଅଧିକାର ତଥା ୫ମ ଓ ୬ଷ୍ଠ ଅନୁସୂଚୀ ଏବଂ ଆଦିବାସୀ ମହାପୁରୁଷମାନଙ୍କ ଜୀବନ ସଂଗ୍ରାମ ଉପରେ ଆଲୋକପାତ କରିଥିଲେ। ଡଃ ଭବେଶ ଭାଟିୟା (ଫାଉଣ୍ଡର - ସନ୍ ରାଇଜ୍ କ୍ୟାଣ୍ଡେଲ) ତାଙ୍କର ଜୀବନର ସଂଘର୍ଷର କାହାଣୀ କହିଥିଲେ। ଡଃ ଭବେଶ ଭାଟିୟାଙ୍କର ଦୁଇଟି ଯାକ ଆଖି ନାହିଁ ତଥାପି ସେ ଦେଶର ଜଣେ ସଫଳ ବ୍ୟକ୍ତିତ୍ୱ। ତାଙ୍କର ସନ୍‌ରାଇଜ୍ କ୍ୟାଣ୍ଡେଲ୍ କଂପାନୀ ବର୍ତ୍ତମାନ ୩୫୦ କୋଟି ଟଙ୍କାର ବ୍ୟବସାୟ କରୁଛି। ତାଙ୍କର ଏହି କଂପାନୀ ଦେଶବ୍ୟାପୀ କିରଣ ପ୍ରକାଶ କରୁଛି। କାର୍ଯ୍ୟକ୍ରମରେ ଯୁବ ଆଦିବାସୀ ନେତୃତ୍ୱମାନେ 'ଆମେ ଏକତ୍ରିତ ହୋଇ ଏକତା ଓ ଭାଇଚାରାକୁ ସୁଦୃଢ ରଖିବା' ପାଇଁ ପ୍ରତିଜ୍ଞା ନେଇଥିଲେ।

# ମିଳୁନି ପ୍ରୋତ୍ସାହନ; ଦୁର୍ଲ୍ଲଭ ହେଲାଣି ଖଜୁରି ଗୁଡ଼ ଓ ତାଡ଼ି

## ସମବାୟ ସମିତି ଜରିଆରେ ସହାୟତା ଦାବି କଲେ ଗୁଡ଼ ପ୍ରସ୍ତୁତକାରୀ

**ବଡସାହି, ୪।୭ (ସମିସ)**

ଶୀତଦିନରେ ଖଜୁରି ଗୁଡ଼ ଓ ଖଜୁରି ରସ (ତାଡ଼ି) ସମସ୍ତଙ୍କ ମନେ ପଡେ। କାରଣ ଅତ୍ୟଧିକ ଗରମରେ ଏହାର ଏକ ସ୍ୱତନ୍ତ୍ର ଆକର୍ଷଣ ଥାଏ। ତେବେ ଶୁଦ୍ଧ ଏବଂ ସତେଜ ଖଜୁରି ତାଡିରେ ବହୁ ଔଷଧୀୟ ଗୁଣ ରହିଛି। ଏହା ପେଟ ଥଣ୍ଡା ରଖିବା ସହିତ ବହୁ ଦୂରାରୋଗ ଭଲ ହେବାରେ ସହାୟକ ହୋଇଥାଏ। ଏହି ସମୟରେ ହିଁ ଖଜୁରି ରସରୁ ଗୁଡ ପ୍ରସ୍ତୁତ ହୋଇଥାଏ; ମାତ୍ର ଏବେ ଖଜୁରି ଗଛ ଆଉ ଦେଖିବାକୁ ମିଳୁ ନାହିଁ। ତେଣୁ ଚାହିଦା ମଧ୍ୟ କମି କମି ଯାଉଛି। ସାମ୍ପ୍ରତିକ ସମାଜରେ ଜିବୀକା ନିର୍ବାହ କରିବାର ଧାରା ବଦଳି ଗଲାଣି। ଅଧିକ ପରିଶ୍ରମ ଅପେକ୍ଷା ଗ୍ରାମାଞ୍ଚଳର ଲୋକେ କମ ପରିଶ୍ରମରେ କିପରି ଅଧିକ ରୋଜଗାର କରିବେ ସେହି ନିଶା ଏବେ ଘାରିଛି।

ଖଜୁରି ଗଛ ଉପରେ ମାଠିଆ ବାନ୍ଧି ରସ ସଂଗ୍ରହ କରି ସେଥିରୁ ଗୁଡ଼ ପ୍ରସ୍ତୁତ କରିବାକୁ ଆଧୁନିକ ସମାଜରେ କେହି ପସନ୍ଦ କରୁ ନାହାନ୍ତି। ପୂର୍ବରୁ ଶୀତ ଦିନେ ବଡସାହି ବ୍ଲକ ଅଞ୍ଚଳର ଯଦୁନାଥଦୁର, ଗୁଡିଆଲବନ୍ଧ, ପାଉଁଶିଆ ଓ ଶିଆଳିଘାଟୀ



ଆଦି ଅଞ୍ଚଳରେ ଖଜୁରିରସରୁ ଶାଳରେ ଗୁଡ ପ୍ରସ୍ତୁତ ହେଉଥିଲା। ଫଳରେ ଲୋକେ ତାଜା ଗୁଡ଼ ଖାଇବାକୁ ପାଉଥିବା ବେଳେ ଏହା ଛୁଆଠୁ ବୁଢା ପର୍ଯ୍ୟନ୍ତ ସମସ୍ତଙ୍କ ଆଦର ରହିଥିଲା। ଖଜୁରି ଗଛରେ ବନ୍ଧା ହୋଇଥିବା ହାଣ୍ଡିକୁ ତଳକୁ ଆଣି ସେଥିରେ ସଂଗୃହୀତ ରସକୁ ଗୁଡ଼ଶାଳ ଚୁଲିରେ ବଡ ବଡ କଡେଇରେ ଆସ୍ତେ ଆସ୍ତେ ଗରମ କରାଯାଇ ଏହା ପ୍ରସ୍ତୁତ କରାଯାଇଥାଏ। ପୂର୍ବରୁ କେତେକ ପରିବାରରେ ସପରିବାର ଏହି ବ୍ୟବସାୟରେ ନିୟୋଜିତ ହେଉଥିବା ବେଳେ ଏବେ ଗୁଡ଼ ଏହି ଗୁଡ ପ୍ରସ୍ତୁତ କରିବା ସେମାନେ ଛାଡି ଦେଲେଣି। ଏହି ଗୁଡ଼କୁ ବୃତ୍ତାକାର ମିଠା ପରି ପ୍ରସ୍ତୁତ କରାଯାଉଥିଲା; କିନ୍ତୁ ଏବେ ଏହା ବଦଳରେ ବଜାରକୁ ମିଠା ଆକୃତିର ଆଖୁଗୁଡ଼ ପଶି ଆସିଲାଣି। ଶୀତଦିନ ଆସିଲେ ଗୁଡ଼ ପ୍ରସ୍ତୁତକାରୀମାନେ ଖଜୁରି ବାହୁଙ୍ଗା ପୁଞ୍ଜ ତଳେ କାଣ୍ଡକୁ ଧାରୁଆ କତାରେ ଚାଞ୍ଛି ଦିଅନ୍ତି। ଏକାଧିକ ଥର ଚାଞ୍ଛିବା ପରେ ଖଜୁରି ଗଛରୁ ରସ ଝରିବା ଆରମ୍ଭ କରେ। ପ୍ରଥମେ ବାହୁଙ୍ଗାରୁ ରସ ବାହାରେ। ସେଥିରୁ ଭଲ ଗୁଡ଼ ହେଉ ନ ଥିବା ବେଳେ ପରେ କାଣ୍ଡ ରସ ଆସିଲେ ପ୍ରସ୍ତୁତକାରୀ ଗଛ ଚଢି ମାଠିଆ ବାନ୍ଧି ଏହାକୁ ସଂଗ୍ରହ କରିଥାନ୍ତି। ପକ୍ଷୀ ଓ ପତଙ୍ଗ ଦାଉରୁ ଏହି ରସକୁ ରକ୍ଷା କରିବା ପାଇଁ ମୁଖ୍ୟତଃ ସନ୍ଧ୍ୟା ବେଳେ ମାଠିଆ ବନ୍ଧାଯାଇ ସୂର୍ଯ୍ୟୋଦୟ ପୂର୍ବରୁ ମାଠିଆ ଖୋଲିଆଣି ରସ ସଂଗ୍ରହ କରାଯାଇଥାଏ। ସଂଗୃହୀତ ରସ କଡେଇରେ ଫୁଟାଯାଇ ଗୁଡ଼ ମରାଯାଏ। ଏଥିପାଇଁ ଯଥେଷ୍ଟ ଜାଳେଣି ଲାଗୁଥିବା ବେଳେ ରସ ଫୁଟି ଫୁଟି ଜଳୀୟ ଅଂଶ ଶୁଖି ଗଲା ପରେ ଗୁଡ଼ ପ୍ରସ୍ତୁତ ହୋଇଥାଏ। ତେବେ ଗୁଡ଼ ପ୍ରସ୍ତୁତକାରୀ ନାରାୟଣ ନାଏକ କହନ୍ତି, ବିଶେଷକରି ଶୀତ ଦିନେ ରସ ସଂଗ୍ରହ ହେଉଥିବାରୁ ଶୀତ ସକାଳରେ ଗଛ ଚଢି ରସ ସଂଗ୍ରହ କରିବା କଷ୍ଟକର। ବର୍ତ୍ତମାନ ଶ୍ରମିକ ଅଭାବ ସହିତ ଚଢା ମଜୁରୀ ଓ ଜାଳେଣିର ଅଭାବ ପାଇଁ ଖଜୁରି ଗୁଡ଼ ପ୍ରସ୍ତୁତ କଷ୍ଟ ସାଧ୍ୟ ହୋଇ ପଡ଼ିଲାଣି। ପୂର୍ବରୁ ଏହି ଗୁଡ଼ କିଲୋ ପ୍ରତି ୨୫ରୁ ୩୦ଟଙ୍କା ଥିବା ବେଳେ ଏବେ ଏହା ୧୦୦ ଟଙ୍କା ପାଖାପାଖି ହେଲାଣି। ଏହା ଛଡା ଲୋକେ ଘର ବାଡିରୁ ଖଜୁରି ଗଛ କାଟି ପକାଇଲେଣି। ଦୂରକୁ ଯାଇ ରସ ସଂଗ୍ରହ କରିବା କଷ୍ଟକର। ବିଶେଷକରି ଯୁବ ସମାଜ ଏଥିପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି।

ଏହାବ୍ୟତୀତ ରସ ଅଧିକ ସମୟ ମାଠିଆରେ ରହି ଗଲେ ତାହା ଖଟା ହୋଇଯାଉଥିବାରୁ ସେଥିରୁ ଭଲ ଗୁଡ଼ ପ୍ରସ୍ତୁତ ହୋଇପାରୁନାହିଁ। ସମବାୟସମିତି ଜରିଆରେ ତାଳ ଗୁଡ଼ ପ୍ରସ୍ତୁତକାରୀଙ୍କୁ ସରକାର ପ୍ରୋତ୍ସାହନ ଦେଉଥିବା ବେଳେ ଖଜୁରି ଗୁଡ଼ ପାଇଁ ସେପରି କିଛି ବ୍ୟବସ୍ଥା ନଥିବାରୁ ଆଉ କିଛି ଦିନ ପରେ ଏହା ଦେଖିବାକୁ ସ୍ୱପ୍ନ ହେବ ବୋଲି ପ୍ରସ୍ତୁତକାରୀମାନେ ପ୍ରକାଶ କରିଛନ୍ତି। ଆଖୁ ଗୁଡ଼ ଓ ଚିନିର ବିକଳ୍ପ ଭାବରେ ପୂର୍ବରୁ ଏହି ଗୁଡ଼ ବିପୁଳ ଭାବରେ ବ୍ୟବହୃତ ହେଉଥିବା ବେଳେ ଏବେ ଏହି ଗୁଡକୁ ନେଇ ଜୀବିକା ନିର୍ବାହ କରିବା ସମ୍ଭବ ନୁହେଁ ବୋଲି ମତ ପ୍ରକାଶ ପାଇଛି। ତେଣୁ ସମବାୟ ସମିତି ଜରିଆରେ ଗୁଡ଼ ପ୍ରସ୍ତୁତକାରୀଙ୍କୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦେଲେ ଏହା ମିଠାର ଚାହିଦା ପୂରଣ କରିବ ବୋଲି ମତପ୍ରକାଶ ପାଇଛି।

### ଭିତରକନିକା ଜଙ୍ଗଲ ଜମିରେ ୫ ହୋଟେଲ

# ଉଚ୍ଛେଦ ପାଇଁ ତହସିଲଦାର, ଡିଏଫ୍‌ଓଙ୍କୁ ଦାବିପତ୍ର





**ରାଜନଗର, ୪।୭(ସମିସ):** ବିଶ୍ୱ ତାପନ ଯୋଗୁଁ ପରିବେଶ ଆଜି ସଂକଟରେ। ସବୁ ସ୍ତରରେ ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉଛି। ମାତ୍ର ଭିତରକନିକା ଜାତୀୟ ଉଦ୍ୟାନର ଜୈବ ବିବିଧତା ଏବେ ସଂକଟରେ। ଭିତରକନିକା ଜାତୀୟ ଉଦ୍ୟାନକୁ ଦେଶ ବିଦେଶର ପରିବେଶପ୍ରେମୀ ପର୍ଯ୍ୟଟକଙ୍କ ପ୍ରବେଶ ପଥ ଡାଙ୍ଗମାଳ ଓ ବାଙ୍କୁଆଳରେ ଜଙ୍ଗଲ ଜମିରେ ବେଆଇନ ହୋଟେଲ ନିର୍ମାଣ ହୋଇଛି। ରେଷ୍ଟୁରାଣ୍ଟ କଟେଜଠୁ ଆରମ୍ଭ କରି ତିନି ମହଲା ବିଶିଷ୍ଟ ହୋଟେଲ ନିର୍ମାଣ ହୋଇଥିଲେ ମଧ୍ୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ବଦଳରେ ହାତ ବାନ୍ଧି ବସିଛି। ଆଜି ଭିତରକନିକା ସୁରକ୍ଷା ସମିତିର କାର୍ଯ୍ୟକର୍ତ୍ତା ଓ ସଦସ୍ୟ ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତି ଓ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ଭେଟି ପ୍ରମାଣ ସହ ଦାବିପତ୍ର ଦେଇଛନ୍ତି। ୭ ଦିନ ମଧ୍ୟରେ ବେଆଇନ ହୋଟେଲ ଉଚ୍ଛେଦ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ହୋଟେଲ ୭ଦିନ ଭିତରେ ଉଚ୍ଛେଦ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଭିତରକନିକା ସୁରକ୍ଷା ସମିତିର ଅଭିଯୋଗ ମୁତାବକ, ବାଙ୍କୁଆଳ ମୌଜାର ଖାତା ନଂ୭, ପ୍ଲଟ ନଂ-୯୨ ଜଙ୍ଗଲ କିସମ ଜମିରେ ହୋଟେଲ ଭିତରକନିକା ନିର୍ମାଣ ହୋଇଛି। ବାଙ୍କୁଆଳ ମୌଜାର ଖାତା ନଂ୭, ପ୍ଲଟ ନଂ- ୩୯ ଜଙ୍ଗଲ କିସମ ଜମିରେ ହୋଟେଲ ରେଡକ୍ରାବ ନିର୍ମାଣ ହୋଇଛି। ବାଙ୍କୁଆଳ ମୌଜା ଖାତା ନଂ୭, ପ୍ଲଟ ନଂ- ୮୫ ଜଙ୍ଗଲ କିସମ ଜମି, ଖାତା ନଂ ୯, ପ୍ଲଟ ନଂ୮୬ ଜଙ୍ଗଲ କିସମ ଜମି ଓ ଖାତା ନଂ୭ ପ୍ଲଟ ନଂ୮୭ ପତିତ ଜମିରେ ୩ ମହଲା ବିଶିଷ୍ଟ ହୋଟେଲ କନିକା ସୁନ୍ଦରୀ ଓ କଟେଜ ନିର୍ମାଣ ହୋଇଛି। ବାଙ୍କୁଆଳ ମୌଜା ଜଙ୍ଗଲ କିସମ ଜମିରେ ହୋଟେଲ ସତ୍ୟପ୍ରିୟ ନିର୍ମାଣ ହୋଇଥିବାବେଳେ ଡାଙ୍ଗମାଳ ମୌଜା, ଖାତା ନଂ ୨୪୬, ପ୍ଲଟ ନଂ୫୨୫ ଓ ତା'ସମ୍ମୁଖ ଭାଗରେ ଦୁର୍ଗାପ୍ରସାଦ ମୌଜାରେ ପାଣିନାଳ ଉପରେ ହୋଟେଲ ମ୍ୟାନଗ୍ରୁଭ ପିଟା ହୋମଷ୍ଟେ ନିର୍ମାଣ ହୋଇଛି। ଚାରୋଟି ହୋଟେଲ ସମ୍ପୂର୍ଣ୍ଣ ଜଙ୍ଗଲ କିସମ ଜମିରେ ଗଢି ଉଠିଥିବାବେଳେ ଡାଙ୍ଗମାଳ ଓ ଦୁର୍ଗାପ୍ରସାଦ ମୌଜାରେ ସରକାରୀ ଜମିରେ ଏହା ଗଢ଼ିଉଠିଛି। ଇଞ୍ଚେ ବି ଜମି ପଟ୍ଟା ନ ଥାଇ ସରକାରୀ ଓ ଜଙ୍ଗଲ ଜମିରେ ହୋଟେଲ ଓ ରିସର୍ଟ ଗଢି ଉଠିଥିବାବେଳେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସିବା ଘଟଣା ସାଧାରଣରେ ତୀବ୍ର ପତିକ୍ରିୟା ସୃଷ୍ଟି କରିଛି।

ଆଜି ଭିତରକନିକା ସୁରକ୍ଷା ସମିତିର ସଞ୍ଜୟ କୁମାର ବାଗ, ପବିତ୍ର ସେଠୀ, ରଞ୍ଜନ ପ୍ରଧାନ, ମାଧବ ସେଠୀ, ସୌମ୍ୟରଞ୍ଜନ ଚୌଧୁରୀ, ଦେବଦତ୍ତ ସେଠୀ, ଜଗବନ୍ଧୁ ଖଟୁଆ, ସୂର୍ଯ୍ୟନାରାୟଣ ମିଶ୍ର, ସୁଦାମ କୁମାର ଓଝା, ଅଭୟ କୁମାର ରାଉତ, ରାଘବେନ୍ଦ୍ର ମହାନ୍ତି, ଲିଟନ ସେଠୀ, ଜଗବନ୍ଧୁ ଦାସ, ଶମ୍ଭୁ ମଣ୍ଡଳ, ବିବେକାନନ୍ଦ ଦାସ, ସହଦେବ ସେଠୀ, ଦେବବ୍ରତ ମିଶ୍ର, ଦେବାଶିଷ ରାଉଳ ପ୍ରମୁଖ ଡିଏଫ୍‌ଓ ଓ ତହସିଲଦାରଙ୍କୁ ଭେଟି ଦାବିପତ୍ର ଦେବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଆଦିବାସୀ ମହିଳାଙ୍କୁ ଶାଶୂଘରେ ନିର୍ଯାତନା ଅଭିଯୋଗ

**ରାଜନଗର, ୪।୭(ସମିସ):** ରାଜନଗର ଥାନା ଅନ୍ତର୍ଗତ ବେଲପାଳ ଗାଁରେ ଆଦିବାସୀ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଶାଶୂଘର ଲୋକେ ନିର୍ଯାତନା ଦେଇଥିବା ନେଇ ରାଜନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଗଞ୍ଜାମ ଜିଲ୍ଲାର ସୁନୀତା ଥାଟୋଇଙ୍କ ଅଭିଯୋଗ ମୁତାବକ, ମୁଁ ବାଙ୍ଗାଲୋରରେ କାମ କରୁଥିବାବେଳେ ବେଲାପାଳ ଗାଁର ନିରଞ୍ଜନ ଥାଟୋଇ ମୋତେ ପ୍ରେମ ବିବାହ କରିଥିଲେ। ସେତେବେଳେ ମୋ' ପାଖରେ ଥିବା ୫ ଲକ୍ଷ ଟଙ୍କା ନେଇ ଘର ନିର୍ମାଣ କରିଛନ୍ତି। ବାହାହୋଇ ଘରକୁ ଆଣିବା ପରେ ୧ ଲକ୍ଷ ଟଙ୍କା ଯୌତୁକ ଦାବି କରି ବାରମ୍ବାର ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ମୁଁ ବାପାମାଆଙ୍କୁ ନ ପଚାରି ସ୍ୱାମୀ ସହିତ ପଳାଇ ଆସିଥିବାରୁ ମୋର କେହି ସାହା ଭରସା ନାହାନ୍ତି। ମୁଁ ଟଙ୍କା ଦେବାକୁ ଅସମର୍ଥ ହେବାରୁ ସ୍ୱାମୀଙ୍କ ସହିତ ଶାଶୂ, ନଣନ୍ଦ, ନଣନ୍ଦେଇ ପ୍ରମୁଖ ମିଳିତ ଭାବେ ମାଡ଼ ମାରିବା ସହ ଠେଙ୍ଗାରେ ବାଡ଼େଇ ଥା'ନ୍ତି। ମୁଁ ଗର୍ଭବତୀ ହେଲେ ବିଭିନ୍ନ ଔଷଧ ଦେଇ ଜୋର ଜବରଦସ୍ତ ଗର୍ଭ ନଷ୍ଟ କରୁଛନ୍ତି। ମୋତେ ନିର୍ଯାତନା ଦେବା ସହ ଅଧିକାଂଶ ସମୟ ଉପବାସରେ ରଖିଥାନ୍ତି। ଆଜି ସକାଳେ ନିର୍ମମ ଭାବେ ମାଡ଼ ମାରିଥିବା ନେଇ ମହିଳା ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବଳଦେବ ବିଦ୍ୟାଳୟରେ ବୃକ୍ଷରୋପଣ




**କେନ୍ଦ୍ରାପଡ଼ା, ୪।୭(ସମିସ):** କେନ୍ଦ୍ରାପଡ଼ା ପୌରାଞ୍ଚଳସ୍ଥ ବଳଦେବ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରୁବିନା ପ୍ରଧାନଙ୍କ ନେତୃତ୍ୱରେ ଜୁନିୟର ରେଡ୍‌କ୍ରସ ପକ୍ଷରୁ ବନ ମହୋତ୍ସବ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାଧନ କର୍ମୀ ତପନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନର ବିଦ୍ୟାଳୟର ଜୁନିୟର ଛାତ୍ରଛାତ୍ରୀ ବିଭିନ୍ନ ଗଛର ଚାରା ରୋପଣ କରିଥିଲେ। ବିଦ୍ୟାଳୟର ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

## ଭବିଷ୍ୟତ ପାଇଁ ଗଛଟିଏ ଅଭିଯାନ




**କୁଜଙ୍ଗ, ୪।୭(ସମିସ):** କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ବଘୁଆଠେଙ୍ଗ ଗ୍ରାମର ମୁରବୀ ପଦ୍ମନାଭ ଶତପଥୀଙ୍କ ଘରେ ଏକ ପାରିବାରିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଦ୍ମନାଭଙ୍କ ନାତି ତଥା ଶିଶୁ କ୍ରିକେଟ ପ୍ରତିଭା ନମନ ପାଇଁ ଏହି କାର୍ଯ୍ୟକ୍ରମରେ ବହୁ ସାମାଜିକ କର୍ମୀ ଓ ଆଇନଜୀବୀ. କ୍ରୀଡ଼ାପ୍ରେମୀ ଯୋଗ ଦେଇଥିଲେ। ଏ ଅବସରରେ ପଦ୍ମନାଭ ସମସ୍ତ ଅତିଥିଙ୍କୁ ଫଳ ଓ ଔଷଧୀୟ ଗଛ ଉପହାର ଦେଇଥିଲେ। ଯୁବ ଆଇନଜୀବୀ କରୁଣାକର ସାହୁ, ନୃସିଂହ ପ୍ରଧାନ, ଦୀପକ ମହାନ୍ତି, ସୁକାନ୍ତ ମାଝୀ, କିଶୋର ସ୍ୱାଇଁ, ପ୍ରଣୟ ପରିଜା ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ ଭବିଷ୍ୟତ ପାଇଁ ଗଛଟିଏ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

## ବିଶ୍ୱମୈତ୍ରୀ ବ୍ରାହ୍ମଣ ପରିଷଦ ପକ୍ଷରୁ ସମୂହ ଗୀତାପାଠ



**ବିରିଡି, ୪।୭(ସମିସ):** ଆଦର୍ଶ ଶିକ୍ଷକ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମିଶ୍ରଙ୍କ ଚର୍ତୁଦଶାହ ଅବସରରେ ବିଶ୍ୱମୈତ୍ରୀ ବ୍ରାହ୍ମଣ ପରିଷଦ ପକ୍ଷରୁ ତାଙ୍କ ବାସଭବନରେ ସମୂହ ଗୀତାପାଠ ଓ ହୋମ ଯଜ୍ଞ ସହ ସ୍ମୃତିସଭା କରାଯାଇଥିଲା। ପରିଷଦର ସଭାପତି ଦୀନବନ୍ଧୁ ପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଗୀତାଯଜ୍ଞର ପ୍ରାରମ୍ଭରେ ପଣ୍ଡିତ ଗୁରୁପ୍ରସାଦ ରଥ ବେଦପାଠ କରିଥିଲେ। ସୁବୋଧ କୁମାର ବ୍ରହ୍ମା, ପଣ୍ଡିତ ଗୁରୁପ୍ରସାଦ ରଥ, ଚନ୍ଦ୍ରମଣୀ ଦାଶ, ପ୍ରଶାନ୍ତ କୁମାର ମିଶ୍ର, ନିରଞ୍ଜନ ମିଶ୍ର, ସତ୍ୟ ନାରାୟଣ ବାଘି, ପ୍ରତାପ କୁମାର ପତି, ରମେଶ ଚନ୍ଦ୍ର କର ପ୍ରମୁଖ ଉପସ୍ଥିତ ରହି ଗୀତାପାଠ କରିବାସହ ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥିଲେ। ପରେ ପରେ ପୁତ୍ର ବିଶ୍ୱରଞ୍ଜନ ମିଶ୍ର ଓ ରଶ୍ମୀରଞ୍ଜନ ମିଶ୍ରଙ୍କ ପରିଚାଳନରେ ସ୍ମୃତିସଭା ସହ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।

## ଟୁଇଟର ବୟ ଅକ୍ଷୟ | ଟୁଇଟ୍ କରି ସମସ୍ୟାର କରୁଛନ୍ତି ସମାଧାନ

**କେନ୍ଦ୍ରାପଡ଼ା, ୪।୭(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ପବିତ୍ର ଧାମ ତୁଳସୀକ୍ଷେତ୍ର ନାମରେ ନାମିତ ତୁଳସୀକ୍ଷେତ୍ର ଚାରିଟେବୁଲ ଟ୍ରଷ୍ଟର ସଭାପତି ଅକ୍ଷୟ କୁମାର ପାତ୍ର। ସେ ଆଜକୁ ପ୍ରାୟ ୯ ବର୍ଷରୁ ଊର୍ଦ୍ଧ୍ୱ ଟୁଇଟର ବ୍ୟବହାର କରି ବିଭିନ୍ନ ସମସ୍ୟାର ସମାଧାନ କରୁଛନ୍ତି। ବର୍ତ୍ତମାନ୍ ପର୍ଯ୍ୟନ୍ତ ପ୍ରାୟ ୮୦ ହଜାରରୁ ଅଧିକ ସମସ୍ୟାକୁ ଟୁଇଟ୍ କରି ସମାଧାନ କରିବାକୁ ଚେଷ୍ଟା କରିଛନ୍ତି। ବ୍ରହ୍ମପୁର ଷ୍ଟେସନର ଚାରୋଟି ଅଚଳ ଏଟିଭିଏମ ମେସିନର ଚଳାଚଳ ହେଉ କିମ୍ବା ଦେବଗଡର ୧୨ କୋଟିର ବିଦ୍ୟୁତ ତାରକୁ ବାଉଁଶ ଖୁଣ୍ଟିରୁ ଲୁହା ଖୁଣ୍ଟିକୁ



ପରିବର୍ତ୍ତନ, ବଲାଙ୍ଗୀର ତୁରେକେଲାର ରୁକ୍ମଣୀ ମାଝୀଙ୍କ ଦୀର୍ଘ ୧୦ ମାସର ବନ୍ଦ ଥିବା ଭତ୍ତା ସମସ୍ୟାର ସମାଧାନ ହେଉ କିମ୍ବା କୋରାପୁଟ ତୁନପୁର ପଞ୍ଚାୟତର ମାଲିଗାଁ ଗ୍ରାମବାସୀଙ୍କ ପାନୀୟ ଜଳଯୋଗାଣ ସମସ୍ୟାର ସମାଧାନ କରି ଘରେ ଘରେ ଟ୍ୟାପ ପାଣିର ବ୍ୟବସ୍ଥା କରିଛନ୍ତି। ଏମିତି ହଜାର ହଜାର ସମସ୍ୟାର ସମାଧାନ ଅକ୍ଷୟଙ୍କ ଟୁଇଟର ଯୋଗେ ସମ୍ଭବ ହୋଇପାରିଛି। ଏଭଳି ସମସ୍ୟାକୁ ଦୃଷ୍ଟି ଆକର୍ଷଣ କରୁଥିବା 'ସକାଳ' ଖବରକାଗଜ ସମେତ ଅନ୍ୟ ଖବରକାଗଜଙ୍କୁ ଅକ୍ଷୟ ହୃଦୟରୁ ଧନ୍ୟବାଦ୍ ଜଣାଇଛନ୍ତି । ଜନସାଧାରଣଙ୍କ ହିତ ଓ ମୌଳିକ ଅଧିକାର ପାଇଁ ସେ ଲଢେଇ କରିଆସୁଛନ୍ତି। ଟୁଇଟ୍ ଯୋଗେ ସରକାରଙ୍କୁ ସମସ୍ତ ସମସ୍ୟାର ଅବଗତ କରାଇ କାର୍ଯ୍ୟ କରାଇବା ଓ ଟ୍ରଷ୍ଟର ସଦସ୍ୟଙ୍କୁ ନେଇ ସମାଜ ପାଇଁ କାମ କରିବାକୁ ସେ ଜୀବନରେ ପ୍ରାଧାନ୍ୟ ଦେଇଛନ୍ତି।

## ଅସହାୟ ପରିବାରକୁ ମା' ଶାରଳା ଫାଉଣ୍ଡେସନର ସହାୟତା



**ତିର୍ତ୍ତୋଲ, ୪।୭(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବିକିପୁର ଗ୍ରାମର ହେମନ୍ତ ମଲ୍ଲିକ ଓ ନିମକଣା ଗ୍ରାମର ସ୍ମିତା ଗୁରୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହୋଇଯାଇଥିବାବେଳେ ସେମାନଙ୍କୁ ଦୀର୍ଘ ମାସ ହେବ ଚିକିତ୍ସା କରାଇବା ସହ ଉଭୟ ପରିବାରକୁ ପୋଷ୍ୟା ଭାବେ ଗ୍ରହଣ କରିଛି ତିର୍ତ୍ତୋଲସ୍ଥିତ ମା ଶାରଳା ଫାଉଣ୍ଡେସନ ସ୍ୱେଚ୍ଛାସେବୀ ସଙ୍ଗଠନ। ଉଭୟ ପରିବାରର ଖଣ୍ଡେ ଭଲ ଘର ନଥିବାବେଳେ ପରିବାରରେ ବର୍ତ୍ତମାନ କେହି ରୋଜଗାରକ୍ଷମ ବ୍ୟକ୍ତି ନାହାନ୍ତି। ସ୍ମିତା ଗୁରୁ କେବଳ ନିଜେ ପାଉଥିବା ବିଧବା ଭତ୍ତାରେ ପରିବାର ଚଳାଇବା କଷ୍ଟକର ହୋଇ ପଡୁଛି। ଫାଉଣ୍ଡେସନର ସଦସ୍ୟ ମାନେ ଭିନ୍ନକ୍ଷମ ହେମନ୍ତଙ୍କ ଚିକିତ୍ସା କଟକ ବଡ ଡାକ୍ତରଖାନାରେ କରାଇଥିବାବେଳେ ଏବେ ସେ ସାମାନ୍ୟ ଚଳନକ୍ଷମ ହୋଇଛନ୍ତି। ହେମନ୍ତଙ୍କୁ ଭିନ୍ନକ୍ଷମ ଭତ୍ତା ଏପର୍ଯ୍ୟନ୍ତ ମିଳିନଥିବା ଜଣାପଡିଛି। ପ୍ରତି ମାସ ଭଳି ଏମାସରେ ମ ଧ ଫା।ଉଣ୍ଡେନସର ସାଧାରଣ ସମ୍ପାଦିକା ସୋନାଲି ମହାନ୍ତି, ଜଗନ ଦାସ, ରାଜଲକ୍ଷ୍ମୀ ହାତୀ, ହୃଷିକେଶ ପରିଜା, ଅମିତାଭ ସ୍ୱାଇଁ, ଅବିନାଶ ବେହେରା, ନିଳାଞ୍ଚଳ ସାହୁ ପ୍ରମୁଖ ଉଭୟ ପରିବାରଙ୍କ ନିକଟରେ ପହଞ୍ଚି ଗୋଟିଏ ମାସର ରାସନ ସାମଗ୍ରୀ ପ୍ରଦାନ କରିବା ସହ ଉଭୟ ପରିବାର ଭଙ୍ଗା ଘରେ ଜରି ପାଲ ପକାଇବା ପାଇଁ ବ୍ୟବସ୍ଥା କରିଥିଲେ। ଏଥିରେ ଫାଉଣ୍ଡେସନର ସଦସ୍ୟ ଅମିତାଭ ସ୍ୱାଇଁ, ଅରୁଣ ମହାନ୍ତି, ଜ୍ୟୋତିପ୍ରକାଶ ନାୟକଙ୍କ ସମେତ ଫାଉଣ୍ଡେସନର ସଦସ୍ୟ ମାନେ ସକ୍ରିୟ ସହଯୋଗ କରିଥିଲେ।

## ମଦନପୁର କଲେଜରେ ବନ ମହୋତ୍ସବ

**ପଟ୍ଟାମୁଣ୍ଡାଇ, ୪।୭(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଦନପୁର ଯୁକେ ମହାବୀର ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ଓ ରେଡକ୍ରସ ବିଭାଗ ପକ୍ଷରୁ ୭୫ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ମହୋତ୍ସବରେ ମହାବଦ୍ୟାଳୟର ଅଧ୍ୟକ୍ଷ ସବ୍ୟସାଚୀ ତ୍ରିପାଠୀଙ୍କ ପୌରୋହିତ୍ୟରେ ରାଜନଗର ବନାଞ୍ଚଳ ବିଭାଗର ବନାଞ୍ଚଳ ଅଧିକାରୀ ଚିତ୍ତରଞ୍ଜନ ବେହେରା , ବନପାଳ ବିଜୟ କୁମାର ପାତ୍ର ଓ ସମାଜସେବୀ ଭାସ୍କର ରାଉତରାୟଙ୍କ ଉପସ୍ଥିତିରେ ବୃକ୍ଷରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ମାଆ ପାଇଁ ଗଛଟିଏ ବାର୍ତ୍ତାକୁ ପ୍ରଚାର ପ୍ରସାର କରିବା ସହ ବୃକ୍ଷରୋପଣର ଉପଯୋଗିତା ସଂପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ମହାବିଦ୍ୟାଳୟ ଭିତର ପରିସର ଓ ବାହାର ପରିସରରେ ବିଭିନ୍ନ ବୃକ୍ଷର ଚାରା ରୋପଣ କରିଛନ୍ତି। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବନ ମହୋତ୍ସବ ସହ ଚାରାରୋପଣ କାର୍ଯ୍ୟରେ ସହଯୋଗ



କରିଥିଲେ। ଯୁଥ ରେଡକ୍ରସ କାଉନସେଲର ଅଧ୍ୟାପକ ଦିଲ୍ଲୀପ କୁମାର ମହାପାତ୍ର ଓ ଜାତୀୟ ସେବା ସଂସ୍ଥା ବିଭାଗର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ନମିତା ମହାପାତ୍ର, ଅଧ୍ୟାପକ ଲଲାଟେନ୍ଦୁ ମଲ୍ଲିକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଭରତପୁର କେନାଲବନ୍ଧ ପୋଲରୁ ବାଳିକା ହାଇସ୍କୁଲ ରାସ୍ତା

# ଖାଲଖମାରେ ଭର୍ତ୍ତି; ପାଲଟିଛି ମରଣଯନ୍ତା



**କେନ୍ଦ୍ରାପଡ଼ା, ୪।୭(ସମିସ):** ଖାଲଖମାରେ ରାସ୍ତା ପରିପୂର୍ଣ୍ଣ। ବର୍ଷ ବର୍ଷ ଧରି ମରାମତି ହୋଇନାହିଁ । କେବଳ କାଗଜ କଲମରେ ଲୋକଙ୍କୁ ମରାମତି କରାଯିବ ଆଉ ନୂଆ ରାସ୍ତା ନିର୍ମାଣ କରାଯିବ କହି ବିଭାଗ ଭୁଲେଇ ଚାଲିଛି ।କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମର କେନାଲ ପୋଲଠାରୁ ବାଳିକା ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା କେନାଲବନ୍ଧ ରାସ୍ତାଟି ଖାଲଖମାରେ ପୂର୍ଣ୍ଣ ହୋଇପଡିଛି। ଏଥିସହିତ ବର୍ଷାରେ ସେହି ରାସ୍ତାଟିରେ ଯିବାକୁ ହେଲେ ଆଣ୍ଠୁଏ କାଦୁଅ ଭିତରେ ଦେଇ ଯିବାକୁ ପଡୁଛି। ସେହି ରାସ୍ତା ଦେଇ ଭରତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଭରତପୁର ବାଳିକା ଉଚ୍ଚ ବିଦ୍ୟାଳୟକୁ ଦୈନିକ ଶତାଧିକ ଛାତ୍ରଛାତ୍ରୀ ଯିବା ଆସିବା କରୁଥିବା ବେଳେ ଆଖପାଖ ୫ଗ୍ରାମର ପ୍ରାୟ ପାଞ୍ଚଶହରୁ ଉର୍ଦ୍ଧ୍ୱ ଲୋକ ଦୈନିକ ଯାତାୟତ କରିଥାନ୍ତି। ଏହି ରାସ୍ତାଟିକୁ ପକ୍କା ରାସ୍ତାରେ ପରିଣତ କରିବା କିମ୍ବା ମରାମତି କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ କେନ୍ଦ୍ରାପଡା ଜଳସେଚନ ବିଭାଜନର ଅଧିକ୍ଷଣ ଯନ୍ତ୍ରୀଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲା। ଅଧିକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଧରଣୀଧର ବେହେରା ଓ ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ମଲିକ ପ୍ରାୟ ଏକବର୍ଷ ହେବ ଘଟଣାସ୍ଥଳ ପରିଦର୍ଶନ କରି ଯାଇଥିଲେ ବି ଅଦ୍ୟାବଧି ସେହି ରାସ୍ତାର ନିର୍ମାଣ କାର୍ଯ୍ୟ ହୋଇପାରିଲା ନାହିଁ। ଫଳରେ ଦୁଇଟି ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଦୈନିକ ଖାଲଖମା ତଥା ଆଣ୍ଠୁଏ କାଦୁଅ ଭିତର ଦେଇ ବିଦ୍ୟାଳୟକୁ ଯିବା ପାଇଁ ବାଧ ହେଉଛନ୍ତି। ଏହି ରାସ୍ତାଟିର ତୁରନ୍ତ ମରାମତି କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଚିତ୍ତରଞ୍ଜନ ଦାସ, ଗୋପାଳ ଚରଣ ଦାସ, ବିରଜା ପ୍ରସାଦ ମହାନ୍ତି, ସୁବୋଧ ଦାସ, ସଞ୍ଜୟ କୁମାର ଦାସ, କାହ୍ନୁ ଚରଣ ବେହେରା, ଶ୍ରୀଚରଣ ବେହେରା ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡା ସହକାରୀ ନିର୍ବାହୀ ଯନ୍ତ୍ରୀ ଧରଣୀଧର ବେହେରାଙ୍କୁ ପଚରାଯିବାରେ ସେ କହିଥିଲେ ଯେ ଏହି ରାସ୍ତା ପାଇଁ ଏବେ ସୁଦ୍ଧା ଅଟକଳ ପ୍ରସ୍ତୁତ କରାଯାଇନାହିଁ। ରାସ୍ତା ପାଇଁ ବ୍ୟସ୍ତ ହେଲେ ହେବନାହିଁ। ଆବଶ୍ୟକ ସରକାରୀ ନୀତି ନିୟମ ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ସେ କହିଥିଲେ।

### ପ୍ୟାରିସ ଅଲିମ୍ପିକ୍ସ ଆଉ ୨୦ ଦିନ

# ନୀରଜଙ୍କ ନେତୃତ୍ୱରେ ୨୮ ଜଣିଆ ଆଥ୍‌ଲେଟିକ୍ସ ଦଳ



**ନୂଆଦିଲ୍ଲୀ, ୪।୭ (ଏଜେନ୍ସି)**

ଚଳିତ ମାସ ୨୬ରୁ ଫ୍ରାନ୍ସର ରାଜଧାନୀ ପ୍ୟାରିସଠାରେ ବିଶ୍ୱ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଯାଉଛି। ଆଥ୍‌ଲେଟିକ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ)ର ଚୟନ ପ୍ୟାନେଲ ପକ୍ଷରୁ ୨୮ ଜଣିଆ ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଟିମ୍ ଘୋଷଣା କରାଯାଇଛି। ଡିଫେଣ୍ଡିଂ ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିଅନ ତଥା ତାରକା ଜାଭେଲିନ୍ ଫିଙ୍ଗାଳି ନୀରଜ ଚୋପ୍ରାଙ୍କ ନେତୃତ୍ୱରେ ଏହି ଭାରତୀୟ ଆଥ୍‌ଲେଟିକ୍ସ ଦଳ ପ୍ୟାରିସ ମହାକୁମ୍ଭରେ ଅବତୀର୍ଣ୍ଣ ହେବ।

୨୮ ଜଣିଆ ଭାରତୀୟ ଦୌଡ଼କୁଦ ଦଳରେ ୧୭ ଜଣ ପୁରୁଷ ଓ ୧୧ଜଣ ମହିଳା ଆଥ୍‌ଲେଟ୍ସ ରହିଛନ୍ତି। ଗତବର୍ଷ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣିମ ସଫଳତା ପାଇଥିବା ଅବିନାଶ ସାବଲେ, ତାଜିନ୍ଦରପାଲ୍ ସିଂହ ତୁର୍‌ଙ୍କ ଭଳି ତାରକା ଆଥ୍‌ଲେଟ୍ ଏଥିରେ ସ୍ଥାନ ପାଇଛନ୍ତି। ସେହିଭଳି ନୀରଜଙ୍କ ବ୍ୟତୀତ ଓଡ଼ିଆ ତାରକା କିଶୋର ଜେନା ମଧ୍ୟ ଜାଭେଲିନ ଇଭେଣ୍ଟରେ ଭାଗନେବେ। ଅଗଷ୍ଟ ୧ରୁ ୧୧ ତାରିଖ ପର୍ଯ୍ୟନ୍ତ ଷ୍ଟେଡ୍ ଡି ଫ୍ରାନ୍ସ ଷ୍ଟାଡିୟମରେ ଅଲିମ୍ପିକ୍ସର ଦୌଡ଼କୁଦ ଇଭେଣ୍ଟ ଅନୁଷ୍ଠିତ ହେବ। ପ୍ୟାରିସ ଅଲିମ୍ପିକ୍ସ ଲାଗି ବିଶ୍ୱ ଆଥ୍‌ଲେଟିକ୍ସ ପୁରୁଷ ୫୦ କିମି ରେସ୍ ୱାକ୍ ଇଭେଣ୍ଟକୁ ବାଦ୍ ଦେଇଛି। ଏଥିସହ ରେସ୍ ୱାକ୍‌ରେ ନୂଆ ଇଭେଣ୍ଟ ଭାବେ ମିକ୍ସଡ ରିଲେ ଇଭେଣ୍ଟକୁ ସ୍ଥାନିତ କରିଛି।

### ଭାରତୀୟ ଆଥଲେଟିକ୍ସ ଟିମ୍

**ପୁରୁଷ:** ଅବିନାଶ ସାବଲେ (୩ ହଜାର ମି. ଷ୍ଟିପଲେଚେଜ୍), ନୀରଜ ଚୋପ୍ରା, କିଶୋର ଜେନା (ଜାଭେଲିନ୍ ଥ୍ରୋ), ତାଜିନ୍ଦରପାଲ୍ ସିଂହ ତୁର୍ (ସଟ୍ ପୁଟ୍), ପ୍ରବୀଣ ଚିତ୍ରଭେଲ, ଅବଦୁଲ୍ଲା ଅବୁବକର (ଟ୍ରିପଲ ଜମ୍ପ), ଆକାଶଦୀପ୍ ସିଂହ, ବିକାଶ ସିଂହ, ପରମଜିତ୍ ସିଂହ ବିଷ୍ଟ (୨୦ କିମି ଚାଲି), ମହମ୍ମଦ ଆନାସ, ମହମ୍ମଦ ଆଜମଲ୍, ଅମୋଜ ଜ୍ୟାକବ, ସନ୍ତୋଷ ତାମିଲରାସନ, ରାଜେଶ ରମେଶ, ମିଜୋ ଚାକୋ କୁରିଆନ (ସମସ୍ତେ ୪ ଗୁଣା ୪୦୦ମି. ରିଲେ), ସୂରଜ ପନୱର (ରେସ ୱାକ୍ ମିକ୍ସଡ ମାରାଥନ), ସର୍ବେଶ ଅନିଲ କୁଶାରେ (ହାଇଜମ୍ପ)।

**ମହିଳା:** କିରନ ପହଲ (୪୦୦ମି. ରେସ୍), ପାରୁଲ ଚୌଧୁରୀ (୩ ହଜାର ମି. ଓ ୫ ହଜାର ମି. ଷ୍ଟିପଲେଚେଜ୍), ଜ୍ୟୋତି ୟାରାଜୀ (୧୦୦ମି. ହର୍ଡଲ୍ସ), ଅନୁ ରାଣୀ (ଜାଭେଲିନ୍ ଥ୍ରୋ), ଆଭା ଖଟୁଆ (ସଟ୍ ପୁଟ୍), ଜ୍ୟୋତିକା ଶ୍ରୀ ଦାଣ୍ଡି, ଶୁଭ ଭେଙ୍କଟେଶାନ, ଭିଥୀ ରାଜରାଜ, ଏମ୍‌ଆର୍ ପୁଭାମା, ପ୍ରାଚୀ (୪ ଗୁଣା ୪୦୦ମି. ରିଲେ), ପ୍ରିୟଙ୍କା ଗୋସ୍ୱାମୀ (୨୦ କିମି ଚାଲି/ରେସ ୱାକ୍ ମିକ୍ସଡ ମାରାଥନ)।

# ଆଜିଠୁ ଭାରତ-ଦକ୍ଷିଣ ଆଫ୍ରିକା ମହିଳା ଟି-୨୦ ସିରିଜ

**ଚେନ୍ନାଇ, ୪।୭ (ଏଜେନ୍ସି):** ଭାରତ ଗସ୍ତରେ ଆସିଥିବା ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ଶୁକ୍ରବାରଠାରୁ ଘରୋଇ ଦଳ ବିପକ୍ଷରେ ଟି-୨୦ ସିରିଜ ଖେଳିବ। ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଟି-୨୦ ସିରିଜର ୩ଟି ଯାକ ମ୍ୟାଚ୍ ଖେଳାଯିବ। ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଘରୋଇ ଭାରତୀୟ ଦଳ ପୂର୍ବରୁ ଏକଦିବସୀୟ ସିରିଜକୁ ୩-୦ରେ ମୂଳପୋଛ କରିଥିଲା। ଏହାପରେ ଏକମାତ୍ର ଟେଷ୍ଟ ମ୍ୟାଚକୁ ୧୦ ୱିକେଟ୍‌ରେ ବଡ଼ ବ୍ୟବଧାନରେ ବିଜୟୀ ହୋଇ ଭାରତୀୟ ଦଳ ଟି-୨୦ ସିରିଜ ପୂର୍ବରୁ ମନୋବଳ ଦୃଢ଼ କରିଛି। ଏବେ ଟି-୨୦ ସିରିଜକୁ ଜିତି ଭାରତ ଏହି ସମ୍ପୂର୍ଣ୍ଣ ଦ୍ୱି-ପାକ୍ଷିକ ସିରିଜକୁ ହାତେଇବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଏକଦିବସୀୟ ଓ ଟେଷ୍ଟ ମ୍ୟାଚରେ ଶୋଚନୀୟ ଭାବେ ପରାସ୍ତ ହୋଇଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ଟି-୨୦ ସିରିଜ ଜିତି ସମ୍ମାନ ରଖିବା ଲକ୍ଷ୍ୟରେ ରହିଛି।

ଭାରତ ପକ୍ଷରୁ ଦୁଇ ଓପନର୍ ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ଚମତ୍କାର ଫର୍ମରେ ରହିଛନ୍ତି। ପ୍ରଥମେ ଖେଳାଯାଇଥିବା ଏକଦିବସୀୟ ସିରିଜର ୩ଟି ଯାକ ମ୍ୟାଚରେ ମନ୍ଧାନା ଯଥାକ୍ରମେ ୧୧୭, ୧୩୬ ଓ ୯୦ ରନର ଦର୍ଶନୀୟ ପାଳି ଖେଳିଥିଲେ। ଏହାପରେ ଏକମାତ୍ର ଟେଷ୍ଟରେ ମଧ୍ୟ ମନ୍ଧାନାଙ୍କ ବ୍ୟାଟିଂର ଯାଦୁ ଦେଖିବାକୁ ମିଳିଥିଲା। ପ୍ରଥମ ପାଳିରେ ସେ ୧୪୯ ରନ କରିଥିଲେ। ସେହିଭଳି ଶେଫାଳି ମଧ୍ୟ ଟେଷ୍ଟର ପ୍ରଥମ ପାଳିରେ ୨୦୫ ରନର ଦ୍ୱିଶତକୀୟ ବିଶ୍ୱରେକର୍ଡ ପାଳି ଖେଳିଥିଲେ। ଏହି ପାଳିରେ ସେ ଦ୍ରୁତତମ ଶତକ ଓ ଦ୍ୱିଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଥିଲେ। ହରମନପ୍ରୀତ୍ ମଧ୍ୟ ଏକଦିବସୀୟ ସିରିଜରେ ଯଥାକ୍ରମେ ୧୦, ୧୦୩* ଓ ୪୨ ରନ କରିଥିବାବେଳେ ଟେଷ୍ଟରେ ୬୯ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତେଣୁ ଏହି ୩ଜଣ ଟି-୨୦ ସିରିଜରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିବେ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଛି।

### ଟି-୨୦ ସିରିଜ କାର୍ଯ୍ୟସୂଚୀ

ପ୍ରଥମ ମ୍ୟାଚ୍: ଜୁଲାଇ ୫
ଦ୍ୱିତୀୟ ମ୍ୟାଚ୍: ଜୁଲାଇ ୭
ତୃତୀୟ ମ୍ୟାଚ୍: ଜୁଲାଇ ୯
ସମସ୍ତ ମ୍ୟାଚ୍ ରାତି ୭ରୁ ଆରମ୍ଭ ହେବ।

**ସିଧା ପ୍ରସାରଣ: ସ୍ପୋର୍ଟ୍ସ ୧୮**

# ତିନି ଜିଲ୍ଲାରେ ଓସିଏର ପ୍ରଶିକ୍ଷଣ ଶିବିର

**କଟକ,୪।୭(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ଦକ୍ଷତା ବିକାଶ ଅଭିଯାନ ଜାରି ରହିଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରତିଷ୍ଠା ହୋଇଥିବା କ୍ରିକେଟ ଏକାଡେମୀ ଗୁଡିକରେ ଓସିଏ ପକ୍ଷରୁ ଖେଳାଳିମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ, ସୁନ୍ଦରଗଡ଼ ଏବଂ ସୋନପୁରରେ ଶିବିର ଆୟୋଜନ କରାଯାଇଥିଲା। ଗତ ଏକ ସପ୍ତାହ ଧରି ଶିବିର ପରିଚାଳିତ ହୋଇଥିଲା। ଢେଙ୍କାନାଳରେ ୮୦ଜଣ, ସୋନପୁରରେ ୫୧ଜଣ ଏବଂ ସୁନ୍ଦରଗଡରେ ୫୬ ଜଣ ଖେଳାଳି ଶିବିରରେ ଅଂଶଗ୍ରହଣ କରିଥିଲେ। ଉପରୋକ୍ତ ତିନି ଜିଲ୍ଲାର ଆଥଲେଟିକ ସଂଘ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯାଇଥିଲା। ଓସିଏର ବୈଷୟିକ ନିର୍ଦ୍ଦେଶକ ଭି. ଭେଙ୍କଟରାମ ଶିବିର ପରିଚାଳନା କରିଥିଲେ। ପ୍ରଶିକ୍ଷକ ପ୍ରୀତମଜିତ ଦାସ ଏବଂ ସୌରଭ ସେହଗଲ ସହଯୋଗ କରିଥିଲେ ବୋଲି ଓସିଏ ପକ୍ଷରୁ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।



# ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ହେବାର ସ୍ୱପ୍ନ ରହିଛି: ସାତ୍ତ୍ୱିକ



**ଭୁବନେଶ୍ୱର, ୪।୭ (ସମିସ):** ୟୁରୋପ୍‌ର ଜର୍ଜିଆରେ ଅନୁଷ୍ଠିତ ଫିଡେ ୮ ବର୍ଷରୁ କମ୍ ଚେସ୍ ବିଶ୍ୱକପ୍‌ରେ କାଂସ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିବା ଓଡ଼ିଶାର କୁନି ଚେସ୍ ପ୍ରତିଭା ସାତ୍ତ୍ୱିକ ସ୍ୱାଇଁ ଗୁରୁବାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭୁବନେଶ୍ୱର ବିମାନ ବନ୍ଦରରେ ଅବତରଣ କରିବା ପରେ ତାଙ୍କ ପରିବାର, ଆସୋସିଏସନ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ତରଫରୁ ତାଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜର୍ଜିଆର ବାତୁମିଠାରେ ଅନୁଷ୍ଠିତ ଏହି ବିଶ୍ୱକପ୍‌ରେ ସେ ଚମତ୍କାର ପ୍ରଦର୍ଶନ କରିଥିଲେ। ଏହି ବିଶ୍ୱକପ୍‌ରେ ୮, ୧୦ ଓ ୧୨ ବର୍ଷରୁ କମ୍ ବର୍ଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସାତ୍ତ୍ୱିକ ୮ ବର୍ଷରୁ କମ୍ ବାଳକ ବର୍ଗରେ ୭ ରାଉଣ୍ଡରୁ ୬.୫ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଥିଲେ। ନିଜ ପ୍ରଦର୍ଶନରେ ସେ ଖୁସି ଜାହିର କରିଛନ୍ତି। ମାତ୍ର ୨ ବର୍ଷ ତଳୁ ଚେସ୍ ଖେଳିବା ଆରମ୍ଭ କରିଥିବା ସାତ୍ତ୍ୱିକ ଆଗକୁ ସେ ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ହେବାପାଇଁ ସ୍ୱପ୍ନ ଦେଖୁଛନ୍ତି ଓ ଏଥିପାଇଁ ସେ ପ୍ରୟାସ ଜାରି ରଖିବେ ବୋଲି କହିଛନ୍ତି। ମାତାପିତାଙ୍କୁ ସେ ତାଙ୍କ ସଫଳତାରର ଶ୍ରେୟ ପ୍ରଦାନ କରିଛନ୍ତି। ଆରମ୍ଭରୁ ୩ରୁ ୪ ଘଣ୍ଟା ଅଭ୍ୟାସ କରୁଥିବା ସାତ୍ତ୍ୱିକ ଏବେ ଦିନକୁ ୪ରୁ ୫ ଘଣ୍ଟା ଅଭ୍ୟାସ କରୁଛନ୍ତି। ଆତ୍ମବିଶ୍ୱାସ ଓ ଧୈର୍ଯ୍ୟର ସହ ଖେଳିବାକୁ ପିତା ସମ୍ବିତ ତାଙ୍କୁ ପରାମର୍ଶ ଦେଇଥିଲେ ବୋଲି ସେ କହିଛନ୍ତି। ବିଶ୍ୱକପ୍‌ରେ ୭ମ ରାଉଣ୍ଡ ମୁକାବିଲାରେ ସମୟ ଅବଧି କମ୍ ଥିବାରୁ ଟିକେ କଷ୍ଟ ହୋଇଥିଲା ବୋଲି ସେ କହିଛନ୍ତି। ଭବିଷ୍ୟତରେ ସେ ଜଣ ବଡ଼ ଚେସ୍ ତାରକା ହେବ ବୋଲି ତାଙ୍କ ପ୍ରଶିକ୍ଷକ ତଥା କିଙ୍ଗ୍ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ବିଶ୍ୱଜିତ୍ ରାୟ ଆଶା ପ୍ରକାଶ କରିଛନ୍ତି।

### ୧୯ ବର୍ଷରୁ କମ୍ ବାଳକ ଏକଦିବସୀୟ କ୍ରିକେଟ

# କିଟ୍, କଟକ-ଏ ବିଜୟୀ

**କଟକ,୪।୭(ସମିସ):** ଓସିଏ ଆନୁକୂଲ୍ୟରେ ଆୟୋଜିତ ୧୯ବର୍ଷରୁ କମ୍ ବାଳକ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କିଟ୍ ଏବଂ କଟକ-ଏ ବିଜୟୀ ହୋଇଛନ୍ତି। ବିଡ଼ାନାସୀ ଗ୍ରାଉଣ୍ଡରେ କିଟ୍ ଏବଂ ନୂଆପଡ଼ା ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ନୂଆପଡ଼ା ମାତ୍ର ୩୫ ରନରେ ଅଲଆଉଟ ହୋଇଥିଲା। ସ୍ୱୟଂ ମେହେର ସର୍ବାଧିକ ୧୦ ରନ କରିଥିଲେ। କିଟ୍ ପକ୍ଷରୁ ସ୍ୱୟଂ ପଣ୍ଡା ଏବଂ ସାର୍ଥକ କୁମାର ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ୧୦.୨ ଓଭରରେ ଦୁଇ ୱିକେଟ ହରାଇ କିଟ୍ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅପରାଜିତ ୧୭ ରନର ପାଳି ଖେଳିଥିବା ସ୍ୱୟଂଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ସେହିପରି ଏମଜିଏମ ସ୍ପୋର୍ଟସ ଗ୍ରାଉଣ୍ଡରେ କଟକ-ଏ ୬ ୱିକେଟରେ ରାୟଗଡ଼ାକୁ ହରାଇଛି। ରାୟଗଡ଼ା ୮ ୱିକେଟ ହରାଇ ୯୦ ରନ ସଂଗ୍ରହ କରିଥିଲା। ଥୋଟା ଏଲ କୁମାର ୨୫ ରନ କରିଥିଲେ। କଟକ-ଏ ତରଫରୁ ଜନ୍ମେଜୟ ଜେନାଙ୍କୁ ୨ଟି ୱିକେଟ ମିଳିଥିଲା। ୯୧ ରନର ଲକ୍ଷ୍ୟକୁ ପିଛା କରି କଟକ-ଏ ୮.୪ ଓଭରରେ ୪ ୱିକେଟ ହରାଇ ବିଜୟ ହାସଲ କରିଥିଲା। ଚନ୍ଦନ ସାହୁ ୨୮ ବଲରୁ ୪୨ରନ୍‌ର ଦ୍ରୁତ ପାଳି ଖେଳିଥିଲେ। ରାୟଗଡାର ଦେବାଂଶୁ ସ୍ୱାଇଁ ୨ଟି ୱିକେଟ ଦଖଲ କରିଥିଲେ। ଅନ୍ୟପକ୍ଷରେ ଗୁରୁବାର ଖେଳାଯିବାକୁ ଥିବା ଅନ୍ୟ ୪ଟି ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି।



# ଓସିଏଲ୍‌ରେ ବର୍ଷା ବାଧକ; ୩ ମ୍ୟାଚ୍ ବାତିଲ୍

**କଟକ,୪।୭(ସମିସ):** ଲଗାଣ ବର୍ଷା ଯୋଗୁଁ ଓଡ଼ିଶା କ୍ରିକେଟ ଲିଗ(ଓସିଏଲ)ରେ ଗୁରୁବାର ଖେଳାଯିବାକୁ ଥିବା ମ୍ୟାଚ୍ ବାଧାପ୍ରାପ୍ତ ହେଉଛି। ଜୁଲାଇ ମାସରେ ଆୟୋଜିତ ଏହି ଘରୋଇ ଟୁର୍ଣ୍ଣାମେଣ୍ଟକୁ ସଠିକ ଭାବେ ପରିଚାଳନା କରିବା ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ନିମନ୍ତେ ଯେପରି କଷ୍ଟକର ହୋଇ ପଡ଼ିଲାଣି। ଓଦା ଆଉଟଫିଲ୍ଡ ଏବଂ ପିଚ୍ ଯୋଗୁଁ ଗୁରୁବାର ଖେଳାଯିବାକୁ ଥିବା ତିନୋଟି ଯାକ ମ୍ୟାଚ୍ ବାଧ ହୋଇ ବାତିଲ କରିଛି ଓସିଏ। ଗୁରୁବାର ତିନୋଟି ମ୍ୟାଚ୍ ଖେଳାଯାଇଥାନ୍ତା। ପୂର୍ବାହ୍ନରେ ଓଡ଼ିଶା ଜାଗୁଆର୍ସ-ଓଡ଼ିଶା ପୁମାସ୍, ଅପରାହ୍ନରେ ଓଡ଼ିଶା ଚିତାସ୍-ଓଡ଼ିଶା ଟାଇଗର୍ସ ଏବଂ ରାତିରେ ଓଡ଼ିଶା ଲାୟନ୍ସ ଏବଂ ଓଡ଼ିଶା ପାନ୍ଥର୍ସ ମଧ୍ୟରେ ମୁକାବିଲା ହୋଇଥାନ୍ତା। କିନ୍ତୁ ଲଘୁଚାପ ବର୍ଷା ଗୁରୁବାର ଦିନସାରା ଲାଗି ରହିଥିବାରୁ ଉପରୋକ୍ତ ତିନୋଟି ଯାକ ମ୍ୟାଚ୍ ବାତିଲ ହୋଇଛି। ଏହା ଭିତରୁ ପ୍ରଥମ ତଥା ଓଡ଼ିଶା ଜାଗୁଆର୍ସ-ଓଡ଼ିଶା ପୁମାସ ମ୍ୟାଚ୍ ଶୁକ୍ରବାର ରାତିରେ ଖେଳାଯିବ। ବୁଧବାର ମ୍ୟାଚ୍ ମଧ୍ୟ ଶୁକ୍ରବାର ଖେଳାଯିବାକୁ ଧାର୍ଯ୍ୟ ହୋଇଛି।

### କୋପା ଆମେରିକା କ୍ୱାର୍ଟର ପର୍ଯ୍ୟାୟ

# ଇକ୍ୱେଡର ବିପକ୍ଷରେ ଆର୍ଜେଣ୍ଟିନା ଫେବରାଇଟ୍

**ହଷ୍ଟନ,୪।୭(ଏଜେନ୍ସି):** ଆମେରିକାର ଚାଲିଥିବା କୋପା ଆମେରିକା ଫୁଟବଲ ଟୁର୍ଣ୍ଣାମେଣ୍ଟର ୪୮ତମ ସଂସ୍କରଣର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶୁକ୍ରବାରଠାରୁ ଆରମ୍ଭ ହେବ। ଟେକ୍ସାସର ହଷ୍ଟନସ୍ଥିତ ଏନ୍‌ଆର୍‌ଜି ଷ୍ଟାଡିୟମରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଓ ଇକ୍ୱେଡର ପ୍ରଥମ କ୍ୱାର୍ଟର ଫାଇନାଲ ମୁକାବିଲାରେ ପରସ୍ପରକୁ ଭେଟିବେ। ଏହି ନିର୍ଣ୍ଣାୟକ ମୁକାବିଲାରେ ସୁପରଷ୍ଟାର ଲିଓନେଲ ମେସିଙ୍କ ଖେଳିବା ନେଇ ଆଶଙ୍କା ରହିଛି। ତେବେ ଦଳର ପ୍ରଶିକ୍ଷକ ଲିଓନେଲ ସ୍କାଲୋନୀ ଅନ୍ତିମ ଦଳ ଘୋଷଣା ପର୍ଯ୍ୟନ୍ତ ଅପେକ୍ଷା କରିବେ ବୋଲି କହିଛନ୍ତି। ମେସି ହାମଷ୍ଟ୍ରିଂ ଇଞ୍ଜୁରୀ କାରଣରୁ ପେରୁ ବିପକ୍ଷ ଅନ୍ତିମ ଗ୍ରୁପ୍ ମ୍ୟାଚ୍ ଖେଳି ନଥିଲେ। ଯଦି ମେସି ଫିଟ୍ ନ ହେବେ ତେବେ ଶ୍ରେଷ୍ଠ ଦଳ ସହ ପଡିଆକୁ ଓହ୍ଲାଇବୁ ବୋଲି ସ୍କୋଲାନୀ କହିଛନ୍ତି।



**ମେସି ଖେଳିବା ନେଇ ଆଶଙ୍କା**

୧୫ଥର ଟାଇଟଲ ହାସଲ କରିଥିବା କୋପା ଆମେରିକାର ସଫଳତମ ଦଳ ଆର୍ଜେଣ୍ଟିନା ଏହି ମ୍ୟାଚ୍‌ରେ ଫେବରାଇଟ ବିବେଚିତ ହେଉଛି। ଗ୍ରୁପ୍ ଏ'ରେ ଆର୍ଜେଣ୍ଟିନା ୩ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟ ହାସଲ କରି ୯ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ କ୍ୱାର୍ଟରକୁ ଉଠିଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଆର୍ଜେଣ୍ଟିନା ତା'ର ପ୍ରଥମ ମୁକାବିଲାରେ କାନାଡାକୁ ୨-୦ ଗୋଲରେ ପରାସ୍ତ କରିବା ପରେ ଦ୍ୱିତୀୟ ମୁକାବିଲାରେ ଚିଲିକୁ ୧-୦ ଗୋଲରେ ହରାଇଥିଲା। ଶେଷରେ ଅନ୍ତିମ ମୁକାବିଲାରେ ଆର୍ଜେଣ୍ଟିନା ୨-୦ ଗୋଲରେ ପେରୁକୁ ପରାସ୍ତ କରିଥିଲା। ୩ଟି ମ୍ୟାଚ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ଆର୍ଜେଣ୍ଟିନା କୌଣସି ମ୍ୟାଚ୍‌ରେ ବୃହତ୍ ବିଜୟ ହାସଲ କରି ନଥିଲା। ଅର୍ଥାତ ଆର୍ଜେଣ୍ଟିନା ନିଜର ଦକ୍ଷତା ଅନୁରୂପ ଖେଳ ପ୍ରଦର୍ଶନ କରିପାରି ନାହିଁ ବୋଲି କୋଚ୍ ସ୍କାଲୋନୀ ହୃଦୟଙ୍ଗମ କରିଥିବେ। ମେସି ଅନୁପସ୍ଥିତି ରହିଲେ ମଧ୍ୟ ଆର୍ଜେଣ୍ଟିନା ବିଜୟୀ ହେବା ସହ ବଡ଼ ବ୍ୟବଧାନରେ ବିଜୟୀ ହେବାକୁ ପ୍ରୟାସ କରିବ। ଅପରପକ୍ଷରେ ଇକ୍ୱେଡର ଗ୍ରୁପ୍ ବି'ରେ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ଡ୍ର ଓ ପରାଜୟ ସହ ୪ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟରକୁ ଉଠିଛି। ଏହି ଗ୍ରୁପ୍‌ରେ ମେକ୍ସିକୋ ସମାନ ୪ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ ବ୍ୟବଧାନରେ ପଛରେ ରହି ତୃତୀୟ ସ୍ଥାନରେ ରହି କ୍ୱାର୍ଟରକୁ ଉଠିପାରି ନଥିଲା। ପ୍ରଥମ ଗ୍ରୁପ୍ ମ୍ୟାଚ୍‌ରେ ଇକ୍ୱେଡର ୧-୨ ଗୋଲରେ ଭେନେଜୁଏଲାଠାରୁ ପରାସ୍ତ ହୋଇଥିଲା। ଏହାପରେ ଦ୍ୱିତୀୟ ମୁକାବିଲାରେ ଇକ୍ୱେଡର ୩-୧ ଗୋଲରେ ଜାମାଇକାକୁ ପରାସ୍ତ କରିଥିଲା। ତେବେ ମେକ୍ସିକୋ ବିପକ୍ଷ ଅନ୍ତିମ ଗ୍ରୁପ୍ ମ୍ୟାଚ୍‌କୁ ଇକ୍ୱେଡର ଡ୍ର ରଖିଥିଲା। ଦଳର ଭଲ ପ୍ରଦର୍ଶନ ନେଇ ଇକ୍ୱେଡର କୋଚ୍ ଫେଲିକ୍ସ ସାଞ୍ଚେଜ୍ ଆଶାବାଦୀ ଅଛନ୍ତି। ଇକ୍ୱେଡର କୋପା ଆମେରିକାର ୧୯୫୯ ଓ ୨୦୧୬ରେ ଚତୁର୍ଥ ସ୍ଥାନରେ ରହି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା।

### ୟୁରୋକପ୍ କ୍ୱାର୍ଟର ମୁକାବିଲା ଆଜିଠୁ

# ରୋନାଲ୍ଡୋ-ଏମ୍‌ବାପ୍ପେ ଟକ୍କର



**ଷ୍ଟର୍ଟଗାର୍ଟ,୪।୭(ଏଜେନ୍ସି):** ଜର୍ମାନୀରେ ଚାଲିଥିବା ୟୁରୋକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ୧୭ତମ ସଂସ୍କରଣର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶୁକ୍ରବାରଠାରୁ ଆରମ୍ଭ ହେବ। ପ୍ରଥମ ଦିନରେ ଦୁଇଟି କ୍ୱାର୍ଟର ଫାଇନାଲ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଜର୍ମାନୀ ଓ ସ୍ପେନ୍ ପରସ୍ପରକୁ ଭେଟିବେ। ସେହିପରି ବିଳମ୍ବିତ ରାତିରେ ଦ୍ୱିତୀୟ ମୁକାବିଲାରେ ପର୍ତ୍ତୁଗାଲ ଓ ଫ୍ରାନ୍ସ ମୁହାଁମୁହିଁ ହେବେ। ବିଶ୍ୱ ଫୁଟବଲରେ ଏହି ୪ଟି ଯାକ ଦଳ ବେଶ୍ ଶକ୍ତିଶାଳୀ ବିବେଚିତ ହୁଅନ୍ତି। ତେଣୁ ଦୁଇଟି ଯାକ ମୁକାବିଲରେ କଡ଼ା ସଂଘର୍ଷ ଦେଖିବାକୁ ମିଳିବ।

ୟୁରୋକପ୍‌ର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମୁକାବିଲାରେ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପର୍ତ୍ତୁଗାଲ ଓ କିଲିଆନ ଏମ୍‌ବାପ୍ପେଙ୍କ ଫ୍ରାନ୍ସ ଶୁକ୍ରବାର ମୁହାଁମୁହିଁ ହେବେ। ୟୁରୋକପ୍‌ରେ ଫ୍ରାନ୍ସ ଦୁଇଥର ଟାଇଟଲ ହାସଲ କରିଥିବା ବେଳେ ଥରେ ରନର୍ସଅପ ହୋଇଛି। ସେହିପରି ପର୍ତ୍ତୁଗାଲ ଥରେ ଲେଖାଏ ଚାମ୍ପିଅନ ଓ ରନର୍ସଅପ୍ ହୋଇଛି। ଦୁଇ ଦେଶରେ ଫୁଟବଲ ସଂସ୍କୃତି ବେଶ୍ ବଳିଷ୍ଠ ରହିଛି। ଗ୍ରୁପ୍ ଡି'ରେ ଫ୍ରାନ୍ସ ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୨ଟି ଡ୍ର ସହ ୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ରାଉଣ୍ଡ ଅଫ୍ ୧୬କୁ ଉଠିଥିଲା ଓ ଏଥିରେ ୧-୦ ଗୋଲରେ ବେଲଜିୟମକୁ ହରାଇ କ୍ୱାର୍ଟରକୁ ଉଠିଥିଲା। ଅନ୍ୟପଟେ ପର୍ତ୍ତୁଗାଲ ଗ୍ରୁପ୍ ଏଫ୍'ରେ ୩ଟି ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ପରାଜୟ ୬ ପଏଣ୍ଟ ପାଇ ଶୀର୍ଷରେ ପ୍ରି-କ୍ୱାର୍ଟରକୁ ଉଠିଥିଲା। ଏଥିରେ ପର୍ତ୍ତୁଗାଲ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୩-୦ ଗୋଲରେ ସ୍ଲୋଭେନିଆକୁ ହରାଇ କ୍ୱାର୍ଟରକୁ ଉଠିଥିଲା। ପ୍ରଦର୍ଶନ, ସାମର୍ଥ୍ୟ ଓ ରେକର୍ଡ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଉଭୟ ବରାବର ସ୍ଥିତିରେ ରହିଛନ୍ତି। ତେଣୁ ଏହି ମୁକାବିଲା ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ରୋନାଲ୍ଡୋ ଓ ଏମ୍‌ବାପ୍ପେଙ୍କ ଉପରେ ସମସ୍ତଙ୍କ ନଜର ରହିଛି।

### ସ୍ପେନ-ଜର୍ମାନୀ କ୍ୱାର୍ଟର ଆଜି

ଆୟୋଜକ ଜର୍ମାନୀ ଗ୍ରୁପ୍ ଏ'ରେ ୩ଟି ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ହାସଲ କରି ଶୀର୍ଷରେ ରହି ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲା ଓ ଏଥିରେ ଡେନମାର୍କକୁ ୨-୦ ଗୋଲରେ ହରାଇ କ୍ୱାର୍ଟରକୁ ଉଠିଥିଲା। ସେହିପରି ସ୍ପେନ୍ ଗ୍ରୁପ୍ ବି'ରେ ୩ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟୀ ହୋଇ ୯ ପଏଣ୍ଟ ପାଇ ପ୍ର- କ୍ୱାର୍ଟରକୁ ଉଠିଥିଲା ଓ ଏଥିରେ ୪-୧ ଗୋଲରେ ଜର୍ଜିଆକୁ ପରାସ୍ତ କରି କ୍ୱାର୍ଟରକୁ ଉଠିଥିଲା। ଘରୋଇ ପରିବେଶରୁ ଜର୍ମାନୀ ଫାଇଦା ଉଠାଇବା ଲକ୍ଷ୍ୟରେ ରହିଥିôବା ବେଳେ ସ୍ପେନ୍ ଜବରଦସ୍ତ ଫର୍ମରେ ରହିଛି। ସ୍ପେନ୍ ଓ ଜର୍ମାନୀ ୩ଥର ଲେଖାଏ ୟୁରୋକପ ଟାଇଟଲ ହାସଲ କରି ସଫଳତମ ଦଳ ବିବେଚିତ ହେଉଛନ୍ତି। ଜର୍ମାନୀ ୩ଥର ଓ ସ୍ପେନ ଥରେ ରନର୍ସଅପ୍ ହୋଇଛି। ତେଣୁ ଏହି ମ୍ୟାଚ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

### ଆଜିର କ୍ୱାର୍ଟର ମୁକାବିଲା

- ସ୍ପେନ୍- ଜର୍ମାନୀ । ଷ୍ଟର୍ଟଗାର୍ଟ । ରାତି ୯.୩୦
- ପର୍ତ୍ତୁଗାଲ- ଫ୍ରାନ୍ସ । ହାମବର୍ଗ । ରାତି ୧୨.୩୦

**ପ୍ରସାରଣ -: ସୋନି ସ୍ପୋର୍ଟ୍ସ ନେଟୱର୍କ**

ସକାଳର ସ୍ୱାସ୍ଥ୍ୟ

# ସର୍ଭାଇକାଲ କ୍ୟାନ୍ସର

## ଟିକାକରଣ ଓ ଯାଞ୍ଚ ଜରିଆରେ ନିରାକରଣ



**ମହିଳାଙ୍କ କ୍ଷେତ୍ରରେ ସର୍ଭାଇକାଲ କ୍ୟାନ୍ସର (ଗର୍ଭାଶୟ ଗ୍ରୀବା କର୍କଟ) ସଂପ୍ରତି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି । ଜରାୟୁର ନିମ୍ନଭାଗ, ଯାହା ଯୋନି ସହିତ ସଂଯୁକ୍ତ ହୋଇଥାଏ, ତାହାକୁ କେନ୍ଦ୍ରକରି ସର୍ଭିକ୍ସ ରହିଛି । ସବୁ ବୟସ ବର୍ଗର ମହିଳାଙ୍କୁ ଏହି ସର୍ଭାଇକାଲ କ୍ୟାନ୍ସର ଆକ୍ରାନ୍ତ କରିପାରେ । ତେବେ ୩୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ମହିଳାଙ୍କ କ୍ଷେତ୍ରରେ ଏହା ଅଧିକ ପରିଲକ୍ଷିତ ହୁଏ । ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ ହୋଇପାରିଲେ ସର୍ଭାଇକାଲ କ୍ୟାନ୍ସର୍ ଆରୋଗ୍ୟସାଧ ।**






ଡା. ସଂଗ୍ରାମ କେଶରୀ ପଣ୍ଡା

ସର୍ଭାଇକାଲ କ୍ୟାନ୍ସରର ମୁଖ୍ୟ କାରଣ ହେଉଛି ହ୍ୟୁମାନ ପାପିଲୋମା ଭାଇରସ୍ (ଏଚ୍‌ପିଭି) ର ଲଗାତାର ସଂକ୍ରମଣ ରହିବା । ଏହା ଏକ ସାଧାରଣ ଭୂତାଣୁ, ଯାହା ଯୌନ ସଂସର୍ଗ ଦ୍ୱାରା ବ୍ୟାପିଥାଏ । ଅଧିକାଂଶ ଏଚ୍‌ପିଭି ସଂକ୍ରମଣ ଆପେ ଆପେ ଭଲ ହୋଇଯାଉଥିବାବେଳେ କିଛି ଷ୍ଟ୍ରେନ୍ ଅଧିକ କାଳ ରହି ସର୍ଭିକ୍ସରେ ଅସ୍ୱାଭାବିକ କୋଷିକା ଅଭିବୃଦ୍ଧି କ୍ୟାନ୍ସର ସୃଷ୍ଟି କରିଥାଏ ।

ସର୍ଭାଇକାଲ କ୍ୟାନ୍ସର ଆଦ୍ୟାବସ୍ଥାରେ କ୍ୱଚିତ୍ ଲକ୍ଷଣ ପ୍ରକାଶ କରିଥାଏ । ସେଥିପାଇଁ ଆଦ୍ୟ ଚିହ୍ନଟ ନିମନ୍ତେ ନିୟମିତ ଯାଞ୍ଚ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାଧାରଣ ଯାଞ୍ଚ ପଦ୍ଧତି ମଧ୍ୟରେ ରହିଛି ପାପ୍ ସ୍ମିଅର୍ସ ଏବଂ ଏଚ୍‌ପିଭି ପରୀକ୍ଷଣ । ଏହି ପରୀକ୍ଷାଗୁଡ଼ିକ ସର୍ଭିକ୍ସରେ ପ୍ରାକ୍ କର୍କଟ ପରିବର୍ତ୍ତନ ଚିହ୍ନଟ କରିପାରିବ, ଯାହା କର୍କଟ ରୋଗ ସୃଷ୍ଟି ହେବା ପୂର୍ବରୁ ଚିକିତ୍ସା କରାଯାଇପାରିବ ।

ପ୍ରାରମ୍ଭରେ ସର୍ଭାଇକାଲ କ୍ୟାନ୍ସରର ଲକ୍ଷଣ ହୁଏତ ପ୍ରକାଶ ପାଇନପାରେ, କିନ୍ତୁ ଏହା ଅଧିକ ଖରାପ ଆଡ଼କୁ ଗତିକଲେ, କେତେକ ଲକ୍ଷଣ ପ୍ରକାଶ ପାଇପାରେ । ଋତୁସ୍ରାବ ମଧ୍ୟବର୍ତ୍ତୀ ସମୟରେ ଓ ଯୌନ ସମ୍ପର୍କ ସ୍ଥାପନ ପରେ ଯୋନିରୁ ଅସ୍ୱାଭାବିକ ରକ୍ତସ୍ରାବ, ଯୌନ ସମ୍ପର୍କ ସମୟରେ ପିଠିର ନିମ୍ନ ଭାଗ ଅଥବା ପେଲ୍‌ଭିସ୍‌ରେ ଯନ୍ତ୍ରଣା, ଯୋନିରୁ ଅସ୍ୱାଭାବିକ କ୍ଷରଣ ଆଦି ଏହି ରୋଗର ପ୍ରାରମ୍ଭିକ ଲକ୍ଷଣ ବୋଲି କୁହାଯାଇପାରେ ।

**ବିପଜ୍ଜନକର କାରଣ:** ଅତ୍ୟଧିକ ଧୂମପାନ, ଦୁର୍ବଳ ରୋଗ ପ୍ରତିରୋଧ ଶକ୍ତି, ଏକାଧିକ ଯୌନ ସାଥୀ, କମ୍ ବୟସରେ ଯୌନ ସମ୍ପର୍କ ସ୍ଥାପନ, ବଂଶାନୁକ୍ରମିକ ପୃଷ୍ଠଭୂମି ଆଦି କାରଣରୁ ସର୍ଭାଇକାଲ କର୍କଟ ଅଧିକ ବିପଜ୍ଜନକ ହୋଇଥାଏ ।

### ନିରାକରଣ ଓ ଚିକିତ୍ସା

ସର୍ଭାଇକାଲ କ୍ୟାନ୍ସର ନିରାକରଣର ଦୁଇ ମୁଖ୍ୟ ରଣକୌଶଳ ହେଉଛି ଟିକାକରଣ ଏବଂ ନିୟମିତ ଯାଞ୍ଚ । ଗର୍ଭାଶୟ ଗ୍ରୀବା କର୍କଟ ସହିତ ସର୍ବାଧିକ ସଂଶ୍ଳିଷ୍ଟ ଏଚ୍‌ପିଭିର କେତେକ ଷ୍ଟ୍ରେନ୍ ଜନିତ ସଂକ୍ରମଣର ନିରାକରଣ ନିମନ୍ତେ ଏଚ୍‌ପିଭି ଟିକାକରଣ ଅତ୍ୟନ୍ତ ସଫଳ ହୋଇପାରୁଛି । ଏହା ୯ ବର୍ଷ ବୟସରୁ ଆରମ୍ଭ କରି ଉଭୟ ବାଳକ ଓ ବାଳିକାମାନଙ୍କ ପାଇଁ ସୁପାରିସ କରାଯାଉଛି । ଏହି ଟିକା ୨୬ ବର୍ଷ ବୟସ ପର୍ଯ୍ୟନ୍ତ ଦିଆଯାଇପାରିବ । ଆଦ୍ୟ ଚିହ୍ନଟ ନିମନ୍ତେ ନିୟମିତ ପାପ୍ ସ୍ମିଅର୍ସ ଅଥବା ଏଚ୍‌ପିଭି ପରୀକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବୟସ ଅଥବା ଆପଦ ଦିଗଗୁଡ଼ିକୁ ବିଚାର କରି ଯାଞ୍ଚ ଭିନ୍ନ ହୋଇପାରେ ।

ସେହିପରି ସର୍ଭାଇକାଲ କ୍ୟାନ୍ସର ଚିକିତ୍ସା, ଏହାର ପର୍ଯ୍ୟାୟ ବା ସ୍ଥିତି ଏବଂ ଗମ୍ଭୀରତା ଉପରେ ନିର୍ଭର କରେ । ଏଥିରେ ଅସ୍ତ୍ରୋପଚାର, ରେଡିଏସନ୍ ଚିକିତ୍ସା, କେମୋଥେରାପି, ଅଥବା ଏସବୁର ସମ୍ମିଶ୍ରଣ ରହିପାରେ । ଆଦ୍ୟ ଅବସ୍ଥାରେ ଚିହ୍ନଟ ଦ୍ୱାରା ଉଲ୍ଲେଖନୀୟ ଭାବରେ ଚିକିତ୍ସାର ସଫଳତା ହାରରେ ଉନ୍ନତି ଘଟିଥାଏ ଏବଂ ଏହା କମ୍ ଅସ୍ତ୍ରୋପଚାର ଚିକିତ୍ସା ଆବଶ୍ୟକ କରେ ।

### ଆଦ୍ୟ ଚିହ୍ନଟ ସୂଚନା

- ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିୟମିତ ପାପ୍ ସ୍ମିଅର୍ସ୍ ଅଥବା ଏଚ୍‌ପିଭି ପରୀକ୍ଷା ଚିହ୍ନଟ ସମୟ ଧାର୍ଯ୍ୟ କରନ୍ତୁ ।
- ସମ୍ଭାବ୍ୟ ଲକ୍ଷଣଗୁଡ଼ିକ ସମ୍ପର୍କରେ ଅବଗତ ରୁହନ୍ତୁ । କୌଣସି ପ୍ରକାର ଅସ୍ୱାଭାବିକ ପରିବର୍ତ୍ତନ ଲକ୍ଷ୍ୟକଲେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।
- ଧୂମପାନ ନ କରି ଏବଂ ମଦ୍ୟପାନକୁ ସୀମିତ ରଖି ତଥା ଏକ ସନ୍ତୁଳିତ ଖାଦ୍ୟାଭ୍ୟାସ କରି ଏକ ସୁସ୍ଥ ଜୀବନଶୈଳୀ ବଜାୟ ରଖନ୍ତୁ ।
- ଏଚ୍‌ପିଭିରୁ ସୁରକ୍ଷିତ ରହିବାକୁ ଟିକା ନିଅନ୍ତୁ ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି , ଟିକା ନେଇ ଏବଂ ନିୟମିତ ଯାଞ୍ଚ କରାଇବା ଭଳି ସରଳ ପଦକ୍ଷେପଗୁଡିକ ଆପଣାଇ ସର୍ଭାଇକାଲ କ୍ୟାନ୍ସରକୁ ଅନେକାଂଶରେ ଏଡ଼ାଇ ପାରିବେ । ନିଜ ସ୍ୱାସ୍ଥ୍ୟର ଉପଯୁକ୍ତ ଭାବେ ଯତ୍ନ ନେଇ ଏବଂ ପ୍ରତିଷେଧମୂଳକ ପଦକ୍ଷେପଗୁଡ଼ିକ ସମ୍ପର୍କରେ ଶିକ୍ଷାଲାଭ କରି, ଆପଣ ଏହି ଧରଣର କର୍କଟରେ ଆକ୍ରାନ୍ତ ହେବା ବିପଦକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିପାରିବେ ।

କନ୍ସଲଟାଣ୍ଟ-ସର୍ଜିକାଲ ଅଙ୍କୋଲୋଜି

# ପାୱାର ୱାକିଂରୁ କମିବ ଓଜନ

ଓଜନ ହ୍ରାସ ପାଇଁ ଏବେ ଟ୍ରେଣ୍ଡରେ ରହିଛି ପାୱାର ୱାକିଂ । ଏହା ଏକ ଏରୋବିକ୍ ବ୍ୟାୟାମ । ଏଥିରେ ଜୋର୍ କରି ଚାଲିବାକୁ ହୋଇଥାଏ । ଏହି ବ୍ୟାୟାମ କରିବା ସମୟରେ କାନ୍ଧକୁ ସିଧା ରଖି ହାତକୁ ୯୦ ଡିଗ୍ରୀରେ ହଲାଇବାକୁ ପଡ଼େ । ଗୋଡ଼କୁ ସିଧା ରଖି ଧୀରେ ଧୀରେ ଚାଲିବା ଗତିକୁ ବଢ଼ାଇବାକୁ ହୁଏ । ଲମ୍ବା ଲମ୍ବା ପାହୁଣ୍ଡରେ ପ୍ରାୟ ୩୦ ମିନିଟ୍ ଚାଲିବା ଦ୍ୱାରା ଅଧିକ କ୍ୟାଲୋରୀ ହ୍ରାସ କରିବାକୁ ସହଜ ହୋଇଥାଏ ।

ଫିଜିକାଲ ଏକ୍ଟିଭିଟି ଆଣ୍ଡ ନ୍ୟୁଟ୍ରିଶନ ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନ ମୁତାବକ, ନିୟମିତ ପାୱାର ୱାକିଂ କରିବା ଦ୍ୱାରା ଶରୀରକୁ ଶକ୍ତି ମିଳେ । ଚର୍ବି ହ୍ରାସ ହୁଏ । ପାୱାର ୱାକିଂ ଘଣ୍ଟା ପିଛା ୫୬୦ କ୍ୟାଲୋରୀ କମାଇବାରେ ସହାୟକ ହୁଏ ।

ଏହି ବ୍ୟାୟାମ ହୃଦୟ ଏବଂ ଫୁସ୍‌ଫୁସ୍ କାର୍ଯ୍ୟ ପ୍ରଣାଳୀକୁ ସୁଧାରି ଏହାକୁ ଶକ୍ତ କରେ । ଶ୍ୱାସ ସମ୍ବନ୍ଧୀୟ ସମସ୍ୟା ଦୂର ହୁଏ । ଶରୀରର ମାଂସପେଶୀ ସମ୍ପ୍ରସାରଣ ଓ ସକ୍ରିୟ ରୁହେ । ମଧୁମେହ ଜୀବନଶୈଳୀକୁ ପ୍ରଭାବିତ କରୁଥିବାରୁ ପାୱାର ୱାକିଂ ଜରିଆରେ ଏହି ରୋଗ ଆଶଙ୍କାକୁ କମ୍ କରିପାରିବେ ।



# ଯକୃତ୍ ସୁସ୍ଥତାକୁ ସୂଚାଏ ଏସ୍‌ଜିପିଟି ଟେଷ୍ଟ

**ସମ୍ପ୍ରତି ଫ୍ୟାଟି ଲିଭର, ଲିଭର ସିରୋସିସ୍, ଯକୃତ୍ ଅଚଳ ଆଦି ସମସ୍ୟା ଅଧିକ ଚିନ୍ତା ବୃଦ୍ଧି କରାଇଛି । ଏହି ରୋଗ ଆରମ୍ଭରୁ ଚିହ୍ନଟ କରି ଚିକିତ୍ସା ନ କଲେ, ପରିସ୍ଥିତି ଅତି ଜଟିଳ ହୋଇଥାଏ । ତେଣୁ ଏହି ରୋଗ ଚିହ୍ନଟ ପାଇଁ ଥିବା ପରୀକ୍ଷା ମଧ୍ୟରୁ ଏସ୍‌ଜିପିଟି ଟେଷ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଥିରେ ମୁଖ୍ୟତଃ ଯକୃତ୍ ସମ୍ବନ୍ଧୀୟ ରୋଗ ବିଷୟରେ ଜଣାପଡ଼ିଥାଏ ।**



ଏସ୍‌ଜିପିଟିକୁ ସିରମ୍ ଗ୍ଲୁଟାମିକ୍ ପାଇରୁବିକ୍ ଟ୍ରାନ୍ସଏମିନେସ କୁହାଯାଏ । ଏହା ଏକପ୍ରକାର ଲିଭର ଏନ୍‌ଜାଇମ୍, ଯାହା ଯକୃତ୍‌ରେ ଥାଏ । ଶରୀରରେ ଏସ୍‌ଜିପିଟି ସ୍ତରରୁ ହିଁ ଯକୃତ୍ ସୁସ୍ଥତା ବିଷୟରେ ଜଣାପଡ଼େ । ଟେଷ୍ଟ ପାଇଁ ରକ୍ତ ନମୁନା ନିଆଯାଇ ସେଥିରେ ଏସ୍‌ଜିପିଟି ସ୍ତର ପରୀକ୍ଷା କରାଯାଏ । ଶରୀରରେ ୭ ରୁ ୫୬ ମଧ୍ୟରେ ଏସ୍‌ଜିପିଟି ରହିବା କଥା । ଏହି ଅନୁପାତରୁ ଅତ୍ୟଧିକ ହେଲେ, କିମ୍ବା କୌଣସି ବି ସଂକ୍ରମଣ ଯକୃତକୁ ପ୍ରଭାବିତ କଲେ, ଏସଜିପିଟି ସ୍ତର ବୃଦ୍ଧି ପାଇ ଯକୃତ ଅଚଳ ହେବାର ଆଶଙ୍କା ଥାଏ । ମୁଖ୍ୟତଃ ଏସ୍‌ଜିପିଟି ସ୍ତର ୨ରୁ ୩ଗୁଣ ଅଧିକ ହେଲେ ଫ୍ୟାଟି ଲିଭର, ୫ରୁ ୧୦ ଗୁଣାରୁ ଅଧିକ ହେଲେ ଯକୃତ ସଂକ୍ରମଣକୁ ସୂଚାଇଥାଏ ।

**କାହିଁକି ବଢ଼େ ଏସ୍‌ଜିପିଟିସ୍ତର:** ମୋଟାପା, ନିଶାସେବନ, ଖାଦ୍ୟପେୟ ଶୈଳୀରୁ ଏସ୍‌ଜିପିଟି ବୃଦ୍ଧି ପାଏ । ପିତ୍ତଥଳି ଫୁଲିବା, ହେପାଟାଇଟିସ୍ ସଂକ୍ରମଣ କାରଣ ମଧ୍ୟ ଅନ୍ୟତମ । ଟେଷ୍ଟରେ ଏସଜିପିଟି ସ୍ତର ଅଧିକ ହେଲେ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରିବା ଜରୁରି ।

**ଫାଷ୍ଟଫୁଡ୍‌କୁ ନା:** ଦୈନନ୍ଦିନ ଖାଦ୍ୟପେୟ ଓ ବ୍ୟାୟାମକୁ ଧ୍ୟାନ ଦେବା ଜରୁରି । ଓଜନ ନିୟନ୍ତ୍ରଣ ସହ ଫାଷ୍ଟଫୁଡ୍ ଏବଂ ମାଦକଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ ।

ସ୍ୱାସ୍ଥ୍ୟ ବିଜ୍ଞାନ

# ଆପ୍‌ରେ ଯକ୍ଷ୍ମା ଚିକିତ୍ସା

ଯକ୍ଷ୍ମା ଏକ ବାୟୁଜନିତ ରୋଗ । ଏହା ଫୁସ୍‌ଫୁସ୍‌କୁ ସଂକ୍ରମିତ କରେ । ତେବେ ଏହି ରୋଗ ବୈଶ୍ୱିକ ସ୍ତରରେ ଚିନ୍ତାର କାରଣ ପାଲଟିଥିବାବେଳେ ଏବେ ରୋଗୀ ଘରେ ବସି ଗୋଟିଏ ଆପ୍ ମାଧ୍ୟମରେ ଏହାର ଚିକିତ୍ସା କରିପାରିବେ । ଯକ୍ଷ୍ମା ରୋଗୀ ଘରେ ଏହି ଆପ୍ ଜରିଆରେ ରୋଗର ସ୍ଥିତି ଓ ଏହାର ଉପଚାର ବିଷୟରେ ଜାଣି ପାରିବେ । ଏହାର ନାଁ ରହିଛି "ଟିବି ଆରୋଗ୍ୟ ସାଥି" । ବର୍ତ୍ତମାନ ବାରାଣସୀର ୨୩ଟି ଯକ୍ଷ୍ମା ୟୁନିଟ୍‌ରେ ରୋଗୀଙ୍କୁ ଏହି ଆପ୍ ଓ ଏହାର କାର୍ଯ୍ୟକାରିତା ଉପରେ ସଚେତନ କରାଯାଉଛି । ରୋଗ ବିଷୟରେ ସଚେତନ କରିବାକୁ ଏହି ଆପ୍ ଡାଉନ୍‌ଲୋଡ୍ କରିବାକୁ ସମସ୍ତଙ୍କୁ ପରାମର୍ଶ କରାଯାଇଛି । ଡା. ପୀଯୂଷ ରାୟଙ୍କ କହିବାନୁସାରେ, ଯକ୍ଷ୍ମା ରୋଗୀ ନିଜର ଆଇଡି ଜରିଆରେ ଏହି ଆପ୍ ଲଗ୍‌ଇନ୍ କରିପାରିବେ । ଏହାସହ ସେମାନେ ଚିକିତ୍ସା ଓ ଏନେଇ ସରକାରୀ ସହାୟତା ବିଷୟରେ ସୂଚନା ପାଇପାରନ୍ତି । କେବଳ ରୋଗୀ ନୁହଁନ୍ତି; ସାଧାରଣ ଲୋକ ମଧ୍ୟ ଏହି ଆପ୍ ଡାଉନ୍‌ଲୋଡ୍ କରି ଯକ୍ଷ୍ମା ରୋଗର କାରଣ, ଲକ୍ଷଣ, ଉପଚାର ବିଷୟରେ ଜାଣିପାରିବେ । ଏହି ଆପ୍ ଆଣ୍ଡ୍ରଏଡ୍ ଓ ଗୁଗୁଲ୍ ପ୍ଲେ ଷ୍ଟୋରରେ ଉପଲବ୍ଧ । ଏହାକୁ ଇନ୍‌ଷ୍ଟଲ୍ କରି ଓପନ କରିବା ପରେ ରେଜିଷ୍ଟ୍ରର ନାଓରେ କ୍ଲିକ୍ କରିବାକୁ ହେବ । ଏଥିରେ ଆପ୍ ଲୋକେସନ, ବ୍ଲୁଟୁଥ୍ ସମେତ କିଛି ଅନୁମତି ମାଗିଥାଏ । ତେଣୁ ଏସବୁ ଡାଟା ଦେବା ପରେ ଆଇଡିରେ ଲଗ୍‌ଇନ୍ କରିପାରିବେ ।



# ଭୂତାଣୁଜନିତ ଜ୍ୱର

**ବର୍ଷାଦିନେ ବାୟୁମଣ୍ଡଳ ଆର୍ଦ୍ରତା ବୃଦ୍ଧି ଓ ସନ୍ତସନ୍ତିଆ ପରିବେଶ ଯୋଗୁଁ ବିଭିନ୍ନ ଜୀବାଣୁ, କୀଟାଣୁ ଓ ଭୂତାଣୁ ସହଜରେ ବିକଶିତ ହୋଇଥାନ୍ତି । ଆର୍ଦ୍ରତା ବୃଦ୍ଧି ଯୋଗୁଁ ହାତ, ପାଦ ଅପରିଷ୍କାର ରହି ସଂକ୍ରମଣର ଆଶଙ୍କା ବଢ଼ାଏ । ଓଦା ପୋଷାକ ପିନ୍ଧିବା ଦ୍ୱାରା ଚର୍ମ ସଂକ୍ରମଣ ହୁଏ । ଟାଇଫଏଡ, ଅତିସାର ଡାଇରିଆ, ନାଳଝାଡ଼ା, ଭୂତାଣୁ କାମଳ ହେବାର ଆଶଙ୍କା ଅଧିକ ଥାଏ । ତନ୍ମଧ୍ୟରୁ ନାକରୁ ପାଣି ଗଡ଼ିବା, ଥକ୍କା ଲାଗିବା, ତଣ୍ଟି ଦରଜ, ଲଗାତାର କାଶ ଆଦି ଭୂତାଣୁ ଜନିତ ଜ୍ୱରର ଲକ୍ଷଣ ହୋଇଥାଏ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଚିକିତ୍ସା ପଦ୍ଧତିରେ ଏହି ରୋଗର ନିରାକରଣ ବ୍ୟବସ୍ଥା ବିଷୟରେ ଜାଣନ୍ତୁ...**

### ଏଲୋପାଥି

ଡ. ବେଣୁମାଧବ ଶତପଥୀ

ଭୂତାଣୁଜ୍ୱର ଏକ ସଂକ୍ରାମକ ରୋଗ । ଏଥିରେ ସମସ୍ତେ ଆକ୍ରାନ୍ତ ହୁଅନ୍ତି । ଏମାନଙ୍କୁ ଜ୍ୱର, ଦେହହାତ ବିନ୍ଧା, ଥଣ୍ଡା ପାଇଁ ଚିକିତ୍ସା କରାଯାଏ । ମୁଣ୍ଡବିନ୍ଧା, ଜ୍ୱର ଲାଘବ ପାଇ ପାରାସିଟାମଲ ବଟିକା ତଥା ସର୍ଦ୍ଦି ପାଇ କୌଣସି ଥଣ୍ଡାନିରୋଧକ ବଟିକା ଖାଇବାକୁ ଦିଆଯାଏ । ପୀଡ଼ିତଙ୍କୁ ବାୟୁଚଳାଚଳ କୋଠରିରେ ରଖିବା ଉଚିତ । ଶ୍ୱାସକ୍ରିୟାରେ ଅସ୍ୱାଭାବିକତା ଦେଖାଦେଲେ ତୁରନ୍ତ ଡାକ୍ତରଖାନା ପଠାନ୍ତୁ । ସେହିପରି ଅପପୁଷ୍ଟି ଭୋଗ କରୁଥିବା ଶିଶୁ, ଯକ୍ଷ୍ମା ପୀଡ଼ିତ, ଏଡ୍‌ସ ପୀଡିତଙ୍କୁ ଆଣ୍ଟିବାୟୋଟିକ୍‌ର ଆବଶ୍ୟକ ପଡେ । ରୋଗୀ ଯଥେଷ୍ଟ ପାଣି ସହ ଭିଟାମିନ୍ ଓ ଖାଦ୍ୟସାର ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଭୂତାଣୁ ଜ୍ୱର ଶୀଘ୍ର ଭଲ ହୁଏ ।



### ଆୟୁର୍ବେଦ

ଡ. ପ୍ରଦୀପ ମିଶ୍ର

ଶୁଣ୍ଠି, ପିପ୍ପଳି, ଗୋଲମରିଚ ଚୂର୍ଣ୍ଣ କରି ଏକ ଗ୍ରାମ ମହୁ ସହିତ ସକାଳ ଓ ସନ୍ଧ୍ୟାରେ ସେବନ କଲେ, କାଶ, ତଣ୍ଟି ଦରଜ ଓ ସର୍ଦ୍ଦି ପାଇଁ ଅତ୍ୟନ୍ତ ହିତକର ହୋଇଥାଏ । ଶରୀର ଘୋଳାବିନ୍ଧା ପାଇଁ ମହାସୁଦର୍ଶନ ବଟିକା ଦୁଇଟିକୁ ଦିନକୁ ଦୁଇଥର ଉଷୁମ ପାଣିରେ ଚିକିତ୍ସକଙ୍କ ପରାମର୍ଶରେ ସେବନ କରିପାରିବେ । ଷଡ଼ବିନ୍ଦୁ ତୈଳ, ଅଣୁ ତୈଳ, ସୋରିଷ ତେଲ, ଉଷୁମ ଗାଈ ଘିଅ ଇତ୍ୟାଦି ନସ୍ୟ ଭାବରେ ବ୍ୟବହାର କରାଯାଇପାରେ । ବର୍ଷାଋତୁରେ ଅଗ୍ନିବଳ କମ୍ ଥିବାରୁ ସୁପାଚ୍ୟ, ହାଲୁକା ଭୋଜନ ଗ୍ରହଣୀୟ । ଗୁଡୁଚି, ପୋଟଳପତ୍ର, କ୍ଷେତପାମ୍ପୁଡ଼ା, ଗୋଲମରିଚ ୨୦୦ ମିଲି ପାଣିରେ ଫୁଟାଇ ୫୦ ଗ୍ରାମ କରି ସେଥିରେ ମିଶିରି ବା ଗୁଡ଼ ମିଶାଇ କ୍ୱାଥ କରି ସକାଳେ ଓ ସନ୍ଧ୍ୟାରେ ପାନ କରିପାରିବେ । ଶୃଙ୍ଗାରହାର ପତ୍ର, ତଳସୀ ପତ୍ର, ନିମପତ୍ର, ଗୁଡୁଚି ଇତ୍ୟାଦି ବ୍ୟବହାର ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ । ପରିଷ୍କାର ଓ ପରିଚ୍ଛନ୍ନ ଜୀବନଯାପନ, ବର୍ଷାଦିନେ କୀଟମୁକ୍ତ ଶୁଖିଲା ଏବଂ ଉଚ୍ଚ ସ୍ଥାନରେ ରହିବା ହିତକର ।

### ହୋମିଓପାଥି

ଡ. ପ୍ରକାଶ କୁମାର ମହାପାତ୍ର

ନାକରୁ ପାଣି ଗଡ଼ିବା ସହ ଜ୍ୱର ଓ ଚିଡ଼ିଚିଡ଼ାପଣ ଥିଲେ ଆରସେନିମ୍ ୩୦କୁ ଦିନରେ ତିନିରୁ ଚାରିଥର ଦିଆଯାଇପାରିବ । ଗୋଡ଼ ବିନ୍ଧୁଥିଲେ, ରକ୍ସଟକ୍ସ ଏବଂ ଇଉପାଟୋରିମ ୩୦କୁ ଦିନରେ ଚାରିଥର କରି ସେବନ କରିପାରିବେ । ନିଶ୍ଚେତ ଭାବେ ଶୋଉଥିବା ବ୍ୟକ୍ତି ଜେଲସିମିଅମ, ବର୍ଷାରେ ଭିଜିଥିବା ବ୍ୟକ୍ତି ରକ୍ସଟକ୍ସ ଏବଂ ଡଲକାମରା ସେବନ କରନ୍ତୁ । ଏହାଛଡ଼ା ଭୂତାଣୁଜନିତ ଜ୍ୱରରେ ପୀଡ଼ିତ ସମସ୍ତ ବ୍ୟକ୍ତି ଡାକ୍ତରଙ୍କ ପରାମର୍ଶ ନେଇ ଉପରୋକ୍ତ ଔଷଧ ସହ ଓସିମମ୍ କ୍ୟୁ, ଇଉକାଲିପଟସ୍ କ୍ୟୁ ଦେବା ଉଚିତ ।

# ତୁଳସୀ କାଢ଼ା

**ବର୍ଷାଦିନେ ଭାଇରାଲ ଜ୍ୱର ଯୋଗୁଁ ଶରୀର ଘୋଳାବିନ୍ଧା, ଗଳା ଦରଜ, ବାରମ୍ବାର କାଶ ହେବା ଦେଖାଯାଇଥାଏ । ଯେହେତୁ ଏହି ସମୟରେ ଶରୀରର ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ, ତେଣୁ ଏହି ସମୟରେ ଡାଲଚିନି, ଅଦା ମିଶା ତୁଳସୀ କାଢା ପିଇ ଆରାମ ପାଇପାରିବେ । ତୁଳସୀ କାଢ଼ାରେ ଆଣ୍ଟି ବ୍ୟାକ୍ଟେରିଆଲ ଓ ଆଣ୍ଟି ଅକ୍ସିଡାଣ୍ଟ ସମେତ ଅନେକ ଲାଭକରି ଗୁଣ ଭରି ରହିଛି ।**

- ବର୍ଷାଦିନେ ସଂକ୍ରମଣଜନିତ ସମସ୍ୟାକୁ କମ୍ କରିବା ପାଇଁ ତୁଳସୀ କାଢା ପିଇପାରିବେ । ଏହା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ ।
- ତୁଳସୀ କାଢା ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରେ । ରକ୍ତ ସଞ୍ଚାଳନ ଭଲ ହୋଇଥାଏ ।
- ନିୟମିତ ତୁଳସୀ କାଢା ପିଇବା ଦ୍ୱାରା ପେଟ ଫୁଲିବା, ପେଟ ଜନିତ ରୋଗ ଆଦିକୁ କମ୍ କରି ଭୋକ ବଢ଼ାଇଥାଏ ।
- କାଢ଼ାରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଚିନ୍ତା, ଅନିଦ୍ରା, ମାନସିକ ଥକ୍କାପଣକୁ କମ୍ କରିଥାଏ । ସେରୋଟୋନିନ ଏବଂ ମେଲାଟୋନିନ ହର୍ମୋନ୍‌ସ୍ତରକୁ ବଢ଼ାଏ । ମାସିକ ଋତୁସ୍ରାବ ସମୟରେ ହେଉଥିବା ଶରୀର ଯନ୍ତ୍ରଣାକୁ ତୁଳସୀ କାଢ଼ା କମ୍ କରେ ।



# ବିଶ୍ୱ ବିଜେତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

## ତ୍ରିରଙ୍ଗା, ଟ୍ରଫି ସହ ବିଜୟ ଶୋଭାଯାତ୍ରା

## ମେରାଇନ ଡ୍ରାଇଭ୍‌ରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଶଂସକ



ମୁମ୍ବାଇରେ ଖୋଲା ବସରେ ଭାରତୀୟ ଦଳର ଖେଳାଳିମାନେ

**ନୂଆଦିଲ୍ଲୀ,୪।୭ (ଏଜେନ୍ସି):** ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣରେ ଚାମ୍ପିଅନ ହୋଇ ଇତିହାସ ସୃଷ୍ଟି କରିଥିବା ଭାରତୀୟ ଦଳ ଗୁରୁବାର ସକାଳେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି। ନୂଆଦିଲ୍ଲୀରୁ ମୁମ୍ବାଇ ପହଞ୍ଚିବା ପରେ ଏହି ବିଶ୍ୱ ବିଜେତା ଦଳକୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଦଳର ଖେଳାଳିମାନେ ବିଜୟ ରଥ (ଓପନ ରୁଫ୍ ବସ୍) ଉପରେ ତ୍ରିରଙ୍ଗା ଓ ଟ୍ରଫି ସହ ମୁମ୍ବାଇ ନରିମାନ ପଏଣ୍ଟରୁ ମେରାଇନ୍ ଡ୍ରାଇଭ ଦେଇ ୨.୨ କିଲୋମିଟର ଯାତ୍ରା କରିବା ପରେ ୱାଙ୍ଖେଡେ ଷ୍ଟାଡିୟମରେ ପହଞ୍ଚିଥିଲେ। ଶେଷରେ ୱାଙ୍ଖେଡେ ଷ୍ଟାଡିୟମରେ ଏହି ବିଶ୍ୱ ଚାମ୍ପିଅନ ଦଳର ସମ୍ମାନ ସମାରୋହ ଆୟୋଜନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି ଉତ୍ସବରେ ଦଳର ଖେଳାଳି, ପ୍ରଶିକ୍ଷକ, ସପୋର୍ଟଷ୍ଟାଫ୍‌ମାନଙ୍କୁ ନଗଦ ୧୨୫ କୋଟି ଟଙ୍କାର ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା କାନ୍ଧରେ ଟ୍ରଫି ରଖି ମୁମ୍ବାଇ ବିମାନବନ୍ଦର ବାହାରକୁ ଆସିଥିଲେ। ସନ୍ଧ୍ୟା ୬.୨୦ ମିନିଟ୍‌ରେ ଦଳ ମୁମ୍ବାଇ ବିମାନବନ୍ଦରରୁ ବାହାରିଥିଲା। ସମୁଦ୍ରକୂଳରେ ଥିବା ମେରାଇନ ଡ୍ରାଇଭ୍‌ରେ ଭାରତୀୟ ଦଳର ସ୍ୱାଗତ ପାଇଁ ପାଖାପାଖି ୩ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଶଂସକ ଉପସ୍ଥିତ ଥିଲେ। ପ୍ରବଳ ବର୍ଷାକୁ ଭ୍ରୂକ୍ଷେପ ନ କରି ପ୍ରଶଂସକମାନେ ନିଜ ମନ ପସନ୍ଦର କ୍ରିକେଟରଙ୍କୁ ପାଖରୁ ଦେଖିବାକୁ ପ୍ରୟାସ କରିଥିଲେ ଓ ସେମାନଙ୍କ ଖୁସିରେ ସାମିଲ ହୋଇଥିଲେ। ମେରାଇନ୍ ଡ୍ରାଇଭରେ କେବଳ ଲୋକ ମୁଣ୍ଡ ଦେଖିବାକୁ ମିଳିଥିଲା। ସେଠାରେ ପାଦ ପକାଇବାକୁ ମଧ୍ୟ ଯାଗା ନଥିଲା। ମହାରାଷ୍ଟ୍ର ସରକାର ଏହି ବିଜୟ ଶୋଭାଯାତ୍ରା ପାଇଁ କଡ଼ା ନିରାପତ୍ତା ଓ ସୁରକ୍ଷାର ବ୍ୟବସ୍ଥା କରିଥିଲେ। ପ୍ରଶଂସକମାନେ ଭାରତୀୟ ଜର୍ସି ପିନ୍ଧି ଫୁଲ ଓ ଢୋଲ ଓ ଅନ୍ୟ ବାଜା ସହ ଏହି ଯାତ୍ରାରେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ସମସ୍ତଙ୍କୁ ବେଶ୍ ଭାବପ୍ରବଣ କରିଥିଲା। ନରିମାନ ପଏଣ୍ଟରେ ସନ୍ଧ୍ୟା ୭ଟା ୫୦ରେ ଏହି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବସରେ ବସିଥିବା ଖେଳାଳିମାନେ ପାଳି କରି ଜଣକ ପରେ ଜଣେ ଆଗକୁ ଆସି ପ୍ରଶଂସକଙ୍କ ଅଭିବାଦନ ଗ୍ରହଣ କରୁଥିଲେ। ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କ ହାତରେ ବିଶ୍ୱକପ୍ ଟ୍ରଫି ଦେଖିବାକୁ ମିଳିଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଚିବ ଜୟ ଶାହ ବସରେ ଆଗରେ ବସିଥିଲେ। ଅଧିନାୟକ ରୋହିତ ଶର୍ମା ଓ ଗ୍ଲୋବାଲ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ସାଥୀ ହୋଇ ବିଶ୍ୱକପ୍ ଟ୍ରଫି ଉଠାଇବା ସହ ଝୁମି ଉଠିଥିଲେ। ମେରାଇନ ଡ୍ରାଇଭରେ ଥିବା କେତୋଟି ଘର ଛାତ ଉପରେ ମଧ୍ୟ ତ୍ରିରଙ୍ଗା ଉଡୁଥିବାର ଦେଖାଯାଇଥିଲା। ନିରାପତ୍ତାକୁ ଦୃଷ୍ଟିରେ ରଖି ଗୋଟିଏ ଘଣ୍ଟା ପୂର୍ବରୁ ପୁଲିସ ୭ଟି ରୁଟ୍ ଡାଇଭର୍ଟ କରିଥିଲା।



ଭାରତୀୟ ଦଳର ଖେଳାଳିଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତ୍ତାଳାପ।

### 'ସାରା ଦେଶକୁ ବିଶ୍ୱକପ୍ ଟ୍ରଫି ଉତ୍ସର୍ଗ'

ଖଚାଖଚ୍ ଭରା ୱାଙ୍ଖେଡେ ଷ୍ଟାଡିୟମରେ ଆୟୋଜିତ ସ୍ୱତନ୍ତ୍ର ସମାରୋହ ଉତ୍ସବରେ ବିଶ୍ୱ ଚାମ୍ପିଅନ ଭାରତୀୟ ଦଳ ଯୋଗ ଦେଇଥିଲା। ଜାତୀୟ ସଂଗୀତ ଗାନ ସହ ଏହି ସମାରୋହ




ଆରମ୍ଭ ହୋଇଥିଲା। ଏହି ବିଶ୍ୱକପ୍ ଟ୍ରଫି ସାରା ଦେଶର ଓ ଏହାକୁ ସବୁ ଦେଶବାସୀଙ୍କୁ ଉତ୍ସର୍ଗ କରୁଛି ବୋଲି ଅଧିନାୟକ ରୋହିତ ଶର୍ମା ଏହି ଅବସରରେ କହିଥିଲେ। ଦୀର୍ଘ ୧୧ ବର୍ଷ ଧରି ଆମେ ଆଇସିସି ଟ୍ରଫିର ପ୍ରତୀକ୍ଷା କରିଥିଲୁ ଓ ଶେଷରେ ଏହି ସ୍ୱପ୍ନ ସାକାର ହୋଇଛି ବୋଲି ସେ କହିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲ ମ୍ୟାଚ୍‌ର ହାର୍ଦ୍ଦିକ ପାଣ୍ଡ୍ୟା ଅନ୍ତିମ ଓଭରରେ ଚମତ୍କାର ବୋଲିଂ କରି ଦଳକୁ ଜିତାଇଥିଲେ ବୋଲି ସେ କହିଥିଲେ ଓ ସୂର୍ଯ୍ୟକୁମାର ଯାଦବଙ୍କ ଦର୍ଶନୀୟ କ୍ୟାଚ୍‌କୁ ମଧ୍ୟ ରୋହିତ ପ୍ରଶଂସା କରିଥିଲେ। ସେହିପରି ବିରାଟ କୋହଲି ମଧ୍ୟ ସବୁ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ ଖାସ୍‌କରି ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ପ୍ରଶଂସାରେ ଶତମୁଖ ହୋଇଥିଲେ। ତାଙ୍କ ବୋଲିଂ ଭାରତକୁ ଚାମ୍ପିଅନ କରାଇଛି। ବୁମ୍‌ରାଙ୍କୁ ସେ ବିଶ୍ୱର ଅଷ୍ଟମ ଆଶ୍ଚର୍ଯ୍ୟ ବୋଲି ସେ ଅଭିହିତ କରିଥିଲେ।



ୱାଙ୍ଖେଡେ ଷ୍ଟାଡିୟମରେ ବିଜୟ ଉତ୍ସବ ପାଳନ ସମୟରେ ଟ୍ରଫି ସହ ଖେଳାଳି



## ଦଳକୁ ୱାଟର କ୍ୟାନନ ସାଲ୍ୟୁଟ୍

ମୁମ୍ବାଇ ବିମାନବନ୍ଦରରେ ପହଞ୍ଚିବା ପରେ ଚାମ୍ପିଅନ ଭାରତୀୟ କ୍ରିକେଟ ଦଳକୁ ୱାଟର କ୍ୟାନନ ସାଲ୍ୟୁଟ୍ ପ୍ରଦାନ କରାଯାଇଥିଲା। ଖେଳାଳିମାନେ ବିମାନ ଭିତରେ ରହିଥିବା ବେଳେ ଏହି ବିମାନ ଉପରକୁ ୱାଟର କ୍ୟାନନ୍ ମାଧ୍ୟମରେ ପାଣି ପକାଯାଇଥିଲା। ଏଭଳି ଢଙ୍ଗର ସ୍ୱାଗତକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା।



ଯଶପ୍ରୀତ୍ ବୁମ୍‌ରାଙ୍କ ପରିବାର ସହ ପ୍ରଧାନମନ୍ତ୍ରୀ।

## ପ୍ରଧାନମନ୍ତ୍ରୀଙ୍କୁ ନମୋ-୧ ଜର୍ସି ଉପହାର




ଘୂର୍ଣ୍ଣିବାତ୍ୟା ବେରିଲ କାରଣରୁ ବାର୍ବାଡୋସରେ ୩ ଦିନ ଫସି ରହିବା ପରେ ଭାରତୀୟ ଦଳ ଶେଷରେ ସ୍ୱତନ୍ତ୍ର ବିମାନରେ ଗୁରୁବାର ସକାଳ ୬.୧୦ରେ ନୂଆଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିଲା। ୭ଟା ୪ ମିନିଟ୍ ଦଳ ଟିମ୍ ବସରେ ହୋଟେଲ ଯାଇଥିଲା। ହେଟେଲରେ ରୋହିତ, ହାର୍ଦ୍ଦିକ, ପନ୍ତ, ସୂର୍ଯ୍ୟକୁମାର ଭାଙ୍ଗଡା ନୃତ୍ୟ କରିଥିଲେ। ୧୦.୩୦ରେ ଦଳ କେକ୍ କାଟିଥିଲା। ଏହାର ଠିକ ୪ ମିନିଟ୍ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବାକୁ ଦଳ ବାହାରିଥିଲା। ୧୦ ଟା ୪୬ରେ ଦଳ ପ୍ରଧାନମନ୍ତ୍ରୀ ବାସଭବନରେ ପହଞ୍ଚିବା ପରେ ମୋଦିଙ୍କୁ ସାକ୍ଷାତ କରିଥିଲେ ସବୁ ଖେଳାଳି। ଭାରତୀୟ ଦଳକୁ ପ୍ରଧାନମନ୍ତ୍ରୀ ବାସଭବନରେ ଜୋରଦାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଦଳ ମୋଦିଙ୍କୁ ନମୋ-୧ ଜର୍ସି ଉପହାର ସ୍ୱରୂପ ପ୍ରଦାନ କରିଥିଲା। ପ୍ରଧାନମନ୍ତ୍ରୀ ମଧ୍ୟ ଭାରତୀୟ ଦଳର ପ୍ରଶଂସାରେ ଶତମୁଖ ହୋଇଥିଲେ। ଅପରାହ୍ନ ୧.୪୭ରେ ଦଳ ମୁମ୍ବାଇ ଅଭିମୁଖେ ବାହାରିଥିଲା। ସନ୍ଧ୍ୟା ୫.୨୦ରେ ଦଳ ମୁମ୍ବାଇରେ ପହଞ୍ଚିଥିଲା।

## ଧୋନି-ସାକ୍ଷୀଙ୍କ ୧୫ତମ ବିବାହ ବାର୍ଷିକୀ

**ଡେରାଡୁନ, ୪।୭ (ଏଜେନ୍ସି):** ଟିମ୍ ଇଣ୍ଡିଆର ପୂର୍ବ ଅଧିନାୟକ ମହେନ୍ଦ୍ର ସିଂ ଧୋନି ଓ ତାଙ୍କ ପତ୍ନୀ ସାକ୍ଷୀ ଗୁରୁବାର (ଜୁଲାଇ ୪) ୧୫ତମ ବିବାହ ବାର୍ଷିକ ପାଳନ କରିଛନ୍ତି। ଡେରାଡୁନର ବିଶ୍ରାନ୍ତି ରିସୋର୍ଟରେ ଅନୁଷ୍ଠିତ ଏକ ପ୍ରାଇଭେଟ୍ ପାର୍ଟିରେ ମିଷ୍ଟର ଓ ମିସେସ୍ ଧୋନି କେକ୍ କାଟି ଏହି ସ୍ମରଣୀୟ ଦିବସକୁ ପାଳନ କରିଛନ୍ତି। ଏହି ମୁହୂର୍ତ୍ତର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଯେଉଁଥିରେ ଉଭୟ ପରସ୍ପରକୁ କେକ୍ କାଟି ଖୁଆଥିଲେ। ଏହି ସମୟରେ ଧୋନିଙ୍କ ପୋଷା କୁକୁର ମଧ୍ୟ ସେଠାରେ ଥିବା ଦେଖିବାକୁ ମିଳିଥିଲା। ପ୍ରକାଶଯୋଗ୍ୟ, ୨୦୦୭ରେ ଟିମ୍ ଇଣ୍ଡିଆ କୋଲକାତାର ତାଜ୍ ହୋଟେଲରେ ରହିଥିବା ସମୟରେ ସାକ୍ଷୀଙ୍କ ସହ ଧୋନିଙ୍କ ପ୍ରଥମଥର ଭେଟ ହୋଇଥିଲା। ସାକ୍ଷୀ ସେ ସମୟରେ ହୋଟେଲ ମ୍ୟାନେଜମେଣ୍ଟ ଲାଗି ସେଠାରେ ଇଣ୍ଟର୍ନସିପ୍ କରୁଥିଲେ। ଏହାର ଗୋଟିଏ ବର୍ଷ ପରେ ଉଭୟ ପରସ୍ପରକୁ ଡେଟ୍ କରିବା ଆରମ୍ଭ କରିଦେଇଥିଲେ। ଶେଷରେ ଦୁଇବର୍ଷ ପରେ ଅର୍ଥାତ୍ ୪ ଜୁଲାଇ ୨୦୧୦ରେ ଧୋନି ଜୀବନ ସାଥୀ ରୂପେ ସାକ୍ଷୀଙ୍କ ହାତ ଧରିଥିଲେ।



# ତୃତୀୟ ରାଉଣ୍ଡରେ ଜୋକୋଭିଚ୍, ଜାବେଉର୍

**ଲଣ୍ଡନ, ୪।୭ (ଏଜେନ୍ସି):** ଚଳିତ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନ ଟେନିସ ପ୍ରତିଯୋଗିତାର ୪ର୍ଥ ଦିବସ ଖେଳ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୁରୁଷ ଏକକ ଦ୍ୱିତୀୟ ରାଉଣ୍ଡର ଏକ ମୁକାବିଲାରେ ୭ଥରର ଚାମ୍ପିଅନ ସର୍ବିୟାର ନୋଭାକ ଜୋକୋଭିଚ୍ ସହଜ ବିଜୟ ହାସଲ କରିଛନ୍ତି। ଅଲ୍ ଇଂଲଣ୍ଡ ଲନ୍ ଟେନିସ କ୍ଲବରେ ଅନୁଷ୍ଠିତ ଏହି ମ୍ୟାଚରେ ଦ୍ୱିତୀୟ ସିଡ୍ ଜୋକୋଭିଚ୍ ୬-୩, ୬-୪, ୫-୭, ୭-୫ ସେଟ୍‌ରେ ୱାଇଲ୍ଡ କାର୍ଡପ୍ରାପ୍ତ ଘରୋଇ ବ୍ରିଟିଶ ଖେଳାଳି ଜ୍ୟାକବ ଫିଅରନଲିଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ପୁରୁଷ ଏକକର ଅନ୍ୟ ୨ୟ ରାଉଣ୍ଡ ମ୍ୟାଚରେ ବୁଲଗେରିଆର ଗ୍ରିଗର ଦିମିତ୍ରୋଭା, କାନାଡାର ଡେନିସ ସାପୋଭାଲୋଭ, ଇଟାଲୀର ଲୋରେଞ୍ଜୋ ମୁସେଟି ପ୍ରମୁଖ ବିଜୟ ଲାଭ କରି ଅଗ୍ରଗତି କରିଛନ୍ତି। ଦିମିତ୍ରୋଭା ୫-୭, ୬-୭, ୬-୪, ୬-୨, ୬-୪ ସେଟ୍‌ରେ ଚାଇନାର ଝାଙ୍ଗ ଜୁନଚେଙ୍ଗଙ୍କୁ, ସାପୋଭାଲୋଭ ୭-୬ (୭/୩), ୬-୩, ୧-୬, ୬-୭ (୩/୭), ୬-୪ ସେଟ୍‌ରେ ଜର୍ମାନୀର ଡାନିଏଲ୍ ଅଲ୍ଟମାୟରଙ୍କୁ ଓ ମୁସେଟି ୬-୪, ୪-୬, ୭-୬ (୭/୫), ୪-୬, ୪-୬ ସେଟ୍‌ରେ ଇଟାଲୀର ଲୁସିଆନୋ ଦାର୍ଦେରୀଙ୍କୁ ହରାଇଥିଲେ। ତେବେ ୭ମ ସିଡ୍ ପୋଲାଣ୍ଡର ହର୍ବଟ୍ ହୁରକାର୍ଜ ୨ୟ ରାଉଣ୍ଡ ମ୍ୟାଚ୍ ଖେଳୁଥିବାବେଳେ ଆଘାତ ପାଇ ରିଟାୟର୍ଡ ହଟ୍ ହୋଇଯାଇଥିଲେ। ୨୦୨୧ରେ ସେ ଏଠାରେ ସେମିଫାଇନାଲ ଖେଳିଥିଲେ।

ଅପରପକ୍ଷରେ ମହିଳା ଏକକ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଟ୍ୟୁନିସିଆର ଓନ୍ସ ଜାବେଉର୍, ୟୁକ୍ରେନର ଏଲିନା ସ୍ୱିତୋଲିନା, ଆମେରିକାର ଡାନିଏଲ୍ସ କଲିନ୍ସ, ଲାଟ୍ଭିଆର ଜେଲେନା ଓସ୍ତାପେଙ୍କୋ ପ୍ରମୁଖ ସିଡେଡ୍ ଖେଳାଳି ବିଜୟ ଲାଭ କରି ଅଗ୍ରଗତି କରିଛନ୍ତି। ଜାବେଉର୍ ୬-୧, ୭-୫ ସିଧାସଳଖ ସେଟ୍‌ରେ ଆମେରିକାର ରୋବିନ ମୋଣ୍ଟଗୋମେରିଙ୍କୁ, ସ୍ୱିତୋଲିନା ୬-୩, ୬-୪ରେ ଜର୍ମାନୀର ଜୁଲି ନିଏମେଇୟରଙ୍କୁ, ଓସ୍ତାପେଙ୍କୋ ୬-୩, ୬-୦ ସେଟ୍‌ରେ ୟୁକ୍ରେନର ଡାରିଆ ସ୍ନିଗୁରଙ୍କୁ ହରାଇଛନ୍ତି। ତେବେ ବିଶ୍ୱ ମାନ୍ୟତାର ୪୨ତମ ସ୍ଥାନରେ ରହିଥିବା ଚାଇନାର ୱାଙ୍ଗ ଜିନ୍ୟୁ ୬-୪, ୬-୭, ୬-୧ ସେଟ୍‌ରେ ୫ ନମ୍ବର ମାନ୍ୟତା ଆମେରିକାର ଜେସିକା ପେଗୁଲାଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଛନ୍ତି।


ୱାଙ୍ଗ ଜିନ୍ୟୁ

ୱିମ୍ବଲଡନ ଟେନିସ୍


ନୋଭାକ ଜୋକୋଭିଚ୍

### ଭାମ୍ବ୍ରୀ ଜିତିଲେ, ବାଲାଜୀ ହାରିଲେ

ପୁରୁଷ ଯୁଗଳ ଇଭେଣ୍ଟରେ ଭାରତକୁ ମିଶ୍ରିତ ଫଳ ମିଳିଛି। ପ୍ରଥମ ରାଉଣ୍ଡରେ ଭାରତର ୟୁକି ଭାମ୍ବ୍ରୀ ଓ ଫ୍ରାନ୍ସର ଆଲବାନୋ ଓଲିଭେଟି ୬-୪, ୬-୪ ସିଧାସଳଖ ସେଟ୍‌ରେ କାଜାଖସ୍ତାନର ଆଲକଜାଣ୍ଡର ବଲବିକ ଓ ଆଲକଜାଣ୍ଡର ଶେଭଚୋଙ୍କାଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟତମ ଭାରତୀୟ ଖେଳାଳି ଏନ୍ ଶ୍ରୀରାମ ବାଲାଜୀ ଓ ତାଙ୍କ ବ୍ରିଟେନ ସାଥି ଲୁକ୍ ଜନସନ ୪-୬, ୫-୭ ସେଟ୍‌ରେ ସର୍ବିଆ ମେଟ୍ ପାଭିକ୍ ଓ ସାଲଭାଡୋରର ମାର୍ସେଲୋ ଆରେଭାଲୋଙ୍କଠାରୁ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA